ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୯/୨୦୨୪ (୧୪ ପୃଷ୍ଠା) Bhubaneswar, Tuesday, April 9/2024 Page 14 ₹ 7.00 SAMBALPUR
୫୦ଶ ଭାଗ ୧୩୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 135 ମୂଲ୍ୟ ₹୭/-



## ନାଗାଲ ଦ୍ୱିତୀୟ ରାଉଣ୍ଡରେ

ଭାରତର ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଏଟିପି ମାଷ୍ଟର୍ସ ଇଭେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪ ୦୨

## ରାଜନୀତିରେ ଯୋଗଦେବେନି ସଞ୍ଜୟ୍ ଦତ୍ତ

ନିକଟରେ ରାଜନୀତିରେ ଯୋଗ ଦେଉ ନାହାନ୍ତି ବୋଲି ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ସୋମବାର ନିଜ ଏକ୍ସ' ଆକାଉଣ୍ଟରେ ସ୍ପଷ୍ଟ କରିଛନ୍ତି।



# ଗ୍ୟାସ୍ ସିଲିଣ୍ଡର ଫାଟି ଛାତ ଉଡ଼ିଗଲା, ୧୧ ଆହତ

ପାତ୍ରପୁର,୮।୪(ଉମା ଚରଣ ନେପାକ)

ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ପାତ୍ରପୁର ବ୍ଲକ ଆମୁଣ୍ଡି ଗ୍ରାମରେ ସୋମବାର ସନ୍ଧ୍ୟାରେ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଜଣଙ୍କ ଛାତ ଉଡ଼ିଯାଇଛି। ଏଥିରେ ଗୋଟିଏ ପରିବାରର ୩ ଜଣଙ୍କ ସମେତ ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

ଗ୍ରାମର ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀ ଘରେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଯିବାରୁ ସିଲିଣ୍ଡର ଫାଟି ଘରର ଛାତ ଉଡ଼ିଯାଇଥିଲା। ଛାତ ଖଣ୍ଡ ଖଣ୍ଡ ହୋଇ ଉପରେ ପଡିବାରୁ ପ୍ରଶାନ୍ତଙ୍କ ପରିବାରର ୩ ଜଣଙ୍କ ସମେତ ୧୧ ଜଣ ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ଘରେ ଲାଗିଥିବା ନିଆଁ ଲିଭାଇଥିଲେ। ସମସ୍ତ ଆହତଙ୍କୁ ଚିକିଟି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଶଙ୍କର ମହାନ୍ତି, ଶ୍ରୀକାନ୍ତ ବେହେରା, ସିଦ୍ଧେଶ୍ୱର ବେହେରା ଓ ପ୍ରଶାନ୍ତ ମହାନ୍ତିଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଚିକିଟି ଡାକ୍ତରଖାନାରେ ଅମନ ପଟ୍ଟନାୟକ, ରିଙ୍କୁ ବେହେରା, ଗଣେଶ ବେହେରା, ଜଗନ୍ନାଥ ପଣ୍ଡା, ସୁଜିତ ବେହେରା, କିରଣ ବିଶୋଇ ଓ ଶିବରାମ ବେହେରା ଚିକିତ୍ସିତ ହୋଇଛନ୍ତି।



ସୋମବତୀ ଅମାବାସ୍ୟା ଅବସରରେ ସୋମବାର ଗଙ୍ଗାନଦୀରେ ବୁଡ଼ ପକାଇବା ଲାଗି ହରିଦ୍ୱାରର ହର୍ କୀ ପୌରି ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ପାକିସ୍ତାନୀ ଠକଙ୍କ ଟାର୍ଗେଟ୍‌ରେ ଓଡ଼ିଶା ଛାତ୍ରୀ

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

### ଅଭିଭାବକଙ୍କୁ ଆସୁଛି ଧମକପୂର୍ଣ୍ଣ କଲ୍




କଲ୍‌ର ସ୍କ୍ରିନ୍ ଶଟ୍।

ଡିଜିଟାଲ ଯୁଗରେ ସାଇବର ଅପରାଧ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ଅପରାଧ ବିରୋଧରେ ଲଢ଼େଇ ପାଇଁ ମିଳିତ ପ୍ରୟାସ କରାଯାଉଥିବା ବେଳେ ସାଇବର ଠକ ନୂଆ ନୂଆ କୌଶଳ ଆପଣାଉଛନ୍ତି। ଏଭଳିସ୍ଥିତିରେ ଓଡ଼ିଶାକୁ ଟାର୍ଗେଟ୍ କରୁଛନ୍ତି ପାକିସ୍ତାନୀ ଠକ। ପାକିସ୍ତାନ ନମ୍ବରରୁ ବିଶେଷକରି ଓଡ଼ିଶାର ବିଭିନ୍ନ ଛାତ୍ରୀଙ୍କ ଅଭିଭାବକଙ୍କୁ ଧମକପୂର୍ଣ୍ଣ କଲ୍ ଆସୁଛି। ଝିଅଙ୍କ ନାଁ ନେଇ ସେମାନେ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରୁଛନ୍ତି। ସାଇବର ଅପରାଧୀମାନେ ନିଜକୁ ସିବିଆଇ ଓ ଅନ୍ୟ ପୋଲିସ ଅଧିକାରୀ ପରିଚୟରେ ଫସାଇବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ୪ ଦିନ ତଳେ ରମାଦେବୀ ବିଶ୍ୱବିଦ୍ୟାଳୟ ଯୁକ୍ତ୩ ତୃତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ସାଇବର ଠକ ଟାର୍ଗେଟ୍ କରିଥିଲେ। ଉକ୍ତ ଛାତ୍ରୀଙ୍କ ବାପାଙ୍କୁ ପାକିସ୍ତାନୀ ନମ୍ବରରୁ (+୯୨ ୩୦୬୨୨୨୦୦୬୮) ହ୍ୱାଟ୍ସଆପ୍‌କୁ ହଠାତ ଭଏସ୍ କଲ୍ ଆସିଥିଲା। ତାଙ୍କ ବାପା କିଛି ନ ବୁଝି ପାରି କଲ୍ ରିସିଭ୍ କରି କଥା ହୋଇଥିଲେ। ଠକ ଜଣକ ହିନ୍ଦୀରେ କଥା ହୋଇଥିଲେ। ହ୍ୱାଟ୍ସଆପ୍ ଡିପିରେ ଜଣେ ପୋଲିସ ଅଧିକାରୀଙ୍କ ଫଟୋ ଥିବାରୁ ସେ ଡରିଯାଇଥିଲେ। ଠକ ଜଣକ ଧମକପୂର୍ଣ୍ଣ ଭାବେ ଝିଅଙ୍କ ନାଁ ନେଇ ତାଙ୍କ ସହ କଥା କରେଇବାକୁ କହିଥିଲେ। ତେବେ ତାଙ୍କ ଝିଅ କଥା ହେବା ପରେ ☞ପୃଷ୍ଠା-୪

# ଶିକାରୀଙ୍କୁ ଧରୁଛି ସ୍ୱତନ୍ତ୍ର କ୍ୟାମେରା

ଭୁବନେଶ୍ୱର, ୮।୪(ଅସମାପିକା ସାହୁ)



■ ଶିମିଳିପାଳ ପରେ ଏବେ କୁଲଡିହା ଓ ସାତକୋଶିଆରେ ଆଇଆର୍ କ୍ୟାମେରା ଲାଗିବ
■ ସୁରକ୍ଷାରେ ଏକ୍ସ- ଆର୍ମି ଅଫିସର, ସ୍ୱତନ୍ତ୍ର ଜେଟିଏଫ୍

ଓଡ଼ିଶା ଜଙ୍ଗଲରେ ଶିକାର ବନ୍ଦ ପାଇଁ ଅଣ୍ଟା ଭିଡିଛି ବନ ବିଭାଗ। ଶିମିଳିପାଳ ଓ କୁଲଡିହାରେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀଙ୍କ ମୃତ୍ୟୁ ହେବା ପରେ ବିଳମ୍ବରେ ହେଲେ ବିବିଭାଗର ନିଦ ଭାଙ୍ଗିଛି। ଶିକାରୀଙ୍କୁ ଧରିବାକୁ ତତ୍ପରତା ଦେଖାଇଛି। ଚଢ଼ାଉକୁ ଜୋର୍‌ଦାର କରାଯାଇଥିବାବେଳେ ଶିକାରୀଙ୍କୁ ଚିହ୍ନଟ ସହ ଗିରଫ କରିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ସହାୟତା ନେଇଛି। ଜଙ୍ଗଲରେ ସ୍ୱତନ୍ତ୍ର ଇନ୍‌ଫ୍ରାରେଡ୍ (ଆଇଆର୍) କ୍ୟାମେରା ଖଞ୍ଜାଯାଇଛି। ଏହି କ୍ୟାମେରା ବିନା ଫ୍ଲାସ୍‌ରେ ଶିକାରୀର ଫଟୋ ଉଠାଉଛି। ଏପରିକି ଶିକାରୀଙ୍କ ଅଜାଣତରେ ସମ୍ପୂର୍ଣ୍ଣ ଫଟୋ ନେଇପାରୁଛି। ପରେ ଏଆଇ ସହାୟତାରେ ଏହାର ସ୍ପଷ୍ଟ ଫଟୋ ପ୍ରସ୍ତୁତ କରାଯାଉଛି। ଗତ କିଛିଦିନ ମଧ୍ୟରେ ଏଆଇ ମାଧ୍ୟମରେ ଶିମିଳିପାଳ ଅଭୟାରଣ୍ୟରୁ ଏକାଧିକ ଶିକାରୀ ଧରାପଡ଼ିଛନ୍ତି। ଆଗକୁ କୁଲଡିହା ଏବଂ ସାତକୋଶିଆରେ ଆଇଆର୍ ଲଗାଯିବ ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨ବନ କର୍ମଚାରୀଙ୍କୁ ଗୁଳି କରାଯିବା ପରେ ଅନେକ ଶିକାରୀଙ୍କୁ ଗିରଫ କରାଯାଇଛି। ଆଗକୁ ଏକ୍ସ ଆର୍ମି ଅଫିସରଙ୍କୁ କୁଲଡିହାରେ ନିୟୋଜିତ କରାଯିବ। ସାତକୋଶିଆ ପାଇଁ ସ୍ୱତନ୍ତ୍ର ଜେଟିଏଫ୍ ଗଠିତ ହୋଇଛି। ଶିକାରୀଙ୍କୁ ଜଗିବା ପାଇଁ ଚନ୍ଦକାରେ ୭ଟି ୱାଚ୍ ଟାୱାର ତିଆରି ହୋଇଛି। ଏହାସହ ଶୀଘ୍ର ଏକ୍ସ ଆର୍ମି ଟିମ୍ ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଛନ୍ତି। ଗଜପତିରୁ ଏକାଥରକେ ୫ ବାଘଛାଲ ☞ପୃଷ୍ଠା-୪

# ଦୁଇଦିନ କାଳବୈଶାଖୀ, ପୁଣି ବଢ଼ିବ ତାତି

ଭୁବନେଶ୍ୱର, ୮।୪(ଅସମାପିକା ସାହୁ)

### ଭୁବନରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ

ରାଜ୍ୟରେ ବିଭିନ୍ନ ସ୍ଥାନରେ ରବିବାର ବର୍ଷା ହେବା ଯୋଗୁ ସୋମବାର ଦିନ ତାପମାତ୍ରା ୨ରୁ ୫ ଡିଗ୍ରୀ ହ୍ରାସ ପାଇଛି। ରବିବାର ଢେଙ୍କାନାଳ ଜିଲା ଭୁବନରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ୧୦ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ଏହାପରେ ୧୨ ତାରିଖ ପର୍ଯ୍ୟନ୍ତ କିଛି ସ୍ଥାନରେ ହାଲୁକା ବର୍ଷା ହେବାର ଆଶଙ୍କା ରହିଛି। ତେବେ ୨୪ ଘଣ୍ଟା ପରେ ଧୀରେ ଧୀରେ ଦିନ ତାପମାତ୍ରା ୨ରୁ ୩ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ମୁଖ୍ୟ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ୧୭ଟି ☞ପୃଷ୍ଠା-୪

# ପୋଲରୁ ତଳକୁ ଖସିଲା ସ୍କୁଟି, ୩ ମୃତ



ଦୁର୍ଘଟଣାଗ୍ରସ୍ତ ସ୍କୁଟି

ରାଇକିଆ,୮।୪(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଥାନା ମଣ୍ଡାକିଆ ନିକଟ ବୁଢ଼ାମାହା ପୋଲରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହାରାଇ ସ୍କୁଟି ପୋଲରେ ପିଟି ହୋଇ ତଳକୁ ଖସିଯିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ରାଇକିଆରେ ବ୍ୟବସାୟ କରୁଥିବା ଗଞ୍ଜାମ ବିରିକୋଟ ଗ୍ରାମର ବସନ୍ତ ପଣ୍ଡା(୩୦), ବେରେଢ଼ାକିଆ ଗ୍ରାମର କୁଶଳ ଦିଗାଲ(୨୫), କାଜୁରୀନାଜୁ ଗ୍ରାମର ବ୍ରହ୍ମାନନ୍ଦ ଭୋଇ(୨୫)।

ପାବୁରିଆରୁ ତିନି ଜଣ ଯୁବକ ଗୋଟିଏ ସ୍କୁଟିରେ ନିଜ ଘରକୁ ଫେରୁଥିଲେ। ସ୍କୁଟି ଚାଳକ ନିୟନ୍ତ୍ରଣ ହରାଇ ବୁଢ଼ାମାହା ପୋଲକୁ ଧକ୍କା ଦେଇଥିଲେ। ଫଳରେ ସ୍କୁଟିଟି ପୋଲ ତଳକୁ ଖସି ଯିବାରୁ ଘଟଣାସ୍ଥଳରେ ହିଁ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଭୋର୍‌ରେ ସେହି ରାସ୍ତା ଦେଇ ଫେରୁଥିବା କେତେଜଣ ଲୋକେ ☞ପୃଷ୍ଠା-୪

# ୩୭୦ ପାର୍ ହେବନି ଭାଜପା: ପ୍ରଶାନ୍ତ କିଶୋର

ଭୁବନେଶ୍ୱର,୮।୪(ଅନିଲ ଦାସ)

ଚଳିତ ନିର୍ବାଚନରେ ଏନ୍‌ଡିଏ ୪୦୦ ସିଟ୍ ପାଇବା ନେଇ ଯେଉଁ ସ୍ଲୋଗାନ ଦେଉଛି ତାହା ସମ୍ଭବ ହେବ ନାହିଁ। ସେହିପରି ଭାଜପା ୩୭୦ ଆସନ ଛୁଇଁ ନ ପାରେ ବୋଲି ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋର ଆକଳନ କରିଛନ୍ତି। ଭାଜପା କିମ୍ବା ପ୍ରଧାନମନ୍ତ୍ରୀ ଅପରାଜୟ ନୁହନ୍ତି। ବିରୋଧୀ ଦଳଗୁଡ଼ିକ ସୁଯୋଗକୁ ହାତଛଡ଼ା କରିବା ସହ ଆଳସ୍ୟତା ଓ ଭୁଲ୍ ରଣକୌଶଳ ଯୋଗୁ ଭାଜପାକୁ ପରାଜୟ କରିବାରେ ସକ୍ଷମ ହୋଇପାରୁନାହାନ୍ତି ବୋଲି ପ୍ରଶାନ୍ତ ପିଟିଆଇକୁ ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି।

ଏପ୍ରିଲ ୧୯ରୁ ଆରମ୍ଭ ହେଉଥିବା ଲୋକ ସଭା ନିର୍ବାଚନରେ ଉତ୍ତର ଏବଂ ପଶ୍ଚିମ ଭାରତ ରାଜ୍ୟଗୁଡ଼ିକରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ୧୦୦ ସିଟ୍‌ରେ ହରାଇବା ନେଇ ଭାଜପା ଯେଉଁ ଆକଳନ କରିଛି ତାହା ହେବନାହିଁ। ତେବେ ଭାଜପା ଏଠାରେ ନିଜର ପୂର୍ବ ସ୍ଥିତି ବଜାୟ ରଖିବାରେ ସଫଳ ହୋଇପାରିବ। ସେହିପରି ଦକ୍ଷିଣ ଏବଂ ପୂର୍ବ ଭାରତରେ ଭାଜପାର ଭୋଟ ପ୍ରତିଶତ ବଢ଼ିବ ବୋଲି ସେ ଆକଳନ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ପୁଣିଥରେ ଶାସନକୁ ଫେରିବା ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ପାଇଁ କଷ୍ଟକର ହେବ। ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲଙ୍କ ଭଳି ଜଗନ ଲୋକମାନଙ୍କ ଆଶାକୁ ପୂରଣ କରିବା ଅପେକ୍ଷା କେବଳ ପ୍ରୋଭାଇଡର ମୋଡ୍‌ରେ ରହୁଥିବାରୁ ଆସନ୍ତା ନିର୍ବାଚନରେ ବିଜୟ ତାଙ୍କ ପାଇଁ ସହଜ ହେବ ନାହିଁ ବୋଲି ପ୍ରଶାନ୍ତ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋରଙ୍କ ଆକଳନ ଓଡ଼ିଶାର ଭାଜପା ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛି। ପ୍ରଶାନ୍ତ କହିଛନ୍ତି, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଭାଜପା ୧ ନମ୍ବର ଦଳ ଭାବେ ☞ପୃଷ୍ଠା-୪

# ନିର୍ବାଚନ ପୂର୍ବରୁ କେତେଜଣ ଗିରଫ ହେବେ

### ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୮।୪(ପି.ଟି.)

**ୟୁଟ୍ୟୁବରଙ୍କ ଜାମିନ କାଏମ**

ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଆଣୁଥିବା ପ୍ରତ୍ୟେକଙ୍କୁ ଜେଲ ପଠାଇ ହେବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି। ଏଥିସହ ୨୦୨୧ରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବା ୟୁଟ୍ୟୁବର ଏ. ଦୁରାଇମୁରୁଗାନ ସତ୍ତାଇଙ୍କ ଜାମିନକୁ କାଏମ ରଖିଛନ୍ତି। ନିର୍ବାଚନ ପୂର୍ବରୁ ୟୁଟ୍ୟୁବରେ ଅଭିଯୋଗ ଆଣୁଥିବା ପ୍ରତ୍ୟେକଙ୍କୁ ଯଦି ଆମେ ଜେଲ ପଠାଇବା ଆରମ୍ଭ କରିବୁ, ତେବେ କେତେଜଣ ଜେଲ ଯିବେ, କଳ୍ପନା କର ବୋଲି ଜଷ୍ଟିସ୍ ଅଭୟ ଏସ୍ ଓକା ଏବଂ ଉଜ୍ଜଲ ଭୂୟାଁଙ୍କ ଖଣ୍ଡପୀଠ ତାମିଲନାଡୁ ସରକାରଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ପ୍ରଶ୍ନ କରିଥିଲେ। ଏଥିସହିତ ସତ୍ତାଇଙ୍କ ଜାମିନ ଖାରଜ ଲାଗି ହୋଇଥିବା ଆବେଦନକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଥିଲେ। ଅଭିଯୁକ୍ତ ପ୍ରତିବାଦ ଜଣାଇ ଏବଂ ନିଜ ମତାମତ ବ୍ୟକ୍ତ କରି ନିଜ ସ୍ୱାଧୀନତାର ଦୁରୁପଯୋଗ କରିନାହାନ୍ତି। ସତ୍ତାଇଙ୍କୁ ଲଜ୍ଜାଜନକ ମନ୍ତବ୍ୟ ପ୍ରଦାନରୁ ଦୂରେଇ ରଖିବା ପାଇଁ ଜାମିନରେ ସର୍ତ୍ତ ରଖିବା ଲାଗି ତାମିଲନାଡୁ ସରକାରଙ୍କ ଆବେଦନକୁ ମଧ୍ୟ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ସତ୍ତାଇ କୋର୍ଟକୁ ଦେଇଥିବା ଲିଖିତ ପ୍ରତିଶ୍ରୁତିର ଉଲ୍ଲଂଘନ କରି ଷ୍ଟାଲିନ୍‌ଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ମାଡ୍ରାସ ହାଇକୋର୍ଟ ତାଙ୍କ ଜାମିନକୁ ଖାରଜ କରିଦେଇଥିବାବେଳେ ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଆଜିର ସମ୍ପାଦକୀୟ**

ଦୋଷୀ ଏନ୍‌ସିଇଆର୍‌ଟି

# ନିର୍ବାଚନ ଲଢ଼ିପାରିବେ ଦିଲୀପ ରାୟ

ନୂଆଦିଲ୍ଲୀ,୮।୪

**କୋଇଲା ଦୁର୍ନୀତି ମାମଲା**

### ଦୋଷୀସାବ୍ୟସ୍ତ ରାୟ୍ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ସ୍ଥଗିତାଦେଶ



ଦିଲୀପ ରାୟ

କୋଇଲା ଦୁର୍ନୀତି ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଦୋଷୀସାବ୍ୟସ୍ତ ରାୟ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ସେ ୨୦୨୪ ନିର୍ବାଚନ ଲଢ଼ିପାରିବେ। ୧୯୯୯ରେ ଝାଡ଼ଖଣ୍ଡର କୋଇଲା ଖଣି ଆବଣ୍ଟନରେ ଅନିୟମିତତାକୁ ନେଇ ପୂର୍ବରୁ ଦିଲୀପ ଦୋଷୀସାବ୍ୟସ୍ତ ହୋଇଥିଲେ। ମାମଲାର ନିର୍ଦ୍ଦିଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି ଦୋଷୀସାବ୍ୟସ୍ତ ରାୟକୁ ସ୍ଥଗିତ ରଖାଯାଇଛି, ତାଙ୍କୁ ଦୋଷମୁକ୍ତ କରାଯାଇ ନ ଥିବା ଜଷ୍ଟିସ୍ ସ୍ୱରନ କାନ୍ତ ଶର୍ମା ସ୍ପଷ୍ଟ କରିଛନ୍ତି। ଉଚ୍ଚ ଅଦାଲତ ରାୟଙ୍କ ଦୀର୍ଘ ରାଜନୈତିକ ଜୀବନ ଏବଂ ବୟସକୁ ବିଚାରକୁ ନେଇ କହିଥିଲେ, ପ୍ରତ୍ୟେକ ମାମଲାକୁ ଏହାର ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପୃଷ୍ଠଭୂମି ଆଧାରରେ ନିଷ୍ପତ୍ତି କରାଯାଇଥାଏ। ତେଣୁ କୌଣସି ଦୁଇଟି ମାମଲା ସମାନ ☞ପୃଷ୍ଠା-୪

# ୪୧% ଆସନରେ ୩ ବା ତଦୂର୍ଦ୍ଧ୍ୱ ପ୍ରାର୍ଥୀଙ୍କ ନାଁରେ ଅପରାଧ ମାମଲା

ନୂଆଦିଲ୍ଲୀ,୮।୪(ପି.ଟି.)

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ADR
Association for Democratic Reforms

ଆସନ୍ତା ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୦୨ଟି ଲୋକ ସଭା ଆସନରେ ମତଦାନ ହେବାକୁ ଯାଉଥିବାବେଳେ ସେଥିରୁ ୪୨ ଆସନରେ ୩ କିମ୍ବା ତା'ଠାରୁ ଅଧିକ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଛି। ନିର୍ବାଚନ ଅଧିକାର ସଂସ୍ଥା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧,୬୨୫ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବାବେଳେ ଏଡିଆର୍ ସେଥିରୁ ୧,୬୧୮ ପ୍ରାର୍ଥୀଙ୍କ ସତ୍ୟପାଠର ଅନୁଧ୍ୟାନ କରିଥିଲା। ସେମାନଙ୍କ ମଧ୍ୟରୁ ୧୬ ପ୍ରତିଶତ ବା ୨୫୨ ପ୍ରାର୍ଥୀଙ୍କ ନାଁରେ ଅପରାଧ ମାମଲା ରହିଥିବାବେଳେ ୧୦ ପ୍ରତିଶତ ବା ୧୬୧ ଜଣଙ୍କ ନାଁରେ ଗମ୍ଭୀର ଅପରାଧ ମାମଲା ଅଛି। ୭ ପ୍ରାର୍ଥୀଙ୍କ ନାଁରେ ହତ୍ୟା ମାମଲା ଏବଂ ୧୯ ଜଣଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରହିଛି। ୧୮ ପ୍ରାର୍ଥୀଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ନାଁରେ ବଳାତ୍କାର ମାମଲା ରହିଥିବା ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି। ସେହିପରି ୩୫ ପ୍ରାର୍ଥୀଙ୍କ ନାଁରେ ଘୃଣିତ ଭାଷଣକୁ ନେଇ ମାମଲା ରହିଛି। ଯେଉଁ ନିର୍ବାଚନ ମଣ୍ଡଳୀରେ ୩ କିମ୍ବା ତା'ଠାରୁ ଅଧିକ ଆପରାଧିକ ମାମଲା ଥିବା ପ୍ରାର୍ଥୀ ଥାଆନ୍ତି, ତାକୁ 'ରେଡ୍ ଆଲର୍ଟ' ନିର୍ବାଚନ ମଣ୍ଡଳୀ ଘୋଷଣା କରାଯାଇଥାଏ।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ସମସ୍ତ ୪ ପ୍ରାର୍ଥୀଙ୍କ ନାଁରେ ଅପରାଧ ମାମଲା ରହିଥିବାବେଳେ ଡିଏମ୍‌କେର ୨୨ ପ୍ରାର୍ଥୀଙ୍କୁ ୧୩ ଜଣ (୫୯%), ସମାଜବାଦୀ ପାର୍ଟିର ୭ରୁ ୩ ଜଣ (୪୩%), ଟିଏମ୍‌ସିର ୫ରୁ ୨ ଜଣ (୪୦%), ଭାଜପାର ୭୭ ପ୍ରାର୍ଥୀଙ୍କ ମଧ୍ୟରୁ ୨୮ ଜଣ (୩୬%) ଏବଂ କଂଗ୍ରେସର ୫୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୯ ଜଣ (୩୪%)ଙ୍କ ନାଁରେ ଅପରାଧ ମାମଲା ରହିଛି। ସେହିପରି ଏଆଇଏଡିଏମ୍‌କେର ୩୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଏବଂ ବିଏସ୍‌ପିର ୮୬ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣଙ୍କ ନାଁରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି।

ପ୍ରଥମ ପର୍ଯ୍ୟାୟରେ କୋଟିପତି ପ୍ରାର୍ଥୀଙ୍କ ସଂଖ୍ୟା ୨୮ ପ୍ରତିଶତ, ଯେଉଁମାନଙ୍କ ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଅଧିକ। ପ୍ରାର୍ଥୀମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୪.୫୧ କୋଟି ରହିଛି। ଆର୍‌ଜେଡିର ସମସ୍ତ ୪ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଏଆଇଏଡିଏମ୍‌କେର ୩୫, ଡିଏମ୍‌କେର ୨୧, ଭାଜପାର ୬୯, କଂଗ୍ରେସର ୪୯, ଟିଏମ୍‌ସିର ୪ ଏବଂ ବିଏସ୍‌ପିର ୧୮ ପ୍ରାର୍ଥୀଙ୍କ ସମ୍ପତ୍ତି ୧ କୋଟିରୁ ଅଧିକ ବୋଲି ସତ୍ୟପାଠରେ ଦର୍ଶାଯାଇଛି। ମଧ୍ୟପ୍ରଦେଶର ଛିନ୍ଦୱାରାରୁ କଂଗ୍ରେସ ପ୍ରାର୍ଥୀ ନକୁଲ ନାଥଙ୍କ ସମ୍ପତ୍ତି ପରିମାଣ ସର୍ବାଧିକ ୭୧୬ କୋଟି ହୋଇଥିବାବେଳେ ତାଙ୍କ ପଛକୁ ଏଆଇଏଡିଏମ୍‌କେର ଏରୋଡେ ପ୍ରାର୍ଥୀ ଅଶୋକ କୁମାରଙ୍କ ସମ୍ପତ୍ତି ୬୬୨ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଶିବଗଙ୍ଗାରୁ ଲଢୁଥିବା ଭାଜପା ପ୍ରାର୍ଥୀଙ୍କ ସମ୍ପତ୍ତି ୩୦୪ କୋଟି ଟଙ୍କା।

**କଶ୍ମୀରରେ କଂଗ୍ରେସ ୩, ଏନ୍‌ସି ୩ ଆସନରେ ଲଢ଼ିବେ**

ଲୋକ ସଭା ନିର୍ବାଚନ ଲାଗି ଜମ୍ମୁ-କଶ୍ମୀରରେ କଂଗ୍ରେସ ଏବଂ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମଧ୍ୟରେ ଆସନ ବୁଝାମଣା ହୋଇଛି। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ଉଭୟ ଦଳ ୩ଟି ଲେଖାଏ ଆସନରେ ଲଢ଼ିବେ। କଂଗ୍ରେସ ଉଧାମପୁର, ଜମ୍ମୁ, ଲଦାଖରେ ଏବଂ ଏନ୍‌ସି ଅନନ୍ତନାଗ, ଶ୍ରୀନଗର ଏବଂ ବାରମୁଲ୍ଲାରେ ଲଢ଼ିବ ବୋଲି ଏନ୍‌ସି ନେତା ଓମାର ଅବଦୁଲ୍ଲା କହିଛନ୍ତି।

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ



**ନୂଆଦିଲ୍ଲୀ,୮।୪:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ ସୋମବାର ଭାଜପା ଛାଡ଼ିଛନ୍ତି। ସେ ଖୁବ୍‌ଶୀଘ୍ର କଂଗ୍ରେସରେ ପୁନର୍ବାର ଯୋଗଦେବେ ବୋଲି ଜଣାପଡ଼ିଛି। ମାସେ ପୂର୍ବରୁ ତାଙ୍କ ପୁଅ ବ୍ରିଜେନ୍ଦ୍ର ସିଂ ଲୋକ ସଭା ଏବଂ ଭାଜପାରୁ ଇସ୍ତଫା ଦେଇ କଂଗ୍ରେସରେ ସାମିଲ ହୋଇଥିଲେ। ବୀରେନ୍ଦ୍ର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ପାଖକୁ ପଠାଇ ଦେଇଛନ୍ତି। ତାଙ୍କ ସ୍ତ୍ରୀ ପ୍ରେମଲତା ମଧ୍ୟ ଭାଜପା ଛାଡ଼ିଛନ୍ତି। ସେ ୨୦୧୪ରୁ ୨୦୧୯ ବିଧାୟିକା ଥିଲେ। ମଙ୍ଗଳବାର ଉଭୟ କଂଗ୍ରେସରେ ଯୋଗଦେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ବୀରେନ୍ଦ୍ର କହିଛନ୍ତି। ବୀରେନ୍ଦ୍ର ପାଖାପାଖି ୪ ଦଶନ୍ଧି ଧରି କଂଗ୍ରେସ ସହ ରହିବା ପରେ ୨୦୧୪ରେ ଭାଜପାରେ ସାମିଲ ହୋଇଥିଲେ।

### ଧୂମପାନ କରୁଥିବା ଯୁବତୀଙ୍କୁ ଚାହିଁବାରୁ ହତ୍ୟାକାଣ୍ଡ

**ନାଗପୁର,୮।୪:** ମହାରାଷ୍ଟ୍ରର ନାଗପୁର ଅଞ୍ଚଳରେ ଧୂମପାନ କରୁଥିବା ୨ ଯୁବତୀଙ୍କୁ ଚାହିଁବାରୁ ଜଣେ ୨୮ ବର୍ଷୀୟ ଯୁବକଙ୍କୁ ଛୁରିଭୁସି ହତ୍ୟା କରାଯାଇଛି। ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ଖବର ଅନୁଯାୟୀ ଜୟଶ୍ରୀ ପଞ୍ଜାଡ଼େ ଏବଂ ତାଙ୍କ ବାନ୍ଧବୀ ସାବିତ୍ର ସାଏରେ ଏକ ପାନ ଦୋକାନ ବାହାରେ ସିଗାରେଟ୍ ପିଉଥିବାବେଳେ ସେଠାକୁ ସିଗାରେଟ୍ କିଣିବାକୁ ଆସିଥିବା ରଞ୍ଜିତ ରାଠୋର ସେମାନଙ୍କୁ ଚାହିଁଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସାରୁ ମାଡ଼ପିଟ ହୋଇଥିଲା। ଜୟଶ୍ରୀ ତାଙ୍କ ବନ୍ଧୁ ଆକାଶ ରାଉତଙ୍କୁ ଫୋନ୍ କରି ଡକାଇଥିଲେ। ଆକାଶ ପହଞ୍ଚିବା ପରେ ରଞ୍ଜିତଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଆକାଶ ରଞ୍ଜିତଙ୍କୁ ଏକାଧିକ ଥର ଛୁରି ଭୁସି ହତ୍ୟା କରିଥିଲେ। ଉକ୍ତ ହତ୍ୟାକାଣ୍ଡର ଦୃଶ୍ୟ ସେଠାରେ ଲଗାଯାଇଥିବା ସିକ୍ୟୁରିଟି କ୍ୟାମେରାରେ ରେକର୍ଡ ହୋଇଥିବା ପୋଲିସ କହିଛି।

# ଇସିଙ୍କ ପାଖରେ ଫେରାଦ ହେଲା କଂଗ୍ରେସ

## ମୋଦିଙ୍କ ମୁସ୍‌ଲିମ ଲିଗ୍ ମନ୍ତବ୍ୟ



ନିର୍ବାଚନ କମିଶନରେ ଫେରାଦ ହେବା ପରେ ବରିଷ୍ଠ କଂଗ୍ରେସ ନେତା ସଲ୍‌ମାନ ଖୁର୍ସିଦ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ନୂଆଦିଲ୍ଲୀ,୮।୪

କଂଗ୍ରେସର ଇସ୍ତାହାରରେ ମୁସ୍‌ଲିମ ଲିଗ୍‌ର ନୀତି ଆଦର୍ଶ ପ୍ରତିଫଳିତ ହେଉଛି ଏବଂ ଏହାର ପ୍ରତ୍ୟେକ ପୃଷ୍ଠାରେ ଭାରତକୁ ଖଣ୍ଡ ଖଣ୍ଡ କରିବାର ଗନ୍ଧ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହା ବିରୋଧରେ ବରିଷ୍ଠ କଂଗ୍ରେସ ନେତାମାନେ ସୋମବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ବିଭିନ୍ନ ଅଭିଯୋଗ କରିଛନ୍ତି। ପ୍ରତିନିଧି ଦଳରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ, ରାଜ୍ୟ ସଭା ସଦସ୍ୟ ମୁକୁଲ ୱାସ୍‌ନିକ, ପଓ୍ୱନ ଖେରା, ଗୁର୍‌ଦୀପ ସପ୍ପାଲ ନିର୍ବାଚନ ସଦନ ଯାଇ ଇସିର ଅଧିକାରୀମାନଙ୍କୁ ଭେଟିଥିଲେ। ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଉଲ୍ଲଂଘନ କରି ଭାଜପା ନିର୍ବାଚନ ପ୍ରଚାରରେ ସଶସ୍ତ୍ର ବଳର ବ୍ୟବହାର ଜାରି ରଖିଥିବା ନେଇ କଂଗ୍ରେସ ଅଭିଯୋଗ ଉଠାଇଛି। ଏହା ବ୍ୟତୀତ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ଥିରୁଭାନନ୍ତପୁରମ୍ ପ୍ରାର୍ଥୀ ରାଜୀବ ଚନ୍ଦ୍ରଶେଖର ତାଙ୍କ ନିର୍ବାଚନ ସତ୍ୟପାଠରେ ଆର୍ଥିକ ସ୍ଥିତି ସମ୍ପର୍କରେ ଭୁଲ ତଥ୍ୟ ଦେଇଥିବା ନେଇ କଂଗ୍ରେସ ଅଭିଯୋଗ ଦାଏର କରିଛି।

ଦିଲ୍ଲୀ ୟୁନିଭର୍ସିଟିରେ ବିଭିନ୍ନ କଲେଜରେ ବିକଶିତ ଭାରତ @ ୨୦୪୭ ନାଁରେ ପ୍ରଧାନମନ୍ତ୍ରୀଙ୍କ ବଡ଼ ବଡ଼ ହୋର୍ଡିଂ ଓ ବ୍ୟାନର ଲଗାଯାଇଥିବାରୁ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ବୋଲି କଂଗ୍ରେସ କହିଛି। ସେହିପରି ୨୦୨୩ର 'ଦି କେରଳା ଷ୍ଟୋରି' ନିକଟରେ ଦୂରଦର୍ଶନରେ ପ୍ରସାରିତ କରାଯିବାକୁ ନେଇ ମଧ୍ୟ କଂଗ୍ରେସ ଆପତ୍ତି ଉଠାଇଛି। ଏକ ଧର୍ମୀୟ ସମ୍ପ୍ରଦାୟକୁ ନିନ୍ଦା କରାଯିବାର ପରିକଳ୍ପନାରେ ଏହି ଚଳଚ୍ଚିତ୍ର ନିର୍ମାଣ ହୋଇଛି ଓ ଲଭ୍ ଜିହାଦ ଚିନ୍ତାଧାରାକୁ ବିଶ୍ୱସନୀୟତା ଦେଉଛି ବୋଲି କଂଗ୍ରେସ କହିଛି।

କଂଗ୍ରେସ ଇସ୍ତାହାରରେ ମୁସ୍‌ଲିମ୍ ଲିଗ୍‌ର ଛାପ ରହିଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତୀବ୍ର ସମାଲୋଚନା କରିଛନ୍ତି। ଭାଜପା ନୀତି ଆଦର୍ଶର ଆଇକନ୍ ତଥା ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀ ସ୍ୱାଧୀନତା ଆନ୍ଦୋଳନ ବେଳେ କଂଗ୍ରେସ ବିରୋଧରେ ବ୍ରିଟିଶକୁ ସମର୍ଥନ କରିଥିଲେ ବୋଲି ଖାର୍ଗେ କହିବା ସହ ମୋଦିଙ୍କ ଭାଷଣରେ ଆର୍‌ଏସ୍‌ଏସ୍ ଚିନ୍ତାଧାରାର ଗନ୍ଧ ରହିଛି ବୋଲି କହିଛନ୍ତି।

# ଅନିୟନ୍ତ୍ରିତ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ବିରୋଧରେ ପିଆଇଏଲ୍

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୪

ଉଭୟ ପୁରୁଷ ଓ ମହିଳାର ମିଶ୍ରିତ ଜୈବିକ ଲକ୍ଷଣ ନେଇ ଜନ୍ମିତ ପିଲା ଅନିୟନ୍ତ୍ରିତ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରାଉଥିବା ବେଳେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ସୋମବାର ଏନେଇ କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କର୍ତ୍ତୃପକ୍ଷ (ସିଏଆର୍‌ଏ)କୁ ଜବାବ ମାଗିଛନ୍ତି। ଅନିୟନ୍ତ୍ରିତ ଅସ୍ତ୍ରୋପଚାର କରୁଥିବା ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ଆବେଦନକାରୀ ମଦୁରାଇର ଗୋପୀ ଶଙ୍କର ଏମ୍‌ଙ୍କ ତରଫରୁ ଆଇନଜୀବୀ ଯୁକ୍ତି ଦର୍ଶାଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ନୋଟ୍ କରିବା ସହ କେନ୍ଦ୍ର ଏବଂ ସିଏଆର୍‌ଏକୁ ନୋଟିସ ଜାରି କରିଛନ୍ତି। ଶୁଣାଣିରେ ସହଯୋଗ କରିବାକୁ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲଙ୍କୁ କହିଛନ୍ତି। ପିଆଇଏଲ୍‌ରେ ସ୍ୱରାଷ୍ଟ୍ର, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଓ ନ୍ୟାୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତର ଜନସଂଖ୍ୟା ଆୟୋଗର ରେଜିଷ୍ଟ୍ରାର ଜେନେରାଲ ଏବଂ ସିଏଆର୍‌ଏକୁ ପକ୍ଷଭୁକ୍ତ କରାଯାଇଛି।

# ଭୋଟ ଅଧିକାର ପୂର୍ବରୁ ବଞ୍ଚିବା ଅଧିକାର ଦିଅ

## ମଣିପୁର ରିଲିଫ୍ କ୍ୟାମ୍ପ୍‌ରୁ ବିସ୍ଥାପିତଙ୍କ ଦାବି

ଇମ୍ଫାଲ,୮।୪(ପି.ଟି.)

ଯେଉଁ ସ୍ଥାନ ମୋର ହୋଇ ରହିନାହିଁ, ସେଠାରୁ କାହିଁକି ଜଣେ ପ୍ରତିନିଧିଙ୍କୁ ନିର୍ବାଚିତ କରିବି ବୋଲି ମଣିପୁର ହିଂସାରେ ଘରଦ୍ୱାର ହରାଇଥିବା ନୋବି ନାମକ ଜଣେ ବିସ୍ଥାପିତ ପ୍ରଶ୍ନ କରିଛନ୍ତି। ମଣିପୁର ହିଂସା ବେଳେ ତାଙ୍କ ଘରକୁ ଜାଳିଦିଆଯାଇଥିଲା। ହିଂସାକାଣ୍ଡକୁ ୧୧ ମାସ ପୂରିଥିବାବେଳେ ସେମାନେ ଏବେ ବି ରିଲିଫ୍ କ୍ୟାମ୍ପରେ ମୁଣ୍ଡ ଗୁଞ୍ଜିଛନ୍ତି। କେବଳ ୪୨ ବର୍ଷୀୟ ନୋବି ନୁହନ୍ତି ସମସ୍ତ ବିସ୍ଥାପିତଙ୍କ ସମାନ ଦାବି 'ଭୋଟ ଅଧିକାର ପୂର୍ବରୁ ବଞ୍ଚିବା ଅଧିକାର ଦିଅ', 'ନିର୍ବାଚନ ପୂର୍ବରୁ ଶାନ୍ତି ଦିଅ'। ଏହି ଉତ୍ତର-ପୂର୍ବାଞ୍ଚଳରେ ଗତବର୍ଷ ମେ'ରେ ଜାତିଗତ ହିଂସାକାଣ୍ଡ ପରେ ବିଭିନ୍ନ ସମୟରେ ସଂଘର୍ଷ ଲାଗିରହିଥିବାରୁ ବିସ୍ଥାପିତମାନେ ସେମାନଙ୍କ ଭିଟାମାଟିକୁ ଫେରିପାରି ନାହାନ୍ତି। ୨୦୧୯ ନିର୍ବାଚନ ବେଳେ ଏହି ରାଜ୍ୟରୁ ୮୨ ପ୍ରତିଶତ ମତଦାନ ହୋଇଥିବାବେଳେ ଏଥର ଜାତିଆଣ ହିଂସା ନିର୍ବାଚନରେ ପ୍ରତିବନ୍ଧକ ସାଜିଛି। ବର୍ତ୍ତମାନର ସ୍ଥିତିରେ ସେଠାରେ ନିର୍ବାଚନର ପ୍ରାସଙ୍ଗିକତାକୁ ନେଇ ବିଭିନ୍ନ ସିଭିଲ ସୋସାଇଟି ଗ୍ରୁପ୍ ପ୍ରଶ୍ନ କରିଛନ୍ତି।

# ଇସି ଅଫିସ ବାହାରେ ଟିଏମ୍‌ସି ନେତାଙ୍କ ଧାରଣା



ଟିଏମ୍‌ସି ନେତାମାନଙ୍କ ୧୦ ଜଣିଆ ପ୍ରତିନିଧି ଦଳ ନିର୍ବାଚନ କମିଶନ୍‌ର ଅଧିକାରୀଙ୍କୁ ଭେଟିବା ପରେ ଫେରୁଛନ୍ତି।

## ସିବିଆଇ, ଏନ୍‌ଆଇଏ, ଇଡି ମୁଖ୍ୟଙ୍କ ବଦଳି ଦାବି

ନୂଆଦିଲ୍ଲୀ,୮।୪(ପି.ଟି.)

ସିବିଆଇ, ଏନ୍‌ଆଇଏ, ଇଡି ଏବଂ ଆୟକର ବିଭାଗ ମୁଖ୍ୟମାନଙ୍କୁ ବଦଳାଇବା ଦାବିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତାମାନେ ନିର୍ବାଚନ କମିଶନ (ଇସି)ଙ୍କ କାର୍ଯ୍ୟାଳୟ ବାହାରେ ଧାରଣା ଦେଉଥିବାବେଳେ ପୋଲିସ ସେମାନଙ୍କୁ ଅଟକ ରଖିଛି। ଟିଏମ୍‌ସିର ୧୦ ଜଣିଆ ପ୍ରତିନିଧି ଦଳ ଇସି ଅଧିକାରୀମାନଙ୍କୁ ସେମାନଙ୍କ ଦାବି ଜଣାଇବା ପରେ ଧାରଣାରେ ବସିବା ନେଇ ଘୋଷଣା କରିଥିଲେ। ପ୍ରତିନିଧି ଦଳରେ ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ, ମହମ୍ମଦ ନାଦିମୁଲ ହକ୍, ଡୋଲା ସେନ୍, ସାକେତ ଗୋଖଲେ, ସାଗରିକା ଘୋଷ, ବିଧାୟକ ବିବେକ ଗୁପ୍ତା, ପୂର୍ବତନ ଏମ୍‌ପି ଅର୍ପିତା ଘୋଷ, ଶାନ୍ତନୁ ସେନ୍ ଏବଂ ଅବୀର ରଞ୍ଜନ ବିଶ୍ୱାସ ତଥା ଦଳର ଛାତ୍ର ସଂଗଠନ ଉପସଭାପତି ସୁଦୀପ ରାହା ଥିଲେ।

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ତରଫରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରୁଥିବା ଟିଏମ୍‌ସି ଅଭିଯୋଗ କରିଛି। ଭାଜପା କେନ୍ଦ୍ରୀୟ ଏଜେନ୍ସିକୁ ବିରୋଧୀଙ୍କ ବିରୋଧରେ ଦୁରୁପଯୋଗ କରୁଛି। ଏନ୍‌ଆଇଏ, ଇଡି ଏବଂ ସିବିଆଇ ଯେଉଁଭଳି ଭାବେ ଟିଏମ୍‌ସି ନେତାମାନଙ୍କୁ ଟାର୍ଗେଟ କରି କାର୍ଯ୍ୟ କରୁଛନ୍ତି, ତାହା ଲଜ୍ଜାଜନକ। ନିର୍ବାଚନ କମିଶନ ସବୁ ରାଜନୈତିକ ଦଳକୁ ସମାନ ସୁଯୋଗ ଦିଅନ୍ତୁ ବୋଲି ଦିଲ୍ଲୀ ଯିବା ପୂର୍ବରୁ ସେନ୍ ଖବରଦାତାମାନଙ୍କୁ କହିଥିଲେ। ନିର୍ବାଚନ ପୂର୍ବରୁ ଏନ୍‌ଆଇଏ ଏବଂ ଭାଜପା ମଧ୍ୟରେ ଏକ ଅସାଧୁ ମେଣ୍ଟ ହୋଇଥିବା ଟିଏମ୍‌ସି ରବିବାର ଅଭିଯୋଗ କରିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ଏନ୍‌ଆଇଏ ଟିମ୍ ୨୦୨୨ ବିସ୍ଫୋରଣ ମାମଲାର ୨ ସନ୍ଦିଗ୍ଧଙ୍କୁ ପୂର୍ବ ମେଦିନିପୁରର ଭୂପତିନଗର ଅଞ୍ଚଳରୁ ଗିରଫ କରିବା ପରେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଟିଏମ୍‌ସି ଏବଂ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଲାଗିରହିଛି।

## ରୁଷିଆ ଆଣବିକ କାରଖାନା ଉପରେ ଆକ୍ରମଣ ଅଭିଯୋଗକୁ ୟୁକ୍ରେନର ଖଣ୍ଡନ

କିଭ୍, ୮।୪

ରୁଷିଆ ଅଧିକୃତ ଜାପୋରିଜିଆ ଆଣବିକ କାରଖାନାକୁ ଡ୍ରୋନ୍ ସାହାଯ୍ୟରେ ୟୁକ୍ରେନ୍ ଆକ୍ରମଣ କରିଥିବାନେଇ ରୁଷୀୟ ଅଧିକାରୀ ଦେଇଥିବା ବୟାନକୁ ସୋମବାର ୟୁକ୍ରେନ ପକ୍ଷରୁ ଖଣ୍ଡନ କରାଯାଇଛି। ଏହି ଆକ୍ରମଣରେ କୌଣସି ସମ୍ପୃକ୍ତି ନ ଥିବା ନେଇ ୟୁକ୍ରେନ ସ୍ପଷ୍ଟୀକରଣ ରଖିଛି। ଏନେଇ ରୁଷିଆ ପକ୍ଷରୁ ମିଥ୍ୟା ପ୍ରଚାର କରାଯାଉଥିବା ଅଭିଯୋଗ ଆଣିଛନ୍ତି ୟୁକ୍ରେନ୍‌ର ବରିଷ୍ଠ ସାମରିକ ଅଧିକାରୀ ଆନ୍ଦ୍ରି କୋଭାଲେଙ୍କୋ। ରୁଷୀୟ ସୈନ୍ୟବାହିନୀ ଡ୍ରୋନ୍ ସାହାଯ୍ୟରେ ଏହି ଆଣବିକ କାରଖାନା ଉପରେ ଆକ୍ରମଣ କରି ପରମାଣୁ ନିରାପତ୍ତା ପ୍ରତି ୟୁକ୍ରେନଠାରୁ ବିପଦ ଥିବା ଦର୍ଶାଉଛନ୍ତି ବୋଲି ସେ କହିଛନ୍ତି। ରବିବାର ଏହି ଆଣବିକ କାରଖାନାକୁ ୩ ଥର ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିବା ନେଇ ପୂର୍ବରୁ ରୁଷିଆ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଜାପୋରିଜିଆ ଆଣବିକ କାରଖାନା ଉପରେ ଆକ୍ରମଣ ନେଇ ପ୍ରତିକ୍ରିୟା ରଖିଛି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ)। ଆଣବିକ ନିରାପତ୍ତାକୁ ନେଇ ସାଲିସ କରାଯିବ ନାହିଁ ବୋଲି ଆଇଏଇଏ ପକ୍ଷରୁ ବୟାନ ଜାରି ହୋଇଛି।

# କ୍ଷମା ମାଗିଲେ ମାଳଦ୍ୱୀପର ନିଲମ୍ବିତ ମନ୍ତ୍ରୀ

## ତ୍ରିରଙ୍ଗା ଉପରେ ବିବାଦୀୟ ପୋଷ୍ଟ

ବେଙ୍ଗାଲୁରୁ,୮।୪



ମାରିୟାମ ଶିଉନା

ବିରୋଧୀ ଦଳ ଅଶୋକ ଚକ୍ର ସଦୃଶ ପ୍ରତିକ ବ୍ୟବହାର କରୁଥିବା ନେଇ ସୋସିଆଲ ମିଡିଆରେ ମାଳଦ୍ୱୀପର ପୂର୍ବତନ ମନ୍ତ୍ରୀ ମାରିୟାମ ଶିଉନା କରିଥିବା ପୋଷ୍ଟକୁ ନେଇ ବିବାଦ ଦେଖାଦେବା ପରେ ସେ ସୋମବାର ଏଥିପାଇଁ କ୍ଷମା ମାଗିଛନ୍ତି। ମୋ ପୋଷ୍ଟକୁ ନେଇ ଯଦି କୌଣସି ଦ୍ୱନ୍ଦ୍ୱ ବା ଅପରାଧ ହୋଇଥାଏ ସେଥିପାଇଁ ବିନମ୍ରତାର ସହ କ୍ଷମା ମାଗୁଛି ବୋଲି ନିଲମ୍ବିତ ମନ୍ତ୍ରୀ ଶିଉନା କହିଛନ୍ତି। ସେ କହିଛନ୍ତି, ମାଳଦ୍ୱୀପର ବିରୋଧୀ ଦଳ ଏମ୍‌ଡିପି ଭାରତୀୟ ଜାତୀୟ ପତାକା ଭଳି ଦେଖାଯାଉଥିବା ଏକ ଛବି ବ୍ୟବହାର କରୁଥିବା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଏହା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟବିହୀନ ଏବଂ ବୁଝାମଣାର ଅଭାବ ପାଇଁ ଅନୁତପ୍ତ ବୋଲି ଶିଉନା କହିଛନ୍ତି।

# ସଶସ୍ତ୍ର ବଳ ପାଇଁ ମିଳିତ କାର୍ଯ୍ୟ ସଂସ୍କୃତି ଲୋଡ଼ା: ସିଡିଏସ୍

ନୂଆଦିଲ୍ଲୀ, ୮।୪(ପି.ଟି.)



ଜେନେରାଲ ଅନିଲ ଚୌହାନ

ସଶସ୍ତ୍ର ବଳରେ ମିଳିତ କାର୍ଯ୍ୟ ସଂସ୍କୃତିର ବିକାଶ ପାଇଁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସୋମବାର ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରର ସମୂହ ଯୁଦ୍ଧ ଲଢ଼ିବା ସାମର୍ଥ୍ୟ ବଢ଼ାଉଥିବା ଢାଞ୍ଚା ସୃଷ୍ଟି ଦ୍ୱାରା ପ୍ରତି ବାହିନୀର ସାମର୍ଥ୍ୟରେ ସମନ୍ୱୟ ଆଣିବା ଆବଶ୍ୟକ ବୋଲି ତିନି ବାହିନୀର ସମ୍ମିଳନୀ 'ପରିବର୍ତ୍ତନ ଚିନ୍ତନ'ରେ ଉଦ୍‌ବୋଧନ ଦେଇ ସିଡିଏସ୍ କହିଛନ୍ତି। ୩ ବାହିନୀ ମଧ୍ୟରେ ଏକତା ଓ ସମନ୍ୱୟକୁ ଅଧିକ ବଢ଼ାଇବା ପାଇଁ ନୂଆ ଚିନ୍ତାଧାରା, ଉପକ୍ରମ ଓ ସଂସ୍କାର ଉପରେ ସମ୍ମିଳନୀରେ ମାନସ ମନ୍ଥନ ହୋଇଥିଲା। ଭାରତୀୟ ସେନାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ହେଲେ ପାରମ୍ପରିକ ସାମରିକ ଧାରଣାକୁ ନୂତନ ଦୃଷ୍ଟିକୋଣ ଦେବାକୁ ହେବ। ପ୍ରତି ସର୍ଭିସ୍‌ର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଉପରେ ସିଡିଏସ୍ ଗୁରୁତ୍ୱ ଦେଇଥିଲେ।

# ଛାଡ଼ପତ୍ର ଆବେଦନ କଲେ ଧନୁଷ୍ ଓ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୮।୪



ଅଭିନେତା ଧନୁଷ୍ ଓ ତାଙ୍କ ସ୍ତ୍ରୀ ତଥା ନିର୍ଦ୍ଦେଶକ ଐଶ୍ୱର୍ଯ୍ୟା ରଜନୀକାନ୍ତ ପୁଣି ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ବିବାହର ୨୦ ବର୍ଷ ପରେ ସୋମବାର ଦୁହେଁ ଛାଡ଼ପତ୍ର ଆବେଦନ କରିଛନ୍ତି। ପାରସ୍ପରିକ ସହମତିରେ ଧାରା ୧୩-ବି ଅନୁଯାୟୀ ଚେନ୍ନାଇର ଫ୍ୟାମିଲି କୋର୍ଟରେ ଉଭୟେ ଛାଡ଼ପତ୍ର ଆବେଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ମାମଲାର ଶୁଣାଣି ହେବ ବୋଲି ସୂଚନା ମିଳିଛି। ତେବେ ଏହି ଦମ୍ପତି ଗତ ୨ ବର୍ଷ ଧରି ଅଲଗା ରହୁଥିଲେ। ଏନେଇ ୨୦୨୨ ଜାନୁଆରୀରେ ଧନୁଷ୍ ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ନିଜ ପ୍ରଶଂସକମାନଙ୍କୁ ଜଣାଇଥିଲେ। ଏହି ପୋଷ୍ଟକୁ ଐଶ୍ୱର୍ଯ୍ୟା ମଧ୍ୟ ଶେୟାର କରିଥିଲେ। ସେତେବେଳେ ଏହି ଘୋଷଣାରେ ଉଭୟଙ୍କ ପ୍ରଶଂସକମାନଙ୍କୁ ବଡ଼ ଝଟକା ଲାଗିଥିଲା। ତେବେ ଏହାପରେ ମଧ୍ୟ ପୁଅ ଯାତ୍ରା ଓ ଲିଙ୍ଗାଙ୍କ ସ୍କୁଲ ଇଭେଣ୍ଟରେ ଏହି ଦମ୍ପତି ଏକାଠି ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଐଶ୍ୱର୍ଯ୍ୟା ହେଉଛନ୍ତି ଦକ୍ଷିଣ ଭାରତୀୟ ଫିଲ୍ମ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ। ସେ ୨୦୦୪ରେ ଧନୁଷ୍‌ଙ୍କୁ ବିବାହ କରିଥିଲେ। ଏବେ ଏହି ଦମ୍ପତିଙ୍କର ୨ ଜଣ ପୁଅ ରହିଛନ୍ତି।

## ଫୁର୍‌ସତ୍

# ୧୦୦ ଟଙ୍କିଆ ନୋଟ୍‌ରେ କାଫେର ବିଜ୍ଞାପନ

ନୂଆଦିଲ୍ଲୀ



ରାସ୍ତାରେ ଟଙ୍କା ପଡ଼ିଥିବାର ଦେଖି, କୌଣସି ମଧ୍ୟ ବ୍ୟକ୍ତି ଏହାକୁ ଅତି ସହଜରେ ଅଣଦେଖା କରିପାରନ୍ତିନି ଏବଂ ଯଦି ଏହା ୧୦୦ ଟଙ୍କିଆ ନୋଟ ହୋଇଥାଏ ତେବେ ଯେ କେହିବି ଏହି ଟଙ୍କାକୁ ଉଠାଇବାକୁ ଚେଷ୍ଟା କରିଥାନ୍ତି। ମଣିଷର ଏହି ମାନସିକତାକୁ ଦୃଷ୍ଟିରେ ରଖି ଗୋଟିଏ କମ୍ପାନୀ ବିଜ୍ଞାପନର ଏକ ନୂଆ ଉପାୟ ବାହାର କରିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଏକ ୧୦୦ ଟଙ୍କିଆ ନୋଟ୍ ରାସ୍ତାରେ ପଡିଥିବାର ଦେଖିବାକୁ ମିଳିଛି। ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତି ଉକ୍ତ ନୋଟକୁ ଉଠାଇ ଧରିଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ଅବିକଳ ୧୦୦ ଟଙ୍କିଆ ନୋଟ୍ ପରି ଦେଖାଯାଉଛି। କିନ୍ତୁ ବ୍ୟକ୍ତି ଜଣକ ଉକ୍ତ ନୋଟ୍‌ଟିକୁ ଓଲଟାଇବା ମାତ୍ରେ ଯାହା ଦେଖିଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ୧୦୦ ଟଙ୍କିଆ ନୋଟର ପଛପଟେ ଏକ କାଫେର ବିଜ୍ଞାପନ ଛପାଯାଇଛି। ଏକ କମ୍ପାନୀ କାଗଜର ଗୋଟିଏ ପାର୍ଶ୍ୱରେ ୧୦୦ ଟଙ୍କିଆ ନୋଟ୍ ସଦୃଶ ଛାପିଥିବା ବେଳେ ଏହାର ଅନ୍ୟପାର୍ଶ୍ୱରେ କାଫେର ବିଜ୍ଞାପନ ଛାପିଛି। ସେହିପରି ଉକ୍ତ କାଗଜଟିକୁ ରାସ୍ତାରେ ଏପରି ରଖାଯାଇଛି, ଯେପରି ଏହା ଉପରୁ ପ୍ରକୃତ ୧୦୦ ଟଙ୍କିଆ ନୋଟ୍ ପରି ଦେଖାଯିବ। ଭାଇରାଲ ଭିଡିଓରେ ଏହି ୧୦୦ ଟଙ୍କିଆ ନୋଟ୍ ଉଠାଇଥିବା ବ୍ୟକ୍ତି ଜଣକ ଉକ୍ତ ନୋଟ୍‌ର ପଛପଟେ କାଫେର ବିଜ୍ଞାପନ ଦେଖି ପ୍ରତାରିତ ଅନୁଭବ କରିଛନ୍ତି। ତେବେ ଏପରି ନିଆରା ବିଜ୍ଞାପନ ପ୍ରସ୍ତୁତ କରିଥିବାରୁ ସେ କମ୍ପାନୀକୁ ପ୍ରଶଂସା କରିଛନ୍ତି। ବିଜ୍ଞାପନ ପ୍ରଚାରର ଏହି ନୂଆ ଉପାୟକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗିରହିଛି। କମ୍ପାନୀର ଏହି କୌଶଳ ଫଳରେ ଯେ କେହିବି ୧୦୦ ଟଙ୍କିଆ ନୋଟ୍ ପଛପଟେ ଥିବା ବିଜ୍ଞାପନ ପଢ଼ିବାକୁ ବାଧ୍ୟ ହେବେ ବୋଲି କେତେଜଣ ୟୁଜର୍ସ କହିଛନ୍ତି।

# ରାଜନୀତିରେ ଯୋଗଦେବେନି ସଞ୍ଜୟ ଦତ୍ତ



**ମୁମ୍ବାଇ:** ନିକଟରେ ରାଜନୀତିରେ ଯୋଗ ଦେଉ ନାହାନ୍ତି ବୋଲି ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ସୋମବାର ନିଜ ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି। ଏହାସହ ଚଳିତ ଲୋକ ସଭା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କରାଯାଉଥିବା ବିଭିନ୍ନ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଜନୀତିରେ ଯୋଗଦେଇ ସେ ଚଳିତ ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି ପୂର୍ବରୁ ପ୍ରକାଶ ପାଇଥିବା ବିଭିନ୍ନ ମିଡିଆ ରିପୋର୍ଟକୁ ସଞ୍ଜୟ ମିଥ୍ୟା ଦର୍ଶାଇଛନ୍ତି। ସେହିପରି ସୋସିଆଲ ମିଡିଆରେ ତାଙ୍କୁ କେନ୍ଦ୍ର କରି ଚାଲିଥିବା କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ସେ ତାଙ୍କ ପ୍ରଶଂସକ ଓ ଫଲୋଅର୍ସମାନଙ୍କୁ ଅନୁରୋଧ କରିଛନ୍ତି। ଯଦି ଭବିଷ୍ୟତରେ ସେ ରାଜନୀତିରେ ପ୍ରବେଶ କରିବେ, ତେବେ ଏନେଇ ସେ ଖୋଦ୍ ଘୋଷଣା କରି ସମସ୍ତଙ୍କୁ ଜଣାଇବେ ବୋଲି ସଞ୍ଜୟ କହିଛନ୍ତି। ସଞ୍ଜୟ ଦତ୍ତଙ୍କ ସ୍ୱର୍ଗତ ପିତା ସୁନୀଲ ଦତ୍ତ କଂଗ୍ରେସର ବରିଷ୍ଠ ନେତା ହୋଇଥିବା ବେଳେ ସେ ୨୦୦୪ରୁ ୨୦୦୫ ପର୍ଯ୍ୟନ୍ତ ମନ୍‌ମୋହନ ସିଂଙ୍କ ସରକାରରେ ମନ୍ତ୍ରୀଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସଞ୍ଜୟଙ୍କ ଭଉଣୀ ପ୍ରିୟା ଦତ୍ତ ପୂର୍ବରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ହରିୟାଣାର କର୍ନାଲ ଆସନରେ ଭାଜପା ବିରୋଧରେ କଂଗ୍ରେସ ଏକ ଶକ୍ତିଶାଳୀ ପ୍ରାର୍ଥୀ ଦେବାକୁ ଚିନ୍ତା କରୁଥିବା ନେଇ ବିଭିନ୍ନ ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ସଞ୍ଜୟଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଥିଲା। ତେବେ ବର୍ତ୍ତମାନ ଅଭିନେତା ଜଣକ ଏପରି ସମସ୍ତ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ସଞ୍ଜୟ ରାଜନୀତିରେ ପ୍ରବେଶ କରିବା ନେଇ ଗୁଜବ ପ୍ରଥମ ଥର ପାଇଁ ଘଟିନାହିଁ। ୨୦୧୯ ଲୋକ ସଭା ନିର୍ବାଚନ ସମୟରେ ମଧ୍ୟ ତାଙ୍କ ନାମରେ ହୋଇଥିବା ଏପରି ଗୁଜବକୁ ସେ ଖାରଜ କରିଥିଲେ।




# ଗଣଶିକ୍ଷା ସଚିବଙ୍କୁ ହାଜର ନିର୍ଦ୍ଦେଶ

### ଆର୍ଥିକ ଅନଗ୍ରସର ପିଲା ଘରୋଇ ସ୍କୁଲରେ ନାମଲେଖା ମାମଲା

କଟକ,୮।୪ (କାର୍ତ୍ତିକ ସାହୁ)

ରାଜ୍ୟର ବିଭିନ୍ନ ଘରୋଇ ବିଦ୍ୟାଳୟରେ ଶିଶୁମାନଙ୍କର ନାମଲେଖା ନିମନ୍ତେ ସରକାରଙ୍କ ୨୫% ସଂରକ୍ଷଣ ନିୟମ କାର୍ଯ୍ୟକାରୀ ହେଉ ନ ଥିବା ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ନିମନ୍ତେ ମଙ୍ଗଳବାରକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ସରକାରଙ୍କ ଶିକ୍ଷା ଅଧିକାର ଆଇନ ବଳରେ ନର୍ସରୀ, ଏଲ୍‌କେଜି, ୟୁକେଜି ଭଳି ଶ୍ରେଣୀରେ ଆର୍ଥିକ ଅନଗ୍ରସର ବର୍ଗର ଶିଶୁମାନଙ୍କୁ ନାମ ଲେଖାଇବା ନିମନ୍ତେ ଲଟେରି ମାଧ୍ୟମରେ ଚୟନ କରାଯାଉଥିଲା। ଏଥିନିମନ୍ତେ ରାଜ୍ୟ ସରକାର ଏକ ପୋର୍ଟାଲ ମାଧ୍ୟମରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ତାଲିକା ପ୍ରକାଶ କରୁଥିଲେ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଗତ ସବୁ ଆବେଦନଗୁଡ଼ିକ ମଧ୍ୟରୁ ଲଟେରି ମାଧ୍ୟମରେ ନାମଲେଖା ନିମନ୍ତେ ଶିଶୁମାନଙ୍କ ନାମ ଚୟନ କରାଯାଉଥିଲା। ଗତବର୍ଷ ଘରୋଇ ସ୍କୁଲ ସଂଖ୍ୟା ୪,୨୬୪ ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ପ୍ରାୟ ୨୭୦୦କୁ ଖସି ଆସିଥିଲା। ଏ ବାବଦରେ ଅଭିଭାବକ ମହାସଂଘ ପକ୍ଷରୁ ଅଭିଯୋଗ କରାଯିବା ପରେ ଘରୋଇ ବିଦ୍ୟାଳୟଗୁଡ଼ିକର ନାମ କ୍ରମେ ଯୋଡ଼ାଯାଇଥିଲା। ସ୍କୁଲଗୁଡ଼ିକ ବହୁତ ବିଳମ୍ବରେ ରେଜିଷ୍ଟ୍ରେଶନ କରାଇବାରୁ ଅନେକ ପିଲା ଉପକୃତ ହୋଇପାରିଲେ ନାହିଁ। ବହୁତ ଲୋକ ମଧ୍ୟ ଏ ବାବଦରେ ଜାଣିପାରିଲେ ନାହିଁ। ଫଳରେ ନାମ ଲେଖାଇବାରେ ଅସୁବିଧା ହେଲା। ପୁଣି ୩ ଥର ଲଟେରି କରିବାର ନିୟମ ଥିଲାବେଳେ ଏଥର ୨ ଥର ଲଟେରି କରି ଉକ୍ତ ପ୍ରକ୍ରିୟାକୁ ବନ୍ଦ କରିଦିଆଯାଇଛି। ତୃତୀୟ ପର୍ଯ୍ୟାୟ ଲଟେରି ମାଧ୍ୟମରେ ନାମଲେଖା ସମେତ ସରକାରୀ ନିୟମର ଉଲ୍ଲଂଘନ କରାଯାଇଥିବା ଆଦି କେତେଗୁଡ଼ିଏ ଦିଗକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଦିଶା ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ବନ୍ଧମୁଣ୍ଡା, ବିଶ୍ରା,୮।୪
(ସୁବ୍ରତ ଦେ/ ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଜରାଇକେଲା ଜମାଲ ଗ୍ରାମରେ ସୋମବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନରସିଂହ ମାହାତୋ(୫୫)। ଏନେଇ ଖବର ପାଇ ଜରାଇକେଲା ସମିତି ସଦସ୍ୟ ସୋମନାଥ ରାହା ଏବଂ ବିଶ୍ରା ବନ ବିଭାଗ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତ ନରସିଂହଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଭୋର ସମୟରେ ନରସିଂହ ନିଜ ଚାଷଜମିକୁ ଯାଉଥିବା ବେଳେ ସେଠାରେ ଥିବା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ନରସିଂହଙ୍କ ଚିତ୍କାର ଶୁଣି ନିକଟରେ ଥିବା ଲୋକେ ତାଙ୍କୁ ବିଶ୍ରା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ଗତ କିଛି ଦିନ ଧରି ହାତୀଟି ଏହି ଅଞ୍ଚଳରେ ବୁଲୁଥିବା ଜଣାପଡିଛି।

# ଢେଙ୍କାନାଳରୁ ସନ୍ଦିଗ୍ଧ ପାରା ଉଦ୍ଧାର

### ଗୋଡ଼ରେ ଲାଗିଛି ଜିପିଏସ୍ ଟ୍ରାକର ଭଳି ଚିପ୍ସ

ଢେଙ୍କାନାଳ,୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଲାଉଲଇ ଗ୍ରାମର ଏକ ମନ୍ଦିର ପରିସରରୁ ସୋମବାର ଏକ ପାରାକୁ ଅଞ୍ଚଳବାସୀ ଉଦ୍ଧାର କରିଛନ୍ତି। ଉକ୍ତ ପାରାର ଦୁଇ ଗୋଡ଼ରେ ବିଦେଶୀ ଭାଷାରେ ଲେଖାଥିବା ଜିପିଏସ୍ ଟ୍ରାକର ଭଳି ଚିପ୍ସ ଲାଗିଛି। ଏହାକୁ ଦେଖି ସ୍ଥାନୀୟ ଅଞ୍ଚଳବାସୀ ସନ୍ଦେହ କରିଥିଲେ। ସେମାନେ ତାକୁ ଏକ ପଞ୍ଜୁରୀରେ ରଖି ବନବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଷଡ଼ଙ୍ଗୀ ରେଞ୍ଜ୍ ବନ କର୍ମଚାରୀମାନେ ପହଞ୍ଚି ପାରାଟିକୁ ଉଦ୍ଧାର କରିବା ସହ ନିହଲପ୍ରସାଦ ଥାନାକୁ ନେଇଥିଲେ। ପୋଲିସ ଅନୁଧ୍ୟାନ କରିବା ପରେ ତାହାକୁ ବନବିଭାଗକୁ ହସ୍ତାନ୍ତର କରିଛି। ପାରାଟି କେଉଁଠାରୁ ଆସିଛି ଓ ଦୁଇ ଗୋଡ଼ରେ ଲାଗିଥିବା ଚିପ୍ସ କେଉଁ ସଂସ୍ଥାର ଏବଂ ଏଥିରେ କେଉଁ ଦେଶର ଭାଷା ଲେଖାଯାଇଛି, ତାହା ଜଣାପଡିନାହିଁ। ତେବେ ଲେଖାଯିବା ଭାଷା ଚୀନ ଦେଶର ବୋଲି ଆଲୋଚନା ହେଉଛି। ବନବିଭାଗ ପକ୍ଷରୁ ପାରାକୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ରେଞ୍ଜ୍ କାର୍ଯ୍ୟାଳୟରେ ରଖାଯାଇଛି। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି, କେନ୍ଦ୍ରୀୟ ଗୋଇନ୍ଦା ବିଭାଗ ପକ୍ଷରୁ ପାରା ଗୋଡ଼ରେ ଲାଗିଥିବା ଚିପ୍ସକୁ ଅଧିକ ତଦନ୍ତ ଓ ପରୀକ୍ଷା ପାଇଁ ଦିଲ୍ଲୀ ପଠାଯିବା ନିମନ୍ତେ ବନ ବିଭାଗକୁ ଆବେଦନ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ପୋଲିସ ଓ ବନବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ପୋଲିସର ରାଜ୍ୟ କମ୍ୟୁନିକେଶନ ବିଭାଗକୁ ଜଣାଇ ଦିଆଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ପାରାକୁ କପିଳାସ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରଖାଯାଇ ତଦନ୍ତ କରାଯାଉଛି। ତେବେ କେନ୍ଦ୍ରୀୟ ଗୋଇନ୍ଦା ବିଭାଗର ଆବେଦନ ସମ୍ପର୍କରେ ପଚରାଯିବାରୁ କିଛି ପଚାରନ୍ତୁ ନାହିଁ, ଏ ନେଇ କିଛି କହିପାରିବେ ନାହିଁ ବୋଲି କହିଥିଲେ।


ଉଦ୍ଧାର ହୋଇଥିବା ସନ୍ଦିଗ୍ଧ ପାରା।

# 'ସୀମାବର୍ତ୍ତୀ ଜିଲା ଉପରେ କଡ଼ା ନଜର ରଖ'

ଭୁବନେଶ୍ୱର,୮।୪(ଅନିଲଦାସ)

ଓଡ଼ିଶାର ସୀମାବର୍ତ୍ତୀ ଜିଲାଗୁଡ଼ିକ ସମ୍ବେଦନଶୀଳ। ସେହି ସବୁ ଜିଲାଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ଓଡ଼ିଶା ପାଇଁ ନିୟୋଜିତ ହୋଇଥିବା ସ୍ପେଶାଲ୍ ଏକ୍ସପେଣ୍ଡିଚର ଅବ୍‌ଜରଭର (ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ) ହିମାଳିନୀ କଶ୍ୟପ ସମସ୍ତ ନୋଡାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ନିର୍ବାଚନ ଖର୍ଚ୍ଚ ତଦାରଖ (ଇଲେକ୍ସନ୍ ଏକ୍ସପେଣ୍ଡିଚର ମନିଟରିଂ) ବୈଠକରେ କଶ୍ୟପ ଯୋଗଦେଇ ମୁକ୍ତ, ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଏହି ସମସ୍ତ ପ୍ରକ୍ରିୟାକୁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ କେଉଁ ଭଳି ଭାବରେ ନିର୍ବାହ କରିବେ ସେ ବିଷୟରେ ସେ ଆଲୋଚନା କରିଥିଲେ। ସମସ୍ତଙ୍କ ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା। ଏଥିପାଇଁ ସମସ୍ତେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ପାଇଁ ସେ ପ୍ରେରିତ କରିଥିଲେ। ରାଜ୍ୟର ପ୍ରତିଟି ଜିଲାରେ ସମ୍ଭାବ୍ୟ ଅନୈତିକ ଅର୍ଥ, ମାଦକ ଦ୍ରବ୍ୟ ଓ ଉପହାର ସାମଗ୍ରୀ ବିଷୟରେ ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ମତ ପଚାରି ବୁଝିଥିଲେ।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

### ନିର୍ବାଚନ ଖର୍ଚ୍ଚ ତଦାରଖ ବୈଠକ

#### ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକଙ୍କ ନୋଡାଲ ଅଫିସରଙ୍କୁ ପରାମର୍ଶ

ବ୍ୟୟ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀ ବିଷୟରେ ମଧ୍ୟ ସବିଶେଷ ଆଲୋଚନା ଏବଂ ଯୋଜନା ହୋଇଥିଲା। ବ୍ୟୟ ପର୍ଯ୍ୟବେକ୍ଷଣ ହେଉଛି ନିର୍ବାଚନ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥା ଅତି ସତର୍କତାର ସହ କାର୍ଯ୍ୟ କରିବାକୁ ସେ ସମସ୍ତ ନୋଡାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ମୁଖ୍ୟନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରଖିବା ପାଇଁ ସମସ୍ତ ପ୍ରବର୍ତ୍ତନ ସଂସ୍ଥାର ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଅନୈତିକ ଉପାୟରେ ବ୍ୟବହୃତ ହେଉଥିବା ଧନ ବଳ, ମାଦକ ଦ୍ରବ୍ୟ ଓ ଉପହାର ଆଦିକୁ ରୋକିବା ପାଇଁ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକ ସ୍ୱାଗତ ଜଣାଇବା ସହ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଓ ପ୍ରବର୍ତ୍ତନ ପଦକ୍ଷେପ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଏହି ବୈଠକରେ ଅବକାରୀ ବିଭାଗ, ଆୟକର (ଓଡ଼ିଶା ସର୍କଲ), ଭାରତ ରିଜର୍ଭ ବ୍ୟାଙ୍କ, ରାଜ୍ୟସ୍ତରୀୟ ବ୍ୟାଙ୍କର କମିଟି, ଏୟାରପୋର୍ଟ ଅଥରିଟି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଡାକ ବିଭାଗ,ଆର୍‌ପିଏଫ୍, ଏନ୍‌ସିବି, ଭାରତୀୟ କୋଷ୍ଟଗାର୍ଡ, ଓଡ଼ିଶା,ପରିବହନ ବିଭାଗ, ଜଙ୍ଗଲ ବିଭାଗ, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ବ୍ୟୁରୋ ଅଫ୍ ସିଭିଲ୍ ଆଭିଏସନ୍ ଭଳି ପ୍ରବର୍ତ୍ତନ ସଂସ୍ଥାର ନୋଡାଲ ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ନୋଡାଲ ଅଧିକାରୀ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ନିଜ ନିଜ ସଂସ୍ଥା ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଓ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ଜବତ୍ ସାମଗ୍ରୀଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ।

# ମୋ ସ୍କୁଲ ଟଙ୍କା ହଡ଼ପ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

ବ୍ରହ୍ମପୁର,୮।୪(ସ୍ମୃତି ରଞ୍ଜନ ମହାଲିକ)

ବିଦ୍ୟାଳୟକୁ ଆସିଥିବା ମୋ ସ୍କୁଲ ଅଭିଯାନ ଟଙ୍କା ହଡ଼ପ ଅଭିଯୋଗରେ ସୋରଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିଶିର କୁମାର ସ୍ୱାଇଁ ନିଲମ୍ବିତ ହୋଇଛନ୍ତି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବିତ କରାଯାଇଥିବା ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଚିଠି ନଂ-୬୬୨୩ରେ ଦର୍ଶାଇଛନ୍ତି।

ସୋରଡା ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱାଇଁ ଗତ ୧୩ ତାରିଖରେ ସୋରଡା ଷ୍ଟେଟ ବ୍ୟାଙ୍କକୁ ମୋ ସ୍କୁଲ ଯୋଜନା ନିମନ୍ତେ ଆସିଥିବା ଟଙ୍କା ଏକ ଚେକ ମାଧ୍ୟମରେ ଉଠାଇବାକୁ ଯାଇଥିଲେ। ଉକ୍ତ ଚେକ୍‌ରେ ଶିକ୍ଷକ ଅଚ୍ୟୁତା ନନ୍ଦ ସେଠୀଙ୍କ ଜାଲ ଦସ୍ତଖତ ରହିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଶିକ୍ଷକ ସେଠୀଙ୍କୁ ଜଣାଇଥିଲେ। ଦୁଇ ଦିନ ପରେ ସେ ସୋରଡା ବ୍ଲକ ଶିକ୍ଷାଧିକାରୀ ପ୍ରିୟଦର୍ଶିନୀ ନାୟକଙ୍କୁ ଅବଗତ କରାଇଥିଲେ। ବ୍ଲକ ଶିକ୍ଷାଧିକାରୀ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଜିଲା ଶିକ୍ଷାଧିକାରୀ ଘଟଣାର ତଦନ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱାଇଁ ଜାଲ ଦସ୍ତଖତ ଜରିଆରେ ଟଙ୍କା ଉଠାଉଥିବା ଜଣାପଡିଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ ମିଶ୍ର ସଦର ଥାନା କାଠ ବାଉଁଶୂଳୀ ଗ୍ରାମର ମନ୍ତ୍ରୀ ସରଦାର (୨୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୨୦୨୧ ଅଗଷ୍ଟ ୨୭ ତାରିଖରେ ପୀଡ଼ିତା ଘରେ ଏକୁଟିଆ ଥିବା ବେଳେ ମନ୍ତ୍ରୀ ଜୋରଜବରଦସ୍ତ ଉଠାଇନେଇ ବଳାତ୍କାର କରିଥିଲେ। ଏହାକୁ ନେଇ ପୀଡ଼ିତାଙ୍କ ବାପା ପଳାଶପଙ୍ଗା ଫାଣ୍ଡିରେ ଅଭିଯୋଗ କରିବା ପରେ ସଦର ଥାନା ପୋଲିସ ପୀଡ଼ିତାଙ୍କୁ ଅଭିଯୁକ୍ତଙ୍କ ନିକଟରୁ ୨ ଦିନ ପରେ କାନ୍‌ପୋସି ଗ୍ରାମରୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ବୟାନକୁ ଭିତ୍ତି କରି ପୋଲିସ ମନ୍ତ୍ରୀଙ୍କୁ ପୋକ୍‌ସୋ ଆଇନ ଅନୁଯାୟୀ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୫ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉକ୍ତ ଦଣ୍ଡାଦେଶ ଶୁଣାଇଥିବା ସରକାରୀ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ସୂଚନା ଦେଇଛନ୍ତି।

# ଭାରତକୁ ବିଶ୍ୱ ଅର୍ଥନୀତିର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ



ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅବସରରେ ରାଜ୍ୟପାଳ ରଘୁବର ଦାସ ସ୍ନାତକୋତ୍ତର ଆଇନ ବିଭାଗର ଛାତ୍ର ଦେବଦତ୍ତ କାନୁନଗୋଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରୁଛନ୍ତି।

### ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ଇତିହାସ ଓ ପ୍ରାଚୀନ ଜ୍ଞାନକୁ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରସ୍ତୁତ ହୋଇଛି। ଏହି ମର୍ମରେ ଯୁବ ପ୍ରତିଭା ଓ ସଂସାଧନକୁ ଅଧିକରୁ ଅଧିକ ବ୍ୟବହାର କରି ଭାରତକୁ ବିଶ୍ୱ ଅର୍ଥନୀତିର ଶୀର୍ଷ ସ୍ତରରେ ପହଞ୍ଚାଇବା ପାଇଁ ଛାତ୍ରଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବରେ ପୌରୋହିତ୍ୟ କରି ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି। ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ଆହୁରି କହିଥିଲେ, ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରି ନ ଥାଏ। ଛାତ୍ର ଜୀବନର ଅଭ୍ୟାସ ସାରା ଜୀବନ ରହିଥାଏ। ଫଳରେ ଅନୁଶାସନରେ ରହି ଶିଖିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ନିତାନ୍ତ ଆବଶ୍ୟକ। କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ଅତ୍ୟନ୍ତ ଗୌରବମୟ। ଏହି ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରି ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିବିଶେଷଙ୍କ ତାଲିକା ବେଶ୍ ଲମ୍ବା। ଏହି ଜ୍ଞାନର ଭଣ୍ଡାର ନିଜ ସାମର୍ଥ୍ୟର ଗଭୀରତା ହୀରାକୁଦ ଜଳଭଣ୍ଡାର ଭଳି ବିଶାଳ ବୋଲି ପ୍ରମାଣିତ କରିଆସିଛି। ଉତ୍ସବରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳସଚିବ ଡ. ନୃପରାଜ ସାହୁଙ୍କ ସମେତ ସିଣ୍ଡିକେଟ ସଦସ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ୨ଜଣଙ୍କୁ ଡି.ଲିଟ୍, ୭୮ଜଣଙ୍କୁ ପିଏଚ୍.ଡି ଡିଗ୍ରୀ ଓ ୫୬ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି।

# ରାସ୍ତାରେ ଛାଡ଼ି ପଳାଇଲେ ପ୍ରେମିକାଙ୍କ ମୃତଦେହ

### ରାଜଧାନୀରେ ଯୁବତୀଙ୍କୁ ହତ୍ୟା ସନ୍ଦେହ

- ପ୍ରମାଣ ଲୁଚାଇବା ପାଇଁ ମୃତଦେହ ଫିଙ୍ଗିବାକୁ ନେଉଥିଲେ
- ଲିଭଇନ୍ ସମ୍ପର୍କରେ ଥିଲେ, ଅଭିଯୁକ୍ତ ପ୍ରେମିକ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ପୁରୁଣା ଭୁବନେଶ୍ୱର, ୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରେମିକାଙ୍କ ମୃତଦେହକୁ ନଦୀରେ ଫିଙ୍ଗିବାକୁ ବାଇକରେ ନେଉଥିଲେ। ହେଲେ ଅଧାବାଟରେ ସ୍ଥାନୀୟ ଲୋକ ଦେଖି ଧରିବାକୁ ଗୋଡ଼ାଇବାରୁ ଘଟିଲା ଦୁର୍ଘଟଣା। ଫଳରେ ରାସ୍ତା ମଝିରେ ବାଇକ ସହ ମୃତଦେହ ଛାଡ଼ି ପଳାଇଲେ ପ୍ରେମିକାଙ୍କ ସମେତ ୩ ଯୁବକ। ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ପୋଲିସ ଘଟଣାସ୍ଥଳରୁ ୨ ବାଇକ ସମେତ ଯୁବତୀଙ୍କ ମୃତଦେହ ଜବତ କରି ଖୋଳତାଡ଼ ଜାରି ରଖିଛି। ମୃତା ଯୁବତୀ ହେଲେ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ଭାଗ୍ୟ ଡାକୁଆ(୧୮)। ମୃତା ଭାଗ୍ୟଙ୍କ ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଛି। ଭାଗ୍ୟଙ୍କୁ ହତ୍ୟା କରାଯାଇଥିବା ଗଙ୍ଗୋତ୍ରିନଗରରେ ରହୁଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ବାପା ହିନ ଡାକୁଆଙ୍କ ଏତଲା ପରେ ଧଉଳି ଥାନା ପୋଲିସ ଏକ ହତ୍ୟା ମାମଲା (ନଂ. ୯୦/୨୦୨୪) ରୁଜୁ କରି ଘଟଣାର ଖୋଳତାଡ ଚଳାଇଛି। ପୋଲିସ ଜବତ କରିଥିବା ବାଇକର ତଥ୍ୟ ଆଧାରରେ ପ୍ରେମିକ ସେକ୍ ରାଜୁ (୩୦)ଙ୍କୁ ଗିରଫ କରି ପଚରାଉଚରା କରୁଛି। ରାଜୁଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ଭୁବନେଶ୍ୱରରେ ଠିକାଦାରୀ କରୁଛନ୍ତି। ତେବେ ରାଜୁ ପୂର୍ବରୁ ବିବାହିତ ହୋଇଥିବାବେଳେ ତାଙ୍କ ଅଧୀନରେ କାମ କରୁଥିବା ମୃତା ଭାଗ୍ୟଙ୍କୁ ସେ ପ୍ରେମ ଜାଲରେ ଫଶାଇଥିଲେ। ଭାଗ୍ୟ ଘର ଛାଡ଼ି ରାଜୁଙ୍କ ପାଖକୁ ପଳାଇ ଆସିଥିଲେ। ଉଭୟ ଏହି ଥାନା ଅନ୍ତର୍ଗତ ବଡଦା ହସ୍ପିଟାଲ ନିକଟରେ ଘରଭଡ଼ା ନେଇ ୩ ମାସ ହେବ ଲିଭ୍ ଇନ୍‌ରେ ରହୁଥିଲେ। ତେବେ ଭାଗ୍ୟ ଘର ଭିତରେ ଫ୍ୟାନ ହୁକ୍‌ରେ ଶାଢି ଦ୍ୱାରା ଆତ୍ମହତ୍ୟା କରିଥିବା ରାଜୁ ପୋଲିସକୁ କହିଛନ୍ତି। ଭୟରେ ମୃତଦେହକୁ କେଉଁଆଡେ ଫୋପାଡି ପ୍ରମାଣ ଲୁଚାଇବା ପାଇଁ ନେଇଯାଉଥିଲେ ବୋଲି ଜଣାଇଛନ୍ତି। ହେଲେ ଆତ୍ମହତ୍ୟା ସମ୍ପର୍କରେ ପରିବାର ଲୋକ କିମ୍ବା ପୋଲିସକୁ ନ ଜଣାଇ କାହିଁକି ମୃତଦେହକୁ ଫିଙ୍ଗିବାକୁ ନେଉଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ଅଭିଯୁକ୍ତ ରାଜୁ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାଏକ କହିଛନ୍ତି। ଏହି ମାମଲାରେ ସଂପୃକ୍ତ ଥିବା ରାଜୁଙ୍କ ଦୁଇ ସହଯୋଗୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଥିବା ସେ ସୂଚନା ଦେଇଛନ୍ତି।


ମୃତଦେହ ମିଳିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

### ଆଖି ପତା, ଆଙ୍ଗୁଠିରେ କ୍ଷତ, ବେକରେ ଦାଗ

ରବିବାର ରାତି ୧୦ରୁ ୧୦ଟା ୩୦ ମଧ୍ୟରେ ଲିଙ୍ଗିପୁର ନଦୀପଠା ବନ୍ଧ ରାସ୍ତାରେ ୨ଟି ବାଇକ ପାଖାପାଖି ହୋଇ ଯାଉଥିବାବେଳେ ଗୋଟିଏ ବାଇକରେ ୨ଜଣ ଯୁବକଙ୍କ ମଝିରେ ଜଣେ ଯୁବତୀ ବସିଥିବା ଦେଖିଥିଲେ। ତେବେ ଯୁବତୀଙ୍କ ଗୋଡ଼ ତଳକୁ ଓହଳି ରାସ୍ତାରେ ଘୋଷାରି ହୋଇ ଯାଉଥିବାରୁ ଲୋକେ ସନ୍ଦେହ କରି ସେମାନଙ୍କର ପିଛା କରିଥିଲେ। ବର୍ଷା ଯୋଗୁ ରାସ୍ତା ଓଦା ରହିଥିଲା। ଲୋକଙ୍କୁ ଦେଖି ଅଭିଯୁକ୍ତମାନେ ଭାରସାମ୍ୟ ହରାଇବାରୁ ବାଇକ ଦୁଇଟି ଦୁର୍ଘଟଣା ହୋଇଥିଲା। ଏହାପରେ ରାଜୁ ଓ ତାଙ୍କ ଦୁଇ ସହଯୋଗୀ ଘଟଣାସ୍ଥଳରୁ ବାଇକ ଛାଡ଼ି ପଳାଇଯାଇଥିବା ବେଳେ ରାସ୍ତାରେ ଭାଗ୍ୟଙ୍କ ମୃତଦେହ ପଡି ରହିଥିଲା। ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲା। ଯୁବତୀଙ୍କ ଆଖି ପତା, ପାଦ ଆଙ୍ଗୁଠିରେ କ୍ଷତ ଚିହ୍ନ ଥିବା ବେଳେ ବେକରେ ମଧ୍ୟ ଦାଗ ରହିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏହାସହ ସୋମବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତରେ ଘଟଣାସ୍ଥଳକୁ ଯାଇ ଛାନଭିନ କରିଥିଲା।

**ଆଜିର ମନ୍ତବ୍ୟ**

"ଜୁନ୍ ୪ ପରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ଲୋକ ସଭା ନିର୍ବାଚନ ପରେ ବିରୋଧୀ ଦଳ ନେତାମାନେ ଜେଲରେ ପଶିବେ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଛେନାପୋଡ଼ ଦିବସ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ ସମ୍ମୁଖ, ସମୟ: ସକାଳ ୯ଟା।
- ହେଲ୍ମେଟ୍‌ର ରକ୍ତଦାନ ଶିବିର, ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଅନ୍ତା ଭାଜପା ମଣ୍ଡଳସ୍ତରୀୟ ପଦଯାତ୍ରା, ସ୍ଥାନ ବଙ୍ଗଚୁଆ ପଞ୍ଚାୟତ ବିଲସାହି ହନୁମାନ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଯ୍ୟସମାଜ ସ୍ଥାପନା ଦିବସ, ସ୍ଥାନ: ଆର୍ଯ୍ୟସମାଜ ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ନବବର୍ଷ ଓ ନବ ସମ୍ବତ୍ସର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଗଜଲ ନାଇଟ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୭ ଦିନିଆ ଦ୍ୱିତୀୟ ବୃହଦମ୍ବା ବୈଶାଖୀ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ବଳରମପୁର ଗଡ଼ ପଞ୍ଚାୟତର ମାଳ ସାହି ଜାଗୁଳେଇ ଠାକୁରାଣୀ ମନ୍ଦିର ନିକଟ, ସାକ୍ଷୀଗପାଳ, ସମୟ: ସକାଳ ୬ଟା।
- ମଧୁବନ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ମଧୁବନ ଶିଶୁ ମନ୍ଦିର, ସମୟ: ସକାଳ ୮ଟା
- ଜାଗୃତି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବଜାର ମେଳଣପଡ଼ିଆ, ସଙ୍କଟ ମୋଚନ ମନ୍ଦିର, ପିପିଲି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ପ୍ରଥମବାର୍ଷିକ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ୫ମ ଦିବସ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ଗୋପ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗୋପ ମେଳଣପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଆର୍‌ଏସ୍‌ଏସ୍ ଖୋର୍ଦ୍ଧା ନଗର ପକ୍ଷରୁ ନବବର୍ଷ ପାଳନ, ସ୍ଥାନୀୟ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୬ଟା ୩୦।
- ମା'ଜାଗୁଳାଇଙ୍କ ବାସନ୍ତିକ ନବରାତ୍ର ମହୋତ୍ସବ ଆରମ୍ଭ, ସ୍ଥାନ: କୁଦିଆରୀ ଗ୍ରାମସ୍ଥିତ ମନ୍ଦିର ପରିସର, ଜଟଣୀ, ସମୟ: ସକାଳ ୮ଟା।
- ଶ୍ରୀରାମକୃଷ୍ଣ ଗୋଶାଳାର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ପୁରୁସାହି, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ନବବର୍ଷ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର,ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ବନ୍ଧୁ ମିଳନ, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପ୍ରାତଃ ୫ଟା ୩୫: ଉଦ୍‌ଘାଟନ, ବେଦ ପଠନ, ସକାଳ ୮ଟା: ନଗର ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା ଆରମ୍ଭ, ରାତି ୯ଟା: ରାତ୍ରଭୋଜନ।
- ରାଷ୍ଟ୍ରୀୟ ନବବର୍ଷ ଅବସରରେ ଯଜ୍ଞ ଓ ବୃକ୍ଷରୋପଣ, ସ୍ଥାନ: ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ରୂପସା, ସମୟ: ସକାଳ ୭ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ୧୦୮ ଦୀପ ପ୍ରଜ୍ୱଳନ ଓ ଆଧ୍ୟାତ୍ମିକ ଭଜନ ସମାରୋହ, ସ୍ଥାନ: ପୋଡ଼ାଡ଼ିହା ଆମ ଗାଁ ନର୍ସରୀ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ରାମ ନବମୀ ଉପଲକ୍ଷେ ଗୋପୂଜା ଓ ସାଧୁସନ୍ଥ ପୂଜନ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାଦିପାଲା ଉଦ୍‌ଯାପନୀ, ସ୍ଥାନ: ବୁଢ଼ୀ ଜାଗୁଳାଇ ପୀଠ, ଭଗବାନପୁର, ଧାମନଗର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଦେଓଗାଁ, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଯୁବ ସମାବେଶ, ସ୍ଥାନ: ଶଂଖୋ, ହାଟଡିହୀ,ସମୟ: ଅପରାହ୍ନ ୩ ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ରାଷ୍ଟ୍ରୀୟ ନବ ବର୍ଷ ପାଳନ ସମିତି ପକ୍ଷରୁ ନବ ବର୍ଷ ପାଳନ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୫ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ, ସ୍ଥାନ: ସିଆପଡ଼ା, ବେଲବାହାଳି, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ ଟା।
- ଦୁଇଦିନ ଧରି ବାଦିପାଲା ଅନୁଷ୍ଠିତ, ସ୍ଥାନ: ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ବିରିଡିଆ, କଣ୍ଟିପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ବଡ଼ସାହି ବ୍ଲକ ଅଧୀନ ବେଲପାଳ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ନବବର୍ଷ ଅଭିନନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ମା' ଶୀତଳାଙ୍କ ଗ୍ରାମ୍ୟ ପରିଭ୍ରମଣ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବାଣିଜ୍ୟ ବିଭାଗର ବାର୍ଷିକୋତ୍ସବ ଉଦ୍‌ଯାପନୀ, ସ୍ଥାନ:ବାଣିଜ୍ୟ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ:ସକାଳ ୧୦ଟା ୩୦।
- ଭାଜପା ପକ୍ଷରୁ ମଶାଲା,ସ୍ଥାନ: ଗାନ୍ଧୀନଗର ବିଧାନସଭା କାର୍ଯ୍ୟାଳୟ, ସମୟ:ଅପରାହ୍ନ ୧ଟା ୧୫।

## ଗଞ୍ଜାମ

- ଗାଲେରି ଧୂଳି ଦଣ୍ଡ, ସ୍ଥାନ: ବେଲଗୁଣ୍ଠା ବ୍ଲକ ପାଲକଷଣ୍ଡ, ସମୟ: ଅପରାହ୍ନ ୧ ଟା।

## ରାୟଗଡ଼ା

- ତେଲୁଗୁ ନବବର୍ଷ 'ଉଗାଦି' ଉତ୍ସବ ପାଳନ, ସ୍ଥାନ: ତେଜସ୍ୱୀ ପଡ଼ିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା ୩୦।
- ତେଲୁଗୁ ନବବର୍ଷ 'ଉଗାଦି' ଉତ୍ସବ ପାଳନ, ସ୍ଥାନ: ଖଲିଗୁଡ଼ା, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା ୩୦।
- ମା' ସାତ ଭଉଣୀଙ୍କ ଚୈତ୍ର ଯାତ୍ରା ଉଦ୍‌ଯାପିତ, ସ୍ଥାନ: ମଙ୍ଗଳା ମନ୍ଦିର, ଗୁଣପୁର, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ହିନ୍ଦୁ ନବବର୍ଷ ପାଳନ ଅବସରରେ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ, ସମୟ: ସକାଳ ୬ଟା ୩୦।

## କୋରାପୁଟ

- ସପ୍ତ ଦଣ୍ଡକାଳୀଙ୍କ ମହାମିଳନ ଯାତ୍ରା, ସ୍ଥାନ: ସେମିଳିଗୁଡ଼ା ଅଗ୍ନି ଗଙ୍ଗା ମା ପୀଠ, ସମୟ: ସକାଳ ୭ଟା୩୦।
- ମା' ବାଟ ମଙ୍ଗଳାଙ୍କ ଘଟଯାତ୍ରା ନେଇ ସାହି ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସହର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ବାଲିମେଳା ବିଶ୍ୱହିନ୍ଦୁ ପରିଷଦର ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ ସମୟ: ସକାଳ ୭ଟା।

## ସମ୍ବଲପୁର

- ବାସନ୍ତିକ ନବରାତ୍ର ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବହିଦାର ନୂଆପାଳିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜାରମ୍ଭ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୮ଟା।
- ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜାରମ୍ଭ, ସ୍ଥାନ: ଦାନିପାଲି, ସମୟ: ସକାଳ ୮ଟା ୩୦।
- ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ଫ୍ରେଜର କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ହନୁମାନ ଜୟନ୍ତୀ ସକାଶେ ଶାନ୍ତି ଓ ସମନ୍ୱୟ ସମିତି ବୈଠକ, ସ୍ଥାନ: ଜିଲା ପରିଷଦ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଳିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଫ୍ରେଜର କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବରେ ସୀତା ବିବାହ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା
- ହିନ୍ଦୁ ନବବର୍ଷ ଉତ୍ସବ, ସ୍ଥାନ: ବଟେମୁରା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ଜାଗରଣ ମଞ୍ଚ ମକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ସାହାସପୁର ଗ୍ରାମ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ନବରାତ୍ର ପର୍ବ ଆରମ୍ଭ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ଗୁଡଭେଲା ବ୍ଲକ ଡୁଷୁରା ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୯ଟା।
- ହିନ୍ଦୁ ନବବର୍ଷ ପାଳନ, ଆଲୋଚନାଚକ୍ର, କବିତା ପାଠ, ପତ୍ରିକା ଉନ୍ମୋଚନ, ସ୍ଥାନ: ସ୍ଥାନ:କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ: ଟିଟିଲାଗଡ଼ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବିରାଟ ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ସହର, ସମୟ: ସନ୍ଧ୍ୟା ୫ଟା।
- ହିନ୍ଦୁ ନବବର୍ଷ ଉତ୍ସବ ପାଳନ ସ୍ଥାନ: ରାମଚରିତ ମାନସ ମନ୍ଦିର, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଖଣ୍ଡହତା ପ୍ରିମିୟର ଲିଗ୍ କ୍ରିକେଟର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡହତା ଖେଳ ପଡିଆ, ବୀରମହାରାଜପୁର, ସମୟ: ସକାଳ ୮ଟା।
- ହିନ୍ଦୁ ନବବର୍ଷ ପାଳନୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ଟା।
- ହିନ୍ଦୁ ନବ ବର୍ଷ ପାଳନ, ସ୍ଥାନ: ଗୌଡଗାଡ,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

- ଶ୍ରୀରାମ ନବମୀ ଉପଲକ୍ଷେ ରାମାୟଣ ପାରାୟଣର ଶୁଭାରମ୍ଭ, ସ୍ଥାନ: ଡୁଙ୍ଗୁରିପାଲି ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଝାମୁ ଯାତ୍ରାରେ ପାଣିଦଣ୍ଡ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷ ଉତ୍ସବ ପାଳନ, ସ୍ଥାନ: ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।

## ରାଉରକେଲା

- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ସେକ୍ଟର–୨, ସମୟ: ସକାଳ ୮ଟା।
- ବେଦବ୍ୟାସ ସଂସ୍କୃତମହାବିଦ୍ୟାଳୟରେ ସେମିନାର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରକାଳୀନ କ୍ରିକେଟ ମ୍ୟାଚ, ସ୍ଥାନ: ସେକ୍ଟର–୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।

## ସୁନ୍ଦରଗଡ଼

- ବାସନ୍ତିକ ଦୁର୍ଗାପୂଜା, ଚଣ୍ଡୀପାଠ, ସ୍ଥାନ: ବଡ଼ଗାଁ ବ୍ଲକ ଡୁଡାଲଗା ସ୍ଥିତ ମା' ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ଗୁଡ୍‌ଡେଶିରା, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଲପାଲି, ଭଟଲି, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତିଲପାଲି(ଜମୁର୍ଡ଼ା), ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବାଳଗୋପାଳ ଫୁଡ୍ସ ପ୍ରଡକ୍ଟ, ଚକରକେନ୍ଦ, ସମୟ: ସକାଳ ୯ଟା।
- ଭାରତୀୟ ନବବର୍ଷ ପାଳନ, ସ୍ଥାନ: ସୌଖିନ କଳାକାର ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ବିଶ୍ୱଶାନ୍ତି ଯଜ୍ଞ ଏବଂ ଛପନ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ନର୍ଲା ବ୍ଲକ ରୁପ୍ରାରୋଡ ଦେସରଧାମ ମା' ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ନର୍ଲା ବ୍ଲକ ରୁପ୍ରାରୋଡ ସରସ୍ୱତୀ ଶିଶୁମନ୍ଦିର, ସମୟ: ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ଧାମନପୁର, ସମୟ: ପୂର୍ବାହ୍ନ ୧୧ଟା।
- ପରାୟଣ ପାଇଁ କଳସ ଯାତ୍ରା, ସ୍ଥାନ କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଜାନିପଡାଠାରେ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ୮ଦିନ ଧରି ପ୍ରବଚନ, ସ୍ଥାନ: ଜୁନାଗଡ଼ ଫଟେନଗରପଡା, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ଅପରାହ୍ନ ୫ଟା ୩୦।

## ବୌଦ୍ଧ

- କଣ୍ଟାମାଳ ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ଅବସରରେ ମହାଉତ୍ସବ ପାଳନ, ସ୍ଥାନ: ଘଣ୍ଟାପଡା ଶିଶୁ ମନ୍ଦିର, ସମୟ: ସକାଳ ୭ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନର ପଞ୍ଚମ ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ, ସମୟ: ସକାଳ ୮ଟା।
- କଣ୍ଟାମାଳ ବ୍ଲକ ଉଡେର ଗ୍ରାମରେ ଜୟମା'କନ୍ଧେନବୁଢୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଉଡେର ଗ୍ରାମ ଖେଳପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ହିନ୍ଦୁ ନବ ବର୍ଷ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲ,ସମୟ:ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ତିଲେଇବନି ବ୍ଲକ ଲଇମୁରା,ପାରପୋଷି, ଝରାଗୁଗୁଆ ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ଟା।
- ଇତିହାସ ବିଭାଗ ପକ୍ଷରୁ ବିଦାୟୀ କାଳୀନ ଉତ୍ସବ, ସ୍ଥାନ: ଦେବଗଡ଼ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସଏସ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପାଳନ, ସ୍ଥାନ:ଗୋପାଳଜି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୫ ଟା।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣ କାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା।
- ଆଦିତ୍ୟ ବାହିନୀ ପକ୍ଷରୁ ନବବର୍ଷ ପାଳନ, ସ୍ଥାନ: ଶୈଳ ଶ୍ରୀକ୍ଷେତ୍ର ପରିସର, ସମୟ: ସକାଳ ୭ଟା ୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଦ୍ୱାରା ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ନବବର୍ଷ ପାଳନ, ସ୍ଥାନ: ଅନୁଗୋଳ, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ଧର୍ମସଭା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା୩୦।

## ଜଗତ୍‌ସିଂହପୁର

- ତେଲୁଗୁ ସମ୍ପ୍ରଦାୟର ପୋଙ୍ଗଲ ଉତ୍ସବ, ସ୍ଥାନ: ପାରାଦୀପ ଷଣ୍ଢକୁଦ ନୋଳିଆସାହି ସମୟ: ସକାଳ ୬ଟା।

## ନୟାଗଡ଼

- ଦଶଦୋଳ ଯାତ୍ରା ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ମେଳଣ ପଡିଆ, ସମୟ: ସକାଳ ୬ଟା।
- ହିନ୍ଦୁ ନବବର୍ଷ ସମାରୋହ, ସ୍ଥାନ: ନୟାଗଡ଼ ଖେଳପଡିଆ, ସମୟ: ସକାଳ ୬ଟା୩୦।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ହିନ୍ଦୁ ନବବର୍ଷ ଉପଲକ୍ଷେ ଧର୍ମରକ୍ଷା ସେନାର କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ବାରୁଣୀ ମହୋତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଯାଜପୁର ମୂଳନିବାସୀ ୟୁନାଇଟେଡ୍‌ଫୋରମ୍ ପକ୍ଷରୁ କୁଆଖିଆ ଥାନା ଘେରାଉ, ସ୍ଥାନ: କୁଆଖିଆ ଥାନା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ନାଥ ସାହି ପଞ୍ଚାୟତର ଆଦମପୁର ବେରୁଦେଇ ପଡିଆ, ସମୟ: ଅପରାହ୍ନ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷର ପ୍ରତିପଦା ଉତ୍ସବ, ସ୍ଥାନ: ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଅପୂରଣୀୟ ଅଭିଳାଷ ସାଙ୍ଗକୁ ମାନସିକ ଅବସାଦ ଜନିତ ଡିପ୍ରେସନ ଲାଗି ରହିବ। ନୀଚଜାତିର କୌଣସି ବ୍ୟକ୍ତିଙ୍କ ସହ କଳହ ସମ୍ଭାବନା ରହିଛି। ଦୂରଦର୍ଶିତା ବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ଏକ ପ୍ରକାର ମାନସିକ ଶାନ୍ତି ଫେରାଇ ଆଣିବ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ସୂଚନା ରହିଛି। ଅର୍ଥ ସଙ୍କଟ କାରଣରୁ ଆଶା ଓ ଅଭିଳାଷ କେତେକାଂଶରେ ଅପୂରଣ ରହିଯାଇପାରେ। କର୍ମକ୍ଷେତ୍ର, ମାଲିମକଦ୍ଦମା, ଲେଖାପଢ଼ା, ଜମିଜମା କାରବାର ପ୍ରଭୃତିରେ ସଫଳତା ହାସଲ କରିବେ।

**ମିଥୁନ** ପୈତୃକ ସମ୍ପତ୍ତିକୁ ନେଇ ଭାବପ୍ରବଣତା ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମଗୁଡ଼ିକ ଶୃଙ୍ଖଳିତ ହେବା ଆଶା ରହିଛି। ପଡ଼ୋଶୀମାନେ ଆପଣଙ୍କର କାର୍ଯ୍ୟଦକ୍ଷତାର ଭୂରିଭୂରି ପ୍ରଶଂସା କରିପାରନ୍ତି। ଆନୁଷ୍ଠାନିକ କାମରେ ସମ୍ମାନ ପାଇବା ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କର୍କଟ** କର୍ମକ୍ଷେତ୍ରର ଅବ୍ୟବସ୍ଥା ଏବଂ ବିଶୃଙ୍ଖଳା ଚିନ୍ତାଶୀଳତାକୁ ବୃଦ୍ଧିକରିବ। ଅସମୟ ଭୋଜନ କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବାକୁ କଷ୍ଟ ହୋଇପାରେ। ସାମାଜିକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିବାରେ ପଛେଇଯିବେ।

**ସିଂହ** ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କଷ୍ଟକର ହୋଇପଡ଼ିବ। କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, କଳା, ସଙ୍ଗୀତ, ଗବେଷଣା, ଅନୁସନ୍ଧାନରେ ସଫଳତା ପାଇପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର ପୁରୁଣା ସମସ୍ୟା ଲାଗି ରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ଆଲୋଚନା କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସହକର୍ମୀ ତଥା ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ପ୍ରଶଂସିତ ହେବା ସମ୍ଭାବନା ରହିଛି।

**ତୁଳା** ସକାଳୁ ସକାଳୁ କୌଣସି ଖୁସି ଖବର ସାଙ୍ଗକୁ ଆର୍ଥିକ ସାହାଯ୍ୟ ପାଇବେ। ଅଫିସରେ ଉପରିସ୍ଥ କର୍ମଚାରୀ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ କାମଟି କରିଦେବେ। ସାମାଜିକ ସ୍ତରରେ ତଥା ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ।

**ବିଛା** ଦୀର୍ଘଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ କିମ୍ବା ବିବାଦୀୟ ଘଟଣାର ଅବସାନ ଘଟିବ। କଳା, ସାହିତ୍ୟ ତଥା ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପରିବାରରେ ଭୁଲ୍ ବୁଝାମଣା ହେତୁ ସହଯୋଗ ନ ପାଇ କାମ ହାସଲରେ ଅସୁବିଧା ଭୋଗିବେ। ନିକଟସ୍ଥ ଜଣେ ବନ୍ଧୁଙ୍କ ସାହାଯ୍ୟରେ ବହୁ ଦିନହେଲା ପଡ଼ିରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର** କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରି ସଫଳତା ପାଇବେ। ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ପାରିବାରିକ ସମସ୍ୟା ବୃଦ୍ଧି କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦ ଉପଭୋଗ କରିପାରିବେ ନାହିଁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟାକଲେ ମଧ୍ୟ କିଛି କରିପାରିବେ ନାହିଁ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ** ସମସ୍ୟା ହେତୁ ଦୁର୍ଭାବନା ବଢ଼ି ଚାଲିବା ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପ୍ରଶାସନ, ଯୋଗାଯୋଗ, ଚୁକ୍ତିପତ୍ର, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ। ସହନଶୀଳତାର ଅଭାବ ଓ ସ୍ୱେଚ୍ଛାଚାରିତା ମନୋଭାବ ଅଶାନ୍ତିର କାରଣ ହେବ। କେତେକ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

ଆଜି ଏପ୍ରିଲ ୯ ତାରିଖ, ହିନ୍ଦୁ ନବବର୍ଷ, ବାସନ୍ତିକ ନବରାତ୍ର ଆରମ୍ଭ, ଚୈତ୍ର ଶୁକ୍ଳ ପ୍ରତିପଦା ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା। ରାଶି ନକ୍ଷତ୍ର–ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୩୨ ମି. ଗତେ ଅଶ୍ୱିନୀ/ମେଷ। ଦିବା ଘ. ୦୮।୪୨ ଗତେ, ୧୦।୩୪ ମଧ୍ୟେ, ଘ.୦୧।୦୨ ଗତେ, ଘ. ୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୬ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଶିକାରୀଙ୍କୁ ଧରୁଛି...

ଜବତ ଘଟଣା ବଡ଼ ସଫଳତା ବୋଲି ବନ ବିଭାଗ କହୁଛି। କିନ୍ତୁ ଶିକାର ବନ୍ଦ ହେଉ ନ ଥିବାରୁ ନାନା ପ୍ରଶ୍ନ ଉଠୁଛି। ଏ ନେଇ ପିସିସିଏଫ୍ କହିଛନ୍ତି, ରାଜ୍ୟରେ କେଉଁଠି ଶିକାର ହେଉଛି ଏବଂ କେଉଁଠାକୁ ବନ୍ୟପ୍ରାଣୀ ଅଙ୍ଗପ୍ରତ୍ୟଙ୍ଗ ଯାଉଛି, ତାହା ଜାଣିବା ପାଇଁ ଆମେ କେବେଠାରୁ ପ୍ରକ୍ରିୟା ଆରମ୍ଭ କରିଛୁ। ରବିବାର ପାରଳାଖେମୁଣ୍ଡିରୁ ଜବତ ଘଟଣା କିଛିମାତ୍ରାରେ ଆମକୁ ସହାୟତା କରିବ। ତେବେ ତାହା ଆମ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ତେବେ ରାଜ୍ୟ ବାହାରକୁ ବନ୍ୟପ୍ରାଣୀ ଓ ଏହାର ଅଙ୍ଗପ୍ରତ୍ୟଙ୍ଗ ଚୋରା ଚାଲାଣ ନେଇ ବଡ଼ ର୍‌ୟାକେଟ ସକ୍ରିୟ ଥିବା ଜଣାପଡିଛି। ଏବେ ବି କିଙ୍ଗ୍‌ପିନ୍ ଫେରାର ଅଛନ୍ତି। ସମସ୍ତ ଶିକାରୀ ଓ ର୍‌ୟାକେଟର କିଙ୍ଗପିନ୍‌ଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି। ଦକ୍ଷିଣ–ପୂର୍ବ ଭାରତରେ ବାଘ ହାଡ଼ ଓ ଚର୍ବିରୁ ପ୍ରସ୍ତୁତ ତେଲର ଚାହିଦା ରହିଛି। ଏ ଦିଗରେ ବି ତଦନ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଦିନକୁ ଦିନ ଜଙ୍ଗଲରେ ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜଙ୍ଗଲରେ ଅବାଧରେ ପ୍ରବେଶ କରି ଆତଙ୍କ ଖେଳାଉଛନ୍ତି। କେତେବେଳେ ବନ କର୍ମଚାରୀଙ୍କୁ ଆକ୍ରମଣ କଲେଣି ତ' ଆଉ କେତେବେଳେ ଜଙ୍ଗଲୀ ବନ୍ୟଜନ୍ତୁଙ୍କୁ ଶିକାର କରି ବାହାରକୁ ଚୋରା ଚାଲାଣ କରୁଛନ୍ତି। ତେଣୁ ଏନେଇ ବନ ବିଭାଗ ପକ୍ଷରୁ କୋମ୍ବିଂ ଆରମ୍ଭ ହୋଇଛି। ଏହି ଅଭିଯାନରେ ୨୧ ଜଣ ଶିକାରୀ ଗିରଫ ହୋଇଥିବା ବେଳେ ବିପୁଳ ପରିମାଣର ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି।

## ପାକିସ୍ତାନୀ ଠକଙ୍କ...

ଏହା ସାଇବର ଠକଙ୍କ ଚାଲ୍ ବୋଲି ସନ୍ଦେହ କରି କଲ୍ କାଟି ଦେଇଥିଲେ। ଏହାପରେ ସେ ଉକ୍ତ ନମ୍ବରକୁ ଯାଞ୍ଚ କରିବାରୁ ତାହା ପାକିସ୍ତାନର ବୋଲି ଜଣାପଡିଛି। ହେଲେ ପରବର୍ତ୍ତୀ ସମୟରେ ଆଉ ଏକ ନମ୍ବର (+୯୨ ୩୦୮୬୦୫୩୪୬୭)ରୁ ବାରମ୍ବାର କଲ୍ ଆସିଥିଲା। ତେବେ ସମ୍ପୃକ୍ତା ଯୁବତୀଙ୍କ କହିବା ଅନୁଯାୟୀ, ତାଙ୍କ ସାଙ୍ଗମାନଙ୍କ ଅଭିଭାବକଙ୍କୁ ଏସବୁ ପାକିସ୍ତାନୀ ନମ୍ବରରେ କଲ୍ ଆସୁଛି। ଏପରିକି ଝିଅ ଅପହରଣ ଏବଂ ଅନ୍ୟ ଭୟ ଦେଖାଇ ଠକମାନେ ଧମକାଇ, ଡରାଇ ତଥ୍ୟ ନେବାକୁ ଚେଷ୍ଟା କରୁଛନ୍ତି। ସାଇବର ଠକଙ୍କ ଏଭଳି ତରିକାକୁ ନେଇ ସାଧାରଣରେ ଯୁବପିଢ଼ି ଓ ଅଭିଭାବକଙ୍କ ମଧ୍ୟରେ ବେଶ ଚର୍ଚ୍ଚା ସୃଷ୍ଟି ହୋଇଛି। ଏନେଇ ଭୁବନେଶ୍ୱର ସାଇବର ଥାନାଧିକାରିଣୀ ତେରେସ୍କୋଭା ମହାପାତ୍ର କହିଛନ୍ତି, ପାକିସ୍ତାନୀ କଲ୍‌କୁ ନେଇ ଏଯାଏ କୌଣସି ଅଭିଯୋଗ ହୋଇନାହିଁ। ଯଦି ଏଭଳି ଠକମାନେ କରୁଛନ୍ତି, ଅଭିଭାବକମାନେ ନ ଡରି ନିଜ ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ। ଏ ଦିଗରେ ସଚେତନ ହେବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି।

### ସଚେତନ ହୁଅ, ସାଧାରଣ ଜ୍ଞାନକୁ ବଢ଼ାଅ: ବିଶେଷଜ୍ଞ

ସାଇବର ଏକ୍ସପର୍ଟ ପ୍ରଶାନ୍ତ ସାହୁ କହିଛନ୍ତି, ଛାତ୍ରୀଙ୍କ ଅଭିଭାବକଙ୍କ ନମ୍ବର ପାଇବା ପାଇଁ ଠକମାନେ ବହୁ ନମ୍ବର ଥିବା ହ୍ୱାଟ୍ସଆପ୍ ଗ୍ରୁପ୍‌କୁ ଟାର୍ଗେଟ କରୁଛନ୍ତି। ସେମାନେ ଗୋଟିଏ ନମ୍ବରକୁ ହ୍ୟାକ୍ କରି ଗ୍ରୁପ୍‌ର ସବୁ ନମ୍ବର ନେଇଯାଉଛନ୍ତି। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ନମ୍ବର ଦ୍ୱାରା ସୋସିଆଲ ମିଡିଆ ଆଦିକୁ ଯାଞ୍ଚ କରି ପରିବାର ବିଷୟରେ ତଥ୍ୟ ନେଇ ଫସାଉଛନ୍ତି। ସିବିଆଇ ଆଦି ତଦନ୍ତ ଏଜେନ୍ସି କେବେ ଡରେଇବା ପାଇଁ ଏଭଳି କଲ୍ କରିବେ ନାହିଁ। ଠକେଇରେ ନ ପଡ଼ିବାକୁ ଲୋକମାନେ ସଚେତନ ହୋଇ ସାଧାରଣ ଜ୍ଞାନକୁ ବଢ଼ାଇବା ଦରକାର। ଭାରତ ସରକାର ବେଆଇନ ସିମ୍ ବନ୍ଦ କରିବା ପରେ ଠକମାନେ ପାକିସ୍ତାନରେ ରହି କିମ୍ବା ପାକିସ୍ତାନୀ ନମ୍ବରରେ ନିଜ ଫୋନରେ କଲ୍ କରୁଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରଣାଳୀରେ ଫସାଇବା ପାଇଁ ଉତ୍ତର କୋରିଆ, ଚାଇନା, ପାକିସ୍ତାନ ମିଶି ଭାରତକୁ ଟାର୍ଗେଟ୍ କରୁଛନ୍ତି। ଏ ଦିଗରେ ଲୋକମାନେ ସଚେତନ ହୁଅନ୍ତୁ ବୋଲି ପ୍ରଶାନ୍ତ କହିଛନ୍ତି।

## ଦୁଇଦିନ କାଳବୈଶାଖୀ...

ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରେକର୍ଡ କରାଯାଇଛି। ବରଗଡ଼ରେ ଦିନ ତାପମାତ୍ରା ସବୁଠାରୁ କମ୍ ଅର୍ଥାତ୍ ୨୫ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ ସମ୍ବଲପୁର, ହୀରାକୁଦ, ଝାରସୁଗୁଡ଼ା, ଭଦ୍ରକ, ବରଗଡ଼, ନୂଆପଡ଼ା, ରାଉରକେଲାରେ ବର୍ଷା ହୋଇଥିବା ଜଣାପଡ଼ିଛି। ଆସନ୍ତା ଦୁଇଦିନ ଅର୍ଥାତ୍ ମଙ୍ଗଳବାର ଏବଂ ବୁଧବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା ଜିଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାପରେ ବର୍ଷାର ପରିମାଣ କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ପୋଲରୁ ତଳକୁ...

ମୃତଦେହ ପଡ଼ିଥିବା ଦେଖି ରାଇକିଆ ପୋଲିସକୁ ଜଣାଇଥିଲେ। ରାଇକିଆ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ଜି ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ଏବଂ ରାଇକିଆ ଥାନାଧିକାରୀ ଆଶୁତୋଷ ପାଇକରାୟ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଏ ନେଇ ରାଇକିଆ ପୋଲିସ ନଂ.୪୮/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ୩୭୦ ପାର୍ ହେବନି...

ଉଭା ହେବ। ସେହିପରି ତେଲଙ୍ଗାନାରେ ଭାଜପା ୧ କିମ୍ବା ୨ ନମ୍ବର ସ୍ଥାନରେ ରହିବ ଏବଂ ତାମିଲନାଡୁରେ ଦଳର ଭୋଟ ପ୍ରତିଶତ ଦୁଇ ସଂଖ୍ୟା ବିଶିଷ୍ଟ ହୋଇପାରେ ବୋଲି ସେ ଆକଳନ କରିଛନ୍ତି। ସୂଚନାଥାଉ କି, ତେଲଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ବିହାର ଓ କେରଳରେ ୨୦୪ ଲୋକସଭା ସିଟ୍‌ରୁ ୨୦୧୪ କିମ୍ବା ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ୫୦ ଆସନ ପାଇବାରେ ସଫଳ ହୋଇପାରି ନ ଥିଲା। ୨୦୧୪ରେ ଉକ୍ତ ରାଜ୍ୟଗୁଡ଼ିକରୁ ୨୯ ଓ ୨୦୧୯ରେ ୪୭ ଆସନ ପାଇବାରେ ଭାଜପା ସମର୍ଥ ହୋଇଥିଲା।

## ନିର୍ବାଚନ ଲଢ଼ିପାରିବେ...

ନୁହେଁ। ସେଥିପାଇଁ ୨୦୨୦ ଅକ୍ଟୋବର ୬ ରାୟରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିବାବେଳେ ବର୍ତ୍ତମାନର ଅପିଲ ବିଚାରାଧୀନ ଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିବା ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ଆଇପିସିର ଦଫା ୧୨୦ ବି, ୪୦୯ ଏବଂ ୪୨୦ ତଥା ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧)(ସି) କିମ୍ବା ୧୩(୧)(ଡି) ଅନୁଯାୟୀ ଦିଲୀପ ତଳକୋର୍ଟରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କୁ ୩ ବର୍ଷ ଜେଲଦଣ୍ଡାଦେଶ ସହ ଜରିମାନା ପୈଠ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହାଇକୋର୍ଟ ହୃଦୟଙ୍ଗମ କରିଥିଲେ ଯେ, ଆଗକୁ ନିର୍ବାଚନ ଥିବାବେଳେ ଦିଲୀପଙ୍କୁ ୭୧ ବର୍ଷ ହେଲାଣି। ଏହି ମାମଲାରେ ଏକାଧିକ ଅପିଲ୍ ଏବଂ କ୍ରସ୍–ଅପିଲ ଥିବାରୁ ଶୁଣାଣି ପାଇଁ ସମୟ ଲାଗିବ ଏବଂ ନିକଟ ଭବିଷ୍ୟତରେ ଫଇସଲା ହେବା ଭଳି ଜଣାପଡୁ ନାହିଁ। ଯଦି ଆବେଦନକାରୀଙ୍କ ନିବେଦନକୁ ଅନୁମତି ଦିଆ ନ ଯାଏ, ତେବେ ସେ ନିର୍ବାଚନରେ ଲଢ଼ିବା ସୁଯୋଗ ହରାଇବେ ଏବଂ ତାଙ୍କ ରାଜନୈତିକ କ୍ୟାରିୟରର ଅପୂରଣୀୟ କ୍ଷତି ହେବ। ନିଜ ନିର୍ବାଚନ ମଣ୍ଡଳୀର ସେବା କରିବା ପାଇଁ ତାଙ୍କ ଇଚ୍ଛା ପୂରଣ ହୋଇପାରିବ ନାହିଁ। ଉପରୋକ୍ତ ବିଷୟଗୁଡ଼ିକୁ ବିଚାରକୁ ନେଇ ହାଇକୋର୍ଟ ଦିଲୀପଙ୍କ ଆବେଦନକୁ ଅନୁମତି ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ, ପ୍ରମୋଦ କୁମାର ଦୁବେ, ମହେଶ ଅଗ୍ରୱାଲ ପ୍ରମୁଖ ମାମଲା ଲଢୁଥିଲେ।

# ପ୍ରଥମ ବିଜୟ ଆଶାରେ ବିଜେଡି

## ବଣାଇଁ ବିଧାନସଭା କ୍ଷେତ୍ର

ବଣାଇଁ, ୮।୪ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଣାଇଁ ବିଧାନସଭା କ୍ଷେତ୍ର ଅଦ୍ୟାବଧି ବିଜୁ ଜନତା ଦଳ (ବିଜେଡି) ପାଇଁ ସ୍ୱପ୍ନ ହୋଇ ରହିଛି। ଦଳ ଗଠନଠାରୁ ଏହା ଖାତା ଖୋଲିପାରି ନ ଥିବାରୁ ଆଗାମୀ ନିର୍ବାଚନରେ ଭଲ କରିବା ପାଇଁ କସରତ ଆରମ୍ଭ କରିଛି। ବିଜେଡି ଭୀମସେନ ଚୌଧୁରୀଙ୍କୁ ଏଥର ପ୍ରାର୍ଥୀ କରିଥିବା ବେଳେ ଭାଜପା ସେବତୀ ନାୟକଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। କ୍ରମାଗତ ଦୁଇଥର ବିଧାୟକ ରହିଆସିଥିବା ଲକ୍ଷ୍ମଣ ମୁଣ୍ଡା କଂଗ୍ରେସ-ସିପିଆଇ(ଏମ୍) ମେଣ୍ଟ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି।

ବଣାଇଁ ବିଧାନସଭା କ୍ଷେତ୍ର ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ଏକଦା ଏଠାରୁ କଂଗ୍ରେସ ପ୍ରାର୍ଥୀ ଜିତି ଆସୁଥିବା ବେଳେ ୧୯୯୦ରେ ପ୍ରଥମ ଥର ପାଇଁ ଏହି ଆସନ ଭାଜପା ହାତକୁ ଯାଇଥିଲା। ୧୯୯୦ ଓ ୧୯୯୫ରେ ଜୁଏଲ ଓରାମ ଏହି କ୍ଷେତ୍ରରୁ ବିଧାୟକ ହୋଇଥିଲେ। ହେଲେ ୧୯୯୮ ସାଧାରଣ ନିର୍ବାଚନରେ ଜୁଏଲ ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସୁନ୍ଦରଗଡ଼ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ୧୯୯୮ରେ ବଣାଇଁ ଆସନରେ ଉପନିର୍ବାଚନ ହେବାରୁ ସେଠାରୁ କଂଗ୍ରେସର ଜନାର୍ଦ୍ଦନ ଦେହୁରୀ ବିଧାୟକ ହୋଇଥିଲେ। ୨୦୦୦ରେ ଭାଜପା ଓ ବିଜେଡି ମଧ୍ୟରେ ମେଣ୍ଟ ହେବାରୁ ଭାଜପା ପ୍ରାର୍ଥୀ ଦୟାନିଧି କିଷାନ ୨୦୦୪ ପର୍ଯ୍ୟନ୍ତ ବିଧାୟକ ହୋଇଥିଲେ। ୨୦୦୪ରେ ହୋଇଥିବା ନିର୍ବାଚନରେ ପ୍ରାର୍ଥିତ୍ୱକୁ ନେଇ ଭାଜପାରେ କନ୍ଦଳ ଦେଖାଦେବାରୁ ସିପିଆଇ(ଏମ୍)ର ଲକ୍ଷ୍ମଣ ମୁଣ୍ଡା ବିଜୟୀ ହୋଇଥିଲେ। ଭାଜପା-ବିଜେଡି ମେଣ୍ଟ ଭାଙ୍ଗିବା ପରେ ୨୦୦୯ରେ ଭାଜପାର ଭୀମସେନ ଚୌଧୁରୀ ବିଧାୟକ ହୋଇଥିଲେ। ଏହାପରେ ୨୦୧୪ ଓ ୨୦୧୯ରେ ସିପିଆଇ(ଏମ୍) ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା ବିଧାୟକ ହୋଇଛନ୍ତି।


ଲକ୍ଷ୍ମଣ ମୁଣ୍ଡା


ସେବତୀ ନାୟକ


ଭୀମସେନ ଚୌଧୁରୀ

ବିଜେଡି ଗଠନକୁ ୨୭ ବର୍ଷ ପୂରିବା ଓ ତନ୍ମଧ୍ୟରୁ ଦଳ ୨୪ ବର୍ଷ ଶାସନ କ୍ଷମତାରେ ଥାଇ ମଧ୍ୟ ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀରେ ଖାତା ଖୋଲି ପାରି ନ ଥିବା ବିଷୟ ସର୍ବଦା ଚର୍ଚ୍ଚାରେ ରହିଆସିଛି। ଦଳୀୟ ପ୍ରାର୍ଥୀଙ୍କ ଚୟନ ଠିକ୍ ହେଉ ନ ଥିବାରୁ ଦଳ ଉଧେଇ ପାରୁ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

୨୦୧୧ ଜନଗଣନା ଅନୁସାରେ ବଣାଇଁ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ମଧ୍ୟରେ ମୁଣ୍ଡା ସମ୍ପ୍ରଦାୟର ମତଦାତା ୨୦ ପ୍ରତିଶତ, କିଷାନ ସମ୍ପ୍ରଦାୟ ଭୋଟ ପ୍ରାୟ ୧୦ ପ୍ରତିଶତ ରହିଛି। ଜାତି ଆଧାର ଓ ଶ୍ରମିକ ସଙ୍ଗଠନକୁ ପାଥେୟ କରି ଲକ୍ଷ୍ମଣ ମୁଣ୍ଡା ବାରମ୍ବାର ଜିତି ଆସୁଥିବା କୁହାଯାଉଛି। କ୍ୟାଡରଭିତ୍ତିକ ଦଳୀୟ ଶୃଙ୍ଖଳା ସିପିଆଇ(ଏମ୍) ପ୍ରାର୍ଥୀଙ୍କ ବିଜୟର ଅନ୍ୟତମ କାରଣ ବୋଲି ଦର୍ଶାଯାଉଛି। ଯଦି ଶାସକ ଦଳ କଥା ଦେଖାଯାଏ, ଭୀମସେନ ଚୌଧୁରୀ ପୂର୍ବରୁ ଉଭୟ ଭାଜପା ଓ କଂଗ୍ରେସ ଛାଡ଼ି ବିଜେଡି ଆଶ୍ରାରେ ରହିଛନ୍ତି। ଭାଜପା ଏହି ଆସନରେ ମହିଳା କାର୍ଡ ଖେଳି ସେବତୀ ନାୟକଙ୍କୁ ପ୍ରାର୍ଥୀ କରିଛି। ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବଣାଇଁ ବିଧାନସଭା କ୍ଷେତ୍ର ଉପରଲିଖିତ ତିନି ଦଳ ଭିତରୁ କାହା ନିକଟକୁ ଯିବ, ତାହାକୁ ଅପେକ୍ଷା ରହିଛି। ଉଲ୍ଲେଖଯୋଗ୍ୟ, ଆସନ୍ତା ମେ ୨୦ରେ ଏଠାରେ ମତଦାନ ହେବା ନେଇ ଦିନ ଧାର୍ଯ୍ୟ ହୋଇଛି।

# ବିଜେଡି ଛାଡ଼ିଲେ ପ୍ରଭାସ ସିଂ

ବରଗଡ଼, ୮।୪ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂ ଦଳରୁ ଇସ୍ତଫା ଦେଇଛନ୍ତି। ସେ ସୋମବାର ଭୁବନେଶ୍ୱରସ୍ଥିତ ନବୀନ ନିବାସ ଯାଇ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇସ୍ତଫାପତ୍ର ଦେଇଥିବା କହିଛନ୍ତି। ନିର୍ବାଚନ ପୂର୍ବରୁ ପ୍ରଭାସଙ୍କ ଇସ୍ତଫା ବରଗଡ଼ ବିଜେଡିକୁ ଝଟକା ଭଳି ହୋଇଥିବା କୁହାଯାଉଛି। ବିଜେଡି ପୁରୁଖା ନେତାଙ୍କୁ ଅଣଦେଖା କରୁଥିବା ଏବଂ ଆମଦାନୀ ନେତାଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ଅନ୍ୟ କୌଣସି ଦଳରେ ସାମିଲ ହେବେ କି ବୋଲି ପଚାରିବାରୁ ବର୍ତ୍ତମାନ ସୁଦ୍ଧା ସେ ନିଷ୍ପତ୍ତି ନେଇନାହାନ୍ତି ଏବଂ ନିଜ ସହକର୍ମୀ, ଶୁଭେଚ୍ଛୁଙ୍କ ପରାମର୍ଶକ୍ରମେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଭାସ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଚାଲିଛି।

ଉଲ୍ଲେଖଯୋଗ୍ୟ, ପ୍ରଭାସ କୁମାର ସିଂ ୨୦୧୪ ସାଧାରଣ ନିର୍ବାଚନରେ ବରଗଡ଼ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ୨୦୧୯ ନିର୍ବାଚନରେ ଦଳ ତାଙ୍କୁ ଆଉ ପ୍ରାର୍ଥୀ କରି ନ ଥିଲା। ଅପରପକ୍ଷେ ସେ ଦଳର ଜିଲା ସଭାପତି ପଦବୀରେ ରହିଥିବାବେଳେ ଆସନ୍ତା ନିର୍ବାଚନ ପାଇଁ ସେ ବରଗଡ଼ ଲୋକ ସଭା କିମ୍ବା ବିଜେପୁର ବିଧାନସଭା ଆସନ ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ବିଜେପୁର ଆସନରୁ ମନ୍ତ୍ରୀ ରୀତା ସାହୁ ଏବଂ ବରଗଡ଼ ଲୋକ ସଭା ଆସନରୁ ପରିଣୀତା ମିଶ୍ରଙ୍କୁ ପ୍ରାର୍ଥୀ କରିବା ପରେ ପ୍ରଭାସଙ୍କୁ ନିରାଶ ହେବାକୁ ପଡ଼ିଛି।


ଡ. ପ୍ରଭାସ କୁମାର ସିଂ।


ଖେଚୁଡ଼ି ଦୁର୍ନୀତି ମାମଲାରେ ଶିବସେନା (ୟୁବିଟି) ନେତା ଅମୋଲ କୀର୍ତ୍ତିକାରଙ୍କୁ ଇଡି ସମନ ପରେ ଦଳୀୟ ସମର୍ଥକମାନେ ସୋମବାର ମୁମ୍ବାଇସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଛନ୍ତି।

# ଛତ୍ରପୁର ଆସନ ସୁବାସଙ୍କ ପାଇଁ ସମ୍ମାନର ପ୍ରଶ୍ନ

ବ୍ରହ୍ମପୁର, ୮।୪ (ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ହାୱା ସରଗରମ ହୋଇଛି। ଗତ ନିର୍ବାଚନ ପରେ ଏଠାର ରାଜନୀତି ସମୀକରଣ ସମ୍ପୂର୍ଣ୍ଣ ବଦଳିଛି। ଉକ୍ତ ବିଧାନସଭା କ୍ଷେତ୍ରରେ ଥିବା ୩ ସହରରେ ପୌରାଧ୍ୟକ୍ଷ ଆସନ ବିଜେଡି ବିରୋଧରେ ଯାଇଛି। ନିର୍ବାଚନରେ ସହରୀ ଭୋଟରଙ୍କ ନିର୍ଣ୍ଣାୟକ ଭୂମିକା ରହୁଥିବାରୁ ବିଜେଡି ପ୍ରାର୍ଥୀ ସୁବାସ ବେହେରାଙ୍କ ପାଇଁ ଏହି ଆସନ ସମ୍ମାନର ପ୍ରଶ୍ନ ହେବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି।

ଛତ୍ରପୁର ନିର୍ବାଚନମଣ୍ଡଳୀ ଛତ୍ରପୁର ବ୍ଲକର ୧୮ ପଞ୍ଚାୟତ, ଛତ୍ରପୁର ଏନ୍‌ଏସି, ଗଞ୍ଜାମ ବ୍ଲକର ୧୫ ପଞ୍ଚାୟତ, ଗଞ୍ଜାମ ଏନ୍‌ଏସି ଓ ରମ୍ଭା ଏନ୍‌ଏସିକୁ ନେଇ ଗଠିତ। ୨୦୧୪ ନିର୍ବାଚନରେ ବିଜେଡିର ପ୍ରିୟାଂଶୁ ପ୍ରଧାନ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସିପିଆଇର କୃଷ୍ଣଚନ୍ଦ୍ର ନାୟକଙ୍କୁ ହରାଇ ଜିତିଥିଲେ। ୨୦୧୭ ଜିଲା ପରିଷଦ ଚେୟାରମ୍ୟାନ ଥିବା ସୁବାସ ବେହେରାଙ୍କୁ ୨୦୧୯ରେ ବିଜେଡି ବିଧାନସଭା ପ୍ରାର୍ଥୀ ରୂପେ ନୂଆ ମୁହଁ ଦେଇଥିଲା। ସେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରଶାନ୍ତ କୁମାର କରଙ୍କୁ ପରାସ୍ତ କରି ଜିତିଥିଲେ।


ସୁବାସ ବେହେରା


କୃଷ୍ଣଚନ୍ଦ୍ର ନାୟକ

ଏବେ ପୁଣି ୨୦୨୪ ନିର୍ବାଚନରେ ବିଜେଡି ସୁବାସଙ୍କୁ ରିପିଟ୍ କରିଛି। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି ଭାଜପାର କୃଷ୍ଣଚନ୍ଦ୍ର ନାୟକ। ଗୋଟିଏ ପଟେ କୃଷ୍ଣଚନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ଭାଜପାର ଟିକେଟ ଆଶାୟୀ ଥିବା ପ୍ରଶାନ୍ତ କୁମାର କର ଓ ବିଜେଡିରୁ ଯାଇ ଭଜପାରେ ମିଶିଥିବା ବନମାଳୀ ସେଠୀଙ୍କ ସମର୍ଥକମାନେ ସହଜେ ହଜମ କରିପାରୁନାହାନ୍ତି। ଅନ୍ୟପଟେ ୧୨ ୱାର୍ଡକୁ ନେଇ ଗଠିତ ଗଞ୍ଜାମ ଏନ୍‌ଏସିରେ ଯଦିଓ ବିଜେଡିର ଅଧିକ କାଉନ୍‌ସିଲର ଅଛନ୍ତି , ଅଧ୍ୟକ୍ଷ ଦାୟିତ୍ୱ ସ୍ୱାଧୀନ ପ୍ରାର୍ଥୀ ପ୍ରତିଭା ପାଢ଼ୀଙ୍କ ହାତରେ ରହିଛି। ରମ୍ଭା ଏନ୍‌ଏସିରେ ଅଧିକ ଭାଜପା କାଉନ୍‌ସିଲର ଥିବାବେଳେ ଅଧ୍ୟକ୍ଷ ଦାୟିତ୍ୱ ଭାଜପାର ମାନସୀ ସ୍ୱାଇଁଙ୍କ ପାଖରେ ରହିଛି। ସେହିପରି ଅଧିକ ବିଜେଡି କାଉନସିଲର ଥିବା ଛତ୍ରପୁର ଏନ୍‌ଏସିର ଭାର ଭାଜପାର ଶର୍ମିଷ୍ଠା ପ୍ରଧାନ ସମ୍ଭାଳୁଛନ୍ତି। କିନ୍ତୁ କୃଷ୍ଣଚନ୍ଦ୍ର ସିପିଆଇରୁ ଆସି ଭାଜପାରେ ଯୋଗଦେଇଥିବାରୁ ଭାଜପା ଓ ସିପିଆଇର ସମର୍ଥକଙ୍କୁ ନେଇ ସେ ତାଙ୍କ ରଣନୀତି ପ୍ରସ୍ତୁତ କରିବେ ବୋଲି କୁହାଯାଇଛି। ଉଭୟ ଦଳର ଶକ୍ତି ପ୍ରଦର୍ଶନ ବି ଏବେ ରୋଚକ ସ୍ଥିତିକୁ ଆସିଯାଇଛି। ଆଗାମୀ ଦିନରେ ନିର୍ବାଚନୀ ସମୀକରଣ ବଦଳିଯାଇପାରେ ବୋଲି ଆଲୋଚନା ହେଉଛି। ଏଠାରେ ବିଜେଡି ଓ ଭାଜପା ଭିତରେ ମୁଖ୍ୟତଃ ଲଢ଼େଇ ହୋଇପାରେ। ଏ ସଂକ୍ରାନ୍ତରେ ବିଜେଡି ପ୍ରାର୍ଥୀ ସୁବାସ ବେହେରା ଦଳର ସମ୍ମାନ ରକ୍ଷା ପାଇଁ ଲୋକ ସମର୍ଥନ ଓ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ନେଇ ମଇଦାନକୁ ଓହ୍ଲାଇଥିବା କହିଛନ୍ତି।

# ନୂଆପଡ଼ା: ସବୁ ଦଳରେ କେଁ

ନୂଆପଡ଼ା, ୮।୪ (ମକାରୁ ବେମାଲ)

## ପ୍ରାର୍ଥୀ ହୋଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ

ଛତିଶଗଡକୁ ଲାଗି ରହିଥିବା ରାଜ୍ୟର ଏକ ଉପାନ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ନୂଆପଡା। ଏହି ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳରୁ ଏକାଧିକ ଆଶାୟୀ ରହିଥିଲେ। ପ୍ରାର୍ଥୀ ଘୋଷଣା ପରେ ସବୁ ଦଳରେ କେଁ ବଢିବା ଏଠାକାର ରାଜନୈତିକ ମାହୋଲକୁ ସରଗରମ କରିଛି। ଏଠରେ ବିଜେଡିରୁ ପୁରୁଣା ଚେହେରା ଭାବେ ରାଜେନ୍ଦ୍ର ଢୋଲକିଆ ପ୍ରାର୍ଥୀ ହୋଇଥିବାବେଳେ ଭାଜପା ନୂଆ ଚେହେରା ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ମଇଦାନକୁ ଓହ୍ଲାଇଛି। ସେହିପରି କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ଏଠାରେ ବିଗଫାଇଟ୍ ହେବ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ ପ୍ରାର୍ଥୀ ଘୋଷଣା ହେବା ପରେ ବିଜେଡି ଓ ଭାଜପାରେ ଅସନ୍ତୋଷ ବଢୁଥିବା ପରିଲକ୍ଷିତ ହେଉଛି। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରାର୍ଥୀ ହେବା ପରେ କଂଗ୍ରେସରେ ମଧ୍ୟ ଅସନ୍ତୋଷ ବଢିବାରେ ଲାଗିଛି।


ରାଜେନ୍ଦ୍ର ଢୋଲକିଆ


ଶରତ ପଟ୍ଟନାୟକ


ଅଭିନନ୍ଦନ ପଣ୍ଡା


ଘାସିରାମ ମାଝି

ପୂର୍ବତନ ଜିଲା ସଭାପତି ଘାସିରାମ ମାଝି ଆଶାୟୀ ଥିବାରୁ ଏବେ ତାଙ୍କୁ ନେଇ କଂଗ୍ରେସ ଅଡୁଆରେ ପଡ଼ିଛି। ଯଦି ଆଦିବାସୀମାନେ ଏକ ହୁଅନ୍ତି, ଆଉ ଘାସିରାମ ନିର୍ଦ୍ଦଳୀୟ ପ୍ରାର୍ଥୀ ହୁଅନ୍ତି ତେବେ ନୂଆପଡାରେ ପୁଣି ନୂଆ ସମୀକରଣ ଦେଖିବାକୁ ମିଳିପାରେ। କାରଣ ଗତ ଥର ଜିଲାରେ ଆଦିବାସୀମାନେ ଭାଗ ଭାଗ ହୋଇ ମଧ୍ୟ ଘାସିରାମ ଏକୁଟିଆ ୪୫ ହଜାର ୩୧୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ ଓ ଭାଜପା ପ୍ରାର୍ଥୀ ହୋମସିଂ ମାଝି ୨୯ ହଜାର ୪୯୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଓଡିଶାରେ ନବୀନ ହାୱା ଥାଇ ମଧ୍ୟ ରାଜେନ୍ଦ୍ର ଢୋଲକିଆ ୬୫ ହଜାର ୬୪୭ ଖଣ୍ଡ ଭୋଟ ପାଇ ୨୦ ହଜାର ୩୩୦ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ତେଣୁ ଏଥର ବିଜେଡିରୁ ରାଜେନ୍ଦ୍ର, ଭାଜପାରୁ ଅଭିନନ୍ଦନ, କଂଗ୍ରେସରୁ ଶରତ ଓ ନିର୍ଦ୍ଦଳୀୟ ଭାବେ ଘାସିରାମ ପ୍ରାର୍ଥୀ ହେଲେ ଏଠରେ ବିଗ ଫାଇଟ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ଭାଜପା ଅସନ୍ତୋଷ କର୍ମୀଙ୍କ ମଧ୍ୟରୁ ନିର୍ବାଚନୀ ମଇଦାନକୁ ନିର୍ଦ୍ଦଳୀୟ ଭାବେ ଆସିବାର ସମ୍ଭାବନା ରହିଥିବା ଚର୍ଚ୍ଚା ହେଉଛି।

# ସୁରଙ୍କ ପରିବାରକୁ ପୁତୁରାଙ୍କ ଟାର୍ଗେଟ

ଭୁବନେଶ୍ୱର, ୮।୪ (ସୁନିତ୍ ମିଶ୍ର)

## କାରଣ ଦର୍ଶାଅ ନୋଟିସର ଜବାବ ରଖିଲେ ସୁର

ଜଟଣୀ ବିଧାନସଭା ଆସନକୁ ନେଇ ଏବେ କଂଗ୍ରେସ ଚିନ୍ତାରେ ପଡିଯାଇଛି। ଏହି ଆସନରୁ ବିଧାୟକ ଥିବା କଂଗ୍ରେସ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଏଥର ନିର୍ବାଚନ ଲଢିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି। ହେଲେ ଏହାରି ଭିତରେ ସୁରଙ୍କ ସାନ ପୁଅକୁ ବିଜେଡି ଭୁବନେଶ୍ୱର ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ସୁର ଖୋଲାଖୋଲି ତାଙ୍କ ପୁଅ ପାଇଁ ପ୍ରଚାର କରୁଥିବା ବେଳେ ଦଳ ପକ୍ଷରୁ ତାଙ୍କୁ ଦ୍ୱିତୀୟ ଥର ଲାଗି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଅନ୍ୟପଟେ ସୁରଙ୍କ ବଡ ପୁଅ ସିଦ୍ଧାର୍ଥ ରାଉତରାୟ ତାଙ୍କ ସାନ ଭାଇ ବିଜେଡିରେ ମିଶିବା ଏବଂ ତାଙ୍କ ବାପା ମନ୍ମଥଙ୍କ ଲାଗି ପ୍ରଚାର କରିବା କଥାକୁ ପ୍ରତ୍ୟେକ ଦିନ ବିରୋଧ କରୁଥିବା ନେଇ ସାମାଜିକ ଗଣମାଧ୍ୟମକୁ ଦେଖିବାକୁ ମିଳୁଛି। ଏହାସହ ସେ କଂଗ୍ରେସରୁ ନୁହେଁ ବରଂ ସ୍ୱାଧୀନ ଭାବେ



କଂଗ୍ରେସ ଭବନରେ ମିଶ୍ରଣ ପର୍ବକୁ ବିରୋଧ କରୁଛନ୍ତି ସଂଗ୍ରାମ ରାଉତରାୟ।

ଜଟଣୀ ଆସନରୁ ନିର୍ବାଚନ ଲଢିବେ ବୋଲି କହିଛନ୍ତି। କିନ୍ତୁ ଜଟଣୀର ସନ୍ତୋଷ ଜେନାଙ୍କୁ କଂଗ୍ରେସରେ ସାମିଲ କରିବା ଲାଗି ସୋମବାର ସିଦ୍ଧାର୍ଥ କଂଗ୍ରେସ ଭବନରେ ପହଞ୍ଚିବା ପରେ ଏହାକୁ ଦେଖି ସୁରଙ୍କ ପୁତୁରା ସଂଗ୍ରାମ ରାଉତରାୟ ପ୍ରତିବାଦ କରିବା ଆରମ୍ଭ କରିଥିଲେ। ସଂଗ୍ରାମ ପ୍ରତିବାଦ ପରେ ମିଶ୍ରଣ ପର୍ବ ବନ୍ଦ ରହିଥିଲା। ଏନେଇ ସଂଗ୍ରାମ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜଟଣୀରେ କଂଗ୍ରେସକୁ ନଷ୍ଟ କରିବା ପାଇଁ ଏ ବାପ-ପୁଅଙ୍କ ନାଟକ ଚାଲିଛି। ଜାଗା ମାଫିଆ ଏମାନେ। ୧୯୯୫ ମସିହାରୁ ଖଟି ଆସୁଛୁ। ଯିଏ ସ୍ଥାନୀୟ ଅଞ୍ଚଳର ନେତୃତ୍ୱ ନେଉଥିଲେ ସେ ଲଢିବେନି ବୋଲି କହିଥିଲେ। ଏଥର ତାଙ୍କୁ ଲଢିବାକୁ ଛାଡିଦେବେ ବୋଲି ମଧ୍ୟ କହିଥିଲେ। ତେଣୁ ଜାଗା ବେପାରୀଙ୍କୁ ଆଣି ଏଠାରେ କଂଗ୍ରେସକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି। ସ୍ଥାନୀୟ ବିଧାୟକଙ୍କ ୩ ପ୍ରକାର କଥା। ସେ ଏସବୁ ଚକ୍ରାନ୍ତ କରିଛନ୍ତି। ଗତଥର କହିଲେ, ଦୁଇଟା ପୁଅ ଚାକିରୀ କରିଛନ୍ତି ଏଥର ମତେ ଜିତେଇଦେ ଆରଥର ତୁ ଲଢିବୁ ବୋଲି କହିଥିଲେ। ଅନ୍ୟପଟେ ସୁରଙ୍କୁ କାରଣ ଦର୍ଶାଅ ନୋଟିସ୍ ନେଇ ସେ କହିଛନ୍ତି, ପାର୍କ ବୁଲିବାକୁ ଯାଇଥିଲେ। ସେତେବେଳେ ତାଙ୍କ ପୁଅ ପ୍ରଚାର କରୁଥିବା ଦେଖି ମନ୍ମଥକୁ ଭୋଟ୍ ଦେବାକୁ କହିଦେଲେ। କୋଉ ଦଳ ପାଇଁ ପ୍ରଚାର କରିନାହାନ୍ତି। ତେବେ ସୁରଙ୍କ ଏଭଳି କାର୍ଯ୍ୟକ୍ରମ ଦେଖି କଂଗ୍ରେସ ମହଲରେ ଚର୍ଚ୍ଚା ଜୋର୍ ଧରିଛି। କେଉଁ ପରିସ୍ଥିତିରେ ଦଳ ସୁରଙ୍କୁ ବରଦାସ୍ତ କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

# ରେଢ଼ାଖୋଲରେ କର୍ମକର୍ତ୍ତାଙ୍କୁ ମନ୍ତ୍ର ଦେଲେ ଧର୍ମେନ୍ଦ୍ର

ରେଢ଼ାଖୋଲ, ୮।୪
(ଅଚ୍ୟୁତାନନ୍ଦ ପୁରୋହିତ)

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସୋମବାର ରେଢ଼ାଖୋଲ ଛକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚିବା ପରେ ଶତାଧିକ ଦଳୀୟ କର୍ମକର୍ତ୍ତା ବାଣ ଫୁଟାଇ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ କର୍ମକର୍ତ୍ତାଙ୍କ ସହ ଯାଇ ସେ ବସ୍‌ଷ୍ଟାଣ୍ଡରେ ଥିବା ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ରେଢ଼ାଖୋଲର ଆରାଧ୍ୟ ଦେବତା ପଞ୍ଚଖଣ୍ଡା ମନ୍ଦିର ଓ ରାମ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ କଲେଜ ଛକ ନିକଟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଦଳୀୟ କର୍ମକର୍ତ୍ତାଙ୍କୁ ମନ୍ତ୍ର ଦେଇ ପ୍ରଧାନମନ୍ତ୍ରୀଙ୍କ ବିକାଶ ଓ ମୋଦି ଗ୍ୟାରେଣ୍ଟିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଠମଲ୍ଲିକ ବିଧାୟକ ରମେଶ ସାଏ, ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ, ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ସୀମାଞ୍ଚଳ ଖଟେଇ ଓ ପ୍ରମୋଦ ରଥ ପ୍ରମୁଖ ସାମିଲ ଥିଲେ।


ରେଢ଼ାଖୋଲରେ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଧର୍ମେନ୍ଦ୍ର ପ୍ରଧାନ।

# ବିଜେଡି ଦେଇ ନ ପାରେ ପରିବାରରୁ ଦୁଇଜଣଙ୍କୁ ଟିକେଟ

ରସୁଲପୁର, ୮।୪ (ରଞ୍ଜିତ ରାଉତ)

## କୋରେଇ ବିଧାନସଭା କ୍ଷେତ୍ର

ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ପ୍ରତିଦିନ ନୂଆ ନାଁ ଚର୍ଚ୍ଚାକୁ ଆସୁଛି। ଏହାସହ ଆଶାୟୀଙ୍କ ତାଲିକା ମଧ୍ୟ ଲମ୍ବିଚାଲିଛି, ଯାହାଙ୍କ ବିଷୟରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଆଲୋଚନା ହେଉଛି।

ଯାଜପୁର ଜିଲା ରାଜନୀତିରେ ବିଶେଷ ପ୍ରଭାବ ରଖୁଥିବା ପ୍ରଫୁଲ୍ଲ ଘଡ଼େଇ ଏବଂ ସ୍ୱର୍ଗତ ଅଶୋକ ଦାସଙ୍କ ପରିବାରର କାହାକୁ ବି କୋରେଇ ଆସନରେ ପ୍ରାର୍ଥୀ କରାଯିବ ସେନେଇ ଲବି ଚାଲିଛି। ଘଡେଇ ପରିବାରରୁ କୋରେଇର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟଙ୍କ ନାମ ଶୁଣାଯାଉଥିବାବେଳେ ଦାସ ପରିବାରରୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବ ପ୍ରକାଶ ଦାସଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଆଲୋଚନା ହେଉଥିଲା। ତେବେ ଏହା ହେଲେ ଗୋଟିଏ ପରିବାରକୁ ଦୁଇଟି ଟିକେଟ ହୋଇଯିବ, ଯାହା ଦଳୀୟ ନୀତି ଆଦର୍ଶ ବିରୋଧୀ ହେବ। ତେଣୁ ଉଭୟ ପରିବାରକୁ ବାଦ୍ ଦେଇ ତୃତୀୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାକୁ ଦଳ ଚିନ୍ତା କରୁଥିବା ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ ଦଳ ପୁରୁଣାଙ୍କୁ ଦୋହରାଉଛି କି ନୂଆ ଚେହେରାକୁ ସୁଯୋଗ ଦେଉଛି, ତାହାକୁ ନେଇ ଆଲୋଚନା ଜାରି ରହିଛି। ଏହି ଅଙ୍କ ଛିଣ୍ଡୁ ନ ଥିବାରୁ ଦଳୀୟ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା କୁହାଯାଉଛି। ଏହାରି ଭିତରେ ଅନେକ ନୂଆ ମୁହଁ ଚର୍ଚ୍ଚାକୁ ଆସିଛି। ସେମାନଙ୍କ ମଧ୍ୟରେ କଂଗ୍ରେସର ଜଣେ ପ୍ରଭାବୀ ନାରୀନେତ୍ରୀ ବିଜେଡିରେ ସାମିଲ ହୋଇ ଟିକେଟ୍ ହାତେଇବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ସେହିପରି ପାଣିକୋଇଲି ଅଞ୍ଚଳର ଜଣେ ଯୁବ ବ୍ୟବସାୟୀ ଏବଂ କୋରେଇ ବିଜେଡିର ଜଣେ ଯୁବନେତା ମଧ୍ୟ ଟିକେଟ୍ ପାଇବା ଦୌଡ଼ରେ ରହିଛନ୍ତି। ଏଭଳି ସ୍ଥିତିରୁ ଫାଇଦା ଉଠାଇବାକୁ ବିଧାୟକ ଅଶୋକ ବଳ ଚାହିଁ ରହିଥିବା ମଧ୍ୟ ଆଲୋଚନା ହେଉଛି। କାରଣ ଅଧିକ ଦ୍ୱନ୍ଦ୍ୱ ଉପୁଜିଲେ ଦଳ ପୁଣିଥରେ ପୁରୁଣାଙ୍କ ଉପରେ ଭରସା କରିପାରେ ବୋଲି କୁହାଯାଇଛି। ତେବେ ଏଠି ଦଳ ଏମିତି ଜଣଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଛି, ଯାହାଙ୍କୁ ଉଭୟ ଘଡ଼େଇ ଓ ଦାସ ପରିବାର ଗ୍ରହଣ କରିପାରୁଥିବେ ବୋଲି ଆଲୋଚନା ହେଉଛି।

ବିଜେଡି ଟିକେଟ ଅଙ୍କ କଷା ଛିଣ୍ଡୁ ନ ଥିବା ବେଳେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ତାଙ୍କ ପ୍ରଚାରକୁ ଜୋରଦାର କଲେଣି। ଆକାଶଙ୍କ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ତାଙ୍କୁ ଟକ୍କର ଦେବା ଭଳି ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ସବୁଠି ଚର୍ଚ୍ଚା। ୨୦୦୯ରୁ ଦଳ ଏଠାରେ ପ୍ରାର୍ଥୀ ବଦଳ କରିଆସୁଛି। ଏହାରି ଭିତରେ ଗତ ୩ଟି ସାଧାରଣ ନିର୍ବାଚନରେ ଦଳ ପ୍ରାର୍ଥୀ ବଦଳାଇ ସଫଳ ହୋଇଆସୁଛି। ଏଥର ବିଜେଡି ସେହି ଧାରା ବଜାୟ ରଖୁଛି କି ପୁରୁଣାଙ୍କୁ ଦୋହରାଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

# ଦୋଷୀ ଏନ୍‌ସିଇଆର୍‌ଟି

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଅନୁବନ୍ଧିତ ସ୍କୁଲଗୁଡ଼ିକରେ ପିଲାସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତ ୨୦୨୪- ୨୫ ଶିକ୍ଷା ବର୍ଷ ପ୍ରାରମ୍ଭରୁ ବହି ଅଭାବ ସମସ୍ୟା ସାମ୍ନାକୁ ଆସିଛି। ଏଭଳି ବହିର ଅଭାବ ଚଳିତ ବର୍ଷ ପ୍ରଥମ ଥର ପାଇଁ ଦେଖାଯାଉ ନାହିଁ। ପାଠ୍ୟକ୍ରମ ଏବଂ ବହି ପ୍ରସ୍ତୁତ କରୁଥିବା କେନ୍ଦ୍ର ସରକାରଙ୍କ ଅଧୀନ ନ୍ୟାଶ୍‌ନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଏକ ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଅପାରଗତା ବାରମ୍ବାର ପ୍ରମାଣ କରିଆସିଛି। ବୋଧହୁଏ କୌଣସି ଅଭିଭାବକଙ୍କ ମନେ ନ ଥିବ ଗତ ଶିକ୍ଷା ବର୍ଷରେ ତାଙ୍କ ପିଲାକୁ ଉଚିତ ସମୟରେ ସବୁବହି ମିଳିପାରିଥିଲା। ଅନ୍ୟପଟେ ଅଭିଭାବକମାନେ ଏହା ମଧ୍ୟ ମନେପକାଇ ପାରୁଥିବେ ଯେ ଯେଉଁମାନଙ୍କର ବଡ଼ ଭାଇ କିମ୍ବା ଭଉଣୀ ଉପର ଶ୍ରେଣୀରେ ପାଠ ପଢୁଥିଲେ, ତାଙ୍କର ସାନ ଭଉଣୀ ଭାଇ ବଡ଼ଙ୍କ ବହିକୁ ପରବର୍ତ୍ତୀ ବର୍ଷରେ ବ୍ୟବହାର କରିପାରୁଥିଲେ। ଆଜି ସେହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରତ୍ୟେକ ବର୍ଷ ପାଠ୍ୟକ୍ରମ ଏବଂ ବହିରେ ପୂର୍ବବର୍ଷଠାରୁ ଅଳ୍ପ ବହୁତେ ବିଷୟବସ୍ତୁକୁ ଭିନ୍ନ କରାଯାଉଛି। ଏହାଫଳରେ କାଗଜ ନଷ୍ଟ ହେବା ସହିତ ପୁରୁଣା ବହିର କୌଣସି ବ୍ୟବହାର କରାଯାଇପାରୁ ନାହିଁ। ଏହା ଯେ ଏକ ବିରାଟ ଜାତୀୟ କ୍ଷତି ତାହା ବୁଝିବା ପାଇଁ କେହି ନାହିଁ। ନିକଟରେ ଖବର ମିଳିଛି ଯେ, କେତୋଟି ଶ୍ରେଣୀର ବହି ପ୍ରସ୍ତୁତ କରିବାରେ ଅପାରଗ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ ଏବେ ନିଜର ଦୁର୍ବଳତାକୁ ଲୁଚାଇବାକୁ ଯାଇ ସବୁ ପାଠ୍ୟକ୍ରମ ଅନ୍‌ଲାଇନ ଛାଡ଼ିଦେଇଛନ୍ତି। ସ୍ୱାଭାବିକ ଭାବେ ଏହି ପରିସ୍ଥିତିରୁ ଲାଭ ଉଠାଇବା ପାଇଁ ବ୍ୟବସାୟୀ ଗୋଷ୍ଠୀ ଅନ୍‌ଲାଇନ ପକାଯାଇଥିବା ପାଠକୁ ବହି ଆକାରରେ ଛାପି ବିକ୍ରି ଆରମ୍ଭ କରିଦେଇଛନ୍ତି। ଏଭଳି ପରିସ୍ଥିତି ପୂର୍ବରୁ ମଧ୍ୟ ଦେଖାଦେଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିଜର ଅପାରଗତାକୁ ସଜାଡ଼ିବା ପରିବର୍ତ୍ତେ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ ପାଠ୍ୟପୁସ୍ତକ ପ୍ରକାଶକଙ୍କ ଉପରେ ଦାଉ ସାଧିବାକୁ ଅଣ୍ଟା ଭିଡ଼ିଛନ୍ତି। ସରକାରଙ୍କ କହିବା କଥା ହେଉଛି ଯେ, ଅନ୍‌ଲାଇନ ଛଡ଼ାଯାଇଥିବା ପାଠକୁ ବହି ଆକାରରେ ଛାପି ବିପୁଳ ଲାଭ ଉଠାଇବା ହେଉଛି ବେଆଇନ। ସେଥିପାଇଁ ପ୍ରକାଶକମାନଙ୍କୁ ଧମକ ଦେବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି।

**ଏନ୍‌ସିଇଆର୍‌ଟି ଓ ସିବିଏସ୍‌ଇ ଶିକ୍ଷା ବ୍ୟବସ୍ଥାରେ ଭାରତର ଭବିଷ୍ୟତ ପିଢ଼ି ସୃଷ୍ଟି କରିବାରେ ଏକ ଶୁଭ ଉଦ୍ଦେଶ୍ୟ ରହିଛି ବୋଲି ମନେହୁଏ ନାହିଁ। ବରଂ ଧାରଣା ସୃଷ୍ଟି ହେଉଛି ଯେ, ପ୍ରତ୍ୟେକ ବର୍ଷ ପାଠ୍ୟପୁସ୍ତକ ବଦଳାଇ ଭାରତର ଭବିଷ୍ୟତ ସାଙ୍ଗରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟର ଏହି ବିଭାଗଗୁଡ଼ିକ ଖେଳୁଛନ୍ତି।**

ଏବେ ପ୍ରଶ୍ନ ଉଠୁଛି, ଏଭଳି ପରିସ୍ଥିତି ଉପୁଜିଛି କାହା ପାଇଁ। ନିଶ୍ଚିତ ଭାବେ ସ୍ପଷ୍ଟ ଦିଶିଯାଉଛି ଯେ, ଛାତ୍ରୀଛାତ୍ର, ଅଭିଭାବକ, ଦେଶବ୍ୟାପୀ ସବୁ ସିବିଏସ୍‌ଇ ସ୍କୁଲ ଏବଂ ସେଗୁଡ଼ିକର ପରିଚାଳନାର ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ଦୋଷ ଖୋଜିହେବ ନାହିଁ। ଏଥିରେ ଦୋଷ ରହୁଛି କେବଳ କେନ୍ଦ୍ର ସରକାରଙ୍କର। କାରଣ ଏନ୍‌ସିଇଆର୍‌ଟି ହେଉଛି କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଗୋଟିଏ ପଟେ ସରକାରଙ୍କ ଏହି ଅଙ୍ଗର ଅପାରଗତା ଏବଂ ଅନ୍ୟପଟେ ଦେଶବ୍ୟାପୀ ସ୍କୁଲ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ। ଯଦି କେହି ଚିନ୍ତା କରନ୍ତି, ତେବେ ଏନ୍‌ସିଇଆର୍‌ଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। କାରଣ ଦେଶର ଅନେକ କୋଟି ଛାତ୍ରୀଛାତ୍ରଙ୍କ ପାଖରେ ନେଟ୍‌ରୁ ପଢ଼ିବାର ସୁବିଧା ଏବଂ ଆର୍ଥିକ ସ୍ଥିତି ଆଜି ମଧ୍ୟ ନାହିଁ। ଏହାର ସ୍ପଷ୍ଟ ଉଦାହରଣ କୋଭିଡ୍ ସମୟରେ ଏହି ଦେଶ ଦେଖିଥିଲା। ଏଭଳି ପରିସ୍ଥିତିରେ ବ୍ୟବସାୟିକ ଗୋଷ୍ଠୀ ନିଜ ହାତରୁ ଖର୍ଚ୍ଚ କରି ବହି ଛାପିଲେ ଏବଂ ସେଥିରୁ ଯଦି ଲାଭ ଉଠାଇଲେ ତେବେ ତାହାର ଦୋଷ ପ୍ରକାଶକଙ୍କୁ ଦିଆଯିବା ଉଚିତ ନୁହେଁ।

ବ୍ୟବସାୟିକ ଗୋଷ୍ଠୀ ଶିକ୍ଷା ବ୍ୟବସ୍ଥାରୁ ବିପୁଳ ଲାଭ ଉଠାନ୍ତୁ ବୋଲି କେହି ସମର୍ଥନ କରିବେ ନାହିଁ। କିନ୍ତୁ ମଣିଷ ଜାତିର ଇତିହାସ ଦର୍ଶାଉଛି ଯେ, ଯେଉଁ ସାମଗ୍ରୀର ଅଭାବ ଦେଖାଦିଏ ତାହାକୁ ପୂରଣ କରିବାକୁ ଯାଇ ଲାଭ ଉଠାଇବା ଏକ ବିଶ୍ୱବ୍ୟାପୀ ଚରିତ୍ର। ସେଥିପାଇଁ ଏନ୍‌ସିଇଆର୍‌ଟି ଓ ସିବିଏସ୍‌ଇ ବ୍ୟବସ୍ଥାରେ ତୁରନ୍ତ ପରିବର୍ତ୍ତନ ଅଣାଯିବା ଦରକାର ଏବଂ ପ୍ରତ୍ୟେକ ବର୍ଷ ପାଠ୍ୟପୁସ୍ତକରେ ପରିବର୍ତ୍ତନ ଆଣିବାର ଅଯଥା ପ୍ରକ୍ରିୟାକୁ ବନ୍ଦ କରାଯିବା ଦରକାର। ଯଦି ପାଠ୍ୟକ୍ରମରେ କୌଣସି ତ୍ରୁଟି ଦୃଷ୍ଟିକୁ ଆସୁଛି ତେବେ ତାହା ତୁରନ୍ତ ସୁଧାରି ପରବର୍ତ୍ତୀ ବର୍ଷର ପାଠ୍ୟପୁସ୍ତକଠାରୁ ବଦଳାଯାଇପାରନ୍ତା। କିନ୍ତୁ ଏହିଭଳି ତ୍ରୁଟି ସବୁ ବର୍ଷ ଦୃଷ୍ଟିକୁ ଆସୁଛି ବୋଲି କହିବା ଅତ୍ୟନ୍ତ ଖାମଖିଆଲ ମନୋଭାବର ପରିଚୟ।

ଏନ୍‌ସିଇଆର୍‌ଟି ଓ ସିବିଏସ୍‌ଇ ଶିକ୍ଷା ବ୍ୟବସ୍ଥାରେ ଭାରତର ଭବିଷ୍ୟତ ପିଢ଼ି ସୃଷ୍ଟି କରିବାରେ ଏକ ଶୁଭ ଉଦ୍ଦେଶ୍ୟ ରହିଛି ବୋଲି ମନେହୁଏ ନାହିଁ। ବରଂ ଧାରଣା ସୃଷ୍ଟି ହେଉଛି ଯେ, ପ୍ରତ୍ୟେକ ବର୍ଷ ପାଠ୍ୟପୁସ୍ତକ ବଦଳାଇ ଭାରତର ଭବିଷ୍ୟତ ସାଙ୍ଗରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ମନ୍ତ୍ରଣାଳୟର ଏହି ବିଭାଗଗୁଡ଼ିକ ଖେଳୁଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 9 | 4 | | | |
| 2 | | | 8 | | | 6 | | |
| | 7 | | | | 3 | | 4 | 1 |
| | | | 7 | 6 | | | | 9 |
| | | | | | | | | 5 |
| | | 2 | | 5 | | | 8 | |
| | | 1 | | | | | | 2 |
| | | 9 | | | | | | |
| | | 5 | | 7 | 1 | | 3 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 4 | 2 | 9 | 3 | 8 | 6 | 5 |
| 3 | 2 | 5 | 6 | 7 | 8 | 4 | 1 | 9 |
| 9 | 6 | 8 | 1 | 5 | 4 | 3 | 2 | 7 |
| 8 | 1 | 7 | 5 | 4 | 9 | 2 | 3 | 6 |
| 5 | 9 | 2 | 3 | 6 | 1 | 7 | 4 | 8 |
| 4 | 3 | 6 | 7 | 8 | 2 | 9 | 5 | 1 |
| 6 | 5 | 9 | 4 | 2 | 7 | 1 | 8 | 3 |
| 2 | 8 | 1 | 9 | 3 | 6 | 5 | 7 | 4 |
| 7 | 4 | 3 | 8 | 1 | 5 | 6 | 9 | 2 |

ଗତକାଲିର ଉତ୍ତର

# ଖାଦ୍ୟ ନଷ୍ଟ ଏକ ବୈଶ୍ୱିକ ବିପର୍ଯ୍ୟୟ

ଡ. ମନୋରଞ୍ଜନ ପ୍ରଧାନ

ଖାଦ୍ୟ ନଷ୍ଟ ଭଳି ଏକ ସାଂଘାତିକ ବିପର୍ଯ୍ୟୟ ସମ୍ବନ୍ଧରେ ଆଲୋକପାତ ପୂର୍ବରୁ ଛୋଟ ଘଟଣାଟି ଅବତାରଣା କରୁଛି। ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ହଜାର ହଜାର ଲୋକଙ୍କ ସହ ପଂକ୍ତି ଭୋଜନରେ ବସିଥାଏ। ସେବିକା ସେବକମାନେ ଶୃଙ୍ଖଳା ଓ ନିଷ୍ଠାର ସହ ପ୍ରସାଦ ପରଷୁଥାନ୍ତି। ମୋ ପାଖକୁ ଲାଗି ବସିଥିବା ଜଣେ ବୟୋବୃଦ୍ଧ (ଅବସରପ୍ରାପ୍ତ ସରକାରୀ ଅଧିକାରୀ) ଭକ୍ତ ଜଣକ ଖାଇସାରି କେବଳ ଗୋଟିଏ ବୋଇତାଳୁ (ବୋଇତି କଖାରୁ) ଫଳ ନ ଖାଇ ଥାଳି ସହ ଉଠିଗଲେ। ଭକ୍ତମାନଙ୍କ ଶୃଙ୍ଖଳିତ ପ୍ରସାଦ ସେବନ ବ୍ୟବସ୍ଥାରେ ଥିବା ଜଣେ ଅଧିକାରୀ ତୁରନ୍ତ ଆସି ଖାଇବାକୁ ନିର୍ଦ୍ଦେଶ ଦେଇ କହିଲେ, ଏତିକି ଖାଦ୍ୟ ପ୍ରସ୍ତୁତି (ପରିବା) ପାଇଁ ଜଣେ କୃଷକଙ୍କୁ କେତେ ପରିଶ୍ରମ କରିବାକୁ ପଡ଼େ ଆପଣ ଚିନ୍ତା କରିଛନ୍ତି! ଗୁରୁଦେବ ପ୍ରବଚନରେ କ'ଣ କହନ୍ତି ଅନ୍ନ ହିଁ ବ୍ରହ୍ମ । କି ଗହିରିଆ ଭାବ ଓ ତତ୍ତ୍ୱ। ଆମ ସଂସ୍କୃତି ଓ ପରମ୍ପରାରେ ଅନ୍ନ ବ୍ରହ୍ମ ଓ ତାହାକୁ ନଷ୍ଟ କରିବା ପାପ ବୋଲି ବାଲ୍ୟକାଳରୁ ପରିବାରର ବଡ଼ମାନେ ପରାମର୍ଶ ଦେଇଥାନ୍ତି। ମୋର ମନେଅଛି ମୋ ଜେଜେମା' ଓ ଆଇ ଭାତର ଗୋଟିଏ ଦାନା ଫିଙ୍ଗିବାକୁ ବରଦାସ୍ତ କରନ୍ତି ନାହିଁ। କହନ୍ତି ଖାଦ୍ୟ ଫିଙ୍ଗିଲେ ଲକ୍ଷ୍ମୀ ଛାଡିଯିବ, ଗଡଗଡା(ଦରିଦ୍ର) ହୋଇଯିବ। କିନ୍ତୁ ଆଜି ଅଧା ଖାଇ ଅଧା ଫିଙ୍ଗିବା ଏକ ଫେଶନ ହୋଇଗଲାଣି। ଗୋଟିଏ ପଟେ ଅନାହାର ଅନ୍ୟପଟେ ଖାଦ୍ୟ ପଦାର୍ଥର ଅନାଦର ଓ ଅପଚୟ ଆଜିର ବିଶ୍ୱବାସୀଙ୍କ ପାଇଁ ଏକ ବଡ଼ ସମସ୍ୟା ତଥା ଆହ୍ୱାନ।

ଜାତିସଂଘ ଖାଦ୍ୟ ନଷ୍ଟ କରିବାକୁ ଏକ ବୈଶ୍ୱିକ ବିପର୍ଯ୍ୟୟ (ଗ୍ଲୋବାଲ ଟ୍ରାଜେଡି) ବୋଲି ଅଭିହିତ କରିଛି। ସଦ୍ୟ ପ୍ରକାଶିତ ଖାଦ୍ୟ ନଷ୍ଟ ସୂଚକାଙ୍କ(ଫୁଡ୍ ୱେଷ୍ଟ ଇଣ୍ଡେକ୍ସ) ରିପୋର୍ଟରେ ଜାତିସଂଘ ପ୍ରକାଶ କରିଛି କି ବିଜ୍‌ନେସ ହାଉସ ଓ ଘରମାନଙ୍କୁ ମିଶାଇ ବର୍ଷ ୨୦୨୨ରେ ସାରା ବିଶ୍ୱରେ ଦିନକୁ ପ୍ରାୟ ଏକ ଟ୍ରିଲିଅନ ଡଲାର ମୂଲ୍ୟର ଖାଦ୍ୟ ନଷ୍ଟ କରାଯାଇଛି। ରିପୋର୍ଟରେ ପୁଣି କୁହାଯାଇଛି ଯେ ବର୍ଷ ୨୦୨୨ରେ ବିଶ୍ୱରେ ଦିନକୁ ୧୦୫ କୋଟି ଟନ ଖାଦ୍ୟ ନଷ୍ଟ କରାଯାଇଛି। ଅର୍ଥାତ୍ ମୁଣ୍ଡ ପିଛା ୧୩୨ କିଲୋଗ୍ରାମ ଖାଦ୍ୟ ନଷ୍ଟ କରିଛନ୍ତି ବିଶ୍ୱବାସୀ। ବିଶ୍ୱରେ ୮୦ କୋଟି ଲୋକ ଭୋକ ତଥା ଅନାହାରରେ ଶୋଉଥିବା ବେଳେ ଏତେ ପରିମାଣରେ ଖାଦ୍ୟ ନଷ୍ଟ ହେବା ଚିନ୍ତାର ବିଷୟ। ରିପୋର୍ଟ ଅନୁଯାୟୀ, ସବୁଠାରୁ ଉଦ୍‌ବେଗଜନକ ଖବର ହେଉଛି ଯେ ସମୁଦାୟ ଖାଦ୍ୟ ନଷ୍ଟର ସିଂହଭାଗ (୬୩%) ଘରେ ନଷ୍ଟ ହୋଇଥାଏ। ଅର୍ଥାତ୍ ଘର ବା ପରିବାରଗୁଡ଼ିକ ବାର୍ଷିକ ୬୩.୧ ଟନ୍ ଖାଦ୍ୟ ନଷ୍ଟ କରିଥାନ୍ତି।



ଜାତିସଂଘର ପରିବେଶ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅନୁସାରେ ଖାଦ୍ୟ ନଷ୍ଟ ଏକ ବୈଶ୍ୱିକ ବିପର୍ଯ୍ୟୟ । ଏହା ପରିବେଶ ପାଇଁ ବିପଦ ବୋଲି କହିଛନ୍ତି। ତେବେ ଖାଦ୍ୟ ନଷ୍ଟ କ'ଣ ଓ କାହିଁକି?

ଖାଦ୍ୟ ନଷ୍ଟକୁ ଦୁଇ ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ। ଯଥା ରନ୍ଧା ବା ପ୍ରସ୍ତୁତ ଖାଦ୍ୟ ଅପଚୟ ଓ ଅଣରନ୍ଧା ତଥା ଖାଦ୍ୟଶସ୍ୟ ଅପଚୟ। ରାନ୍ଧିଥିବା ଖାଦ୍ୟ ବା ପ୍ରସ୍ତୁତ ହୋଇ ସାରିଥିବା ଖାଦ୍ୟ ଅପଚୟ ପ୍ରଥମ ପର୍ଯ୍ୟାୟର। ରନ୍ଧା ଖାଦ୍ୟ ନଷ୍ଟ ହେବାର ମୁଖ୍ୟ କାରଣ ଆବଶ୍ୟକତାଠାରୁ ଅଧିକ ରାନ୍ଧିବା ଏବଂ ଉପଯୋଗ ନ ହୋଇ ନଷ୍ଟ କରିବା ବା ଫୋପାଡିବା। ଏଭଳି ଦୃଶ୍ୟ ସବୁଆଡେ ଦେଖିପାରିବା। ବିଶେଷ ଭାବରେ ଭୋଜିଭାତରେ ଖାଇବାଠାରୁ ଫୋପାଡିବା ଖାଦ୍ୟ ବେଶି। ପେଟକୁ କମ, ଖଲି ବା ପ୍ଲେଟରେ ବେଶି ଫିଙ୍ଗି ଥାଆନ୍ତି ଲୋକମାନେ। ଏହାର କାରଣ ପୂର୍ବାନୁମାନର ଅଭାବ ହେତୁ ବେଶି ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି। ଅଧିକ ଖାଇବାର ଲୋଭ ବା ବାଢୁଥିବା ଲୋକଙ୍କ ବେପରୁଆ ବଣ୍ଟନ ଏବଂ ଖାଦ୍ୟ ପଦାର୍ଥ ନଷ୍ଟର କୁପରିଣାମ ସମ୍ବନ୍ଧରେ ଅଜ୍ଞ କିମ୍ବା ବେଖାତିର ମନୋବୃତ୍ତି। ବିଶେଷକରି ବଫେ ସିଷ୍ଟମ ବ୍ୟବସ୍ଥାରେ ଖାଦ୍ୟ ନଷ୍ଟର ସମ୍ଭାବନା ବେଶି। କିନ୍ତୁ ପଂକ୍ତି ଭୋଜନରେ ଏହାର ସମ୍ଭାବନା ବହୁତ କମ। ପ୍ରଥମ ବ୍ୟବସ୍ଥାରେ ଦେବାନେବାରେ କଟକଣା ନ ଥାଏ। କିନ୍ତୁ ଦ୍ୱିତୀୟ ବ୍ୟବସ୍ଥାରେ ସମାଜ ତଥା ଜଣାଶୁଣା ଅନେକ ଲୋକଙ୍କ ସହ ଧାଡ଼ିରେ ବସି ଥିବା ହେତୁ ଖାଦ୍ୟ ନଷ୍ଟ ପାଇଁ ସଙ୍କୋଚ ଆସେ ଏବଂ ବଣ୍ଟନ କରୁଥିବା ଲୋକମାନେ ସଚେତନ ଭାବରେ ଆବଶ୍ୟକ ପରିମାଣରେ ଖାଦ୍ୟ ପରିବେଷଣ କରିଥାନ୍ତି। ସେହିପରି ହୋଟେଲ ବା ରେଷ୍ଟୋରାଁରେ ପ୍ଲେଟ ବ୍ୟବସ୍ଥା ଥାଏ। ଆପଣ ଖାଇବାକୁ ଚାହିଁଲେ ପୂରା ବା ଅଧା ପ୍ଲେଟ ମାଗିବାକୁ ପଡ଼େ। ଏ କ୍ଷେତ୍ରରେ ଉପଭୋକ୍ତା ଅକଳରେ ପଡିଯାଏ। ଅଧା ପ୍ଲେଟ ପେଟପୂରା ନୁହେଁ ପୂରା ପ୍ଲେଟ ଭାଗକୁ ବଳକା। ବାଧ ହୋଇ ପୂରା ପ୍ଲେଟ ମାଗିବାକୁ ପଡ଼େ। ଫଳତଃ ଖାଦ୍ୟ ନଷ୍ଟ ହୋଇଥାଏ। ଅବଶ୍ୟ ବଳକା ଖାଦ୍ୟ ପ୍ୟାକ କରି ଆଣିହେବ। ହେଲେ ଆମ୍ଭମାନଙ୍କର ବୃଥା ଅହଙ୍କାର,ବଡ଼ଲୋକି ପଣିଆ ଓ ସଙ୍କୋଚ ମନୋଭାବ ଖାଦ୍ୟ ଛାଡି ଚାଲିଆସିବାକୁ ବାଧ କରେ।

ପ୍ରସ୍ତୁତ ଖାଦ୍ୟ (ରେଡି ମେଡ୍) ମଧ୍ୟ ବହୁ ପରିମାଣରେ ନଷ୍ଟ ହୋଇଥାଏ। ଶୁଖିଲା ଖାଦ୍ୟ ବା ବହୁଦିନ ସଂରକ୍ଷିତ ହୋଇପାରୁଥିବା ରନ୍ଧା ଖାଦ୍ୟ ଲୋକମାନେ ବହୁପରିମାଣରେ ନଷ୍ଟ କରିଥାନ୍ତି। ଏଭଳି ଖାଦ୍ୟ ଲୋକମାନେ ଆବଶ୍ୟକତାଠାରୁ ଅଧିକ କିଣିଥାନ୍ତି। ସମୟ ଅଭାବ, କାର୍ଯ୍ୟ ବ୍ୟସ୍ତ, ଭୁଲାପଣ ବା ବେଖାତିର ମନୋବୃତ୍ତି ହେତୁ ଏଭଳି ଖାଦ୍ୟର ଏକ୍ସପାଏରି ଡେଟ ଚାଲିଯାଏ। ଫଳରେ ଖାଦ୍ୟ ପଦାର୍ଥ ନଷ୍ଟହୁଏ। ରନ୍ଧା ଖାଦ୍ୟକୁ ଛାଡ଼ିଦେଲେ ବହୁ ପରିମାଣରେ ଖାଦ୍ୟଶସ୍ୟ ଶଢି ଯିବା ମଧ୍ୟ ଖାଦ୍ୟ ନଷ୍ଟର ଏକ ପ୍ରମୁଖ କାରଣ। ବିଶେଷକରି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବିଭିନ୍ନ ଋତୁରେ ଚାଷୀ ଖାଦ୍ୟଶସ୍ୟ ବା ଖାଦ୍ୟ ପଦାର୍ଥ ଉତ୍ପାଦନ କରୁଛି। କିନ୍ତୁ ଶୀତଳଭଣ୍ଡାର ବା ଉପଯୁକ୍ତ ପରିବହନ ସୁବିଧା ନ ଥିବା ହେତୁ ସେଗୁଡିକ ନଷ୍ଟ ହୁଏ। ଉଦାହରଣ ସ୍ୱରୂପ ଆମ ଦେଶ ଓ ରାଜ୍ୟରେ ପିଆଜ,ଟମାଟୋ(ବିଲାତି) ଭଳି ଅନେକ ଖାଦ୍ୟଶସ୍ୟ ତଥା ପନିପରିବା ଚାଷୀ ଉତ୍ପାଦନ କରୁଛି । କିନ୍ତୁ ଶୀତଳଭଣ୍ଡାର ଅଭାବରୁ ସେଗୁଡିକର ଅଭାବୀ ବିକ୍ରି ହେଉଛି ବା ଅନେକ ସମୟରେ ଚାଷୀମାନେ ରାସ୍ତାକଡ଼ରେ ବା ନିଜ ଜମିରେ ନଷ୍ଟ କରିବାକୁ ବାଧ ହୁଅନ୍ତି। ଏପରି କି ଦୁଗ୍ଧ ବିଭିନ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦିତ ହେଇଥାଏ କିନ୍ତୁ ପରିବହନ ଅଭାବରୁ ଅଭାବୀ ବା ଆବଶ୍ୟକ ଥିବା ଉପଭୋକ୍ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ଯାହାଫଳରେ ନଷ୍ଟ ହୁଏ। ଏଥିସହ ଖାଦ୍ୟ ନଷ୍ଟର କାରଣ ସମୟ, ପରିସ୍ଥିତି ଓ ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ଏହାର କୁପ୍ରଭାବ ସମଗ୍ର ମାନବ ସମାଜ ତଥା ଜୀବଜଗତ ଉପରେ ପଡିଥାଏ। ଅବଶ୍ୟ ଆଜିକାଲି କେତେକ ସଙ୍ଗଠନ ବଳକା ଖାଦ୍ୟ ସଂଗ୍ରହ କରି ଅଭାବୀ ଅସହାୟ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପ୍ରୟାସ କରୁଛନ୍ତି। କେତେକ ଜାଗାରେ ଫୁଡ୍ ବ୍ୟାଙ୍କ ମଧ୍ୟ ଚାଲୁ କରାଗଲାଣି। କିନ୍ତୁ ସବୁ ସ୍ଥାନରେ ବା ପର୍ଯ୍ୟାପ୍ତ ସଂଖ୍ୟାରେ ନାହିଁ। କିନ୍ତୁ ଏହାକୁ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରିବାର ସମୟ ଉପନୀତ। ପରିବାରର ବରିଷ୍ଠ ସଦସ୍ୟଗଣ ନିଜ ପିଲାମାନଙ୍କୁ ଏ ସମ୍ବନ୍ଧରେ ସଚେତନ ଓ ସତର୍କ କରେଇବା ଦରକାର। ଏଥିସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସାଙ୍ଗକୁ ବିଦ୍ୟାଳୟ ସ୍ତରରୁ ପାଠ୍ୟକ୍ରମରେ ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ନଷ୍ଟର କୁପ୍ରଭାବ ସମ୍ବନ୍ଧରେ ଯୁବ ପିଢ଼ିଙ୍କୁ ସଚେତନ କରାଇବା ଉଚିତ। ନଚେତ ପରିସ୍ଥିତି ଶୋଚନୀୟ ହୋଇପଡିବ। ଅପରପକ୍ଷରେ ଆବଶ୍ୟକ ପଡିଲେ ସରକାରୀ ସ୍ତରରେ ଆଇନ ତିଆରି କରାଯିବା ଉଚିତ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
ମୋ:୯୪୩୭୯୧୪୮୧୮

# ବହୁରୂପୀ

ନିମାଇଁ ଚରଣ ଲେଙ୍କା

କେହି ଯଦି ମୋତେ ୧ କି.ଗ୍ରା. ଜିଅନ୍ତା ବେଙ୍ଗ ନିକିତିରେ ଓଜନକରି ଦେଇପାରିବେ, ମୁଁ ତାଙ୍କୁ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ କରିଦେଇପାରିବି। କାରଣ ଏଭଳି ଉଚ୍ଚ ଆସନ ପାଇଯିବା ବରଂ ସହଜ, କିନ୍ତୁ 'ବେଙ୍ଗ ଓଜନ' କାର୍ଯ୍ୟଟି ସବୁଠାରୁ କଷ୍ଟକର। ଅନ୍ୟ ଭାଷାରେ ଗୁରୁଘର ପାଠ। ଏମାନେ ପ୍ରକୃତରେ ବେଙ୍ଗ ନୁହନ୍ତି। ମଣିଷ ରୂପଧାରୀ, ଭିନ୍ନଭିନ୍ନ ପରିସ୍ଥିତିରେ ବିଭିନ୍ନ ପଶୁପକ୍ଷୀ, ସରୀସୃପଙ୍କ ଚରିତ୍ରରେ ନିଖୁଣ ଅଭିନୟ କରିପାରୁଥିବା ଭୟଙ୍କର ଜନ୍ତୁ। ପ୍ରତି ୫ବର୍ଷରେ ଥରେ ଏମାନଙ୍କର ମହାକୁମ୍ଭ(ନିର୍ବାଚନ) ଯୋଗ ଚଳିତବର୍ଷ ମଧ୍ୟ ପଡ଼ିଛି। ତେଣୁ କଳେ ବଳେ କୌଶଳେ ଗୋଟିଏ ଦଳୀୟ ଆଜ୍ଞାପତ୍ରିକା (ଟିକେଟ) ହାସଲକରି ଯେକୌଣସି ମୂଲ୍ୟ ବିନିମୟରେ ନିର୍ବାଚନ ଜିତି, କ୍ଷମତା ହାସଲ କରି 'ଆମ ରକ୍ତ ଶୋଷିବା' ହିଁ ସେବାର ଏକମାତ୍ର ମାଧ୍ୟମ ବୋଲି ଏମାନେ ଜାଣନ୍ତି। ସେବାରେ ନୁହେଁ ନେବାରେ ବିଶ୍ୱାସୀ ଓ ସେବକର ଛଦ୍ମବେଶରେ ଶୋଷକ ହିଁ ଅଟନ୍ତି। ଲୋକେ ଯାହା କୁହନ୍ତୁ, କିନ୍ତୁ ପଇସା ଦରକାର। ମେଣ୍ଟ ରାଜନୀତି ବା ଆସନ ବୁଝାମଣା ହେଉଛି ନିର୍ବାଚନର ପ୍ରଥମ ଚରଣ। ବହୁ ଟଣାଓଟରା ଓ ମୂଲଚାଲ ପରେ ସେଇଟା ଚୂଡ଼ାନ୍ତ ହୋଇଯିବା ପରେ ଆରମ୍ଭ ହୋଇଯାଏ ଆଜ୍ଞାପତ୍ରିକା ପ୍ରାପ୍ତି ଉଦ୍ୟମ। ଦଳର ଦୃଷ୍ଟି ଆକର୍ଷଣ ପାଇଁ ଏମାନେ ଦଳୀୟ କାର୍ଯ୍ୟାଳୟ କିମ୍ବା ନେତାଙ୍କ ବାସଭବନ ସମ୍ମୁଖରେ ନକଲି ସମର୍ଥକମାନଙ୍କୁ ଧରି ପଟୁଆରରେ ନିଜର ଶକ୍ତି ପ୍ରଦର୍ଶନ କରନ୍ତି। ସମସ୍ତ କୌଶଳରେ ବିଫଳ ହେଲେ ଆରମ୍ଭ ହୋଇଯାଏ 'ଦଳବଦଳ' ବା 'ବେଙ୍ଗଡିଆଁ' କାର୍ଯ୍ୟକ୍ରମ। ନିଜ ସ୍ୱାର୍ଥ ପାଇଁ ଏମାନେ କର୍ମୀମାନଙ୍କ ନାଁ ନେଇ ବେଙ୍ଗ ପାଲଟିଯାଆନ୍ତି ଓ ଗୋଟିଏ ନିକିତିରୁ ଅନ୍ୟ ନିକିତିକୁ ତୀବ୍ରବେଗରେ ଡିଆଁଡେଇଁ କରନ୍ତି। ତେଣେ ମଧ୍ୟ 'ଛେଳି ମେଁମେଁକୁ କଟୁରି ମେଁମେଁ' ନ୍ୟାୟରେ 'ଭଙ୍ଗା ପୋଲୁହକୁ ମୁଣ୍ଡବୁଲା ଶେଉଳ' ପରି ଅନ୍ୟ ଦଳର ନେତୃତ୍ୱ, ଅଧିକ ଭୋଟ ଲୋଭରେ କିମ୍ବା ପ୍ରାର୍ଥୀ ଅଭାବ ଥିବାରୁ ଏଇ ଦଳଡିଆଁ, ଆମଦାନୀ ନେତାମାନଙ୍କୁ ଦଳରେ ଗ୍ରହଣ କରିନିଅନ୍ତି, 'ଅପାଳକ ରାଇଜରେ ବିଜୁଳି ଲକ୍ଷେଟଙ୍କା' ଭଳି। ଏମାନଙ୍କ ପାଇଁ ଦରକାର ଖାଲି କିଛି ଗେଣ୍ଡୁମାଳ, ଟୋପି ଓ ଗାମୁଛା, ମିଶ୍ରଣପର୍ବ ପାଳନ ପାଇଁ। ଅଣଦେଖା, ଅଗଣତାନ୍ତ୍ରିକ, ଏକଛତ୍ରବାଦ, ଦୁର୍ନୀତିଗ୍ରସ୍ତ ଆଦି କିଛି ଶବ୍ଦକୁ ଏମାନେ ମୁଖସ୍ଥ କରିଥାନ୍ତି ଓ ଆବଶ୍ୟକସ୍ଥଳେ ଆମକୁ ଭକୁଆ ମନେକରି ସେଗୁଡ଼ିକର ପ୍ରୟୋଗ କରନ୍ତି।

ଲଜ୍ଜାହୀନ ଭାବେ ଦୀର୍ଘବର୍ଷ ଧରି ସ୍ତୁତି କରୁଥିବା ଦଳକୁ ନିନ୍ଦା ଓ ନିନ୍ଦା କରୁଥିବା ଦଳର ସ୍ତୁତି କରନ୍ତି। ପ୍ରତ୍ୟେକ ଦଳର ହାଇକମାଣ୍ଡ ମଧ୍ୟ ନିଷ୍ଠାପର,ସଚ୍ଚୋଟ କର୍ମୀଙ୍କୁ ଅବହେଳାକରି ଏଭଳି କିଛି ଅଯୋଗ୍ୟଙ୍କୁ ଟିକେଟ ଦିଅନ୍ତି। ପୂର୍ବରୁ ଯେଉଁମାନେ ଥରେ ରାଜନୀତିରେ ପ୍ରବେଶ କରିଥାନ୍ତି, ସେଥିରେ ଏତେ ଘିଅ,ମହୁ(ଅର୍ଥ,କ୍ଷମତା ନିଶା)ର ସ୍ୱାଦ ଚାଖିଥାଆନ୍ତି ଯେ, 'ଭଲ ବ୍ୟବସାୟ ରାଜନୀତି' ବା 'ପୁଞ୍ଜି ବିନିଯୋଗ' ନୀତିରେ କୋଳିଖାଇ କୋଳିମଞ୍ଜି ପୋତିବା ଭଳି ନିଜ ପରିବାର ବ୍ୟତୀତ ଅନ୍ୟ କାହାରିକୁ ବାଟ ଛାଡ଼ନ୍ତିନାହିଁ। ନିଜେ ନ ପାଇଲେ ବା ଆପରାଧିକ ମାମଲାରେ ଛନ୍ଦିହୋଇଥିଲେ ସ୍ତ୍ରୀ, ପୁଅ, ଝିଅଙ୍କ ପାଇଁ ଓ କେତେକ କ୍ଷେତ୍ରରେ ବାପପୁଅ, ଭାଇଭାଇ ଉଭୟ ଏହି ଟିକେଟ ହାତେଇବାକୁ ଚେଷ୍ଟାକରି ସଫଳ ମଧ୍ୟ ହୁଅନ୍ତି। ଠିକ୍ ଚଟୁ ଆମିଷକୁ ବେଷ୍ଟ ନିରାମିଷ ଭଳି। ଦଳୀୟ ନିୟମ ସେମାନଙ୍କ ପାଇଁ ଗୋଟିଏ ଓ ଅନ୍ୟମାନଙ୍କ ପାଇଁ ଗୋଟିଏ। ସାହିତ୍ୟ,ସଂସ୍କୃତି, କଳା ଓ କ୍ରୀଡ଼ା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କିଛି ବ୍ୟକ୍ତି ମଧ୍ୟ ନିଜ ଲୋକପ୍ରିୟତାର ସୁଯୋଗ ନେଇ ଏହି ନିର୍ବାଚନୀ ଯଜ୍ଞରେ ଝାସ ଦିଅନ୍ତି। କେତେକେ ଅଭିନେତାରୁ ନେତା ଓ ନେତାରୁ ଅଭିନେତା ପାଲଟିଯାଆନ୍ତି।




ପ୍ରଥମ ପର୍ଯ୍ୟାୟ (ଟିକେଟ ବଣ୍ଟା) ପରେ ଆରମ୍ଭ ହୋଇଯିବ ଦ୍ୱିତୀୟ ପର୍ଯ୍ୟାୟ (ନିର୍ବାଚନ ଯୁଦ୍ଧ)। ଯିଏ କଳକୌଶଳ କରି ଟିକେଟ ପାଇବେ ତ ପାଇବେ, ଯିଏ ନ ପାଇବେ ଦଳବିରୋଧୀ ବା ଗୋଛିକଟା କାମରେ ଲାଗିଯିବେ। ପାଇବା ଲୋକ କିଛି ମିଥ୍ୟା ସତ୍ୟପାଠ (ସମ୍ପତ୍ତି ମୂଲ୍ୟ କମାଇ) ପ୍ରକାଶକରି ନିର୍ମଳ ଭାବମୂର୍ତ୍ତିର ପ୍ରମାଣ ଦେବେ। ସଭାସମିତିରେ ହାତୀ ଦେବି ଘୋଡ଼ା ଦେବି ଭଳି କିଛି ମିଥ୍ୟା ପ୍ରତିଶ୍ରୁତି(ଇସ୍ତାହାର) ଦେଇ ଲୋକଙ୍କ ଦୁର୍ଦ୍ଦଶା ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ଭୋଟ ଭିକ୍ଷାକରିବେ। "ଏ ଲଢ଼େଇ ଆପଣମାନଙ୍କର, ମୁଁ ନିମିତ୍ତମାତ୍ର କିମ୍ବା ପ୍ରଗତିରୂପୀ ଏହି ସେତୁବନ୍ଧ ନିର୍ମାଣରେ ମୁଁ ଗୁଣ୍ଡୁଚିମୂଷାଟିଏ ମାତ୍ର।" ଏହିପରି କିଛି ଛଳନାପୂର୍ଣ୍ଣ ଖଣ୍ଡବାକ୍ୟକୁ ସେମାନେ ବାରମ୍ବାର ପ୍ରୟୋଗ କରିବେ। ବେଙ୍ଗରୁ ଦୁହାଁଳିଆ ଗାଈ ହୋଇଯିବେ ଓ ଯିଏ ଯେତେ ପାରିବେ ସେତେ ଦୁହିଁ ନେଇଯିବେ। ନିଅନ୍ତୁ ପଛେ, ଆଗକୁ ତ କ୍ଷମତାଲାଭର ଆଶା ଅଛି, ହଜାର ଗୁଣ ଆଦାୟ ହେବ ହିଁ ହେବ। ଯଦି କୌଣସିମତେ ନିର୍ବାଚନରେ ଜିତିଯିବେ,ଗାଈରୁ ମୂଷା ହୋଇ କ୍ଷମତା ପାଇଁ ନିଜ ଦଳରୁ ଅନ୍ୟ ଦଳକୁ କନ୍ଦି କାଟିବେ। ଆବଶ୍ୟକ ପଡ଼ିଲେ, କ୍ଷମତାର ମ୍ୟାଜିକ୍ ନମ୍ବର ହାସଲ ପାଇଁ ଦଳପତିଙ୍କ ନିର୍ଦ୍ଦେଶରେ ମୂଷାରୁ ମେଣ୍ଢା ହୋଇ କୌଣସି ହୋଟେଲ ବା ଅତିଥି ଭବନରେ ଦଳଦଳ ହୋଇ ନଜରବନ୍ଦୀରେ ରହିବେ, ଗୃହରେ ଶକ୍ତି ପରୀକ୍ଷା ପର୍ଯ୍ୟନ୍ତ। ଯଦି ଭାଗ୍ୟକୁ କ୍ଷମତା ପାଇଯିବେ, ମେଣ୍ଢାରୁ ଜୋକ ହୋଇ ପୂରା ୫ବର୍ଷ ଆମର ରକ୍ତ ଶୋଷିଯିବେ। ରାଜନୈତିକ ଜୀବନର ଅବଧି ମଧ୍ୟରେ ଏମାନେ ଅସଂଖ୍ୟ ଥର ଦଳ ଡିଆଁଡେଇଁ କଲେ ମଧ୍ୟ ସବୁଠାରୁ ଖସିଯାଆନ୍ତି। ଏମାନେ ବାରମାସୀ ଚଢ଼େଇ ଓ ଏଣ୍ଡୁଅ ଭଳି ରଙ୍ଗ ବଦଳାଇବାରେ ପାରଙ୍ଗମ। କେବେ ଯଦି ଏମାନଙ୍କୁ ଲାଏ ଡିଟେକ୍ଟରର ସମ୍ମୁଖୀନ ହେବାକୁ ପଡ଼େ, ତେବେ ନିଜ ଚରିତ୍ର ଓ କଳା କାରନାମା ପଦାରେ ପଡ଼ିଯିବା ଭୟରେ ଏମାନେ ସମ୍ପୂର୍ଣ୍ଣ ରାଜନୀତି ଛାଡ଼ିଦେଇପାରନ୍ତି। ପ୍ରିୟ ପାଠକେ! ଆମେ କ'ଣ ଏହିଭଳି ନକଲି ସେବକ ଓ 'ବହୁରୂପୀ'ମାନଙ୍କ ହାତରେ ନିଜ ଭାଗ୍ୟଡୋରିକୁ ସବୁଦିନ ପାଇଁ ଟେକିଦେଉଥିବା? ଏହାର କ'ଣ କିଛି ପ୍ରତିକାର ନାହିଁ? ଏବେ ମଧ୍ୟ ସମୟ ଅଛି। ପ୍ରଥମରୁ ଆମେ ଯଦି ପ୍ରତିଜ୍ଞାବଦ୍ଧ ହୋଇ ପ୍ରତ୍ୟେକ ଦଳରେ ଥିବା ଏଇ ଅର୍ଥ, କ୍ଷମତାଲୋଭୀ,ସୁବିଧାବାଦୀ, ବୋଲଝାଞ୍ଜି, ଦଳଡିଆଁ ବେଙ୍ଗ,ରଙ୍ଗ ବଦଳାଉଥିବା ବାରମାସୀ ଚଢ଼େଇ ବା ଏଣ୍ଡୁଅ ଓ ମୁଣ୍ଡବୁଲା ଶେଉଳମାନଙ୍କୁ ଚିହ୍ନି ରଖି ଠିକ୍ ସମୟରେ ଉଚିତ ଶିକ୍ଷା ଦେଇପାରିବା ଏବଂ କୌଣସି ଦଳ ନ ଦେଖି ରାଜନୀତି କ୍ଷେତ୍ରରେ ଥିବା ନୀତିନିଷ୍ଠ, ସେବାନିଷ୍ଠ, ସ୍ୱାଭିମାନୀ, ସଚ୍ଚୋଟ, ଆଦର୍ଶବାଦୀ ନେତା ତଥା ନିଷ୍କଳଙ୍କ ଯୁବନେତାମାନଙ୍କୁ ନୈତିକ ସମର୍ଥନ ଦେଇପାରିବା, ତେବେ ସବୁ କିଛି ଆପେ ସଜାଡ଼ି ହୋଇଯିବ। ରାଜନୀତିରେ ଏକ ନିର୍ମଳ, ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ଏବେ ସମଗ୍ର ରାଷ୍ଟ୍ରର ମଙ୍ଗଳ ପାଇଁ ଆମେ(ଧୃତରାଷ୍ଟ୍ରମାନେ) ଆମ ଅଜ୍ଞାନତା ରୂପକ ଅନ୍ଧପୁଟୁଳି ଖୋଲିଦେବା ହିଁ ସମୟର ଆହ୍ୱାନ।

ମୋ:୯୨୩୮୬୧୫୪୭୮

## ଏଇ ଭାରତରେ

କୃଷି ଇଞ୍ଜିନିୟରିଂ ପାସ୍ କରିବା ପରେ ଡ୍ରାଗନ ଫ୍ରୁଟ୍ସ ଚାଷ କରି ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି ମହାରାଷ୍ଟ୍ରର ମହେଶ ଅଶାବେ। ସେ ଆଗାମୀ ପିଢ଼ିଙ୍କୁ ବାଟ ଦେଖାଇଛନ୍ତି। ଥରେ ଡ୍ରାଗନ ଚାଷ ଆରମ୍ଭ କଲେ ଏହା ୨୦ରୁ ୨୫ ବର୍ଷ ଯାଏ ଅମଳକ୍ଷମ ରହିବ। ଡ୍ରାଗନ ଗ୍ରୀଷ୍ମର ପ୍ରକୋପ ସହ୍ୟ କରିବା ସହ ଯେ କୌଣସି ମାଟିରେ ଏହାକୁ ଚାଷ କରାଯାଇପାରେ କୁହନ୍ତି ମହେଶ। ସୋଲାପୁର ଜିଲାର ତାଙ୍କ ଗାଁ ଶୁଷ୍କ ଅଞ୍ଚଳ ହୋଇଥିବାରୁ ଏହି ଚାଷ ପ୍ରତି ସେ ଆଗ୍ରହୀ ହୋଇଥିଲେ। ୨୦୧୨ରେ ୯,୦୦୦ ଚାରା ଆଣି ୩ ଏକର ଜମିରେ ଲଗାଇଥିଲେ ଓ ଚାଷରେ ମୋଟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ପ୍ରଥମ ବର୍ଷ କୌଣସି ଲାଭ ପାଇ ନ ଥିଲେ। ଏଥିରେ ସେ ନିରାଶ ନ ହୋଇ ତାହାର ଯତ୍ନ ନେବାରେ ଅବହେଳା କରି ନ ଥିଲେ। ଦୁଇବର୍ଷରୁ ଫଳ ଧରିଲା ପରେ ସେ ଲାଭ ପାଇଲେ। ଏବେ ସେ ପ୍ରତ୍ୟେକ ବର୍ଷ ଏଥିରୁ ୨ କୋଟି ଟଙ୍କା ପାଉଛନ୍ତି। ଏହାସହ ଡ୍ରାଗନ ଫ୍ରୁଟ୍ସରୁ ସେ ଜୁସ୍, ସ୍କ୍ୱାସ୍, ଜାମ୍ ଓ ଚକୋଲେଟ ତିଆରି କରିବାକୁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୭୫

- ଛାତ୍ରମାନେ ସେମାନଙ୍କ ଦାବି ପୂରଣ ନିମନ୍ତେ ପୁସ୍ତକାଗାରକୁ ଦଖଲ କରିଥିବା ଓ ପ୍ରଶାସନିକ ବ୍ୟବସ୍ଥାକୁ ଅଚଳ କରିଦେବା ପରିପ୍ରେକ୍ଷୀରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ବନ୍ଦ।
- ଭାରତ-ପାକିସ୍ତାନ ସୀମାର ୧୬ କିଲୋମିଟର ଦୂରବର୍ତ୍ତୀ ଇଲାକାର କୃଷକମାନଙ୍କୁ ଭୂରାଜସ୍ୱ ଛାଡ଼ କରିଦେବା ପାଇଁ ପଞ୍ଜାବ ସରକାରଙ୍କ ନିଷ୍ପତ୍ତି।
- ଦକ୍ଷିଣ ଭିଏତନାମର ଅସ୍ଥାୟୀ ବିପ୍ଳବୀ ସରକାର ୧୬ ପ୍ରଦେଶ ସମେତ ୮୩ ଜିଲା ଦଖଲ କରିବା ସହ ୨୭୦,୦୦୦ ଜଣ ନିୟମିତ ଓ ଆଞ୍ଚଳିକ ସୈନ୍ୟଙ୍କୁ ଦମନ କରିଛନ୍ତି।

## ଚିରନ୍ତନୀ

କହ କହ କେଉଁ ବାଆ ଜଗାଏ ଲୋ ତତେ,
ସେ ନିଶ୍ୱେ ମୋହରି ବାଆ ହୁଅଇ ପରତେ,
ତୋର ନୀଳ ଦରପଣେ
କୋଟିଏ ତାରା ଗହଣେ
କେଉଁ ତାରା ମୁଖ ଦେଖେ କହ କହ ସତେ!
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ବାରାକ୍ ନିର୍ମାଣ ହେଉ

ମହାଶୟ,

ପୋଲିସ ମୁଖ୍ୟାଳୟରେ ମାତ୍ର ୪ଟି ବାରାକ୍ ରହିଛି। ଅଧିକ ସଂଖ୍ୟକ ପୋଲିସ ରହିବା ପାଇଁ ଆଦୌ ସମ୍ଭବପର ନୁହେଁ। ଆଉ ଅଧିକ ୨/୩ଟି ବାରାକ୍‌ର ଆବଶ୍ୟକତା ପଡୁଛି। ଏଥିପ୍ରତି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଦରକାର। ସିଡିଏ, ଜଗତପୁର, ଫୁଲନଖରା କିମ୍ବା ବାରଙ୍ଗ ନିକଟରେ ନିର୍ମାଣ ଏହାକୁ କରାଯାଉ। ବାଲିଯାତ୍ରା, ଦଶହରା, ଗଣେଶପୂଜା ଭଳି ଉତ୍ସବ ସମୟରେ ଅଧିକ ସଂଖ୍ୟକ ଫୋର୍ସ ଆସି ଅସ୍ଥାୟୀ ଶିବିରରେ ରହୁଛନ୍ତି। ଏଣୁ ଅଧିକ ବାରାକ ନିର୍ମାଣ କରାଗଲେ ଏଭଳି ସମସ୍ୟାର ସମାଧାନ ହୋଇପାରନ୍ତା। ଅଧିକ ପୋଲିସ ରହିଲେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତ କରିବା ସହଜ ହେବ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଢୁଛି ଚୋରା ମାଦକଦ୍ରବ୍ୟ କାରବାର

**ସୁବର୍ଣ୍ଣପୁର**

■ଗାଁ ଠାରୁ ସହର ଛକ, ବଜାର ସବୁଠି ମିଳୁଛି ପାଉଚ୍ ମଦ

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଲାଣି। ଏନେଇ ସୁବର୍ଣ୍ଣପୁର ଜିଲାରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଏବେଠାରୁ ବିଭିନ୍ନ ଦଳର ପ୍ରାର୍ଥୀ ଓ ଆଶାୟୀମାନେ ମଦ, ମାଂସ ଦେବା ଆରମ୍ଭ କରି ଦେଲେଣି। ତେଣୁ ସାରା ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଜିଲାର ହାଟବଜାର, ଖେଳପଡ଼ିଆ, କେନାଲ ରାସ୍ତା ଯେଉଁଠି ଦେଖିଲେ ମଦ ପାଉଚ୍‌ର ପଲିଥିନ୍ ବିଛେଇ ହୋଇ ପଡିଛି। ଗ୍ରାମାଞ୍ଚଳର ଛକ ଛକରେ ଦେଶୀ ଓ ବିଦେଶୀ ମଦର ବନ୍ୟା। ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନ ଓ ପଡ଼ିଆରେ ଦେଶୀ ମଦର ଆସର ଜମୁଛି। ଅଧିକାଂଶ ଢାବାଗୁଡିକରେ ଖୁଲମଖୋଲା ବିଦେଶୀ ମଦ କାରବାର ଚାଲିଛି। ପୋଲିସ ଓ ଅବକାରୀ ବିଭାଗ କୌଣସି କାରଣରୁ ନ ଜାଣିଲା ଭଳି ଚୁପ୍ ରହୁଛି। ସେହିପରି ବିଭିନ୍ନ ପଶୁପକ୍ଷୀଙ୍କ ଫଟୋ ଥିବା ନକଲି ପଲିଥିନ ପାଉଚ୍ ତିଆରି କରି ଅବାଧରେ ଦେଶୀ ମଦ କାରବାର ଚାଲିଛି। ଜିଲାର ବିଭିନ୍ନ ଜଙ୍ଗଲ ଓ ନାଳ ପାର୍ଶ୍ୱରେ ଅବାଧ ଭାବେ ଦେଶୀ ମଦ ପ୍ରସ୍ତୁତି ଚାଲିଛି। ଏପରିକି ନକଲି ମଦ ପ୍ରବେଶ ଆଶଙ୍କା ଚିନ୍ତାର କାରଣ ହୋଇଛି। ଚୋରା ଓ ନକଲି ମଦ ର୍‍ୟାକେଟ୍ ନିର୍ବାଚନ ସମୟରେ ଭରପୁର ଫାଇଦା ଉଠାଇବା ନେଇ ଯୋଜନା ପ୍ରସ୍ତୁତ କରୁଥିବା କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ଏବେ ଯାହା ଚାଲିଛି ତାହା ଧିରେ ଧିରେ ବହୁ ଗୁଣିତ ହୋଇଯିବ। ଯେହେତୁ ପ୍ରାୟତଃ ଗାଁରେ ଚୋରା ମଦ କାରାବାର ଚାଲିଛି। ତେଣୁ ସେମାନେ ମନଇଚ୍ଛା ଦରବୃଦ୍ଧି କରି ନିର୍ବାଚନ ସମୟରେ ଅର୍ଥ ରୋଜଗାର କରିବା ସହ ନିର୍ବାଚନକୁ ପ୍ରଭାବିତ କରିବେ। କେବଳ ମଦ ନୁହେଁ, କଫ୍‌ସିରପ ଓ ଗଞ୍ଜେଇ କାରବାର ମଧ୍ୟ ଚିନ୍ତାର କାରଣ ହୋଇଛି। ଜିଲା ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢାଉ କରି କେତେକାଂଶରେ ସଫଳତା ପାଉଛନ୍ତି କିନ୍ତୁ ତାହା ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇ ପାରୁନାହିଁ। ଏ ନେଇ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅନେକ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ସୁବର୍ଣ୍ଣପୁର ସହର ଓ ଜିଲାରେ କିଛି ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। କେନାଲ ପାଣିରେ ପ୍ଲାଷ୍ଟିକ୍ ଗ୍ଲାସ, ମଦ ପାଉଚ୍ ଜରି ଓ ପ୍ଲେଟ୍ ଭାସୁଥିବାର ଲକ୍ଷ୍ୟ କରାଯାଉଛି। ସେହିପରି ଠିପି ବନ୍ଦ ମଦ ଦୋକାନରୁ ବେଆଇନ ଭାବେ ଢାବାଗୁଡିକୁ ବିପୁଳ ପରିମାଣର ମଦ ଚାଲାଣ ହେଉଛି। ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନର ଗୁରୁତ୍ୱ ଦେଉଛନ୍ତି। ଜିଲାସ୍ତରରେ ଯେଭଳି ଅବାଧ ମଦ କାରବାର ବନ୍ଦ ହେବ ସେ ନେଇ ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲାପାଳଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାସ୍ତରରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଯୁଗ୍ମ ତଥା ବହୁମୁଖୀ ପ୍ରବର୍ତ୍ତନ ଦଳ ଗଠନ କରିବାକୁ କୁହାଯାଇଛି। ତେଣୁ ବହୁମୁଖୀ ପ୍ରବର୍ତ୍ତନ ଦଳ ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜୟନ୍ତୀ



@ ବାବୁଲ



@ ଦୁର୍ଯ୍ୟୋଧନ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶତବାର୍ଷିକ ଶ୍ରାଦ୍ଧ ଦିବସ

ଡୁଙ୍ଗୁରିପାଲି, ୮।୪ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ହାଇସ୍କୁଲ ଛକ ନିକଟରେ ଥିବା ସାଇ ଗେଷ୍ଟ ହାଉସ ପରିସରରେ ସାହିତ୍ୟ ଓ ସାଂସ୍କୃତିକ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶତବାର୍ଷିକ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଡ. ସୁବାସ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧ ଦିବସରେ ମୁଖ୍ୟବକ୍ତା ଭାବେ ବରଗଡ଼ ଜିଲା ବରପାଲି ବ୍ଲକ ସତଲମା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପଧାନ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ଭୁଲିଆ ସମାଜର ସଭାପତି ଡୋଳାମଣି ମେହେର, ଉପଦେଷ୍ଟା ଲକ୍ଷ୍ମୀଧର ନାୟକ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ହରିପ୍ରିୟା ପଧାନ ମଞ୍ଚାସୀନ ଥିଲେ। ଶ୍ରାଦ୍ଧ ଦିବସର ଉଦ୍ଦେଶ୍ୟ ଜ୍ଞାପନ ସମ୍ପାଦକ ଅମୂଲ୍ୟ ବେହେରା କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ ଚିତ୍ତରଞ୍ଜନ ବିଶ୍ୱାଳ କରିଥିଲେ। ସୀତାରାମ ମେହେର, କିଶୋର ମେହେର, ବନମାଳୀ ମେହେର, ସସ୍ମିତା ଦାସ, ଖଗେଶ୍ୱର ସାହୁ, ମଞ୍ଜୁଲତା ମିଶ୍ର, ଭିକାରୀ ପଧାନ, ଗୋପାଳ ବାରିକ, ବିପ୍ରଚରଣ ସାହୁ, ନରୋତ୍ତମ ବରିହା, ଘନଶ୍ୟାମ ମେହେର, ଅରକ୍ଷିତ ମେହେର ମଧୁସୂଦନ ସାହୁ, ବୈଶାଖୁ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କବିଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଯୋଗଦେଇଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍।

## ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା



ଶ୍ରୀରାମ ନବମୀ ଉପଲକ୍ଷେ ଡୁଙ୍ଗୁରିପାଲିରେ କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

ଡୁଙ୍ଗୁରିପାଲି,୮।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶ୍ରୀରାମ ମନ୍ଦିର ପରିଚାଳନା ଓ ପୂଜା କମିଟି ପକ୍ଷରୁ ସୋମବାର ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ଶିବ ମନ୍ଦିର ନିକଟରେ ଥିବା ପୋଖରୀରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପୂର୍ଣ୍ଣ କଳସ ଜଳ ଆଣି ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଘଣ୍ଟବାଦ୍ୟ କୀର୍ତ୍ତନ ସହ ଶୋଭାଯାତ୍ରାରେ ଡୁଙ୍ଗୁରିପାଲି ସହର ପରିକ୍ରମା କରି କୁଦେଇପଡ଼ାସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚି ଥିଲେ। ୧୫ ବର୍ଷରେ ପଦାର୍ପଣ କରିଥିବା ଏହି ଶ୍ରୀରାମ ନବମୀ ପୂଜା ଉତ୍ସବ ମଙ୍ଗଳବାରରୁ ଆରମ୍ଭ ହୋଇ ୯ଦିନ ବ୍ୟାପି ଚାଲିବ। ଏଥିଉପଲକ୍ଷେ ରାମାୟଣ ପାରାୟଣ ଗାନ ହେବ। ରାମାୟଣ ପୁରାଣ କଥାବସ୍ତୁକୁ ନେଇ ନାଟ୍ୟାଭିଷେକ ପରିବେଷଣ ହେବ ବୋଲି ମନ୍ଦିର ପୂଜା କମିଟିର ସଭାପତି ଲଳିତ ଭୋଇ ସୂଚନା ଦେଇଛନ୍ତି। କଳସ ଶୋଭାଯାତ୍ରାର କର୍ତ୍ତା ଭାବେ ଆଲୋକ ମେହେର ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀରାଣୀ ମେହେର ଦାୟିତ୍ୱ ତୁଲାଇଥିଲେ। କଳସ ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଓ ପୂଜା କମିଟିର ବଙ୍ଗାଳୀ ବିଶ୍ୱାଳ, ମୁକୁନ୍ଦ ମେହେର, ହୃଷିକେଶ ସାହୁ, ସୁଦାମ ଦିଶ୍ରୀ, ବୁଧଦେବ ସାହୁ, ବିକାଶ ଭୋଇ, ପ୍ରମୋଦ ବରର୍ତ୍ତୀ, ଦୁଗ୍ଧ ଯୁଆଡ଼ି, ସୀତାରାମ ମେହେର, ସୁଧାଂଶୁ ମେହେର, ସୁନ୍ଦର ଦଣ୍ଡସେନା, ପ୍ରଦୀପ ଅଗ୍ରୱାଲ, ମାୟାଧର ସାହୁ ପ୍ରମୁଖ ସାମିଲ ଥିଲେ।

## ୧୫କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲଫୁଲ ଜବତ

**ଆଳୁ, ପିଆଜ ଦେଇ ମହୁଲ ଫୁଲ ସଂଗ୍ରହ କରିଥିଲେ ବେପାରୀ**

ପାଟଣାଗଡ଼, ୮।୪ (ସଚ୍ଚିଦାନନ୍ଦ ମହାକୁର)

ଆଳୁ, ପିଆଜ ବିକ୍ରି କରି ପ୍ରତିବଦଳରେ ମହୁଲ ସଂଗ୍ରହ ମହଙ୍ଗା ପଡିଛି। ବିନା ଲାଇସେନ୍ସରେ ମହୁଲ ସଂଗ୍ରହ କରିବା ଅଭିଯୋଗରେ ଅବକାରୀ ବିଭାଗ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଗେର୍ଡା ପଞ୍ଚାୟତ ରେଙ୍ଗାଲି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ୧୫ କୁଇଣ୍ଟାଲ ୧୭ କେଜି ମହୁଲ ଫୁଲ ଜବତ କରିଛି। ବେପାରୀ ଅଜୟ ମେହେର ଚଢାଉ ସମୟରେ ଘରେ ନ ଥିବା ବେଳେ ବିଭାଗ ତାଙ୍କ ସ୍ତ୍ରୀ ବାସନ୍ତୀ ମେହେରଙ୍କ ନାମରେ ଏକ ମାମଲା ରୁଜୁ କରିଛି। ଦଫା ୪୧ ଆଧାରରେ ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଅବକାରୀ ଉପନିରୀକ୍ଷକ ରାଜକୁମାର ବେହେରାଙ୍କଠାରୁ ସୂଚନା ମିଳିଛି ।

ଅଭିଯୋଗ ଅନୁସାରେ ରେଙ୍ଗାଲି ଗାଁର ଅଜୟ ମେହେର ବାଇକ ଯୋଗେ ଆଳୁ ଓ ପିଆଜ ନେଇ ଗାଁଗାଁ ବୁଲି ଏହାକୁ ବିକ୍ରି କରି ବଦଳରେ ଲୋକଙ୍କଠାରୁ ମହୁଲ ସଂଗ୍ରହ କରିଥାନ୍ତି। ଏ ସମ୍ପର୍କରେ ଘସିଏନ ଅଞ୍ଚଳର ଜଣେ ଜଣାଶୁଣା ମହୁଲ ବ୍ୟବସାୟୀଙ୍କ ସହଯୋଗୀଙ୍କଠାରୁ ପାଟଣାଗଡ଼ ଉପଅବକାରୀ ବିଭାଗକୁ ଖବର ମିଳିଥିଲା। ଏହି ତଥ୍ୟ ଆଧାରରେ ସୋମବାର ମଧ୍ୟାହ୍ନରେ ବିଭାଗୀୟ କର୍ମଚାରୀ ଅଜୟଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଘରେ ଅନେକ ଖାକି ପୋଷାକ ଧାରୀ ଅବକାରୀ କର୍ମଚାରୀଙ୍କୁ ଦେଖି ବେପାରୀଙ୍କ ମା' ଚେତା ଶୂନ୍ୟ ହୋଇ ପଡିଯାଇଥିଲେ । ପରେ ତାଙ୍କୁ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆ ଯାଇଥିଲା। ଅପରପକ୍ଷରେ ଏସବୁ ଘଟଣା ଦେଖି ଗ୍ରାମର ବହୁ ସଂଖ୍ୟାରେ ମହିଳା ପିକ୍‌ଅପ ଭ୍ୟାନ ପାଖକୁ ଆସି ଅବକାରୀ କର୍ମଚାରୀମାନଙ୍କ ସହ କଥା କଟାକଟି କରିଥିଲେ। ପରେ ଘଟଣାସ୍ଥଳକୁ ପୋଲିସ ଆସିବା କଥା ଶୁଣି ମହିଳାମାନେ ମହୁଲ ବୋଝେଇ ପିକଅପ ଗାଡ଼ିକୁ ଛାଡିଦେଇଥିଲେ। ପରେ ମହୁଲ ବୋଝେଇ ପିକ୍‌ଅପକୁ ଅବକାରୀ କର୍ମଚାରୀମାନେ କାର୍ଯ୍ୟାଳୟକୁ ନେଇଥିଲେ। ଦୈନନ୍ଦିନ ବ୍ଲକର ବିଭିନ୍ନ ଅଞ୍ଚଳରୁ ମହୁଲ ବୋଝେଇ ଗାଡ଼ି ଜିଲା ଓ ଜିଲା ବାହାରକୁ ଚାଲାଣ ହେଉଥିବାବେଳେ ବିଭାଗ ଜାଣି ପାରୁନାହିଁ। ଅଥଚ ଜଣେ ଆଳୁ ପିଆଜ ବଦଳରେ ଲୋକଙ୍କୁଠାରୁ ମହୁଲ ଆଣୁଥିବା ବ୍ୟକ୍ତିଙ୍କ ଘରେ ବିଭାଗ ପକ୍ଷରୁ ଚଢ଼ାଉ କରାଯିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



ଜବତ ମହୁଲ ଫୁଲକୁ ଅବକାରୀ ବିଭାଗ ଜବତ କରି ନେଉଛି।

## ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିନାହିଁ

**ତାପମାତ୍ରା ବୃଦ୍ଧି ପରେ ଜଳୁଛି ଲାଞ୍ଜିଗଡ଼**

ଲାଞ୍ଜିଗଡ଼,୮।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ହେବାରେ ଲାଗିଥିବା ବେଳେ ପଞ୍ଚାୟତ ପକ୍ଷରୁ ଏଯାଏ ଜଳଛତ୍ର ଖୋଲାଯାଇ ନାହିଁ। ପ୍ରଚଣ୍ଡ ଖରା ଯୋଗୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିଲେ ଖରାରେ ଲୋକଙ୍କ ମୁହଁ ପୋଡିଯାଉଛି। ବିଶେଷକରି ପଥଚାରୀ ଓ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଟରସାଇକଲ, ଯାତ୍ରୀବାହୀ ବସ ଏବଂ ଅନ୍ୟାନ୍ୟ ଯାନବାହନରେ ଯିବା ଆସିବାବେଳେ ଲୋକେ ମୁହଁରେ ଗାମୁଛା ଘୋଡେଇ ହୋଇ ଯିବାଆସିବା କରୁଥିବା ଦେଖାଯାଉଛି। ଏପ୍ରିଲ ମାସର ୬ ଦିନ ବିତିଯାଇଥିଲେ ମଧ ପଞ୍ଚାୟତ ପକ୍ଷରୁ ସହରର କୌଣସି ସ୍ଥାନରେ ଜଳଛତ୍ର ଖୋଲିନାହିଁ। ଫଳରେ ଖରାଦିନରେ ଲୋକେ ପାଣି ପିଇବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମୟରେ ଆଖୁରସ, ଲସି, ମୃଦୁପାନୀୟ ଦୋକାନରେ ଭିଡ ଦେଖିବାକୁ ମିଳୁଛି। ସୂଚନା ଥାଉକି ଗତ ଶୁକ୍ରବାର ବେନଗାଁଠାରେ ଜଣେ ବୃଦ୍ଧଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିବା ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନ ଥିବାରୁ ବହୁ ଲୋକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଲାଞ୍ଜିଗଡ ସହର ମୁଖ୍ୟ ମାର୍କେଟ ନିକଟରେ ରାସ୍ତାକଡରେ ଗଛ ନ ଥିବାରୁ ଲୋକେ କେଉଁଠି ଠିଆ ହୋଇପାରୁ ନାହାନ୍ତି। ଟାଣଖରା ଯୋଗୁ ରାସ୍ତାଘାଟ ଶୁନଶାନ ହୋଇପଡୁଛି। ପୂର୍ବାହ୍ନ ୧୧ଟାରୁ ଲୋକେ ଯିବାଆସିବା ବନ୍ଦ କରିବା ସହ ଅପରାହ୍ନ ୪ଟା ପରେ ଯିବାଆସିବା କରୁଥିବା ଦେଖାଯାଉଛି। ମୁଖ୍ୟ ରାସ୍ତା, ଛକ ସ୍ଥାନରେ ତୁରନ୍ତ ଜଳଛତ୍ର ଖୋଲିବା ଏବଂ ବୁଲା ଗୋରୁଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେରଙ୍କୁ ପଚାରିବାରୁ ସେ କହିଲେ ଚାରିଦିନ ହେଲାଣି ମୁଁ ସରପଞ୍ଚ କହିଛି ଲୋକ ଠିକ କରି ପଞ୍ଚାୟତ ଅଫିସ ସାମ୍ନାରେ ଏବଂ ଲାଞ୍ଜିଗଡ ବଜାର ଛକ ନିକଟରେ ଦୁଇ ଜାଗାରେ ଜଳଛତ୍ର ଖୋଲିବା ପାଇଁ କିନ୍ତୁ ଖୋଲା ହେଲାଣିକି ନାହିଁ ସରପଞ୍ଚଙ୍କୁ ପଚାରିଲେ ଜଣାପଡିବ ବୋଲି ସୂଚନା ଦେଇଥିଲେ। ଏ ବିଷୟରେ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ସୋମବାରଠାରୁ ଜଳଛତ୍ର ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

## ଏଟିଏମ୍ ପୋଡ଼ିଦେଲେ ଦୁର୍ବୃତ୍ତ

ରୁପ୍ରାରୋଡ୍,୮।୪(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏଟିଏମକୁ କେହି ଜଣେ ଦୁର୍ବୃତ୍ତ ରବିବାର ରାତିରେ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଗ୍ରାହକମାନେ ଆସି ନିରାଶରେ ଫେରିଯାଉଥିବା ଦେଖାଦେଇଛି। ଏଠାରୁ ପୂର୍ବ ଏଟିଏମ ଭାଙ୍ଗିବା, ଏଟିଏମ ଗୃହ କବାଟ ଓ କାଚ ଭାଙ୍ଗିବା ଆଦି ବାରମ୍ବାର ଘଟି ଆସିଛି। ଏହା ସତ୍ତ୍ୱେ ସ୍ଥାନୀୟ ବ୍ୟାଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ କୌଣସି ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି କରା ନ ଯିବାକୁ ନେଇ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବ୍ୟାଙ୍କ ଏହାର ସତନ୍ତ୍ର ଦୃଷ୍ଟି ରଖିବାକୁ ଜନସାଧାରଣ ଦାବି ହେଉଛି। ଜିଲାର ଏକ ପ୍ରମୁଖ ବ୍ୟବସାୟୀ ପେଣ୍ଠ ହେଉଛି ରୁପ୍ରାରୋଡ। ଏଠାରେ ପ୍ରତିଦିନ ନିତ୍ୟ ବ୍ୟବହୃତ ଜିନିଷ ସହ ଲୁଗାପଟା, ଔଷଧପତ୍ର କିଣାକିଣି ପାଇଁ ଦୂରଦୂରାନ୍ତରୁ ଅନେକ ଲୋକଙ୍କର ସମାଗମ ହୋଇଥାଏ। ବ୍ୟବସାୟ ବାଣିଜ୍ୟ କାରବାରକୁ ଆଖି ଆଗରେ ରଖି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ମଧ ୨ଟି ଏଟିଏମ ସେବା ଉପଲବ୍ଧ କରାଇଛି। ରବିବାର ରାତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏଟିଏମକୁ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡ଼ିଛି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

## ରେଙ୍ଗାବାହାଲ-ଦର୍ଲିପଡ଼ା ରାସ୍ତା ନିମ୍ନମାନର ଅଭିଯୋଗ

ନୂଆପଡ଼ା,୮।୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ଉନ୍ନତିକରଣ କାମରେ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି। ନୂଆପଡା ଜିଲା ପରିଷଦ ଆଇଡିଏଫ ପାଣ୍ଠି ୨୦୨୩-୨୪ ବର୍ଷରେ ୩ ଲକ୍ଷ ଟଙ୍କାରେ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ମୋରମ ବଦଳରେ ରାସ୍ତାରେ ମାଟି ପକାଯାଇଛି। ମୋରମ ପକାଇ ପାଣି ଛିଞ୍ଚି ରୁଲର ଚଲାଇ ସମତୁଲ କରିବା ନିୟମ ଥିଲେ ମଧ ରାସ୍ତାରେ ମାଟି ପକାଇ ପାଣି ଦିଆନାହିଁ କି ରୁଲର ଚଲା ଯାଇନାହିଁ। ରାତାରାତି କାମ କରି ଦିଆଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହି ରାସ୍ତା ଦେଇ ବାଲିଖମାର, ସିଆଲଲଟି ଜୁନାପଡା, ତୁଳସିପଡା, ବେଲରଦନା ଲୋକେ ନିର୍ଭର କରନ୍ତି। ରାସ୍ତା ଖାଲଖମା ହୋଇଥିବାରୁ ସାଇକେଲ କିମ୍ବା କୌଣସି ଗାଡି ଯାତାୟାତ କରି ପାରୁନାହିଁ। ସେହି ରାସ୍ତା ଦେଇ ଶିଶୁ ମନ୍ଦିର ପିଲା ଅଟୋରିକ୍ସାରେ ତରବୋଡକୁ ଯାଇଥାନ୍ତି। ଅଟୋରିକ୍ସା ଯାଇ ପାରୁ ନ ଥିବାରୁ ସିଆଲଲଟି ଦେଇ ଅଧିକ ୫ ରୁ ୭ କି.ମି. ବୁଲି ଯିବାକୁ ପଡୁଥିବାରୁ ଅଧିକ ସମୟ ଲାଗୁଛି। ରାସ୍ତା ଅବସ୍ଥା ଯେଉଁ ପ୍ରକାର ହୋଇଛି ସାଧାରଣ ମଣିଷ ପାଦରେ ଚାଲିଯିବା ବହୁତ କଷ୍ଟକର ହୋଇ ପଡୁଛି। ରାସ୍ତା ନିର୍ମାଣ ନ ହେବା ପୂର୍ବରେ ଭଲ ଥିଲା। ନୂତନ କରି ରାସ୍ତା ନିର୍ମାଣ ହେଲା ପରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଜଣେ ବାଟୋଇ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯନ୍ତ୍ରୀ ସାନ୍ତାନୁ କୁମାର ରଣାଙ୍କୁ ପଚାରିବାରୁ ମୁଁ ଯାଇ ତଦନ୍ତ କରିବି, ଯଦି ନିମ୍ନମାନ ହୋଇଛି ହେଲେ ଭଲ ଭାବେ କାମ କରାଯିବ ବୋଲି କହିଥିଲେ।



ରାସ୍ତାରେ ମୋରମ ପକାଯାଇଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ | **ବିଜ୍ଞାପନ** | ତା:୦୪।୦୪।୨୦୨୪

No. CAD-39: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋଳିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

# ବଢୁଛି ଚୋରା ମାଦକଦ୍ରବ୍ୟ କାରବାର

**ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)**

**ସୁବର୍ଣ୍ଣପୁର**

**■ଗାଁ ଠାରୁ ସହର ଛକ, ବଜାର ସବୁଠି ମିଳୁଛି ପାଉଚ୍ ମଦ**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଲାଣି। ଏନେଇ ସୁବର୍ଣ୍ଣପୁର ଜିଲାରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଏବେଠାରୁ ବିଭିନ୍ନ ଦଳର ପ୍ରାର୍ଥୀ ଓ ଆଶାୟୀମାନେ ମଦ, ମାଂସ ଦେବା ଆରମ୍ଭ କରି ଦେଲେଣି। ତେଣୁ ସାରା ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଜିଲାର ହାଟବଜାର, ଖେଳପଡ଼ିଆ, କେନାଲ ରାସ୍ତା ଯେଉଁଠି ଦେଖିଲେ ମଦ ପାଉଚ୍‌ର ପଲିଥିନ୍ ବିଛେଇ ହୋଇ ପଡ଼ିଛି। ଗ୍ରାମାଞ୍ଚଳର ଛକ ଛକରେ ଦେଶୀ ଓ ବିଦେଶୀ ମଦର ବନ୍ୟା। ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନ ଓ ପଡ଼ିଆରେ ଦେଶୀ ମଦର ଆସର ଜମୁଛି। ଅଧିକାଂଶ ଢାବାଗୁଡିକରେ ଖୁଲମଖୋଲା ବିଦେଶୀ ମଦ କାରବାର ଚାଲିଛି। ପୋଲିସ ଓ ଅବକାରୀ ବିଭାଗ କୌଣସି କାରଣରୁ ନ ଜାଣିଲା ଭଳି ଚୁପ୍ ରହୁଛି। ସେହିପରି ବିଭିନ୍ନ ପଶୁପକ୍ଷୀଙ୍କ ଫଟୋ ଥିବା ନକଲି ପଲିଥିନ ପାଉଚ୍ ତିଆରି କରି ଅବାଧରେ ଦେଶୀ ମଦ କାରବାର ଚାଲିଛି। ଜିଲାର ବିଭିନ୍ନ ଜଙ୍ଗଲ ଓ ନାଳ ପାର୍ଶ୍ୱରେ ଅବାଧ ଭାବେ ଦେଶୀ ମଦ ପ୍ରସ୍ତୁତି ଚାଲିଛି। ଏପରିକି ନକଲି ମଦ ପ୍ରବେଶ ଆଶଙ୍କା ଚିନ୍ତାର କାରଣ ହୋଇଛି। ଚୋରା ଓ ନକଲି ମଦ ର୍ୟାକେଟ୍ ନିର୍ବାଚନ ସମୟରେ ଭରପୁର ଫାଇଦା ଉଠାଇବା ନେଇ ଯୋଜନା ପ୍ରସ୍ତୁତ କରୁଥିବା କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ଏବେ ଯାହା ଚାଲିଛି ତାହା ଧିରେ ଧିରେ ବହୁ ଗୁଣିତ ହୋଇଯିବ। ଯେହେତୁ ପ୍ରାୟତଃ ଗାଁରେ ଚୋରା ମଦ କାରାବାର ଚାଲିଛି। ତେଣୁ ସେମାନେ ମନଇଛା ଦରବୃଦ୍ଧି କରି ନିର୍ବାଚନ ସମୟରେ ଅର୍ଥ ରୋଜଗାର କରିବା ସହ ନିର୍ବାଚନକୁ ପ୍ରଭାବିତ କରିବେ। କେବଳ ମଦ ନୁହେଁ, କଫ୍‌ସିରପ ଓ ଗଞ୍ଜେଇ କାରବାର ମଧ ଚିନ୍ତାର କାରଣ ହୋଇଛି। ଜିଲା ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢାଉ କରି କେତେକାଂଶରେ ସଫଳତା ପାଉଛନ୍ତି କିନ୍ତୁ ତାହା ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇ ପାରୁନାହିଁ। ଏ ନେଇ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅନେକ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ସୁବର୍ଣ୍ଣପୁର ସହର ଓ ଜିଲାରେ କିଛି ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। କେନାଲ ପାଣିରେ ପ୍ଲାଷ୍ଟିକ୍ ଗ୍ଲାସ, ମଦ ପାଉଚ୍ ଜରି ଓ ପ୍ଲେଟ୍ ଭାସୁଥିବାର ଲକ୍ଷ୍ୟ କରାଯାଉଛି। ସେହିପରି ଠିପି ବନ୍ଦ ମଦ ଦୋକାନରୁ ବେଆଇନ ଭାବେ ଢାବାଗୁଡିକୁ ବିପୁଳ ପରିମାଣର ମଦ ଚାଲାଣ ହେଉଛି। ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନର ଗୁରୁତ୍ୱ ଦେଉଛନ୍ତି। ଜିଲାସ୍ତରରେ ଯେଭଳି ଅବାଧ ମଦ କାରବାର ବନ୍ଦ ହେବ ସେ ନେଇ ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲାପାଳଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାସ୍ତରରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଯୁଗ୍ମ ତଥା ବହୁମୁଖୀ ପ୍ରବର୍ତ୍ତନ ଦଳ ଗଠନ କରିବାକୁ କୁହାଯାଇଛି। ତେଣୁ ବହୁମୁଖୀ ପ୍ରବର୍ତ୍ତନ ଦଳ ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶତବାର୍ଷିକ ଶ୍ରାଦ୍ଧ ଦିବସ

**ଡୁଙ୍ଗୁରିପାଲି, ୮।୪ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ହାଇସ୍କୁଲ ଛକ ନିକଟରେ ଥିବା ସାଇ ଗେଷ୍ଟ ହାଉସ ପରିସରରେ ସାହିତ୍ୟ ଓ ସାଂସ୍କୃତିକ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶତବାର୍ଷିକ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଯାଇଛି। ଡ. ସୁବାସ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧ ଦିବସରେ ମୁଖ୍ୟବକ୍ତା ଭାବେ ବରଗଡ଼ ଜିଲା ବରପାଲି ବ୍ଲକ ସତଲମା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପଧାନ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ଭୁଲିଆ ସମାଜର ସଭାପତି ଡୋଳାମଣି ମେହେର, ଉପଦେଷ୍ଟା ଲକ୍ଷ୍ମୀଧର ନାୟକ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ହରିପ୍ରିୟା ପଧାନ ମଞ୍ଚାସୀନ ଥିଲେ। ଶ୍ରାଦ୍ଧ ଦିବସର ଉଦ୍ଦେଶ୍ୟ ଜ୍ଞାପନ ସମ୍ପାଦକ ଅମୂଲ୍ୟ ବେହେରା କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ ଚିତ୍ତରଞ୍ଜନ ବିଶ୍ୱାଳ କରିଥିଲେ। ସୀତାରାମ ମେହେର, କିଶୋର ମେହେର, ବନମାଳୀ ମେହେର, ସସ୍ମିତା ଦାସ, ଖଗେଶ୍ୱର ସାହୁ, ମଞ୍ଜୁଲତା ମିଶ୍ର, ଭିକାରୀ ପଧାନ, ଗୋପାଳ ବାରିକ, ବିପ୍ରଚରଣ ସାହୁ, ନରୋତ୍ତମ ବରିହା, ଘନଶ୍ୟାମ ମେହେର, ଅରକ୍ଷିତ ମେହେର ମଧୁସୂଦନ ସାହୁ, ବୈଶାଖୁ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କବିଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଯୋଗଦେଇଥିବା ବୁଦ୍ଧିଜୀବୀ, ଶିକ୍ଷାବିତ୍।

## ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା



ଶ୍ରୀରାମ ନବମୀ ଉପଲକ୍ଷେ ଡୁଙ୍ଗୁରିପାଲିରେ କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

**ଡୁଙ୍ଗୁରିପାଲି,୮।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶ୍ରୀରାମ ମନ୍ଦିର ପରିଚାଳନା ଓ ପୂଜା କମିଟି ପକ୍ଷରୁ ସୋମବାର ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ଶିବ ମନ୍ଦିର ନିକଟରେ ଥିବା ପୋଖରୀରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପୂର୍ଣ୍ଣ କଳସ ଜଳ ଆଣି ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଘଣ୍ଟବାଦ୍ୟ କୀର୍ତ୍ତନ ସହ ଶୋଭାଯାତ୍ରାରେ ଡୁଙ୍ଗୁରିପାଲି ସହର ପରିକ୍ରମା କରି କୁଦେଇପଡ଼ାସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚି ଥିଲେ। ୧୫ ବର୍ଷରେ ପଦାର୍ପଣ କରିଥିବା ଏହି ଶ୍ରୀରାମ ନବମୀ ପୂଜା ଉତ୍ସବ ମଙ୍ଗଳବାରରୁ ଆରମ୍ଭ ହୋଇ ୯ଦିନ ବ୍ୟାପି ଚାଲିବ। ଏଥିଉପଲକ୍ଷେ ରାମାୟଣ ପାରାୟଣ ଗାନ ହେବ। ରାମାୟଣ ପୁରାଣ କଥାବସ୍ତୁକୁ ନେଇ ନାଟ୍ୟାଭିଷେକ ପରିବେଷଣ ହେବ ବୋଲି ମନ୍ଦିର ପୂଜା କମିଟିର ସଭାପତି ଲଳିତ ଭୋଇ ସୂଚନା ଦେଇଛନ୍ତି। କଳସ ଶୋଭାଯାତ୍ରାର କର୍ତ୍ତା ଭାବେ ଆଲୋକ ମେହେର ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀରାଣୀ ମେହେର ଦାୟିତ୍ୱ ତୁଲାଇଥିଲେ। କଳସ ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ଓ ପୂଜା କମିଟିର ବଙ୍ଗାଳୀ ବିଶ୍ୱାଳ, ମୁକୁନ୍ଦ ମେହେର, ହୃଷିକେଶ ସାହୁ, ସୁଦାମ ଦିଶ୍ରୀ, ବୁଧଦେବ ସାହୁ, ବିକାଶ ଭୋଇ, ପ୍ରମୋଦ ବଗର୍ତ୍ତୀ, ଦୁଗ୍ରୁ ଯୁଆଡ଼ି, ସୀତାରାମ ମେହେର, ସୁଧାଂଶୁ ମେହେର, ସୁନ୍ଦର ଦଣ୍ଡସେନା, ପ୍ରଦୀପ ଅଗ୍ରୱାଲ, ମାୟାଧର ସାହୁ ପ୍ରମୁଖ ସାମିଲ ଥିଲେ।

## ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରେ ପଛରେ

**ବୌଦ୍ଧ, ୮।୪(ଅଜିତ କୁମାର ବାରିକ)**

**ବୌଦ୍ଧ ଜିଲା**




ଭାଜପାର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ଓ କଣ୍ଟାମାଳ ବିଧାସନଭା ଓ କନ୍ଧମାଳ ଲୋକସଭା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଦେଇ ସାରିଥିବା ବେଳେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖି ଲଢେଇ ହେବାକୁ ଯାଉଥିବା ବେଳେ ପୁରା ରାଜନୀତି ସରଗରମ ହୋଇପଡିଛି। ନିର୍ବାଚନ ବୈତରଣୀ ପାର ହେବା ନେଇ ସବୁ ଦଳ ନିଜ ନିଜର ଆଭିମୁଖ୍ୟ ରଖିଆସୁଥିବା ବେଳେ ସୋମବାର ବୌଦ୍ଧ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ଶାସକ ଦଳକୁ ଘେରିଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ବୌଦ୍ଧ ବିଧାନସଭା ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଓ କନ୍ଧମାଳ ଲୋକସଭା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଥିଲା ବୌଦ୍ଧ ବିଧାନସଭା ମଣ୍ଡଳୀ ପାଇଁ ଦୀର୍ଘ ୨୪ ବର୍ଷ ହେଲା ଶାସକ ଦଳର ପ୍ରାର୍ଥୀ ତଥା ବିଧାୟକ ପ୍ରଦୀପ ଅମାତଙ୍କୁ ଭୋଟ ଦେଇ ଆସୁଥିବାବେଳେ ବର୍ତ୍ତମାନ ଜିଲାର ବିକାଶ ଉପରେ ସମସ୍ତଙ୍କର ସମୀକ୍ଷା କରିବାର ଆବଶ୍ୟକତା ରହିଥିବା କହିଥିଲେ । ଆଜିବି ବୌଦ୍ଧ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବାସଗୃହ ଯୋଗାଇବାରେ ବହୁ ପଛରେ ପଡିଥିବା ଅଭିଯୋଗ କରିଥିଲେ। ନିର୍ବାଚିତ ଜନପ୍ରତିନିଧି ଜିଲା ପ୍ରତି ସ୍ୱତନ୍ତ୍ର ଯୋଜାନା କରି ସରକାରଙ୍କଠାରୁ ଅର୍ଥ ଆଣିବାରେ ବିଫଳ। ଫଳର ଜିଲା ପଛରେ ପଡିଥିବା ଅଭିଯୋଗ କରିଥିଲେ। ଜିଲାରେ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ କୌଣସି ଯୋଜନା ନାହିଁ। ଜିଲାରେ ଶିକ୍ଷା ଏକ ପ୍ରକାର ଭୁଷୁଡି ପଡିଥିବା ବେଳେ ସରକାରୀ ମହାବିଦ୍ୟାଳୟ, ପୁରୁଣା ବିଇଡି କଲେଜର ପୁନଃରୁଦ୍ଧାର, ମେଡିକାଲ କଲେଜ, କୃଷି ମହାବିଦ୍ୟାଳୟ ଯୋଜନା ସ୍ୱପ୍ନରେ ରହିଥିବା ଅଭିଯୋଗ କରିଥିଲେ। ବୌଦ୍ଧ ସହରର ମୁଖ୍ୟ ସ୍ଥଳରେ ଥିବା ଜରିଖଣ୍ଡିର ପୁନଃରୁଦ୍ଧାର ହୋଇପାରିଲାନାହିଁ। ଜିଲାରେ ଜମି, ଜଳ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ଯୋଜନା ଅଭାବରୁ ଜିଲାର ଜନସାଧାରଣ ଆର୍ଥିକ ଭାବେ ଦୟନୀୟ ବୋଲି କହିଥିଲୋ। ଜିଲାରେ ବୀରନରସିଂହପୁର ଠାରେ ଜିଲାବାସୀଙ୍କ ପାଇଁ ଏକ ନନ୍ଦନବନର ଯୋଜନା ପ୍ରସ୍ତୁତ ହେଲା କିଛି କାମ ମଧ୍ୟ ହୋଇଛି କିନ୍ତୁ ବର୍ତ୍ତମାନର ବିଧାୟକଙ୍କ ଅପାରଗତା ଯୋଗୁଁ ଏହା ଏବେ ଅଧାର ପଡିରହିଥିବା ଅଭିଯୋଗ କରିଥିଲେ। କନ୍ଧମାଳ ସାଂସଦ ପ୍ରାର୍ଥୀ ପାଣିଗ୍ରାହୀ କହିଥିଲେ ଗତ ଥରର ସାଂସଦ ତଥା ଏଥର ବିଜେଡି ଦଳର ପ୍ରାର୍ଥୀ ଜିଲାରେ ବିଭିନ୍ନ ଅନୁଷ୍ଠାନ କରି ନିଜର ବ୍ୟବସାୟ ବୃଦ୍ଧି କରିବାରେ ବ୍ୟସ୍ତ ରହୁଥିବା ଯୋଗୁଁ ଜିଲାର ବିକାଶରେ ବାଧକ ସାଜିଥିବା କହିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଭାଜପା ତାର ସହଯୋଗୀ ଦଳମାନଙ୍କୁ ନେଇ ଲୋକସଭାରେ ୪୦୦ ପାର ଲକ୍ଷ୍ୟ ନେଇ ନିର୍ବାଚନକୁ ଓହ୍ଲାଇଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ସଂକଳ୍ପବଦ୍ଧ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ପ୍ରେମାନନ୍ଦ ମିଶ୍ର, ତାପସ ପଟନାୟକ, ମନରଞ୍ଜନ ଦାସ, ଶ୍ୟାମସୁନ୍ଦର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିନାହିଁ

**ଲାଞ୍ଜିଗଡ଼,୮।୪(ରମେଶ ଚନ୍ଦ୍ର ନାୟକ)**

**ତାପମାତ୍ରା ବୃଦ୍ଧି ପରେ ଜଳୁଛି ଲାଞ୍ଜିଗଡ଼**

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ହେବାରେ ଲାଗିଥିବା ବେଳେ ପଞ୍ଚାୟତ ପକ୍ଷରୁ ଏଯାଏ ଜଳଛତ୍ର ଖୋଲାଯାଇ ନାହିଁ। ପ୍ରଚଣ୍ଡ ଖରା ଯୋଗୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିଲେ ଖରାରେ ଲୋକଙ୍କ ମୁହଁ ପୋଡିଯାଉଛି। ବିଶେଷକରି ପଥଚାରୀ ଓ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଟରସାଇକଲ, ଯାତ୍ରୀବାହୀ ବସ ଏବଂ ଅନ୍ୟାନ୍ୟ ଯାନବାହନରେ ଯିବା ଆସିବାବେଳେ ଲୋକେ ମୁହଁରେ ଗାମୁଛା ଘୋଡେଇ ହୋଇ ଯିବାଆସିବା କରୁଥିବା ଦେଖାଯାଉଛି। ଏପ୍ରିଲ ମାସର ୬ ଦିନ ବିତିଯାଇଥିଲେ ମଧ ପଞ୍ଚାୟତ ପକ୍ଷରୁ ସହରର କୌଣସି ସ୍ଥାନରେ ଜଳଛତ୍ର ଖୋଲିନାହିଁ। ଫଳରେ ଖରାଦିନରେ ଲୋକେ ପାଣି ପିଇବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମୟରେ ଆଖୁରସ, ଲସି, ମୃଦୁପାନୀୟ ଦୋକାନରେ ଭିଡ ଦେଖିବାକୁ ମିଳୁଛି। ସୂଚନା ଥାଉକି ଗତ ଶୁକ୍ରବାର ବେନଗାଁଠାରେ ଜଣେ ବୃଦ୍ଧଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲିବା ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନ ଥିବାରୁ ବହୁ ଲୋକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଲାଞ୍ଜିଗଡ ସହର ମୁଖ୍ୟ ମାର୍କେଟ ନିକଟରେ ରାସ୍ତାକଡରେ ଗଛ ନ ଥିବାରୁ ଲୋକେ କେଉଁଠି ଠିଆ ହୋଇପାରୁ ନାହାନ୍ତି। ଟାଣଖରା ଯୋଗୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ପୂର୍ବାହ୍ନ ୧୧ଟାରୁ ଲୋକେ ଯିବାଆସିବା ବନ୍ଦ କରିବା ସହ ଅପରାହ୍ନ ୪ଟା ପରେ ଯିବାଆସିବା କରୁଥିବା ଦେଖାଯାଉଛି। ମୁଖ୍ୟ ରାସ୍ତା, ଛକ ସ୍ଥାନରେ ତୁରନ୍ତ ଜଳଛତ୍ର ଖୋଲିବା ଏବଂ ବୁଲା ଗୋରୁଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେରଙ୍କୁ ପଚାରିବାରୁ ସେ କହିଲେ ଚାରିଦିନ ହେଲାଣି ମୁଁ ସରପଞ୍ଚ କହିଛି ଲୋକ ଠିକ କରି ପଞ୍ଚାୟତ ଅଫିସ ସାମ୍ନାରେ ଏବଂ ଲାଞ୍ଜିଗଡ ବଜାର ଛକ ନିକଟରେ ଦୁଇ ଜାଗାରେ ଜଳଛତ୍ର ଖୋଲିବା ପାଇଁ କିନ୍ତୁ ଖୋଲା ହେଲାଣିକି ନାହିଁ ସରପଞ୍ଚଙ୍କୁ ପଚାରିଲେ ଜଣାପଡିବ ବୋଲି ସୂଚନା ଦେଇଥିଲେ। ଏ ବିଷୟରେ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ସୋମବାରଠାରୁ ଜଳଛତ୍ର ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜୟନ୍ତୀ



@ ବାବୁଲ



@ ଦୁର୍ଯ୍ୟୋଧନ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲ୍ୟବିବାହ ବେଳେ ଚାଇଲ୍ଡ ଲାଇନ ଦ୍ୱାରା ନାବାଳିକା ଉଦ୍ଧାର

**ବାଉଁଶୁଣୀ, ୮।୪(ଦେବାଶିଷ ନେପାକ)**

ବାଲ୍ୟ ବିବାହ ଉଦ୍ୟମ ହେଉଥିବାବେଳେ ସୂଚନା ପାଇ ବୌଦ୍ଧ ଚାଇଲ୍ଡ ହେଲ୍ପ ଲାଇନ ଦ୍ୱାରା ସୋମବାର ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ନୂଆପାଲି ଗ୍ରାମରୁ ଜଣେ ନାବାଳିକା(୧୭)ଙ୍କୁ ଉଦ୍ଧାର କରାଯାଇଛି। କଣ୍ଟାମାଳ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ଜ୍ୟୋସ୍ନାରାଣୀ ପାଢୀ, ଜିଲା ଚାଇଲ୍ଡ ହେଲ୍ପ ଲାଇନ ପ୍ରୋଜେକ୍ଟ କୋ-ଅର୍ଡିନେଟର ବିନୋଦ ସାହୁ ଓ ସୁପରଭାଇଜର ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ନୂଆପାଲି ଗ୍ରାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବୌଦ୍ଧ ଆଣି ୱାନଷ୍ଟପ ସେଣ୍ଟରରେ ଛାଡ଼ିଥିବା ସୂଚନା ମିଳିଛି ।

## ଏଟିଏମ୍ ପୋଡ଼ିଦେଲେ ଦୁର୍ବୃତ୍ତ

**ରୂପ୍ରାରୋଡ୍,୮।୪(ସଞ୍ଜୀବ ଦାସ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୂପ୍ରାରୋଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏଟିଏମକୁ କେହି ଜଣେ ଦୁର୍ବୃତ୍ତ ରବିବାର ରାତିରେ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଗ୍ରାହକମାନେ ଆସି ନିରାଶରେ ଫେରିଯାଉଥିବା ଦେଖାଦେଇଛି। ଏଠାରୁ ପୂର୍ବ ଏଟିଏମ ଭାଙ୍ଗିବା, ଏଟିଏମ ଗୃହ କବାଟ ଓ କାଚ ଭାଙ୍ଗିବା ଆଦି ବାରମ୍ବାର ଘଟି ଆସିଛି। ଫଳରେ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। **(PR-16)**

## ରେଙ୍ଗାବାହାଲ-ଦର୍ଲିପଡ଼ା ରାସ୍ତା ନିମ୍ନମାନର ଅଭିଯୋଗ

**ନୂଆପଡ଼ା,୮।୪(ମକାରୁ ବେମାଲ)**



ରାସ୍ତାରେ ମୋରମ ପକାଯାଇଛି।

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ଉନ୍ନତିକରଣ କାମରେ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି। ନୂଆପଡା ଜିଲା ପରିଷଦ ଆଇଡିଏଫ ପାଣ୍ଠି ୨୦୨୩-୨୪ ବର୍ଷରେ ୩ ଲକ୍ଷ ଟଙ୍କାରେ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ମୁରୁମ କାମ ହୋଇଛି। ମୁରୁମ ବଦଳରେ ରାସ୍ତାରେ ମାଟି ପକାଯାଇଛି। ମୁରୁମ ପକାଇ ପାଣି ଛିଞ୍ଚି ରୁଲର ଚଲାଇ ସମତୁଲ କରିବା ନିୟମ ଥିଲେ ମଧ ରାସ୍ତାରେ ମାଟି ପକାଇ ପାଣି ଦିଆନାହିଁ କି ରୁଲର ଚଲା ଯାଇନାହିଁ। ରାତାରାତି କାମ କରି ଦିଆଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହି ରାସ୍ତା ଦେଇ ବାଲିଖମାର, ସିଆଲଲଟି ଜୁନାପଡା, ତୁଲସିପଡା, ବେଲରଦନା ଲୋକେ ନିର୍ଭର କରନ୍ତି। ରାସ୍ତା ଖାଲଖମା ହୋଇଥିବାରୁ ସାଇକେଲ କିମ୍ବା କୌଣସି ଗାଡି ଯାତାୟାତ କରି ପାରୁନାହିଁ। ସେହି ରାସ୍ତା ଦେଇ ଶିଶୁ ମନ୍ଦିର ପିଲା ଅଟୋରିକ୍ସାରେ ତରବୋଡକୁ ଯାଇଥାନ୍ତି। ଅଟୋରିକ୍ସା ଯାଇ ପାରୁ ନ ଥିବାରୁ ସିଆଲଲଟି ଦେଇ ଅଧିକ ୫ ରୁ ୭ କି.ମି. ବୁଲି ଯିବାକୁ ପଡୁଥିବାରୁ ଅଧିକ ସମୟ ଲାଗୁଛି। ରାସ୍ତା ଅବସ୍ଥା ଯେଉଁ ପ୍ରକାର ହୋଇଛି ସାଧାରଣ ମଣିଷ ପାଦରେ ଚାଲିଯିବା ବହୁତ କଷ୍ଟକର ହୋଇ ପଡୁଛି। ରାସ୍ତା ନିର୍ମାଣ ନ ହେବା ପୂର୍ବରେ ଭଲ ଥିଲା। ନୂତନ କରି ରାସ୍ତା ନିର୍ମାଣ ହେଲା ପରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଜଣେ ବାଟୋଇ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯନ୍ତ୍ରୀ ସାନ୍ତାନୁ କୁମାର ରଣାଙ୍କୁ ପଚାରିବାରୁ ମୁଁ ଯାଇ ତଦନ୍ତ କରିବି, ଯଦି ନିମ୍ନମାନ ହୋଇଛି ହେଲେ ଭଲ ଭାବେ କାମ କରାଯିବ ବୋଲି କହିଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ | **ବିଜ୍ଞାପନ** | ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

# ବଢୁଛି ଚୋରା ମାଦକଦ୍ରବ୍ୟ କାରବାର

**ସୁବର୍ଣ୍ଣପୁର**
■ଗାଁ ଠାରୁ ସହର ଛକ, ବଜାର ସବୁଠି ମିଳୁଛି ପାଉଚ୍ ମଦ

ସୋନପୁର,୮।୪(ମୃତ୍ୟୁଞ୍ଜୟ ଶତପଥୀ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଲାଣି। ଏନେଇ ସୁବର୍ଣ୍ଣପୁର ଜିଲାରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରିବା ପାଇଁ ଏବେଠାରୁ ବିଭିନ୍ନ ଦଳର ପ୍ରାର୍ଥୀ ଓ ଆଶାୟୀମାନେ ମଦ, ମାଂସ ଦେବା ଆରମ୍ଭ କରି ଦେଲେଣି। ତେଣୁ ସାରା ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ବଢିବାରେ ଲାଗିଛି। ଜିଲାର ହାଟବଜାର, ଖେଳପଡ଼ିଆ, କେନାଲ ରାସ୍ତା ଯେଉଁଠି ଦେଖିଲେ ମଦ ପାଉଚ୍‌ର ପଲିଥିନ୍ ବିଛେଇ ହୋଇ ପଡିଛି। ଗ୍ରାମାଞ୍ଚଳର ଛକ ଛକରେ ଦେଶୀ ଓ ବିଦେଶୀ ମଦର ବନ୍ୟା। ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନ ଓ ପଡ଼ିଆରେ ଦେଶୀ ମଦର ଆସର ଜମୁଛି। ଅଧିକାଂଶ ଢାବାଗୁଡିକରେ ଖୁଲମଖୋଲା ବିଦେଶୀ ମଦ କାରବାର ଚାଲିଛି। ପୋଲିସ ଓ ଅବକାରୀ ବିଭାଗ କୌଣସି କାରଣରୁ ନ ଜାଣିଲା ଭଳି ଚୁପ୍ ରହୁଛି। ସେହିପରି ବିଭିନ୍ନ ପଶୁପକ୍ଷୀଙ୍କ ଫଟୋ ଥିବା ନକଲି ପଲିଥିନ ପାଉଚ୍ ତିଆରି କରି ଅବାଧରେ ଦେଶୀ ମଦ କାରବାର ଚାଲିଛି। ଜିଲାର ବିଭିନ୍ନ ଜଙ୍ଗଲ ଓ ନାଳ ପାର୍ଶ୍ୱରେ ଅବାଧ ଭାବେ ଦେଶୀ ମଦ ପ୍ରସ୍ତୁତି ଚାଲିଛି। ଏପରିକି ନକଲି ମଦ ପ୍ରବେଶ ଆଶଙ୍କା ଚିନ୍ତାର କାରଣ ହୋଇଛି। ଚୋରା ଓ ନକଲି ମଦ ର୍ୟାକେଟ୍ ନିର୍ବାଚନ ସମୟରେ ଭରପୁର ଫାଇଦା ଉଠାଇବା ନେଇ ଯୋଜନା ପ୍ରସ୍ତୁତ କରୁଥିବା କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି। ଏବେ ଯାହା ଚାଲିଛି ତାହା ଧିରେ ଧିରେ ବହୁ ଗୁଣିତ ହୋଇଯିବ। ଯେହେତୁ ପ୍ରାୟତଃ ଗାଁରେ ଚୋରା ମଦ କାରାବାର ଚାଲିଛି। ତେଣୁ ସେମାନେ ମନଇଛା ଦରବୃଦ୍ଧି କରି ନିର୍ବାଚନ ସମୟରେ ଅର୍ଥ ରୋଜଗାର କରିବା ସହ ନିର୍ବାଚନକୁ ପ୍ରଭାବିତ କରିବେ। କେବଳ ମଦ ନୁହେଁ, କଫ୍‌ସିରପ ଓ ଗଞ୍ଜେଇ କାରବାର ମଧ ଚିନ୍ତାର କାରଣ ହୋଇଛି। ଜିଲା ଅବକାରୀ ବିଭାଗ ଓ ପୋଲିସ କର୍ମଚାରୀମାନେ ବିଭିନ୍ନ ସମୟରେ ଯଦିଓ ଚଢାଉ କରି କେତେକାଂଶରେ ସଫଳତା ପାଉଛନ୍ତି କିନ୍ତୁ ତାହା ଏହି କାରବାର ଉପରେ ପୂର୍ଣ୍ଣ ଅଙ୍କୁଶ ଲଗାଇ ପାରୁନାହିଁ। ଏ ନେଇ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅନେକ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ସୁବର୍ଣ୍ଣପୁର ସହର ଓ ଜିଲାରେ କିଛି ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆସର ଜମୁଛି। କାରବାରକୁ ଦେଖି ଏହା ପାର୍ଶ୍ୱରେ ଏକାଧିକ ଫାଷ୍ଟଫୁଡ୍ ଦୋକାନ ଖୋଲାଯାଇଛି। ମଦ ପିଇବା ପରେ ଏହି ସ୍ଥାନରେ ଅନେକ ପ୍ଲାଷ୍ଟିକ୍ ଗ୍ଲାସ, ପ୍ଲେଟ୍ ଓ ମଦ ବୋତଲ ଫୋପାଡି ଦେଉଛନ୍ତି। ଏହାଦ୍ୱାରା ମଦ ଦୋକାନ ସମ୍ମୁଖ ରାସ୍ତା ଓ ଏହା ପାର୍ଶ୍ୱ କେନାଲରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। କେନାଲ ପାଣିରେ ପ୍ଲାଷ୍ଟିକ୍ ଗ୍ଲାସ, ମଦ ପାଉଚ୍ ଜରି ଓ ପ୍ଲେଟ୍ ଭାସୁଥିବାର ଲକ୍ଷ୍ୟ କରାଯାଉଛି। ସେହିପରି ଠିପି ବନ୍ଦ ମଦ ଦୋକାନରୁ ବେଆଇନ ଭାବେ ଢାବାଗୁଡ଼ିକୁ ବିପୁଳ ପରିମାଣର ମଦ ଚାଲାଣ ହେଉଛି। ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନର ଗୁରୁତ୍ୱ ଦେଉଛନ୍ତି। ଜିଲାସ୍ତରରେ ଯେଭଳି ଅବାଧ ମଦ କାରବାର ବନ୍ଦ ହେବ ସେ ନେଇ ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲାପାଳଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାସ୍ତରରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଯୁଗ୍ମ ତଥା ବହୁମୁଖୀ ପ୍ରବର୍ତ୍ତନ ଦଳ ଗଠନ କରିବାକୁ କୁହାଯାଇଛି। ତେଣୁ ବହୁମୁଖୀ ପ୍ରବର୍ତ୍ତନ ଦଳ ଜିଲାରେ ଚୋରା ମାଦକଦ୍ରବ୍ୟ କାରବାର ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ସ୍ୱାଧୀନ କାଉନସିଲରଙ୍କ ବାସଭବନରେ ଧର୍ମେନ୍ଦ୍ରଙ୍କ ଆଲୋଚନା

ଦେବଗଡ,୮।୪(ଶଶାଙ୍କ ଶେଖର ଝାଙ୍କର)

କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ ଗ୍ରସ୍ତ କରି ନିର୍ବାଚନ ପ୍ରଚାର ପ୍ରସାର ବିଭିନ୍ନ ସ୍ଥାନରେ କରୁଛନ୍ତି। ସହରର ଭୂୟାଁ ସାହି ସ୍ଥିତ ଲଗାତାର ଚାରି ଚାରି ଥର ସ୍ୱାଧୀନ ଭାବେ ଜିତିଥିବା କାଉନସିଲର ତଥା ଯୁବ ନେତା ଧର୍ମେନ୍ଦ୍ର ଦେବତା ଓ ସ୍ତ୍ରୀ ସ୍ମିତାଞ୍ଜଳି ଦାଶଙ୍କ ବାସଭବନକୁ ଯାଇ ଦେବତାଙ୍କ ସହ ଆଗମୀ ନିର୍ବାଚନକୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନଙ୍କୁ ସାହି ଛକରୁ ବିପଳ ସଂଖ୍ୟାରେ ସାହି ବାସିନ୍ଦା ଭବ୍ୟ ସ୍ୱାଗତ କରି ପାଛେଟି ଆଣିଥିଲେ।



ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

## ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା



ଶ୍ରୀରାମ ନବମୀ ଉପଲକ୍ଷେ ଡୁଙ୍ଗୁରିପାଲିରେ କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

ଡୁଙ୍ଗୁରିପାଲି,୮।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶ୍ରୀରାମ ମନ୍ଦିର ପରିଚାଳନା ଓ ପୂଜା କମିଟି ପକ୍ଷରୁ ସୋମବାର ଶ୍ରୀରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ ଶିବ ମନ୍ଦିର ନିକଟରେ ଥିବା ପୋଖରୀରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପୂର୍ଣ୍ଣ କଳସ ଜଳ ଆଣି ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଘଣ୍ଟବାଦ୍ୟ କୀର୍ତ୍ତନ ସହ ଶୋଭାଯାତ୍ରାରେ ଡୁଙ୍ଗୁରିପାଲି ସହର ପରିକ୍ରମା କରି କୁଦେଇପଡ଼ାସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚି ଥିଲେ। ୧୫ ବର୍ଷରେ ପଦାର୍ପଣ କରିଥିବା ଏହି ଶ୍ରୀରାମ ନବମୀ ପୂଜା ଉତ୍ସବ ମଙ୍ଗଳବାରରୁ ଆରମ୍ଭ ହୋଇ ୯ଦିନ ବ୍ୟାପି ଚାଲିବ। ଏଥିଉପଲକ୍ଷେ ରାମାୟଣ ପାରାୟଣ ଗାନ ହେବ। ରାମାୟଣ ପୁରାଣ କଥାବସ୍ତୁକୁ ନେଇ ନାଟ୍ୟଭିଷେକ ପରିବେଷଣ ହେବ ବୋଲି ମନ୍ଦିର ପୂଜା କମିଟିର ସଭାପତି ଲଳିତ ଭୋଇ ସୂଚନା ଦେଇଛନ୍ତି। କଳସ ଶୋଭାଯାତ୍ରାର କର୍ତ୍ତା ଭାବେ ଆଲୋକ ମେହେର ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀରାଣୀ ମେହେର ଦାୟିତ୍ୱ ତୁଲାଇଥିଲେ।

## ଦଣ୍ଡାସିଂହା ଆଞ୍ଚଳିକ ଚଷା ସମାଜର ବାର୍ଷିକ ସମ୍ମିଳନୀ

ଦେବଗଡ଼,୮।୪( ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ରେଙ୍ଗାଳବାହାଳ ଆମ୍ବ ବଗିଚାରେ ଦଣ୍ଡାସିଂହା ଆଞ୍ଚଳିକ ଚଷା ସମାଜର ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଷା ସମାଜର ସଭାପତି ଭୁବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସତ୍ୟବାଦୀ ପ୍ରଧାନ, ପାଣ୍ଡବ ପ୍ରଧାନ, ହର୍ଷବର୍ଦ୍ଧନ ପ୍ରଧାନ ଓ ପ୍ରଫୁଲ୍ଲ ଦେହୁରୀଙ୍କ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଓ ଏ ଗୁଡିକର ସମାଧାନ ସମେତ ସାମାଜିକ ଶୃଙ୍ଖଳା ଓ ବିକାଶ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ଏକ ମଦମୁକ୍ତ ଚଷାସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମାଜର ପୂର୍ବ ବିବରଣୀ ଓ ଆୟ ବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ବିନୋଦ ଦେହୁରୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ହର୍ଷବର୍ଦ୍ଧନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀ ଆୟୋଜନରେ ଚଷା ସମାଜର ସମ୍ପାଦକ ହାଡିବନ୍ଧୁ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜଗନ୍ନାଥ, ଶକ୍ତିପୀଠ ଶୀର୍ଷକ ଆଲୋଚନାଚକ୍ର

ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)

ରାଉରକେଲା ମହର୍ଷୀ ବ୍ୟାସଦେବ ରାଷ୍ଟ୍ରୀୟ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ଓଡିଶା ଶାଖା ସହାୟତାରେ ସ୍ଥାନୀୟ ସେଣ୍ଟର ଫର କଲଚର କଲ୍ୟାଣ ମଣ୍ଡପଠାରେ ପଶ୍ଚିମ ଓଡିଶାର ସଂସ୍କୃତିରେ ଶ୍ରୀ ଜଗନ୍ନାଥ ଓ ଶକ୍ତିପୀଠ ଶୀର୍ଷକ ଏକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହର୍ଷୀ ବ୍ୟାସଦେବ ରାଷ୍ଟ୍ରୀୟ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ହରେକୃଷ୍ଣ ଶତପଥି, ସମ୍ମାନିତ ଅତିଥିଭାବେ ନୂଆଦିଲ୍ଲୀ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଡିନ ପ୍ରଫେସର ଭାଗିରଥି ନନ୍ଦ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ଓଡିଶା ଶାଖାର ନିର୍ଦ୍ଦେଶକ ଡ. ଜ୍ଞାନରଞ୍ଜନ ପଣ୍ଡା, ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝି, ସ୍ୱତନ୍ତ୍ର ଅତିଥି ଡ.ବୁଦ୍ଧେଶ୍ୱର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା କରିଥିଲେ। ନୂଆପଡା ସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ପଣ୍ଡିତ ଦ୍ୱିତୀକୃଷ୍ଣ ପାଣିଗ୍ରାହୀ ବେଦ ପାଠ କରିଥିଲେ। ସଞ୍ଜିତ ଶତପଥି ଓ ଛାତ୍ରୀ ବିପସ୍ୱିନୀ ଘଡେଇ ଓ ସ୍ୱିଟୀ ପ୍ରଧାନ ମଙ୍ଗଳାଚରଣ ଜଗନ୍ନାଥ ଷ୍ଟକ ପାଠ କରିଥିଲେ। ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ତନୋଜ କୁମାର ମହାପାତ୍ର ଓ ସତିଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହିଆଲୋଚନା ଚକ୍ରରେ ଦେବଗଡ ଜିଲାର ବହୁ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ଦେବଗଡରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ସାମିଲ ହୋଇଥିବା କର୍ମୀ।

ଦେବଗଡ଼,୮।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଭାରତୀୟ ଜନତା ପାର୍ଟିର ଜିଲା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପୌରାଞ୍ଚଳ ୱାର୍ଡର ପ୍ରୟାଂଶୁ ନାୟକ, ସୌମ୍ୟ ରଞ୍ଜନ ନାୟକ, ତୁଷାରକାନ୍ତ ମହାରଣା, ତ୍ରୈଲକ୍ୟ ସାହୁ, ଶୁଭାଶିଷ ସାହୁ, ଅବିନାଶ ସାହୁ, ରବି ଠାକୁର, ଅଭୀଜିତ ଡଗ୍ରା, ଧନେଶ୍ୱର ସାହୁ, ଅଜୟ କୁମାର ବେହେରା, ରିପୁନ ପାତ୍ର, ପ୍ରକାଶ ପାତ୍ର, ସ୍ୱାଧିନ ପାତ୍ର, ଦିବାସ ପାତ୍ର, କରନ ପାତ୍ର, ଆକାଶ ପାତ୍ର, ବାଦଲ ପାତ୍ର, ବାବୁଲାଲ ପାତ୍ର, ଶଙ୍କର ପାତ୍ର, ସଚିନ ପାତ୍ର, ସୁଶୀଳ ମୁଣ୍ଡା, ଅଙ୍କୁଶ ଭୋଜ, ଭୁବନ ପାତ୍ର, ନୀଳମଣି ସୋନାଲୀ, ଚନ୍ଦନ ସାହୁ , ଗୌରବ ପ୍ରଧାନ, ସୁଶାନ୍ତ ପାତ୍ର ଓ ତ୍ରିଲୋଚନ ମୁଣ୍ଡା ପ୍ରମୁଖ ଭାଜପାରେ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଜୟନ୍ତୀ



@ ବାବୁଲ



@ ଦୁର୍ଯ୍ୟୋଧନ



@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଲ୍ୟବିବାହ ବେଳେ ଚାଇଲ୍ଡ ଲାଇନ ଦ୍ୱାରା ନାବାଳିକା ଉଦ୍ଧାର

ବାଉଁଶୁଣୀ, ୮।୪(ଦେବାଶିଷ ନେପାକ)

ବାଲ୍ୟ ବିବାହ ଉଦ୍ୟମ ହେଉଥିବାବେଳେ ସୂଚନା ପାଇ ବୌଦ୍ଧ ଚାଇଲ୍ଡ ହେଲ୍ପ ଲାଇନ ଦ୍ୱାରା ସୋମବାର ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ନୂଆପାଲି ଗ୍ରାମରୁ ଜଣେ ନାବାଳିକା(୧୭)ଙ୍କୁ ଉଦ୍ଧାର କରାଯାଇଛି। କଣ୍ଟାମାଳ ବ୍ଲକ ଶିଶୁ ବିକାଶ ଅଧିକାରିଣୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ଜ୍ୟୋସ୍ନାରାଣୀ ପାଢୀ, ଜିଲା ଚାଇଲ୍ଡ ହେଲ୍ପ ଲାଇନ ପ୍ରୋଜେକ୍ଟ କୋ-ଅର୍ଡିନେଟର ବିନୋଦ ସାହୁ ଓ ସୁପରଭାଇଜର ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ନୂଆପାଲି ଗ୍ରାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ବୌଦ୍ଧ ଆଣି ୱାନଷ୍ଟପ ସେଣ୍ଟରରେ ଛାଡ଼ିଥିବା ସୂଚନା ମିଳିଛି ।

## ଏଟିଏମ୍ ପୋଡ଼ିଦେଲେ ଦୁର୍ବୃତ୍ତ

ରୁପ୍ରାରୋଡ୍,୮।୪(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାଖରେ ଥିବା ଏଟିଏମକୁ କେହି ଜଣେ ଦୁର୍ବୃତ୍ତ ରବିବାର ରାତିରେ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଗ୍ରାହକମାନେ ଆସି ନିରାଶରେ ଫେରିଯାଉଥିବା ଦେଖାଦେଇଛି। ଏଠାରୁ ପୂର୍ବ ଏଟିଏମ ଭାଙ୍ଗିବା, ଏଟିଏମ ଗୃହ କବାଟ ଓ କାଚ ଭାଙ୍ଗିବା ଆଦି ବାରମ୍ବାର ଘଟି ଆସିଛି। ଫଳରେ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

## ରେଙ୍ଗାବାହାଲ-ଦର୍ଲିପଡ଼ା ରାସ୍ତା ନିମ୍ନମାନର ଅଭିଯୋଗ

ନୂଆପଡ଼ା,୮।୪(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ଉନ୍ନତିକରଣ କାମରେ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି। ନୂଆପଡା ଜିଲା ପରିଷଦ ଆଇଡିଏଫ ପାଣ୍ଠି ୨୦୨୩-୨୪ ବର୍ଷରେ ୩ ଲକ୍ଷ ଟଙ୍କାରେ ରେଙ୍ଗାବାହାଲ କାଜୁ ବଗିଚାଠାରୁ ଦର୍ଲିପଡା ରାସ୍ତା ମୁରୁମ କାମ ହୋଇଛି। ମୁରୁମ ବଦଳରେ ରାସ୍ତାରେ ମାଟି ପକାଯାଇଛି। ମୁରୁମ ପକାଇ ପାଣି ଛିଞ୍ଚି ରୁଲର ଚଲାଇ ସମତୁଲ କରିବା ନିୟମ ଥିଲେ ମଧ୍ୟ ରାସ୍ତାରେ ମାଟି ପକାଇ ପାଣି ଦିଆନାହିଁ କି ରୁଲର ଚଲା ଯାଇନାହିଁ। ରାତାରାତି କାମ କରି ଦିଆଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହି ରାସ୍ତା ଦେଇ ବାଲିଖମାର, ସିଆଲଲଟି ଜୁନାପଡା, ତୁଳସିପଡା, ବେଲରଦନା ଲୋକେ ନିର୍ଭର କରନ୍ତି। ରାସ୍ତା ଖାଲଖମା ହୋଇଥିବାରୁ ସାଇକେଲ କିମ୍ବା କୌଣସି ଗାଡି ଯାତାୟାତ କରି ପାରୁନାହିଁ। ସେହି ରାସ୍ତା ଦେଇ ଶିଶୁ ମନ୍ଦିର ପିଲା ଅଟୋରିକ୍ସାରେ ତରବୋଡକୁ ଯାଇଥାନ୍ତି। ଅଟୋରିକ୍ସା ଯାଇ ପାରୁ ନ ଥିବାରୁ ସିଆଲଲଟି ଦେଇ ଅଧିକ ୫ ରୁ ୭ କି.ମି. ବୁଲି ଯିବାକୁ ପଡୁଥିବାରୁ ଅଧିକ ସମୟ ଲାଗୁଛି। ରାସ୍ତା ଅବସ୍ଥା ଯେଉଁ ପ୍ରକାର ହୋଇଛି ସାଧାରଣ ମଣିଷ ପାଦରେ ଚାଲିଯିବା ବହୁତ କଷ୍ଟକର ହୋଇ ପଡୁଛି। ରାସ୍ତା ନିର୍ମାଣ ନ ହେବା ପୂର୍ବରେ ଭଲ ଥିଲା। ନୂତନ କରି ରାସ୍ତା ନିର୍ମାଣ ହେଲା ପରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଜଣେ ବାଟୋଇ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯନ୍ତ୍ରୀ ସାନ୍ତାନୁ କୁମାର ରଣାଙ୍କୁ ପଚାରିବାରୁ ମୁଁ ଯାଇ ତଦନ୍ତ କରିବି, ଯଦି ନିମ୍ନମାନ ହୋଇଛି ହେଲେ ଭଲ ଭାବେ କାମ କରାଯିବ ବୋଲି କହିଥିଲେ।



ରାସ୍ତାରେ ମୋରମ ପକାଯାଇଛି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ | **ବିଜ୍ଞାପନ** | ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ଏଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0033/2425

## ସଂକ୍ଷେପରେ

### ତାମିଲନାଡୁ ଦୁର୍ଘଟଣାରେ ଆଇଆର୍‌ବି ଯବାନଙ୍କ ମୃତ୍ୟୁ

ନୂଆପଡ଼ା,୮।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା ଧରମବନ୍ଧା ଗାଁ ମାଝିପଡାର ଆଇଆରବି ଯବାନ ତାମିଲନାଡୁରେ ଦୁର୍ଘଟଣାରେ



ଆଇଆରବି ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ଧରମବନ୍ଧା ଗାଁ ମାଝିପଡାର ପ୍ରମୋଦ ମାଝି। ଯବାନ ନୂଆପଡା ଜିଲା ବୋଡେନ ବ୍ଲକରେ କାର୍ଯ୍ୟରତ ଥିଲେ। ନିର୍ବାଚନୀ ଡିଉଟି ପଡିବାରୁ ତାମିଲନାଡୁରେ ଆଇଆରବି ଯବାନ ଭାବେ କାର୍ଯ୍ୟରତ ଥିଲେ। କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଯବାନଙ୍କୁ ସ୍ଥାନୀୟ ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ଘରକୁ ଆସିବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଧରମବନ୍ଧା ଗାଁ ଅଞ୍ଚଳ ଓ ଜିଲାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗାଁ ଘରେ ସ୍ତ୍ରୀ ସମନ୍ତିନି ମାଝି ଓ ୩ ବର୍ଷର ଶିଶୁପୁତ୍ର ଶୀୟାନ୍ସ ରହିଛନ୍ତି। ଯବାନଙ୍କ ମର ଶରୀର ପ୍ରଥମେ ଭୁବନେଶ୍ୱର ପରେ ନିଜ ଗାଁ ଧରମବନ୍ଧାକୁ ଆଣାଯିବ ବୋଲି ସୂଚନା ମିଳିଛି।

### କୁରେଶ୍ୱର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

କୋମନା,୮।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୁରେଶ୍ୱର ସରପଞ୍ଚ ବିଜୟ ଲକ୍ଷ୍ମୀ ବରାଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୋଡ଼େନ ଇନ୍ଦ୍ରମଣି ପାଣିଗ୍ରାହୀ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ଧନିରାମ ଅହୀରଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ପ୍ରଧାନ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ମନ୍ଦିର ସମ୍ପାଦକ ସୁରେଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡି ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଲେ ବରିଷ୍ଠ ନେତା ପର୍ଶୁରାମ ପ୍ରଧାନୀ

କୋକସରା,୮।୪
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଜନତା ଦଳର ବରିଷ୍ଠ ନେତା ପର୍ଶୁରାମ ପ୍ରଧାନୀ ଦଳର



ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପତ୍ର ଜିଲା ସଭାପତି ପୁଷ୍କେନ୍ଦ୍ର ସିଂଦେଓଙ୍କୁ ଦେଇଥିବା ଜଣାପଡିଛି। ସୂଚନା ମତେ ପର୍ଶୁରାମ ବିଜେଡିରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଗତ ୫/୬ ବର୍ଷ ହେବ ଦଳ ପକ୍ଷରୁ ତାଙ୍କୁ ଅଣଦେଖା କରୁଥିବା ବେଳେ ଦଳୀୟ ନେତୃତ୍ୱ ମଧ୍ୟ ତାଙ୍କ ପ୍ରତି ଅବିଚାର କରିଥିବା ପ୍ରତିବାଦ କରି ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ପତ୍ର ଜିଲା ବିଜେଡି ସଭାପତିଙ୍କୁ ଦେଇଛନ୍ତି। ବିଜେଡି ବିଜୁ ବାବୁଙ୍କ ନୀତି ଆଦର୍ଶରୁ ବିଚ୍ୟୁତ୍ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଆଗକୁ ସେ ଜାତୀୟ ଦଳରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ମହୁଲଫୁଲ ଗୋଟାଳିଙ୍କୁ ମିଳୁନି ଉଚିତ୍ ମୂଲ୍ୟ

ଭବାନୀପାଟଣା,୮।୪
(ଉତ୍ତମ କୁମାର ଦାଶ)

ବଣପାହାଡ଼ ଘେରା ମଧ୍ୟରେ ବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆଙ୍କ ଜୀବନ ଜୀବିକାରେ ମହୁଲ ଏକ ଅର୍ଥକାରୀ ଫସଲ ଭାବେ ଗଣାଯାଏ। ମହୁଲ ଫୁଲ ଓ ଫଳ ସ୍ଥାନୀୟ ହାଟରେ ବିକ୍ରିକରି ଭଲ ଦୁଇ ପଇସା ପାଇଥାନ୍ତି ଡଙ୍ଗରିଆ। ସେଇଥିପାଇଁ ପ୍ରତିଦିନ ପ୍ରାତଃରୁ ଘର ସମସ୍ତ ସଦସ୍ୟ ଏକାଠି ହୋଇ ମହୁଲ ଗୋଟାଇବାକୁ ଜଙ୍ଗଲକୁ ଯାଇଥାନ୍ତି। ମହୁଲ ଫୁଲ ଫଳ ଡ଼ଙ୍ଗରିଆଙ୍କ ଜୀବନରେ ସୁଖଦୁଃଖର ଭାଗୀଦାରି ହୋଇଛି। ହେଲେ ମହୁଲ ଫୁଲ ପ୍ରକୃତ ଦର ଗୋଟାଳିଙ୍କୁ ମିଳୁନାହିଁ। ଫଳରେ ଆଦିବାସୀ ଡଙ୍ଗରିଆ ଶାଗମାଛ ଦରରେ ଫୁଲକୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କମ ଦରରେ ଫୁଲକୁ କିଣି ମାଲାମାଲ ହେଉଛନ୍ତି ଦଲାଲ। ଆଉ ଏହାର କ୍ଷତି ସହୁଛନ୍ତି ଫୁଲ ଗୋଟାଳି। ଏଥିପ୍ରତି ସରକାରୀସ୍ତରରେ କିଛି ବ୍ୟବସ୍ଥା ହୋଇନାହିଁ ବୋଲି ଅଭିଯୋଗ ହେଉଥିବା ବେଳେ ଏହି ସମୟରେ ଡଙ୍ଗରିଆ ଦିନ ଯାକର ସବୁକାମ ଛାଡି



ଜଣେ ଡଙ୍ଗରିଆ ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

ମହୁଲ ଫୁଲ ଫଳ ଗୋଟାଇବାରେ ମାଜି ଯାଇଥାନ୍ତି। ମହୁଲ ଫୁଲ ଫଳକୁ ସ୍ଥାନୀୟ ହାଟରେ ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରିବା ଆଶାରେ ଥାଆନ୍ତି ସେମାନେ। ସେଥିରୁ ଯାହା ରୋଜଗାର ହୁଏ ତେଲ ଲୁଣର ସଂସାର ଚାଲେ। କିନ୍ତୁ ନିଜର ପରିଶ୍ରମର ଉଚିତ ମୂଲ୍ୟରୁ ବଞ୍ଚିତ ହୋଇପଡିଛନ୍ତି ଏହି ନିରୀହ ସମ୍ପ୍ରଦାୟ। ସେମାନେ ପଡିଛନ୍ତି ଠକ ଦଲାଲଙ୍କ ହାବୁଡରେ। ଜିଲାରେ ମହୁଲ ଫୁଲ ବିକ୍ରି ପାଇଁ ଉଚିତ ସୁବିଧା ନ ଥିବାରୁ ବ୍ୟବସାୟୀମାନେ ଦଲାଲଙ୍କ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି।

ହେଲେ ପଞ୍ଚାୟତରେ ଧାର୍ଯ୍ୟ ହୋଇଥିବା ମହୁଲ ଫୁଲ ପ୍ରକୃତ ବିକ୍ରି ଟଙ୍କା ସମ୍ପର୍କରେ ଜାଣିପାରନ୍ତି ନାହିଁ। ଫଳରେ ଦଲାଲମାନଙ୍କ ଗରିବ ନିରୀହ ଗୋଟାଳିଙ୍କ ନିକଟରୁ କମ ଦାମରେ କିଣି ଅନ୍ୟ ବ୍ୟବସାୟୀଙ୍କୁ ଅଧିକ ଟଙ୍କାରେ ବିକ୍ରି କରି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି। ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପରି ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ରେ ଗ୍ରାମପଞ୍ଚାୟତରେ ଧାର୍ଯ୍ୟ ହୋଇ ଦର ଅନୁସାରେ ମୂଳ ମହୁଲ ଫୁଲ ବ୍ୟବସାୟୀ ବିକ୍ରି କରିବେ ବୋଲି ସ୍ଥିର କରାଯାଇଥିଲା। ସେହି ବର୍ଷ ପଞ୍ଚାୟତରେ ନିୟମ ଲାଗୁ କରାଯାଇ ପଞ୍ଚାୟତିରାଜ ସମିତି ପକ୍ଷରୁ ଏକ କମିଟି ଜରିଆରେ ୧୦୦ ଟଙ୍କାର ଲାଇସେନ୍ସ କରାଯାଇଥିଲା। ତେବେ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ଅନ୍ୟ ପଞ୍ଚାୟତରୁ ମଧ୍ୟ ମହୁଲ ଫୁଲ କ୍ରୟ କରିବା ଅଧିକାର ସାବ୍ୟସ୍ତ କରାଯାଇଛି। ହେଲେ ଦଲାଲ ହାବୁଡରେ ପଡି ମହୁଲ ଫୁଲ ଗୋଟାଳି ଶୋଷଣର ଶିକାର ହେଉଛନ୍ତି। ମହୁଲ ଫୁଲ ଦେଶୀ ମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବାରୁ ସରକାର ପ୍ରଚୁର ରାଜସ୍ୱ ପାଉଥିବା ବେଳେ ଏହାର ପ୍ରକୃତ ମୂଳ ବ୍ୟବସାୟୀ ଶୋଷଣର ଶିକାର ହୋଇ କୌଣସି ଲାଭ ପାଉ ନ ଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଠିକ ଭାବେ ନୀତିନିୟମ ପ୍ରତି ଧ୍ୟାନ ଦେବା ସହିତ ଦଲାଲଗିରି ବନ୍ଦ ହେଲେ ମହୁଲ ଫୁଲ ଗୋଟାଳି ଲାଭବାନ ହୋଇପାରିବେ।

# କଂଗ୍ରେସ ଏମ୍‌ପି ପ୍ରାର୍ଥିନୀଙ୍କ ପ୍ରଚାର



ଖଡ଼ିଆଳରେ ପ୍ରଚାର କରାଯାଉଛି।

ଖଡ଼ିଆଳ,୮।୪(ସୁଜିତ୍ କୁମାର ପ୍ରଧାନ)

ପିସିସି ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଓ କଳାହାଣ୍ଡି କଂଗ୍ରେସ ଏମ୍‌ପି ପ୍ରାର୍ଥିନୀ ଦ୍ରୌପଦୀ ମାଝି ନୂଆପଡ଼ା ଗସ୍ତ କରି ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ନୂଆପଡ଼ା ଜିଲା କୋମନା ଗସ୍ତ ପରେ ଖଡ଼ିଆଳଠାରେ ପହଞ୍ଚିବା ପରେ କଂଗ୍ରେସ କର୍ମୀମାନେ ତାଙ୍କୁ ବ୍ଲକ ଛକଠାରେ ସ୍ୱାଗତ କରି ବିଶାଳ ଶୋଭାଯାତ୍ରାରେ ଆମ୍ବେଦକର ଛକ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନିଜ ଅଭିଭାଷଣରେ ଦାସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଉଭୟ ସରକାର ଲୋକଙ୍କ ଉନ୍ନତି ପାଇଁ କିଛି କରୁ ନ ଥିବା ଅଭିଯୋଗ କରି କଂଗ୍ରେସ ସରକାର ଆସିଲେ ପାଞ୍ଚ ନ୍ୟାୟରେ ପଚିଶ ଗ୍ୟାରେଣ୍ଟି ପୁରା କରିବ ଓ ଲୋକଙ୍କ ସବୁ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ନିକଟରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ କଂଗ୍ରେସ ଛାଡି ବିଜେଡ଼ିର ପ୍ରାର୍ଥୀ ହୋଇଥିବା ନେଇ ପ୍ରଶ୍ନ କରିବାରୁ ଏହାର କିଛି ଫରକ ପଡ଼ିବ ନାହିଁ ଓ କଂଗ୍ରେସ ଦଳ ପୂର୍ବପରି ଶକ୍ତିଶାଳୀ ରହିବ ବୋଲି କହିଥିଲେ।

# ଗ୍ରୀଷ୍ମରେ ବଢୁଛି ମାଟିପାତ୍ରର ଚାହିଦା



ବେହେରା,୮।୪(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ଗ୍ରାମଗୁଡିକରୁ କୁମ୍ଭକାର ପରିବାରର ମାଟି ପାତ୍ର ଆଣି ବେହେରାଠାରୁ ଆରମ୍ଭ କରି ବିଭିନ୍ନ ସାପ୍ତାହିକ ହାଟରେ ମାଟିପାତ୍ର ପସରା ମେଲାଇ ବସୁଛନ୍ତି। ଖରା ଦିନରେ ଅସହ୍ୟ ଗରମକୁ ଲକ୍ଷ କରି ବହୁ ଲୋକେ ମାଟି ପାତ୍ର କିଣୁଛନ୍ତି। ବିଶେଷ କରି ପାଣିକୁ ଥଣ୍ଡା ରଖିବାକୁ ମାଟି ହାଣ୍ଡି, ସୁରେଇ ଓ ମାଠିଆର ବିକଳ୍ପ ନାହିଁ। ପରିବେଶ ଅନୁକୂଳ ମାଟି ପାତ୍ର ଶରୀର ପାଇଁ ମଧ୍ୟ ଉପକାରୀ। କୌଣସି ରାସାୟନିକ ଦ୍ରବ୍ୟ ବିନା ପ୍ରାକୃତିକ ଉପାୟରେ ଏହା ତିଆରି ହୋଇଥିବାରୁ ନିରୋଗ ରଖିଥାଏ। ଅନ୍ୟପକ୍ଷରେ ସମୟ ବଦଳିବା ସହ ଏହି ଧାରା ମଧ୍ୟ ବଦଳି ଗଲା। ଖରାଦିନ ଚାଲିଗଲେ ଲୋକେ ମାଟି ପାତ୍ରରୁ ମୁହଁ ଫେରାଇ ନିଅନ୍ତି। ଫଳରେ ଦୈନିକ ବୃତ୍ତି ସଙ୍କଟର ସମ୍ମୁଖୀନ ହେଉଛି। କୁଳ ବେଉସାକୁ ବଞ୍ଚାଇ ହେଉନି। ଏବେ ଯୁବପିଢି ଏଥିରୁ ମୁହଁ ଫେରାଇ ନେଉଛନ୍ତି। କାରଣ ମାଟି ପାତ୍ରର ଚାହିଦା ସବୁ ସମୟରେ ରହୁନାହିଁ। ଆଗରୁ ଯେଉଁ କୁମ୍ଭକାର ମାଟି ପାତ୍ର ତିଆରି କରୁଥିଲେ ସେମାନଙ୍କ ପରେ ମାଟି ସାମଗ୍ରୀ ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହେଉଛି। ମାଟି ପାତ୍ରର ସ୍ୱଳ୍ପ ଆୟ ଦୃଷ୍ଟିରୁ ଲୋକେ ଏହି ମାଟିପାତ୍ର ସାମଗ୍ରୀକୁ ଛାଡ଼ିଲେ ଓ ପ୍ରବାହିତ ସମୟରେ ଷ୍ଟିଲ ସୁଅରେ ନିଜର ଘରୋଇ ସାମଗ୍ରୀକୁ ଆପଣାଇଲେ। ବର୍ତ୍ତମାନ ପୂର୍ବଭଳି ଆଦର ଲୋକଙ୍କ ମଧ୍ୟରେ ନାହିଁ। କେବଳ ଗ୍ରୀଷ୍ମଋତୁରେ ଏହାର ଚାହିଦା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ମାଟି ହାଣ୍ଡି ଗଢ଼ିବା ପାଇଁ ଯେତିକି ପରିଶ୍ରମ କରିବାକୁ ପଡୁଛି, ସେହି ଅନୁସାରେ ପାରିଶ୍ରମିକ ମିଳୁନାହିଁ। ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁନାହିଁ ବୋଲି କୁମ୍ଭାକାର ପରିବାର କହିଛନ୍ତି। ଯଦି ସରକାରୀ ସହାୟତା ଯୋଗାଇ ଦିଅନ୍ତେ ଲୋକେ କୌଳିକ ବୃତ୍ତିକୁ କୁମ୍ଭକର ଆପଣାଇ ପାରିବା ସହ ସୁନ୍ଦର କଳା ନିଜର ଅସ୍ତିତ୍ୱ ବଜାଇ ରଖିବାରେ ସମର୍ଥ ହୁଅନ୍ତା ବୋଲି କୁମ୍ଭାକରମାନେ କହିଛନ୍ତି।

# ଖଡ଼ିଆଳ ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା

ଖଡ଼ିଆଳ,୮।୪
(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ତହସିଲ ରାଜ୍ୟରେ ଏକ ସର୍ବ ପୁରାତନ ବଡ଼ ତହସିଲ କାର୍ଯ୍ୟାଳୟ। ସୂଚନା ଥାଉକି ଗତ ଯାନୁୟାରୀରୁ ଅତିରିକ୍ତ ତହସିଲଦାର ପଦବୀ ଖାଲି ପଡ଼ିଛି। ଖଡ଼ିଆଳ ସବରେଜିଷ୍ଟ୍ରାର, ସିନାପାଲି, ବୋଡ଼େନ ଏବଂ ଖଡ଼ିଆଳ ତହସିଲକୁ ନେଇ ଗଠିତ। ବର୍ତ୍ତମାନ ଖଡ଼ିଆଳ ତହସିଲଦାର ଭାରପ୍ରାପ୍ତ ଅଛନ୍ତି। ଜମି ଜମା ସମ୍ବନ୍ଧୀୟ କାମ ସକାଶେ ଉକ୍ତ ୩ଟି ତହସିଲର ଜନ ସାଧାରଣ ଖଡ଼ିଆଳ ଆସି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଫିସ ସଂଘ ଅନେକ ଥର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଜିଲା ପ୍ରଶାସନ ନିରବ ଦ୍ରଷ୍ଟା ହୋଇଛନ୍ତି। ପ୍ରକାଶ ଥାଉକି ସିନାପାଲି ତହସିଲରେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଥିଲେ ମଧ୍ୟ ଖଡ଼ିଆଳ ତହସିଲରେ ଜଣେ ମାତ୍ର ତହସିଲଦାର ଅଛନ୍ତି। ଯିଏକି ତହସିଲଦାର କାର୍ଯ୍ୟ ବ୍ୟତୀତ ସବରେଜିଷ୍ଟ୍ରାର, ଅତିରିକ୍ତ ତହସିଲଦାର ଓ ଆଇସି ରେକର୍ଡ ରୁମ ତଥା କାର୍ଯ୍ୟ ନିର୍ବାହୀ ଦଣ୍ଡାଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଯାହାକି ତହସିଲଦାର ଖଡ଼ିଆଳକୁ ତିଳେ ମଧ୍ୟ ସମ୍ଭବ ନୁହେଁ। ବର୍ତ୍ତମାନ ସ୍କୁଲ କଲେଜର ଆଡ୍‌ମିଶନ ପାଇଁ ଜନସାଧାରଣ ତଥା ଛାତ୍ରୀଛାତ୍ର ବିଭିନ୍ନ ସାର୍ଟିଫିକେଟ ସକାଶେ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଆସୁଛନ୍ତି ଓ ହଇରାଣ ହରକତ ହେଉଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ, ଆଇନଜୀବୀ ତଥା ବୁଦ୍ଧିଜୀବୀ ଦାବି କରୁଥିବା ବେଳେ ବିଭିନ୍ନ ମହଲରେ ଜନଅସନ୍ତୋଷ ଦେଖାଦେଇଛି। ନୂଆପଡା ଜିଲାପାଳ ଖଡ଼ିଆଳ ତହସିଲ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସବରେଜିଷ୍ଟ୍ରାର, ଅତିରିକ୍ତ ତହସିଲଦାର, ପଦବୀ ପୂରଣ କରାଯାଉ ନଚେତ ଜନ ସାଧାରଣ ରାଜରାସ୍ତାକୁ ଓହ୍ଲେଇ ଆନ୍ଦୋଳନ କରିବେ ବୋଲି ଖଡ଼ିଆଳବାସୀ ଚେତାବନୀ ଦେଇଛନ୍ତି।

# ବିଜେଡି ପ୍ରାର୍ଥିନୀ ଲଳିତା ନାଏକଙ୍କ କେସିଙ୍ଗାରେ ପ୍ରଚାର



ମାଟିଆ ଗ୍ରାମରେ ଲଳିତା ନାଏକଙ୍କ ସହ କର୍ମୀଙ୍କ ପଦଯାତ୍ରାରେ ପ୍ରଚାର।

କେସିଙ୍ଗା,୮।୪(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ଭବାନୀପାଟଣା ବିଧାନସଭା ଆସନରୁ ବିଜେଡି ଲଳିତା ନାଏକଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ପକ୍ଷରୁ ସାଗର ଚରଣ ଦାଶଙ୍କୁ ଟିକେଟ ଦେଇଛି। ଭାଜପା ବିଧାୟକ ପ୍ରଦୀପ୍ତ ନାୟକଙ୍କୁ ପ୍ରାର୍ଥି କରିଛି। ଭବାନୀପାଟଣା ବିଧାନସଭ ସଭା ଆସନରେ ୩ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କେସିଙ୍ଗାର ବିଭିନ୍ନ ଅଞ୍ଚଳରେ ବିଜେଡି ପ୍ରାର୍ଥିନୀ ଗାଁ ଗାଁରେ ପଦଯାତ୍ରା କରି ପ୍ରଚାର କରୁଛନ୍ତି। ବିଭିନ୍ନ ଗ୍ରାମରେ ମହିଳା ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଯୁବକଯୁବତୀମାନେ ଲଳିତାଙ୍କୁ ପୁଷ୍ପମାଳା ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ମଧ୍ୟ କରୁଛନ୍ତି। କେସିଙ୍ଗା ବ୍ଲକ ଓ ଏନଏସି ସମେତ ୧୭ଟି ଗ୍ରାମପଞ୍ଚାୟତ ଓ ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମକୁ ବିଜେଡି କର୍ମୀମାନେ ଉତ୍ସାହର ସହିତ ଲୋକ ସହିତ ଯୋଡି ହୋଇ ପ୍ରଚାରରେ ଆଗୁଆ ଅଛନ୍ତି। ବିଜେଡି କର୍ମୀମାନେ ସଂକଳ୍ପ ନେଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ ବୈଠକ, କର୍ମୀ ସମାବେଶ, ଗାଁ ଗାଁରେ ସଭା ସମିତି କରିବାରେ ଲାଗି ପଡ଼ିଛନ୍ତି। ଦଳୀୟ କର୍ମୀମାନେ ତିନି ଦଳ ମଧ୍ୟରେ ଘମାଘୋଟ ପ୍ରତିଦ୍ୱନ୍ଦ୍ୱିତା ଥିଲେ ମଧ୍ୟ ବିଜେଡି ପକ୍ଷରୁ ପ୍ରଚାରରେ ଆଗୁଆ ଥିବା ଦେଖିବାକୁ ମିଳୁଛି।

# ଅଭିଯୁକ୍ତଙ୍କୁ ୧୪ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୮।୪
(ଉତ୍ତମ କୁମାର ଦାଶ)

**ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ୨୦୧୭ରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ସ୍ୱତନ୍ତ୍ର ବିଚାରପତି ଶୁଭଜ୍ଞାନ ମହାନ୍ତି (ପୋକ୍‌ସୋ) ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋକସରା ଧଅଁରପୁର ଗ୍ରାମର ଦୀନବନ୍ଧୁ ନାଏକ (୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୪ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୬୦ ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଅଭିଯୁକ୍ତ ପୀଡିତାଙ୍କୁ ତାଙ୍କ ଘର ପଛପଟ ପଡିଆକୁ ନେଇ ବାଳାତ୍କାର କରିଥିଲେ। ପରେ ପୀଡିତା ଆନ୍ଧ୍ରପ୍ରଦେଶ ଯାଇଥିବାବେଳେ ସେଠାକୁ ମଧ୍ୟ ଅଭିଯୁକ୍ତ ପହଞ୍ଚି ପୀଡିତାଙ୍କୁ ବାରମ୍ବାର ବାଳାତ୍କାର କରିଥିବା ନେଇ ପଡିତାଙ୍କ ବାପା କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଦୀନବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସ୍ୱତନ୍ତ୍ର ସରକାରୀ ଓକିଲ(ପିପି) ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ବିଦେଶୀ ମଦ ଚାଲାଣ ବେଳେ ଧରିଲା ପୋଲିସ

କୋକସରା,୮।୪
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ପୋଲିସ ରବିବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ଚିକିଲି ଗ୍ରାମ ନିକଟରେ କଲମପୁର ଥାନା ମଣ୍ଡଳ ଠିପି ବନ୍ଦ ମଦ ଦୋକାନରୁ ବେଆଇନ ଭାବେ ଲଡୁଗାଁ ଅଞ୍ଚଳକୁ ଚାଲାଣ ହେଉଥିବା ବିଦେଶୀ ମଦ ଜବତ କରିଛି। ଜଣେ ବିଦେଶୀ ମଦ ଦୋକାନ କର୍ମଚାରୀଙ୍କୁ ଅଟକ ରଖାଯାଇଛି। ସୂଚନା ଯେ, ବାଇକ୍ (ନଂ. ଓଡି୦୮ୟୁ-୯୯୮୧) ଯୋଗେ ବିଦେଶୀ ମଦ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇ ୩୬.୦୮ଲିଟର ଜବତ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ମଦ ଚାଲାଣରେ ଜଣେ ବିଦେଶୀ ମଦ ଦୋକାନୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୮୬/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ନେଇ ଥାନା ଆଇଆଇସି ରନିତା ପ୍ରଧାନ ସୂଚନା ଦେଇଛନ୍ତି।

# ଭାଜପା ବିଧାୟକ ପ୍ରାର୍ଥୀ ମନୋଜଙ୍କ ଲୋକସମ୍ପର୍କ ଅଭିଯାନ

ଜୁନାଗଡ଼,୮।୪(ସୁନୀଲ କୁମାର ସିଂହ)

**ଲୋକଙ୍କ ମନଜିଣିବାକୁ କରୁଛନ୍ତି ପ୍ରୟାସ**

କଳାହାଣ୍ଡି ଜିଲା ଜୁନାଗଡ ଭାଜପା ବିଧାୟକ ପ୍ରାର୍ଥି ମନୋଜ ମେହେର ସୋମବାର ଆଟିଗାଁ ମଣ୍ଡଳରେ ଲୋକ ସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମେ ସେ ନୂଆଗୁଡା ଠାରେ ପହଞ୍ଚି ଶିବ ଚଣ୍ଡୀଙ୍କ ଆଶୀର୍ବାଦ ନେଇଥିଲେ। ଏହି ସମୟରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ସ୍ଥାନୀୟ ଗ୍ରାମରେ ମୋଦିଙ୍କ ବିକାଶ ବାର୍ତ୍ତା ଉପରେ ପ୍ରଚାର କରିଥିଲେ। ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି ଲୋକଙ୍କୁ ବୁଝାଇ ମନଜିଣିବାକୁ ପ୍ରୟାସ କରିଥିଲେ। ପରେ ସେ ଆଟିଗାଁ ମଣ୍ଡଳର ଯମୁନାବାହାଲ, ଭେଜିପଦର, ବାଗଡୁଙ୍ଗରୀ, ମିଚାଗାଁ, ମସିଗାଁ, ଆଟିଗାଁ, କାନ୍ଦୁଲଗୁଡା ତଳମଲା ଓ ନକଟିଗୁଡାରେ ଲୋକସମ୍ପର୍କ ଅଭିଯାନ କରିଥିବା ଜଣାପଡିଛି।



ନୂଆଗୁଡାରେ ଭାଜପା ପ୍ରାର୍ଥୀ ମନୋଜ ମେହେରଙ୍କ ପ୍ରଚାର ଅଭିଯାନ।

# ଅଦିନିଆ ବର୍ଷାରେ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ନୂଆପଡ଼ା,୮।୪(ମକାରୁ ବେମାଲ)

ନୂଆପଡା ଜିଲାରେ ଅଦିନିଆ ବର୍ଷା, ପବନ ଓ କୁଆପଥର ମାଡ ଯୋଗୁ ବିଭିନ୍ନ ସ୍ଥାନରେ ଫସଲ ସବୁ ନଷ୍ଟ ହୋଇଥିବାରୁ ଚିନ୍ତାରେ ପଡିଯାଇଛନ୍ତି ଚାଷୀ। ଜିଲାରେ ଖରିଫ ଋତୁ ଭଳି ରବି ଋତୁରେ ମଧ୍ୟ ଧାନ, ଚିନାବାଦାମ, ପନିପରିବା ସହ ଖରାଟିଆ ମୁଗ, ବିରି ଆଦି ଚାଷ କରିଥାନ୍ତି। ଜିଲାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଳି, ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା, ସୁନ୍ଦର ଜଳସେଚନ ପ୍ରକଳ୍ପ ଜଡାମୁଣ୍ଡା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସାଇପଲା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସାହଜଟ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପେଣ୍ଡରାବନ ସମେତ ଉଠା ଜଳସେଚନ ମାଧ୍ୟମରେ ଚାଷୀମାନେ ଚାଷ କରିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇ ଯାଇଛି। କିଛି ଚାଷୀ ଧାନ କାଟି ଖଳାରେ ଖରି କରି ରଖିଥିବା ଚାଷୀ ପାଲ, ପଲିଥିନ ଘୋଡାଇ ରଖିଥିବା ବେଳେ କେତେ ଚାଷୀଙ୍କ ଧାନ କାଟି କିଆରିରେ





ପାଲ ଘୋଡାଇ ରଖିଥିବା ଓ କିଆରିରେ ରହିଥିବା ଧାନ।

ପଡି ରହିଥିବାରୁ ବର୍ଷା ପାଣି ଭିଜି ଗଜା ହେବା ସମ୍ଭାବନା ରହିଛି। ବର୍ଷା ଲାଗି ରହିଲେ ଧାନ ସବୁ ଗଜା ହୋଇଯିବ। କୁରୁମପୁରି ପଞ୍ଚାୟତ ଲଟକନ ପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଲଟକନପଡା, କୁସଦହନା, ଲିମଡିହି, ଚୌକପଡା ଗାଁର ଚାଷୀମାନେ ଧାନ ଚାଷ କରି କାଟି କିଆରି ରହିଥିଲେ। ହଠାତ ଅଦିନିଆ ବର୍ଷା ହେବାରୁ ଚାଷୀ କିଆରିରୁ ଧାନ ଉଠାଇ ନ ପାରିବାରୁ ବର୍ଷାରେ ଭିଜି ଯାଇଛି। ଅଦିନିଆ ବର୍ଷାରେ ଅଧିକାଂଶ ଚାଷୀଙ୍କୁ କ୍ଷତି ସହିବାକୁ ପଡିବ। ବର୍ଷା ପାଣିରେ ଫୁଲକୋବି, ବାଇଗଣ, ଶାଗରେ କିଟ ଲାଗିବା ସହ ପାତଳଘଣ୍ଟା ପଚିସଢି ନଷ୍ଟ ହୋଇ ଯାଇଥାଏ। ମୁଗ, ବିରି ପାଣିରେ ଫୁଲି ଯାଇ ହୃଷ୍ଟପୃଷ୍ଟ ବିହନ ବାହାରେ ନାହିଁ କଳା ପଡି ଯାଇଥାଏ। ତେନ୍ତୁଳି, ଚାର, ଆମ୍ବ ବର୍ଷାପବନ ଓ କୁଆପଥର ମାଡରେ ଝଡି ଯାଇଛି। ବର୍ଷା ହୋଇ ଘଡଘଡି ମାରିଲେ ମହୁଲଫୁଲ ଶୁଖି ଯାଉଥିବାରୁ ମହୁଲଫୁଲ ପଡେ ନାହିଁ। ମହୁଲଫୁଲ ଗୋଟେଇ ଲୋକେ ଦୁଇ ପଇସା ପାଉଥିବା ବେଳେ ଏବେ ଭାଲେଣିରେ ପଡି ଯାଇଛନ୍ତି। ଅଦିନିଆ ବର୍ଷା ଚାଷ ଉଜାଡି ଦେଇଥିବାରୁ ଚାଷୀ ଚିନ୍ତାରେ ପଡି ଯାଇଛନ୍ତି। ଦୁଇ ପଇସା ରୋଜଗାର ଆଶାରେ ଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଅଦିନିଆ ବର୍ଷା ଅର୍ଥକାରୀ ଫସଲ ସବୁ ଉଜାଡି ଦେଇଛି। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ହୋଇଥିବା ଚାଷ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଶୁଣ୍ଡି ସମାଜର ବାର୍ଷିକ ବନ୍ଧୁମିଳନ

ସୁନ୍ଦରଗଡ,୮।୪ (ଜୟ ନାରାୟଣ ମେଣ୍ଡୁଲି)

ଶୁଣ୍ଡି ସମାଜ ଲେଫ୍ରିପଡା ମଣ୍ଡଳର ବାର୍ଷିକ ବନ୍ଧୁମିଳନ ସୋମବାର ରାଏବଗା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଚୂଡ଼ାମଣି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲ। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ନରସିଂହ ପୃଷେଠ,ଉପ ସଭାପତି ଭାବେ ମଧୁସୂଦନ ନାଏକ, ସମ୍ପାଦକ ମୋସମ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର ନାଏକ, କୋଷାଧକ୍ଷ ମିନକେତନ ନାଏକ ଓ ସୁନ୍ଦରମଣି ନାଏକଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ବିଜୟ ନାଏକ ବେହେରା, ସଚ୍ଚିଦାନନ୍ଦ ନାଏକ, ଭୁବନ ସାହୁ, ଉଦ୍ଧବ ସାହୁ ଓ ଉଦିତ ନାଏକଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ହୋଇଥିଲା। ଉକ୍ତ ସଭା କାର୍ଯ୍ୟକୁ ଭୀଷ୍ମ ନାଏକ ପରିଚାଳନା କରି ନିଖିଳ ଉତ୍କଳ ଶୁଣ୍ଡି ସମାଜର ଆଜୀବନ ସଦସ୍ୟତା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳପଥ ନିର୍ମାଣ କାମ ବନ୍ଦ କଲେ ଗ୍ରାମବାସୀ

**କ୍ଷତିପୂରଣ ନ ଦେବାରୁ ଅସନ୍ତୋଷ**

ବନ୍ଧମୁଣ୍ଡା,୮।୪(ସୁବ୍ରତ ଦେ)

ବନ୍ଧମୁଣ୍ଡା ଏ କ୍ୟାବିନରୁ ଡୁମର୍ତା ମଧ୍ୟରେ ଦ୍ୱିତୀୟ ରେଳ ପଥ ନିର୍ମାଣ ହେଉଛି। ଏହି ନିର୍ମାଣ କାମରେ ଗ୍ରାମବାସୀଙ୍କ ଜମି ରହିଥିବାରୁ ସେମାନେ ନିର୍ମାଣ କାମକୁ ବନ୍ଦ କରିଛନ୍ତି। ସୋମବାର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ରେଲୱେ ବିଭାଗ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ନିର୍ମାଣ କାର୍ଯ୍ୟ ଚାଲିଥିବା ଏହି ପ୍ରକଳ୍ପରେ ଗ୍ରାମବାସୀଙ୍କ ୯୦ ଡିସିମିଲ ଜମି ଅଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯାହାର ପ୍ରମାଣ ବାବଦରେ ଗ୍ରାମବାସୀଙ୍କ ପାଖରେ ସେହି ଜମିର ସମସ୍ତ ଦଲିଲ ଅଛି ବୋଲି ଦାବି କରିଥିଲେ। ଏଥିସହ ରେଲୱେ ପ୍ରଶାସନ ଦ୍ୱାରା ଗ୍ରାମବାସୀଙ୍କ ନିକଟକୁ ପଠାଯାଇଥିବା ନୋଟିସକୁ ମଧ୍ୟ ଦର୍ଶାଇଥିଲେ। ଯେଉଁଥିରେ ରେଲୱେ ପ୍ରଶାସନ ସ୍ୱୀକାର କରିଛି ଯେ, ରେଳ ପଥ ନିର୍ମାଣ କାର୍ଯ୍ୟରେ ଗ୍ରାମବାସୀଙ୍କ ଜମି ମଧ୍ୟ ଜଡିତ ରହିଛି। ଏହି ବାବଦ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାର ମଧ୍ୟ ଗ୍ରାମବାସୀଙ୍କୁ ଏକ ନୋଟିସ ପଠାଇ ଥିଲେ। ଯେତେ ବେଳେ ଗ୍ରାମବାସୀ ନିଜ ଜମିର କ୍ଷତିପୂରଣ ମାଗିବା ଆରମ୍ଭ କରିଛନ୍ତି ସେତେ ବେଳେ ରେଲୱେ ପ୍ରଶାସନ ନ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୋମବାର କାର୍ଯ୍ୟସ୍ଥଳରେ ଉତ୍ତେଜନା ଦେଖା ଦେଲା ପରେ ଉପସ୍ଥିତ ରେଲୱେ ଅଧିକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଜମିରେ ବିବାଦ ଦେଖାଦେଇଛି ତାହା ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଡିମାର୍କେଶନ କରାଯିବ। ସେତେ ଦିନ ପର୍ଯ୍ୟନ୍ତ ବିବାଦ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ। ଉଲ୍ଲେଖଯୋଗ୍ୟ ଯେ, ଏହି ଜମିରେ ବିବାଦ ଦୀର୍ଘ ଦିନ ଧରି ଚାଲିଆସୁଛି। ମାତ୍ର ୪ଦିନ ପୂର୍ବେ ରେଳବାଇ ଜିଏମ ଅନିଲ କୁମାର ମିଶ୍ରଙ୍କ ଗସ୍ତ ସମୟରେ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହୋଇଥିଲେ।



ନିର୍ମାଣ କାମ ବେଳେ ରେଲୱେ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

# ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଦିବସ ପାଳିତ

ରାଉରକେଲା,୮।୪(ଦିନେଶ ମିଶ୍ର)

ଭାରତୀୟ ଚିକିତ୍ସକ ସଂଘ ରାଉରକେଲା ସହର ଶାଖା ପକ୍ଷରୁ ଅର୍ନ୍ତଜାତୀୟ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଆପୋଲୋ ହସ୍ପିଟାଲ ରାଉରକେଲାର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସଜଳ ସେନ୍ ମୁଖ୍ୟ ଅତିଥି, ଡାକ୍ତର ଗୋପବନ୍ଧୁ ବଳ, ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର, ଡାକ୍ତର ସମୀର ପାତ୍ର, ଡାକ୍ତର ମନୁ ଚରଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅର୍ନ୍ତଜାତୀୟ ସ୍ୱାସ୍ଥ୍ୟ ଦିବସର ଆଭିମୁଖ୍ୟ ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଡାକ୍ତର ସତ୍ୟରଞ୍ଜନ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଡାକ୍ତର ଦୁର୍ଗେଶ କୁମାର ସା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡାକ୍ତର ଦେବେନ୍ଦ୍ର କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମ ନବମୀ ପ୍ରସ୍ତୁତି ବୈଠକ

କୁଆଁରମୁଣ୍ଡା,୮।୪(ମହେନ୍ଦ୍ର କୁମାର ସାହୁ)

ରାମନବମୀ ଉତ୍ସବ ପାଳନ ପାଇଁ କୁଆଁରମୁଣ୍ଡା ହନୁମାନ ମନ୍ଦିରରେ ସୋମବାର ଏକ ପ୍ରାକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଚୁନୁ ଅଗସ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାମ ନବମୀ ଆଖଡ଼ାର ଯୁବକମାନେ ଅଂଶ ଗ୍ରହଣ କରିଥିଲେ। ରାମ ନବମୀ ପାଳନ ସହ ଆଖଡ଼ା ଶୋଭାଯାତ୍ରା କିଭଳି ଶୃଙ୍ଖଳିତଭାବେ ଆୟୋଜନ କରାଯିବା ସେ ନେଇ ଆଲୋଚନା କରାଯାଇଛି।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର




ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଝାରସୁଗୁଡା, ୮।୪ (ସଞ୍ଜୟ ମାଲି)

ବିଶ୍ୱବିଶ୍ୱ ମାନବାଧିକାର ସଙ୍ଗଠନ ଓ ତ୍ରିଲୋଚନ ଆଇ ସ୍କାନିଂ କ୍ୟାମ୍ପ ଆନୁକୂଲ୍ୟରେ ଏକଦିବସୀୟ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସହରସ୍ଥିତ ଜୁଏଲ ସ୍ମାର୍ଟ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୧ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇ ଠିକ୍ ଉପଚାର ନିମନ୍ତେ ପରାମର୍ଶ ଦିଆଯାଇଥିଲା। ସଙ୍ଗଠନ ପକ୍ଷରୁ ୨୩ ଜଣ ରୋଗୀଙ୍କୁ ମାଗଣା କଳା ଚଷମା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ମଦନ ମଲ୍ଲିକ, ସରନ ସିଂ, ରେଖା ସିଂ, ଅନିତା ସିଂ, ବାସୁଦେବ ସେଠୀ, ଖେତ୍ରମନି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ହକି ତାଲିମ ପ୍ରଦାନ

ରାଉରକେଲା,୮।୪(ବିପ୍ଲବ ରଞ୍ଜନ ଦାଶ)

କର୍ପୋରେଟ ସାମାଜିକ ଦାୟିତ୍ୱର ଅଂଶସ୍ୱରୂପ ସେଲ୍ ଆର୍‌ଏସ୍‌ପି ପକ୍ଷରୁ ରାଉରକେଲା ଆଖପାଖ ଅଞ୍ଚଳର ୭୦ଜଣ ଅବହେଳିତ ବର୍ଗର ପିଲାମାନଙ୍କର ପାଇଁ ହକି ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ୧୫ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ହକି ଖେଳାଳି ତଥା ସେଲ୍ ହକି ଏକାଡେମୀର ପୂର୍ବତନ କ୍ୟାଡେଟ୍ ଜୟରାମ ଲାକ୍ରାଙ୍କୁ ତାଲିମଦାତା ଭାବେ ନିୟୋଜିତ କରାଯାଇଥିଲା। ପରେ ସେକ୍ଟର-୬ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମର ସମାପନ ସମାରୋହରେ ଟିଏ ଏବଂ ସିଏସ୍‌ଆର ବିଭାଗର ସିଜିଏମ ପି. କେ ସ୍ୱାଇଁ, ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ ମିତ୍ର, ଏଚଏ.ପିଏଚଏସ,ଏସଡବ୍ଲୁ ସ୍ପୋର୍ଟସ, ଏୟାରପୋର୍ଟ ବିଭାଗର ଜିଏମ ରାକେଶ ବର୍ମା ଏବଂ ଆରଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ପ୍ରତିଭାମାନଙ୍କୁ ହକି ଷ୍ଟିକ୍ ପ୍ରଦାନ କରାଯାଇଥିଲା।



ଯୁବକମାନଙ୍କୁ ହକି ଷ୍ଟିକ୍ ପ୍ରଦାନ କରାଯାଉଛି।

# ପ୍ରଥମ ପର୍ଯ୍ୟାୟ ଇଭିଏମ୍ ରାଣ୍ଡୋମାଇଜେଶନ କାର୍ଯ୍ୟ ଶେଷ



ସୁନ୍ଦରଗଡ,୮।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଏହା ଅଧିନରେ ଆସୁଥିବା ୭ଟି ବିଧାନସଭା ମଣ୍ଡଳୀ ନିର୍ବାଚନ ପାଇଁ ଇଭିଏମ ରାଣ୍ଡୋମାଇଜେଶନ କାର୍ଯ୍ୟ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହରେ ଶେଷ ହୋଇଛି। ଏହାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡ. ପରାଗ ଗଭାଲି ତତ୍ତ୍ୱାବଧାନ ଏବଂ ନୀରିକ୍ଷଣ କରିଥିଲେ। ଏଥିରେ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ, ନିର୍ବାଚନ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ଜାତୀୟ ଏବଂ ରାଜ୍ୟ ସ୍ତରର ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଇଭିଏମ, ବାଲାଟ ୟୁନିଟ, କଣ୍ଟ୍ରୋଲ ୟୁନିଟ ଏବଂ ଭିଭିପାଟ ଆଦିକୁ ନିରପେକ୍ଷ ଭାବେ ସଫୱେୟାର ମାଧ୍ୟମରେ ରାଣ୍ଡୋମାଇଜେଶନ କରାଯାଇଥିଲା। ଏପରି କରିବା ଫଳରେ ଏକ ସ୍ୱଚ୍ଛ ଏବଂ ପାରଦର୍ଶୀ ନିର୍ବାଚନ ନିମନ୍ତେ ମୂଳଦୁଆ ପକାଇ ରଖାଯାଇଥିଲା। ଇଭିଏମ ଗୁଡିକର ରାଣ୍ଡୋମାଇଜେଶନ ହେଲାପରେ ଏହାର ଏକ ନକଲ ଉପସ୍ଥିତ ଥିବା ରାଜନୈତିକ ଦଳର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା। ସଫ୍ଟୱେର ବ୍ୟବହାର କରି ମାନବୀୟ ହସ୍ତକ୍ଷେପକୁ କମ କରି ନିର୍ବାଚନକୁ ଅଧିକ ପାରଦର୍ଶୀ କରିବାକୁ ଜିଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲାପାଳ ଗଭାଲି ସୂଚନା ଦେଇଥିଲେ। ଏହା ପୂର୍ବରୁ ବୈଠକରେ ଉପସ୍ଥିତ ଥିବା ଅଧିକାରୀ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏହି ପ୍ରକ୍ରିୟା ବିଷୟରେ ଭଲଭାବେ ବୁଝାଇଥିଲେ। ଆଗାମୀ ଦିନରେ ଏହି ରାଣ୍ଡୋମାଇଜେଶନ ପ୍ରକ୍ରିୟା ଜାରି ରହିବ।

# ଖୁନ୍ତାମାଲରେ ଚବିଶ ପ୍ରହର ନାମଯଜ୍ଞ



କାର୍ଯ୍ୟକର୍ତ୍ତାଙ୍କ ଗହଣରେ ସଂକୀର୍ତ୍ତନ ଦଳ।

ଝାରସୁଗୁଡ଼ା,୮।୪ (ସଞ୍ଜୟ ମାଲି)

ଜିଲାର ଲଇକେରା ବ୍ଲକ୍ ଅନ୍ତର୍ଗତ ଖୁନ୍ତାମାଲ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଭାବେ ନାମଯଜ୍ଞ ହୋଇଥିଲା। ଏଥିରେ ଭବାନୀ ଶଙ୍କର ସାହୁ ଓ ତାଙ୍କ ସ୍ତ୍ରୀ ସୁମତି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭିକାରୀ ଚରଣ ପାଣିଗ୍ରାହୀ, ବିପିନ ଚରଣ ପାଣିଗ୍ରାହୀ, କେଦାର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଗତ ସୋମବାର କଳସ ସ୍ଥାପନା ପରେ ଶୁଭ ଅଧିବାସ, ମଙ୍ଗଳବାର ନାମାରମ୍ଭ ହୋଇଥିଲା। ବୁଧବାର, ଗୁରୁବାର, ଶୁକ୍ରବାର ମହାପ୍ରଭୁଙ୍କୁ ୫୬ ଭୋଗ ଚଢ଼ାଯାଇଥିଲା। ଶୁକ୍ରବାର ନଗର ଭ୍ରମଣ ଓ ଦଧିଭାଣ୍ଡ ଭଞ୍ଜନ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ରାତ୍ରି ୯ଟାରୁ ରଶ୍ମିତା ମିଶ୍ରଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସୁଶାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୫ ବର୍ଷ ପୂର୍ତ୍ତି ଅବସରରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିବିଶେଷ ଓ ଯୁବକମାନଙ୍କୁ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦତ୍ତ ବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଖୁନ୍ତାମାଲ, ଟଟରଙ୍ଗା, କୁରେବଗା, ସାଲହେପାଲି, ଗହ୍ମାପାଲି, ଦାଣ୍ଡଜମିରା, ସାହାସପୁରର ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ।

# ବାହାର ପ୍ରାର୍ଥୀଙ୍କୁ ନେଇ ବ୍ରଜରାଜନଗର ରାଜନୀତି ସରଗରମ

ବ୍ରଜରାଜନଗର,୮।୪(ବିଜୟ ବରାଡ଼)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ସକାଶେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇସାରିଛି। ୩ ଦଳର କର୍ମୀଙ୍କୁ ବାଦ୍ ଦେଲେ ଅନ୍ୟ କେତେଜଣ ସଚେତନ ନାଗରିକ ୩ ପ୍ରାର୍ଥୀଙ୍କୁ ବାହାରିଆ କହି ବିରୋଧ କରିବା ଆରମ୍ଭ କରିଦେଲେଣି। ଏପରି କି ପୋଷ୍ଟର ଲଗାଇ ବିରୋଧ ପ୍ରଦର୍ଶନ କଲେଣି। ଏହାକୁ ନେଇ ବ୍ରଜରାଜନଗର ରାଜନୀତି ସରଗରମ ହୋଇଉଠିଛି।

ଏଠାରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ସୁରେଶ ପୂଜାରୀ ହେଉଛନ୍ତି ସମ୍ବଲପୁରର। ୨୦୧୯ରେ ସେ ଏମ୍‌ପି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବାବେଳେ ବ୍ରଜରାଜନଗରରୁ ୯୦ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ହେଲେ ବିଗତ ୫ବର୍ଷ ଭିତରେ ଅଞ୍ଚଳରେ ସେଭଳି କୌଣସି ଆଖିଦୃଶିଆ କାମ ହୋଇ ନ ଥିବାରୁ ତାଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା କିଶୋର ପଟେଲଙ୍କ ଘର ସୁନ୍ଦରଗଡ଼ରେ। ସେ କେବଳ ନିର୍ବାଚନ ସମୟ ଆସିଲେ ନିର୍ଦ୍ଦିଷ୍ଟ କେତେଜଣ ଲୋକଙ୍କୁ ସାଥିରେ ଧରି ପ୍ରଚାର କରନ୍ତି। ସାଧାରଣ ଭୋଟରଙ୍କ ଦ୍ୱାରା ସେ କେତେ ଗ୍ରହଣୀୟ ହୋଇପାରିବେ ତାକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ଶାସକ ଦଳର ପ୍ରାର୍ଥିନୀ ଅଳକା ମହାନ୍ତି ଝାରସୁଗୁଡ଼ାର ବାସିନ୍ଦା। ତାଙ୍କ ସ୍ୱାମୀ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବିକାଶରେ ପ୍ରମୁଖ ଭୂମିକା ରହିଥିଲା। ଏହି ପ୍ରାର୍ଥୀମାନଙ୍କୁ ବିରୋଧକରି ବ୍ରଜରାଜନଗର ଅଞ୍ଚଳର କେତେଜଣ ଯୁବଭୋଟର ଗୋବ୍ୟାକ୍ ବ୍ୟାନର ଲଗାଇ ବିରୋଧ ପ୍ରଦର୍ଶନ କରୁଛନ୍ତି। ତେବେ ନାମାଙ୍କନ ସମୟ ଆଗକୁ ଥିବାରୁ ଏହି ବିରୋଧ ପ୍ରଦର୍ଶନକାରୀଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ସେତେବେଳେ ଜଣାପଡ଼ିବ ବୋଲି ଏଠାରେ ଆଲୋଚନା ଚାଲିଛି।

# କରାଟେରେ ରାଉରକେଲାକୁ ୧୦ ପଦକ

ରାଉରକେଲା,୮।୪(ଦିନେଶ ମିଶ୍ର)

ଓଡିଶା ରାଜ୍ୟ କରାଟେ ଆସୋସିଏଶନ(ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୫ତମ ରାଜ୍ୟ ଜୁନିୟର ଓ କ୍ୟାଡେଟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଓସ୍କା ସ୍ୱୀକୃତିପ୍ରାପ୍ତ ଜିଲା କରାଟେ ସଂଘ ମାଧ୍ୟମରେ ୧୫୦ ଜଣ କରାଟେକା ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାଉରକେଲା କରାଟେ ଆସୋସିଏଶନର ୧୦ ଜଣ ଅଂଶଗ୍ରହଣ କରି ରାଉରକେଲା ପାଇଁ ପଦକ ହାସଲ କରି ଗୌରବ ଆଣିଛନ୍ତି। ରାଉରକେଲାର କରାଟେକା ଆର୍ଯ୍ୟବ୍ରତ ବିଶ୍ୱାଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଆର୍ଯ୍ୟା ବଂଶୀକା ରୌପ୍ୟ ଓ କାଂସ୍ୟ, ସୁହାନି ମିଶ୍ର ରୌପ୍ୟ, ସୂର୍ଯ୍ୟ ପ୍ରକାଶ ଘଡେଇ ରୌପ୍ୟ ଓ କାଂସ୍ୟ, ପୁଲକ ପାଢୀ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ମିଲନ ନାୟକ ଗୋଟିଏ କାଂସ୍ୟ ଓ ସମ୍ଭବ ପଣ୍ଡା କାଂସ୍ୟ ସହ ୧୦ଟି ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସନତ ନାୟକ, ପ୍ରଦୀପ ସରକାର, ସଞ୍ଜୟ ଦାସ ଓ କାଳିପ୍ରସାଦ ନନ୍ଦଙ୍କଠାରୁ ପ୍ରତିଯୋଗୀମାନେ ମେଡାଲ ସହ ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ରାଉରକେଲା ଦଳରେ ଅଭିଷେକ ପଟ୍ଟନାୟକ, ରଞ୍ଜନ ପାତ୍ର ଓ ରକି ଖଡିଆ ଟିମ୍ ମ୍ୟାନେଜର ଓ କୋଚ୍ ଦାୟିତ୍ୱ ତୁଲାଇଥିଲେ। ରାଉରକେଲା କରାଟେ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ଏସୀୟ କୋଚ୍ ରାଜୀବ କୁମାର ସିଂ ଏହି ଚାମ୍ପିୟନଶିପ୍‌ରେ ରେଫରି ଦାୟିତ୍ୱ ତୁଲାଇଥିଲେ। ଓସ୍କା ସଭାପତି ହଂସୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡକ୍ଟର ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନ ସଭାପତି ସାରଦା ପ୍ରସାଦ ନାୟକ ଓ ବାସନ୍ତୀ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ କୃତି କରାଟେକା ଓ କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ।




ପଦକ ହାସଲ କରିଥିବା କରାଟେକା।

# ଏନ୍ଆଇଟିରେ ଭାରତୀୟ ପେଟେଣ୍ଟ ସଚେତନତା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୮।୪(ସଙ୍ଗୀତା ଜେନା)

ବିଭିନ୍ନ କ୍ଷେତ୍ରରେ ସଚେତନତା ଓ ଉଦ୍ଭାବନ ବୃଦ୍ଧି ତଥା ବୌଦ୍ଧିକ ସମ୍ପତି ଅଧିକାର (ଆଇପିଆର୍) ଉପରେ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ଇଣ୍ଟେଲେକ୍‌ଚୁଆଲ୍ ପ୍ରପର୍ଟି ଇନୋଭେଶନ ସେଣ୍ଟର (ଆଇପିଆଇସି) ପକ୍ଷରୁ ବିଶ୍ୱ ଉଦ୍ଭାବନ ଦିବସ ଅବସରରେ ଭାରତୀୟ ପେଟେଣ୍ଟ ସଚେତନତା, ରଣନୀତି ଓ ଆହ୍ୱାନ କର୍ମଶାଳା ସୋମବାର ଆରମ୍ଭ ହୋଇଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପି.ପି. ଅଡିଟୋରିୟମରେ ହୋଇଥିବା କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ସ୍କୁଲ ଅଫ୍ ଆଇପିଏଲ୍ ଆଇଆଇଟି ଖଡ଼ଗପୁରର ପ୍ରଫେସର ଏମ୍. ପଦ୍ମାବତୀ ମୁଖ୍ୟଅତିଥି ଯୋଗ ଦେଇଥିଲେ। ଆଇପିଆଇସିର ପ୍ରଫେସର ସୁଜିତ ସେନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ନିଆରା କର୍ମଶାଳାରେ ସ୍ନାତକୋତ୍ତର, ଡକ୍ଟରେଟ୍ ଓ ଅନ୍ୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ମାଧ୍ୟମରେ ଡ୍ରାଫ୍ଟିଂ ପେଟେଣ୍ଟ ପ୍ରକ୍ରିୟା, କପିରାଇଟ୍, ଟ୍ରେଡ୍‌ମାର୍କ ଟେକ୍‌ନୋଲୋଜି ସ୍ଥାନାନ୍ତର ତଥା ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ପରେ ଏନ୍ଆଇଟିର କମ୍ୟୁନିଟି ପାଇଁ ଏକ ଅନ୍‌ଲାଇନ୍ ପୋର୍ଟାଲ ଉନ୍ମୋଚନ କରାଯାଇଥିଲା। ଏହାକୁ ଏଫ୍‌ଟିବିଆଇ ଅଧ୍ୟକ୍ଷ ମନୋଜ ମିଶ୍ର, ସ୍ୱଦେଶ ପ୍ରତିହାର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଯୋଗ ଦେଇଥିଲେ।

# ନିମ୍ନମାନର ପିଚୁ ରାସ୍ତା, ବିରୋଧ କଲେ ଗ୍ରାମବାସୀ

ଲହୁଣୀପଡ଼ା,୮।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ ନୂଆପଡା ଗ୍ରାମ ଲେମଡି ସାହିରେ ନିମ୍ନମାନର ପିଚୁ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାକୁ ବିରୋଧ କରି ଶୁକ୍ରବାର ନିର୍ମାଣ କାମ ବନ୍ଦ କରି ଦେଇଛନ୍ତି। କଲେଇପୋଷ ସ୍କୁଲ ଛକରୁ ଲେମଡି ସାହି ପ୍ରାୟ ୩-୪ କି.ମି. ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ହେବାର କିଛିଦିନ ଭିତରେ ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଥିଲା। ଏହାକୁ ମରାମତି ପାଇଁ ଗୁରୁବାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଠିକାଦାର ନିଜ ମନ ମୁତାବକ ବାଲି ମାଟି ଉପରେ ପିଚୁ ପକାଇ ରାସ୍ତା ମରାମତି କରିଥିଲେ। ଗ୍ରାମବାସୀ ସେଠାକୁ ଯାଇ ଦେଖିଲେ ପିଚୁ ହାତରେ ଧରିଲେ ଉଠିଯାଉଥିଲା। ପରଦିନ ଠିକାଦାର ପୁନର୍ବାର କାମ କରିବାକୁ ଆସିବାପରେ ଗ୍ରାମବାସୀ ପିଚୁ ଉଠିଯାଉଥିବା କଥାର ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଉକ୍ତ ରାସ୍ତାର ପୁଣି ମରାମତିକରିବାକୁଦାବିକହିଥିଲେ। ହେଲେ ଠିକାଦାର ଗ୍ରାମବାସୀଙ୍କୁ ବିଭିନ୍ନ ଆଳ ଦେଖାଇ ରାସ୍ତା କାମ ସମ୍ପୂର୍ଣ୍ଣ ଶେଷ ହେବା ପରେ ପୁଣି ଏହି ସବୁ କାମର ମରାମତି କରାଯିବ ବୋଲି କହିଥିଲେ। ଠିକାଦାରଙ୍କ କଥାରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ କାମ ବନ୍ଦ କରି ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଲହୁଣୀପଡା ଆର୍‌ଡି କନିଷ୍ଠ ଯନ୍ତ୍ରୀ ଗୁଣ୍ଡିଚା ବେହେରା ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ପୁନର୍ବାର କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ଗ୍ରାମବାସୀ ରାସ୍ତା ନିର୍ମାଣ କାମକୁ ବନ୍ଦ କରୁଛନ୍ତି।

## ୨ଥର ଆବେଦନ ପରେ ବି ମିଳୁନି ପଟ୍ଟା

ଲୋଇସିଂହା, ୮।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଧୀନ ବନ୍ଧଲିପାଡା ଗ୍ରାମର ଶୁଭଲକ୍ଷ୍ମୀ ବାଗଙ୍କ ନାମରେ ସୁଜିଆ ମୌଜାରେ ପଟ୍ଟା ପ୍ରସ୍ତୁତ ହୋଇଛି। ୩ ବର୍ଷ ପରେ ବି ତାଙ୍କୁ ପଟ୍ଟା ମିଳିପାରିନାହିଁ। ପଟ୍ଟା ପାଇଁ ସେ ୨ ଥର ତହସିଲ ଅଫିସରେ ଆବେଦନ କରି ସୁଦ୍ଧା ନିରାଶ ହେବାକୁ ପଡିଥିବା ଶୁଭଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଲୋଇସିଂହା ପଞ୍ଚାୟତ ବନ୍ଧଲିପଡା(ସୁଜିଆ)ର ଅଜିତ ସୁନାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ପଟ୍ଟା ପାଇଁ ୨୦୨୦ ମସିହାରେ ଲୋଇସିଂହା ତହସିଲରେ ଆବେଦନ କରିଥିଲେ। ତାଙ୍କ ଆବେଦନ ମୁତାବକ ମ୍ୟୁଟେସନ କେସ୍(ନଂ. ୨୬୨/୨୦୨୦) ରୁଜୁ ହୋଇଛି। ଆବେଦନ ସମୟରେ ପଟ୍ଟା ସକାଶେ ଆବେଦନ ଫି, ଅମିନ ଫି, ୟୁଜର ଫି ଓ ପୋଷ୍ଟାଲ ଖର୍ଚ୍ଚ ଦାଖଲ କରିଛନ୍ତି। ଭୂଲେଖ ଓଡ଼ିଶାରେ ପଟ୍ଟା ଉପଲବ୍ଧ ହେଉଛି। ହେଲେ ଆବେଦନକାରୀଙ୍କୁ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ପଟ୍ଟା ପ୍ରଦାନ କରାଯାଉନାହିଁ। ପଟ୍ଟା ପାଇଁ ଫେବୃୟାରୀ ୧୩ ଓ ଏପ୍ରିଲ ୩ରେ ତହସିଲଦାରଙ୍କୁ ନିବେଦନ କଲେ ସୁଦ୍ଧା ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। କେବଳ ତାଙ୍କ କ୍ଷେତ୍ରରେ ନୁହେଁ ଶହଶହ ପଟ୍ଟାଧାରୀ ଏପରି ହଇରାଣ ହେଉଥିବା ସେ ଜଣାଇଛନ୍ତି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# କୋଶଲି ଭାଷାର ଅସ୍ମିତା ପାଇଁ ସଚେତନତା

- କୋଶଲି ଭାଷା ସୁରକ୍ଷା ସମିତର ଗାଁ କେ ଚାଲ ଅଭିଯାନ
- କୋଶଲି ପତ୍ରିକା ଝାଂପି ଉନ୍ମୋଚିତ



ଘୁଷୁରାମୁଣ୍ଡାରେ ଆୟୋଜିତ ଗାଁ କେ ଚାଲ ଅଭିଯାନରେ କୋଶଲି ଭାଷା ସୁରକ୍ଷା ସମିତି ସଦସ୍ୟ।

ମୁରିବାହାଲ, ୮।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ ସୋମବାର କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ଼ କୋଶଲି ଭାଷା ସୁରକ୍ଷା ସମିତି ସଭାପତି ଦିଲୀପ କୁମାର ପଶାୟତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ଭିକାରି ଚରଣ ମିଶ୍ର, ଉପଦେଷ୍ଟା ନୀଳାମଣି ସାହୁ, ଭାଷାବିତ୍ ଡା ନାରାୟଣ ମିଶ୍ର, ବରିଷ୍ଠ ସଦସ୍ୟ ଜ୍ୟୋତି ପ୍ରକାଶ ଗଦତିଆ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ଚାନ୍ଦ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସୁରେଶ ଭୋଇ, ମୁରିବାହାଲ ଡିଗ୍ରୀ କଲେଜ ଅଧ୍ୟାପକ ଘନଶ୍ୟାମ ଖମାରି ଏହି ଅବସରରେ ଉପସ୍ଥିତ ଥିଲେ। ଦୀର୍ଘ ଚାରିଦଶନ୍ଧି ଧରି କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା, ପ୍ରାଥମିକସ୍ତରରେ ପିଲାଙ୍କୁ କୋସଲି ଭାଷାରେ ଶିକ୍ଷାଦାନ, କୋସଲି ଭାଷା ଗବେଷଣା କେନ୍ଦ୍ର ସ୍ଥାପନ ଏବଂ ଏକାଡେମୀ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ହେଁ ସରକାର ଏ ପର୍ଯ୍ୟନ୍ତ କୌଣସି ଦାବିକୁ ଗ୍ରହଣ କରିନାହାନ୍ତି। ପଶ୍ଚିମ ଓଡ଼ିଶାର ପ୍ରାୟ ୨କୋଟିରୁ ଅଧିକ ଲୋକ ବ୍ୟବହାର କରୁଥିବା ଏହି ଭାଷା ସର୍ବ ପ୍ରାଚୀନ। ଏହାର ଅସ୍ମିତା ପ୍ରତି ଚେତନଶୀଳ ହୋଇ ଏ ସମ୍ପର୍କରେ ଗାଁ ଲୋକଙ୍କୁ ସଚେତନ କରିବା ପାଇଁ କୋସଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ ୨୦୧୪ଠାରୁ ଗାଁ କେ ଚାଲ ଅଭିଯାନ ଜାରି ରଖିଛି। ଭାନୁମତି ଭୋଇ, ଦିଲୀପ ପୃଷ୍ଟି, ଓମକାର ନାଥ ଯାନୀ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଚତୁର୍ଥ ସଂଖ୍ୟା ବାର୍ଷିକୀ ସାହିତ୍ୟ କୋଶଲି ପତ୍ରିକା ଝାଁପି ଲୋକାର୍ପିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଲୋକଶିଳ୍ପୀ ସୁଦର୍ଶନ ଦୀପଙ୍କୁ ସମ୍ମାନୀତ କରାଯାଇଥିଲା। ନିଲୁ ମୋହନ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମର ଚନ୍ଦ୍ରମଣି ଭୋଇ, ନୁରା ଭୋଇ, ନିରଞ୍ଜନ ଜାନି, ଲଙ୍କେଶ ଭୋଇ, ମଧୁସୂଦନ କଅଁଳେ, ଝୁମଲାଲୁ ଭୋଇ, ରଘୁନାଥ ଦାସ, କୈଳାସ ସାହୁ, ଶୁଭମ ଦାସ, କୁବେର ମହାନନ୍ଦ, ମୋହନ କଅଁର,ଦେବନ୍ତି ଭୋଇଙ୍କ ସମେତ ମୁରିବାହାଲ ଡିଗ୍ରୀ କଲେଜର ଶତାଧିକ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ କୋଶଲ ନାରା ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଆଗାମୀ ଦିନରେ ବଙ୍ଗୋମୁଣ୍ଡା ବ୍ଲକର କପିଳାଭଟାଠାରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ଅନୁଦାନ ପଡ଼ିରହିଛି, କୋଠା କାମ ହେଉନି

ଦେଓଗାଁ, ୮।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ମହାକୁରପାଲି ଗାଁରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଫେଲ୍ ମାରିଛି। ଗାଁରେ ଅଙ୍ଗନୱାଡି କୋଠା ନ ଥିବାରୁ ଏକ ଭଡାଘରେ କୋମଳମତିଶିଶୁମାନଙ୍କ ପ୍ରିକ୍ଲାସ ଚାଲିଛି। ବର୍ଷବର୍ଷ ଧରି ଏପରି ଚାଲିଥିବାରୁ ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ମହାକୁରପାଲି ଗାଁରେ ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ୭ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ କୋଠା କାମ ହୋଇ ପାରୁନାହିଁ। ସମ୍ପୃକ୍ତ ବିଭାଗର ସିଡିପିଓ ଓ ଅଙ୍ଗନୱାଡି କର୍ମୀ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇ ନୂତନ ଅଙ୍ଗନୱାଡି କୋଠା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଲିଖିତଭାବେ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନର

**ଭଡ଼ାଘରେ ଚାଲିଛି ଅଙ୍ଗନୱାଡି ପିଲାଙ୍କ ପ୍ରିକ୍ଲାସ**

ବ୍ଲକ ଅଧ୍ୟକ୍ଷ ଥିବା ଦୟାନିଧି ଖମାରୀଙ୍କ ନିଜ ପଞ୍ଚାୟତରେ ଅନୁଦାନ ଆସି ଦୁଇବର୍ଷ ଅଙ୍ଗନୱାଡି କୋଠା ନିର୍ମାଣ ହୋଇ ନ ପାରିବା ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ସମ୍ପୃକ୍ତ ଯନ୍ତ୍ରୀ ଶୁଭେନ୍ଦୁ ମାନସିଂଙ୍କୁ ପଚାରିବାରୁ ଉକ୍ତ କାମ କିଏ କରିବ ତାକୁ ନେଇ ସ୍ପଷ୍ଟ ହୋଇପାରୁ ନାହିଁ। ଏଣୁ କାମ ଆଗେଇ ପାରୁନାହିଁ ବୋଲି ସେ କହିଥିଲେ। ସରକାର ବିକାଶ ପାଇଁ ଅନୁଦାନ ଦେଉଥିବାବେଳେ ଠିକା କାମକୁ ନେଇ ବିଭାଗସ୍ତରରେ ସମନ୍ୱୟ ରହୁ ନ ଥିବାରୁ ବ୍ଲକର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ଜଣେ ବରିଷ୍ଠ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଭଇରୀଗୁଭାରେ ନାଗବାଚା ଯାତ୍ରା


ଭଇରୀଗୁଭାରେ ନାଗବାଚାଙ୍କ ପୂଜାର୍ଚ୍ଚନା କରାଯାଉଛି।

ମୁରିବାହାଲ, ୮।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ପଞ୍ଚାୟତ ଅନ୍ତର୍ଗତ ଭଇରୀଗୁଭା ଗାଁରେ ସୋମବାର ୨୭ତମ ଶ୍ରୀ ସିଦ୍ଧେଶ୍ୱରାୟ ନାଗବାଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ସୋମେଶ୍ୱର ଶିବ ମନ୍ଦିରରୁ ସୋମବାର ମଧ୍ୟାହ୍ନରେ ନାଗ ବରଣ କରାଯାଇଥିଲା। ପରେ ନାଗବାଚାଙ୍କୁ ଖଟଲି ଧରି ବିରାଟ ଶୋଭାଯାତ୍ରାରେ ଅଣାଯାଇ ପୂଜାସ୍ଥଳରେ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ ମନ୍ମଥ ସାହୁ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଯାତ୍ରାରେ ଲୋକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପୂଝାରୀ କ୍ଷୀରସିନ୍ଧୁ ସାହୁ, ନୁରୁ ସାହୁ, ଅକ୍ଷୟ ଥପା, ପରମାନନ୍ଦ ସାହୁ, ମେଘନାଦ ସାହୁ, ଭରତ ସାହୁ, କୁଳମଣି ସାହୁ, ମନ୍ମଥ ସାହୁ, ଗୋଲାପ ସାହୁ, ଯୋଗୀନ୍ଦ୍ର ସାହୁଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# କ୍ଷେତ୍ର ପରିଦର୍ଶନ କଲେ ଡିଏଫ୍ଓ, ଏସିଏଫ୍

**କାମ୍ପା ଯୋଜନା ବନୀକରଣ ଦୁର୍ନୀତି ମାମଲା**

ଲୋଇସିଂହା, ୮।୪(ସୁଶାନ୍ତ ବାରିକ)



ଭାଙ୍ଗିରୁଜି ଯାଇଥିବା ଶ୍ରମିକଙ୍କ ପାଇଁ ନିର୍ମାଣ ଆଶ୍ରୟସ୍ଥଳୀ(ବାମ)। ଖରାରେ ଚାରା ଲଗାଯାଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ସାଲେଭଟା ସେକ୍ସନ ଅନ୍ତର୍ଗତ ବଙ୍ଗାବାହାଲ ଗ୍ରାମରେ କାମ୍ପା ଯୋଜନାରେ ହୋଇଥିବା ବନୀକରଣରେ ଅନିୟମିତତା ହୋଇଛି। ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିକଟରେ ଏପରି ଅଭିଯୋଗ କରିଥିଲା ବଙ୍ଗାବାହାଲ ବନ ସୁରକ୍ଷା ସମିତି। ଅଭିଯୋଗକୁ ଭିତ୍ତି କରି ମାର୍ଚ୍ଚ ୩୧ତାରିଖ ଧରିତ୍ରୀରେ 'ଦୁର୍ନୀତି ଲୁଚାଇବାକୁ ମାର୍ଚ୍ଚରେ ବନୀକରଣ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଗଣମାଧ୍ୟମରେ ପ୍ରକାଶିତ ଖବର ଓ ବନ ସୁରକ୍ଷା ସମିତିର ଅଭିଯୋଗକୁ ଗୁରୁତର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଏଫ୍ଓ। ରବିବାର ଡିଏଫଓ ବେହେରା ଏବଂ ତଦନ୍ତ ଅଧିକାରୀ ଏସିଏଫ୍ ଜିତେନ୍ଦ୍ର ସାହୁ ସାହୁ ବଙ୍ଗାବାହାଲ କ୍ଷେତ୍ର ପରିଦର୍ଶନ କରିଥିଲେ।

ଏ ନେଇ ଏସିଏଫ୍ ସାହୁଙ୍କୁ ପଚାରିବାରୁ, ଘଟଣାସ୍ଥଳକୁ ଯାଇ ଅଭିଯୋଗର ତଦନ୍ତ କରାଯାଇଥିଲା। ପ୍ରତ୍ୟେକ ଗଛକୁ ଗଛ ଦୂରତା ରହିଥାଏ ଅଢେଇ ମିଟର। ଗୋଟିଏ ହେକ୍ଟରକୁ ଲାଗିବ ୧୬ଶହ ଗଛ। ପର୍ଯ୍ୟାପ୍ତ ଜାଗା ରହିଛି। ସେଠାରେ ୧୦ରୁ ୧୧ ହେକ୍ଟର ଜମି ଅଛି। ୧୬ ହଜାରରୁ କମ ଗଛ ଲାଗି ନ ଥିବ। ବୋଧହୁଏ ଖରା ଯୋଗୁ ଗଛ ମରି ଯାଇଥିବ। କମ୍ ଗଛ ଲାଗିଥିଲେ ସେମାନଙ୍କ ଚାକରି ଯିବ। ତଥାପି ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ପ୍ରତିବର୍ଷ ଡ୍ରୋନ ସର୍ଭେ ହେଉଛି। କେତେ ଗାତ ଖୋଳିଛନ୍ତି ସର୍ଭେରେ ଧରା ପଡିଯିବ। ସବୁ ଦିଗକୁ ଦେଖି ତଦନ୍ତ ହେଉଛି। ଯାହା ନିଷ୍କର୍ଷ ବାହାରିବ ତାକୁ ଡିଏଫଓଙ୍କୁ ରିପୋର୍ଟ କରିବି ବୋଲି ସେ କହିଥିଲେ। ତେଣୁ ମରି ଯାଇଥିବା ଗଛର ଭରଣା ପାଇଁ ସେକ୍ସନ ପକ୍ଷରୁ ଗଛ ଲଗାଯାଉଛି। ଖରା ସମୟରେ ଲଗାଇଲେ ଗଛରେ ଉଇ ଲାଗିବ ନାହିଁ। ପାରମ୍ପରିକ ପଦ୍ଧତିରୁ ଓହରି ଗଛ ଲଗାଯାଉଛି। ପାଣି ମଧ୍ୟ ଦିଆଯାଉଛି। ଏହି ସମୟରେ ଗଛ ବଞ୍ଚିଲେ ଆଉ ୧୦ବର୍ଷ ଧରି ମରିବ ନାହିଁ ବୋଲି ସେ କହିଥିଲେ। ଦୁର୍ନୀତିକୁ ଚପାଇବା ପାଇଁ ଖରା ଦିନରେ ଗଛ ଲଗାଇବାକୁ ବଙ୍ଗାବାହାଲ ବନ ସୁରକ୍ଷା ସମିତି ଆପତ୍ତି ଉଠାଇଛି। ଏଠାରେ ୧୮ ମାସର ଚାରା ନ ଲଗାଇ ବର୍ଷକର ମଧ୍ୟ ଚାରା ଲଗାଯାଉଛି। ଏହି ସମୟରେ ପାଣି ନିଅଣ୍ଟ ପଡିବା ସମ୍ଭାବନା ଥିବାରୁ ଲଗାଯାଉଥିବା ଚାରା ମଧ୍ୟ କ୍ଷତି ହେବା ଆଶଙ୍କାବ୍ୟକ୍ତ କରିଛନ୍ତି ସେମାନେ।

ଅଭିଯୋଗ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ କାମ୍ପା ଯୋଜନାରେ ୧୦ ହେକ୍ଟର ବନୀକରଣ ପାଇଁ ବନ ବିଭାଗର ଯୋଜନା ରହିଥିଲା। ଏଥିରେ ୧୬ ହଜାର ବଦଳରେ ୧୧ ହଜାର ଚାରା ଲଗାଯାଇଥିଲା। ପୁନଶ୍ଚ ୨ କିମି ଚାରା ବନୀକରଣ କରିବାକୁ ଥିବାବେଳେ ୮ଶହରୁ ୯ ଶହ ମିଟରରେ ସୀମିତ ରଖାଯାଇଛି। ଏହି ପ୍ରକଳ୍ପରେ ବନୀକରଣ ଚାରାର ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ସିମେଣ୍ଟ ଖମ୍ବ ଓ ତାରଜାଲି ନିର୍ଦ୍ଧାରିତ ଅନୁଯାୟୀ କରାଯାଇନାହିଁ। ଏହାପରିକି ବନୀକରଣ ପରେ ପାଣି ଦିଆଯାଉନାହିଁ। ଶ୍ରମିକ ଆଶ୍ରୟସ୍ଥଳୀ ନିର୍ମାଣ ନ କରି ଟଙ୍କା ହଡପ କରାଯାଇଛି ବୋଲି ଅଭିଯୋଗ କରିଥିଲେ। କେବଳ ଏହି ପ୍ରକଳ୍ପ ନୁହେଁ, ଅଞ୍ଚଳର ଅନ୍ୟ ପ୍ରକଳ୍ପରେ ସମାନ ପ୍ରକାର ଅନିୟମିତତା ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗ ପାଇଲା ପରେ ଡିଏଫଓ ସାଲେଭଟା ସେକ୍ସନକୁ ୪ ଜଣିଆ ଟିମ ଠାଇ ବନ ସୁରକ୍ଷା ସମିତି ସହ ଆଲୋଚନା କରିଥିଲେ।

## ଅଦିନିଆ ବର୍ଷା, ଗରମରୁ ସାମୟିକ ମୁକ୍ତି

ଖପ୍ରାଖୋଲ, ୮।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସୋମବାର ସକାଳେ ଅଦିନିଆ ବର୍ଷା ହୋଇଥିଲା। ଫଳରେ କିଛିଦିନ ହେଲା ହେଉଥିବା ପ୍ରବଳ ଗରମରୁ ଲୋକଙ୍କୁ ସାମାନ୍ୟ ତ୍ରାହି ମିଳିଛି। ଦିନ ସାରା କୋହଲା ପାଗ ଲାଗି ରହିଥିବା ବେଳେ ମୁଗ, ବିରି, ତିଆସୀ ଚଣା ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ସେହିପରି ଲଘୁବନଜାତ ଦ୍ରବ୍ୟ ମହୁଲ, ଚାର, ତେନ୍ତୁଳି ଆଦି ସଂଗ୍ରହ କରିବା ମଧ ପ୍ରଭାବିତ ହେବ।

## ବଲାଙ୍ଗୀର ନାଗରିକ କମିଟି ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର, ୮।୪ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ସରକାରୀ ଟାଉନ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ବଲାଙ୍ଗୀର ନାଗରିକ କମିଟିର ଦ୍ୱିତୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସାଧାରଣ ସମ୍ପାଦକ ମଧୁସୂଦନ ନାୟକ ଗତ ତିନୋଟି କାର୍ଯ୍ୟକାରୀ କମିଟିର ବିବରଣୀ ପାଠ କରିଥିଲେ। ଗୃହରେ ଏହା ସ୍ୱୀକୃତି ଲାଭ କରିଥିଲା। ସଭାପତି ଡ. ମିଶ୍ର ଏହା ଭିତରେ ବଲାଙ୍ଗୀରର ଉନ୍ନତି କଳ୍ପେ ନାଗରିକ କମିଟି ସମ୍ପାଦନ କରିଥିବା ବିଭିନ୍ନ କାର୍ଯ୍ୟକଳାପର ସୂଚନା ଦେଇଥିଲେ। ନାଗରିକ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୦ଟି ଦଳରେ କମିଟିକୁ ବିଭକ୍ତ କରାଯାଇ ଯୋଗାଯୋଗ ଓ ଯୋଗସୂତ୍ର ରକ୍ଷା ନିମନ୍ତେ ପ୍ରତି ୨୫ ଜଣିଆ ଦଳ ପାଇଁ ଜଣେ ଲେଖାଏ ଦଳପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ସୂଚନା ଦିଆଯାଇଥିଲା। ପରେ ଅନୁଷ୍ଠିତ ଆଲୋଚନାରେ ଗୋପଭୂଷଣ ନାଥ, ରାହାସ ବିହାରୀ ମାଝି, ଜୟରାମ ମିଶ୍ର, ଶ୍ରୀମନ୍ତ କୁମାର ପଣ୍ଡା, କିଶୋର କୁମାର ମିଶ୍ର, ସୁଧାଂଶୁ ବାବୁ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଅଶୋକ କୁମାର ମିଶ୍ର, ଧର୍ମବ୍ରତ ରଥ, ସୁରେନ୍ଦ୍ର କୁମାର ତ୍ରିପାଠୀ, ଦିବାକର ହୋତା, ପ୍ରମୋଦ କୁମାର ପ୍ରଧାନ, ରତୁରାଜ ସିଂ, ଗୌରଚନ୍ଦ୍ର ପୁରୋହିତ, ବ୍ରଜ କିଶୋର ପଣ୍ଡା, ନିତ୍ୟାନନ୍ଦ ମିଶ୍ର ଓ ସଂକୀର୍ତ୍ତନ ତ୍ରିପାଠୀ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସଭାପତି ଡ. ମିଶ୍ର, ସାଧାରଣ ସମ୍ପାଦକ ନାୟକ, ସଦସ୍ୟ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ବ୍ରଜ କିଶୋର ପଣ୍ଡା, ସଂକୀର୍ତ୍ତନ ତ୍ରିପାଠୀ, ଜୟରାମ ମିଶ୍ର, ଛବିଲାଲ ବେହେରା, ରତୁରାଜ ସିଂଙ୍କୁ ନେଇ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏହି କମିଟି ବଲାଙ୍ଗୀରର ବିଭିନ୍ନ ସମସ୍ୟା ଉପରେ ଅନୁଧ୍ୟାନ କରିବା ବୋଲି କୁହାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଭୁପ୍ରକାଶଙ୍କ କିଡ୍ନୀ ପ୍ରତିରୋପଣରେ ଅର୍ଥ ବାଧକ

ବଲାଙ୍ଗୀର, ୮।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଇନ୍ଦିରାନଗର ନିବାସୀ ପ୍ରଭୁପ୍ରକାଶ ନାୟକ (୩୫) ଦୀର୍ଘ ୯ବର୍ଷ ହେଲା କିଡ୍ନି ରୋଗରେ ସଂଘର୍ଷ କରୁଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ପ୍ରଭୁପ୍ରକାଶଙ୍କ


ଚିକିତ୍ସା ପାଇଁ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି ହେଉଥିବା ପ୍ରଭୁପ୍ରକାଶ ନାୟକ।

ପରିବାରରେ ତାଙ୍କ ବାପା ପ୍ରମୋଦ ନାୟକ, ମା' ସ୍ୱର୍ଣ୍ଣଲତା, ସ୍ତ୍ରୀ ଚନ୍ଦ୍ରମା ଏବଂ ୮ବର୍ଷର ଝିଅ ପିନାକୀ ଅଛନ୍ତି। ବାପା ପ୍ରମୋଦ ତନଖି ଫାଟକରେ ଚାକିରି କରି ଅବସର ଗ୍ରହଣ କଲେଣି। ସେ ମାସିକ ୩ ହଜାର ଟଙ୍କା ପେନସନ୍ ପାଉଛନ୍ତି। ପ୍ରଭୁ ଡ୍ରାଇଭରଭାବେ କାମ କରୁଥିଲେ। ବାପାଙ୍କ ପେନସନ୍ ଏବଂ ପ୍ରଭୁଙ୍କ ଦରମାରେ ଏଇ ପରିବାର ହସଖୁସିରେ ଚଳୁଥିଲେ। ୨୦୧୬ ମସିହାରେ ପ୍ରଭୁ ଅଚାନକ ଅସୁସ୍ଥ ହୋଇପଡିଲେ। ଡାକ୍ତରଙ୍କୁ ଦେଖାଇବାରୁ ତାଙ୍କୁ ଯକ୍ଷ୍ମା ହୋଇଥିବା ସନ୍ଦେହ କଲେ। ସେହି ହିସାବରେ ଉପଚାର ଆରମ୍ଭ ହେଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ହେଲା ନାହିଁ। ସେ କିଡ୍ନି ରୋଗରେ ଆକ୍ରାନ୍ତ ଥିବା ପରେ ଜଣାପଡ଼ିଥିଲା। ୨୦୧୬ ମସିହାରୁ ହିଁ ସପ୍ତାହକୁ ତିନି ଥର ତାଙ୍କ ଡାଇଲିସିସ୍ ଚାଲିଛି। ବିଜୁ ସ୍ୱାସ୍ଥ୍ୟକାର୍ଡରୁ ଏହି ଖର୍ଚ୍ଚ କଟୁଛି। କିନ୍ତୁ ଗତ ତିନି ମାସ ହେଲା ପ୍ରଭୁଙ୍କ ଅଣ୍ଟା ତଳକୁ ଅଚଳ ହୋଇପଡ଼ିଛି। ହ୍ୱିଲ୍ ଚେୟାରରେ ତାଙ୍କ ଦିନ କଟୁଛି। ଡାକ୍ତରଙ୍କ ପରାମର୍ଶ ପରେ ମା' ସ୍ୱର୍ଣ୍ଣଲତା ଗୋଟିଏ କିଡ୍ନି ଦେବାକୁ ରାଜି ଅଛନ୍ତି। କିନ୍ତୁ ଏହି ପ୍ରତିରୋପଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ। ୬ରୁ ୭ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ବଲାଙ୍ଗୀର ଅକ୍ସିଜେନ ବ୍ୟାଙ୍କ ଓ ୧୯୮୨ ମାଟ୍ରିକ ବ୍ୟାଚର କିଛି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର ସହାୟତାରୁ ଲକ୍ଷେ ଟଙ୍କା ଯୋଗାଡ଼ କରି ପ୍ରଭୁଙ୍କୁ ବିଶାଖାପାଟଣା ନିଆଯାଇଛି। କିନ୍ତୁ ତାଙ୍କ ପାଖରେ ଏବେ ୩୦ହଜାର ଟଙ୍କା ରହିଛି। ସଫଳ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ଟଙ୍କା ଯୋଗାଡ ପାଇଁ ସ୍ତ୍ରୀ ଚନ୍ଦ୍ରମା ଅନୁରୋଧ କରିଛନ୍ତି।

## ସମାଜର ଉନ୍ନତି କଳ୍ପେ କାର୍ଯ୍ୟ କରନ୍ତୁ ବରିଷ୍ଠ ନାଗରିକ

**ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପ୍ରତିଷ୍ଠା ଦିବସ**

ବଲାଙ୍ଗୀର, ୮।୪
(ବୀରେନ୍ଦ୍ର କୁମାର ଝାଙ୍କର)



ବରିଷ୍ଠ ନାଗରିକ ମହାସଂଘ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ପଞ୍ଚମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ପ୍ରଫେସର ଟହଲୁ ସାହୁ, ମହାସଚିବ ପ୍ରହ୍ଲାଦ ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ କୁମାର ହୋତା ଓ ପ୍ରଭାକର ମିଶ୍ର ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ଛତିଶଗଡ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସଭାପତି ଚନ୍ଦ୍ର ପ୍ରକାଶ ଦେଓରାସ, ସମ୍ମାନୀତ ଅତିଥିଭାବେ ରାଜ୍ୟ ଉପସଭାପତି କମଳ ମୁଖାର୍ଜୀ, ବଲାଙ୍ଗୀର ଜିଲା ସଭାପତି ନାରାୟଣ ପାଢୀ ଓ ସାଧାରଣ ସମ୍ପାଦକ ଅଶୋକ ଚାନ୍ଦ ମଞ୍ଚାସୀନ ଥିଲେ। ପ୍ରଭାକର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ମହାସଂଘ ମହାସଚିବ ପ୍ରହ୍ଲାଦ ମହାପାତ୍ର। ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ କେଦାର ମିଶ୍ର।

ମୁଖ୍ୟବକ୍ତା ଦେଓରାସ ତାଙ୍କ ବକ୍ତବ୍ୟରେ ଭାରତବର୍ଷରେ ଥିବା ସମସ୍ତ ବରିଷ୍ଠ ନାଗରିକ ମିଳିତ ଭାବେ ସମାଜର ଉନ୍ନତି କଳ୍ପେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ଆମ ରାଜ୍ୟର ବରିଷ୍ଠ ନାଗରିକ ସଙ୍ଗଠନଗୁଡିକ ଏକତ୍ରିତ ହୋଇ ବରିଷ୍ଠ ନାଗରିକମାନଙ୍କ ଉନ୍ନତି ତଥା ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ମୁଖାର୍ଜୀ କହିଥିଲେ ଯେ, ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତାକୁ ସମାଜର ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିବାକୁ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ବୁଝୁଥିବା ବିଭାଗକୁ ପରାମର୍ଶ ଦେଇଥିଲେ। ସଭାପତି ସାହୁ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସମସ୍ତ ଜିଲାର ବରିଷ୍ଠ ନାଗରିକ ସଙ୍ଗଠନଗୁଡିକ ମହାସଂଘ ସହ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ। ମହାସଚିବ ମହାପାତ୍ର ବିଭିନ୍ନ ଜିଲାରୁ ଆସିଥିବା ଦାବି ତଥା ସମ୍ବିଧାନ ସଂଶୋଧନ ବାବଦରେ ଗୃହରେ ରଖିଥିବା ପ୍ରସ୍ତାବ ଗୃହୀତ ହୋଇଥିଲା। ବଲାଙ୍ଗୀର ଜିଲାର ଆଡ୍ଭୋକେଟ ଅଶୋକ କୁମାର ମିଶ୍ରଙ୍କୁ ମହାସଂଘ ଉପଦେଷ୍ଟାଭାବେ ମନୋନୀତ କରିଥିଲା। ସୁନିଲ ଚନ୍ଦ୍ର ବିଶ୍ୱାଲଙ୍କ, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ନିଳାଞ୍ଚଳ ଚିରଗୁନ, ମଧୁସୂଦନ ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରଗଡର ପଣ୍ଡିତ କୁଳମଣି ମହାପାତ୍ର, ବରପାଲିର ସୁନିତା ମୁଣ୍ଡ ଓ ବଲାଙ୍ଗୀରର ସୁଧାଂଶୁ ଶେଖର ଦର୍ଜିଙ୍କୁ ମେମେଣ୍ଟୋ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ ପରିଚାଳନା କରିଥିଲେ। ସଭାରେ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସମସ୍ତ ଜିଲା ତଥା ଆଠମଲ୍ଲିକ ଉପଖଣ୍ଡର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସୁନାଚେନ ଲୁଟ୍, ୨ ଅଭିଯୁକ୍ତ ଗିରଫ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଟାଉନ ଥାନା ଅଧୀନ ସିମେଣ୍ଟ ନଗରରେ ରବିବାର ଜଣେ ମହିଳାଙ୍କ ସୁନାଚେନ ଲୁଟ୍ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବରଗଡ଼ ଟାଉନ ଥାନା ଖଲିଆପାଲି କେନାଲପଡ଼ାର ହରି ତରାଇ(୨୦) ଏବଂ ବିବେକ ଓରଫ ବସୁଦେବ ନାଏକ(୨୦)। ଅଭିଯୁକ୍ତଙ୍କ ପାଖରୁ ପୋଲିସ ସୁନାଚେନ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଉଭୟଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୨୩୬/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସିମେଣ୍ଟନଗର ବାସିନ୍ଦା ରୀନା ପଟ୍ଟନାୟକ(୫୦) ରବିବାର ଅପରାହ୍ନ ପ୍ରାୟ ୧ଟା ୪୫ ମିନିଟ୍‌ରେ ଘର ବାରଣ୍ଡାରେ ବସିଥିବାବେଳେ ଅଭିଯୁକ୍ତଦ୍ୱୟ ଛୁରି ଦେଖାଇ ସେ ପିନ୍ଧିଥିବା ୬୦ଗ୍ରାମର ସୁନାଚେନ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ରୀନା ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବିଜେଡିର କର୍ମୀ ସମାବେଶ

**ଆଗାମୀ ନିର୍ବାଚନ ପରିଚାଳନା ପାଇଁ ଆଲୋଚନା**

ଅମରପାଲି/ଉଲୁଣ୍ଡା, ୮।୪ (ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଉଦେପଦରଠାରେ ସୋମବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୟମ୍ଭୁନାଥ ଖଣ୍ଡଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁରର ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ସମସ୍ତ କର୍ମୀଙ୍କୁ ସଙ୍ଗଠିତ ହୋଇ କାମ କରିବାକୁ କହିଥିଲେ। ଏହା ସହିତ ଉକ୍ତ ବୈଠକରେ ପ୍ରତ୍ୟେକ ଗ୍ରାମପଞ୍ଚାୟତର ଦଳୀୟ ସ୍ଥିତି, ନିର୍ବାଚନ ପରିଚାଳନା ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବିଜେଡି ଜିଲା ଉପସଭାପତି କିଶୋର ହୋତା, ବିଜେଡି ଜିଲା ଉପସଭାପତି ରଞ୍ଜିତ କୁମାର ରଥ, ବିଜେଡି ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ବିନୋବାନନ୍ଦ ପଧାନ, ମଧୁସୂଦନ ପଣ୍ଡା, ମୁର୍ଷୁଣ୍ଡୀ ସରପଞ୍ଚ ମନୋଜ କୁମାର ସାହୁ, ସରପଞ୍ଚ ସଂଘ ସଭାପତି ତଥା ବିଜେଡି ବ୍ଲକ ସଭାନେତ୍ରୀ ଶ୍ରୀୟା କର୍ମୀ, ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ପିତାମହୁଲ ସରପଞ୍ଚ ଆର୍କସ୍ମିତା ବଢ଼ିଆ, ହିଲୁଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ ସେଠୀଙ୍କ ସମେତ ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ବରିଷ୍ଠ ସଦସ୍ୟ କଲ୍ଲୋଳ କୁମାର ମିଶ୍ର, ପ୍ରଦୀପ ମିଶ୍ର, ପ୍ରକାଶ କୁମାର ହୋତା, ବଦ୍ୟନାଥ କର୍ମୀ, ବ୍ଲକ ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ଗିରିଧାରୀ ମେହେର, ଲଳିତ ପାତ୍ର, ସଞ୍ଜୀବ କୁମାର ମେହେର, ବିଜେଡିର ସମସ୍ତ ଜିଲା କର୍ମକର୍ତ୍ତା, ବ୍ଲକ ପଦାଧିକାରୀ, ସ୍ଥାନୀୟ କର୍ମକର୍ତ୍ତା ଯୋଗଦେଥିଲେ। ପରେ ଗ୍ରାମ ପଞ୍ଚାୟତର କର୍ମୀଙ୍କ ସହ ପୃଥକ, ପୃଥକ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ କର୍ମୀ ସମାବେଶରେ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

# ଲୁମୁରଜେନାରେ ପାଞ୍ଚଶମ୍ଭୁ, ବିଶାଳପାଲିରେ ଚାରିଶମ୍ଭୁ ଭେଟ


ବିଶାଳପାଲିରେ ଚାରି ଶମ୍ଭୁ ଭେଟ ବେଳେ ପୂଜାର୍ଚ୍ଚନା।

ଅମରପାଲି,୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ ଲୁମୁରଜେନା ଗ୍ରାମରେ ଷଷ୍ଠତମ ପଞ୍ଚଶମ୍ଭୁ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରକଟା (ସାହାଜଲଥା)ର ସିଦ୍ଧେଶ୍ୱର ବାବା, ଯାଲୋଏର ଜମ୍ବେଶ୍ୱର ବାବା, ଜାମଗାଁର ଭୁବନେଶ୍ୱର ବାବା, ବଡମାଳର ସପ୍ତେଶ୍ୱର ବାବା ଓ ଟିକୁଡ଼ାର ଗୋପେଶ୍ୱର ବାବାଙ୍କ ମଧ୍ୟରେ ଶମ୍ଭୁ ଭେଟ(ମିଳନ)ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ଅବସରରେ ଦିଅଁମାନଙ୍କୁ ବୀରମହାରାଜପୁର ମୁଖ୍ୟଛକଠାରୁ ଲୁମୁରଜେନା ଗ୍ରାମ ପର୍ଯ୍ୟନ୍ତ ଶୋଭାଯାତ୍ରା ସହକାରେ ନିଆଯାଇଥିଲା। ଦିଅଁମାନଙ୍କ ଶୋଭାଯାତ୍ରା ସମୟରେ ଢୋଲ, ନିଶାନ, ମହୁରୀ ଓ ଘଣ୍ଟ ଆଦି ପାରମ୍ପାରିକ ବାଦ୍ୟରେ ମୁଖ୍ୟଛକ ପ୍ରକମ୍ପିତ ହୋଇଥିଲା। ଗ୍ରାମବାସୀ ସମସ୍ତଙ୍କର ମଙ୍ଗଳ କାମନା କରି ଦିଅଁମାନଙ୍କର ଏକତ୍ର ପୂଜାର୍ଚ୍ଚନା କରିଥିଲେ। ଦିନବେଳା ପାଣି ଦଣ୍ଡ, ଧୂଳି ଦଣ୍ଡ ସାଙ୍ଗକୁ ରାତିରେ ବିଭିନ୍ନ ଦଣ୍ଡ ସୁଆଙ୍ଗ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ଦେଖିବାକୁ ଆଖପାଖ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁମାନଙ୍କ ସମାବେଶ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟ କ୍ରମରେ ବିଧାୟକ ପଦ୍ମନାଭ ବେହେରା, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥଙ୍କ ସମେତ ଅନେକ ଜନ ପ୍ରତିନିଧି ପ୍ରମୁଖ ଯୋଗଦେଇ ସମସ୍ତ ମହାଦେବ ଓ ଦେବୀ ମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟ କ୍ରମରେ ଲୁମୁରଜେ ବିଶିକେଷନ ରଥ, ପ୍ରକାଶ ମହାପାତ୍ର, ରମ୍ୟ ରଞ୍ଜନ ପଣ୍ଡା, ଗୋପିନାଥ ପଣ୍ଡା, ବାଳକ ପଣ୍ଡା, ରିଙ୍କୁ ପଣ୍ଡା, ଦିଲ୍ଲୀପ ମିଶ୍ର, ଆଲଦା କର୍ମୀ, ସୁଦାମ ପ୍ରଧାନ, ଶ୍ରୀମନ୍ତ କର, ରଞ୍ଜନ ପଣ୍ଡା, କୈଳାସ ପଣ୍ଡାଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ। ସେହିପରି ବ୍ଲକର ବହଲପଦର ପଞ୍ଚାୟତର ବିଶାଳପାଲି ଗ୍ରାମରେ ରବିବାର ପ୍ରଥମ ଥର ପାଇଁ ଚାରି ଶମ୍ଭୁ ଭେଟ (ମିଳନ) ମହୋତ୍ସବ ଅନଷ୍ଠିତ ହୋଇଯାଇଛି। ଏଥିରେ ଗୌଡ଼ଗାଡର ସପ୍ତେଶ୍ୱର ବାବା, କୁଞ୍ଜାପାଲିର ଗୁପ୍ତେଶ୍ୱର ବାବା, ଚୌକା ଗ୍ରାମର ଭୁବନେଶ୍ୱର ବାବା ଓ କେଶଲଗାର ଧବଳେଶର ବାବା ଆଦି ଶମ୍ଭୁ ଭେଟ ହୋଇଥିଲା। ସକାଳୁ ସବୁ ଦଣ୍ଡ ଦଳ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ଏଥିରେ ଢୋଲ, ନିଶାନ, ତାସା, ଘଣ୍ଟା ଆଦି ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ପଡ଼ିଥିଲା। ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ଅନୁଭବ ହୋଇଥିଲା। ସମସ୍ତ ଦଣ୍ଡ ଦଳ ପାରମ୍ପରିକ ବେଶରେ ସଜେଇ ହୋଇ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ସମସ୍ତ ଶମ୍ଭୁ ଏକତ୍ର କରି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଧୂଳି ଦଣ୍ଡ ସହିତ ରାତିରେ ଶୋଲ ସୁଆଙ୍ଗ ଆଦି ପରିବେଷଣ ହୋଇଥିଲା। ଏହା ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଘଣ୍ଟାପଡ଼ାରେ ବିଜେଡି କର୍ମୀ ସମ୍ମିଳନୀ


ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।

ଘଣ୍ଟାପଡ଼ା, ୮।୪(ପ୍ରଭାତ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଅସ୍ଥାୟୀ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ କଣ୍ଟାମାଳ ବିଜେଡ଼ି ସଭାପତି ବିପିନ ଭୋଇଙ୍କ ସଭାପତିତ୍ୱରେ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଗାମୀ ସାଧାରଣ ନିର୍ବାଚନରେ କନ୍ଧମାଳ ଲୋକସଭା ବିଜେଡି ପ୍ରାର୍ଥୀ ଅଚ୍ୟୁତ୍ ସାମନ୍ତ ଓ କଣ୍ଟାମାଳ ବିଧାନସଭାର ବିଜେଡି ପ୍ରାର୍ଥୀ ମହିଧର ରଣାଙ୍କୁ କିପିରି ପୂର୍ବାଅପେକ୍ଷା ଅଧିକ ଭୋଟରେ ବିଜୟୀ କରାଯିବ ତା'ଉପରେ ଆଲୋଚନା ହୋଇଥିଲା। ସମସ୍ତେ ୱାର୍ଡ଼ଠାରୁ ଆରମ୍ଭ କରି ଗ୍ରାମ ସହର ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ବିକାଶର ବାର୍ତ୍ତା ଦେଇ ନିଜ ଦଳ ସପକ୍ଷରେ ଭୋଟ ଆଣିବା ପାଇଁ ବହୁ ବରିଷ୍ଠ କର୍ମୀ ପରାମର୍ଶ ଦେଇଥିଲେ। ଉକ୍ତ ସମ୍ମିଳନୀରେ ବରିଷ୍ଠ ବିଜେଡି ସଦସ୍ୟ ଶେଷଦେବ ରଣା, ସୁଧାଂଶୁ ଶେଖର ରଣା, ଜିତେନ୍ଦ୍ର ପ୍ରସାଦ ଦେହୁରୀ, ଦୌଲଥ ପାଣ୍ଡେ, ମହେନ୍ଦ୍ର ରଣା, ହିମାଞ୍ଚଳ ରଣା, ଲିଙ୍ଗରାଜ ରଣା, ମାନୁ ରଣା, ଶତ୍ରୁଘନ ଶତପଥି, ରବି ମହାନନ୍ଦ, ପିତାମ୍ବର ଭୋଇ, ଅଶୋକ ସାହୁ, ଶରତ ରଣା, ଘନ ବୁଡ଼ାଏକ, ସୁରଥ ମେଣ୍ଡିଲି, ନବୀନ ମେଣ୍ଡିଲି, ଗୋବର୍ଦ୍ଧନ ଭୋଇ, ମନୋଜ ପାଣିଗ୍ରାହୀ ପ୍ରମୁଖ ଜୋନର ୮ଟି ପଞ୍ଚାୟତର ସକ୍ରିୟ କର୍ମୀ ଯୋଗ ଦେଇ ରଣହୁଙ୍କାର ଦେବା ସହ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ।

# ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳିତ


ଶ୍ରାଦ୍ଧସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରପାଲି,୮।୪(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଗଙ୍ଗାଧର କ୍ଲବ ପକ୍ଷରୁ ଜନ୍ମପୀଠରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳିତ ହୋଇଯାଇଛି। ସକାଳ ୭ଟାରେ ସ୍ଥାନୀୟ ଗଙ୍ଗାଧର କ୍ଲବ ଓ ବସଷ୍ଟାଣ୍ଡ ସ୍ଥିତ ଗଙ୍ଗାଧର ପ୍ରତିମୂର୍ତ୍ତିରେ ଦୀପ ପ୍ରଜଳନ ସହ ମାଲ୍ୟାର୍ପଣ କରାଯାଇଥିଲା। ପରେ ସମାଧିପୀଠରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟା ୭ଟାରେ ଗଙ୍ଗାଧର କ୍ଲବ ପରିସରରେ ଶ୍ରାଦ୍ଧ ଶତବାର୍ଷିକୀ ସଭା ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟଅତିଥି, ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପତିତପାବନ ସାହୁ ମୁଖ୍ୟବକ୍ତା, ରାଜମଣି ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସ୍ୱଭାବ କବିଙ୍କ କାବ୍ୟକବିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ମା' ପ୍ରିୟଦର୍ଶନୀ ସ୍ୱୟଂ ସହାୟକ ଗୋଷ୍ଠୀ, ନୃତ୍ୟଗୁରୁ ମାନସ କୁମାର ଦାଶ, ସୁଶ୍ରୀ ମିଶନଶକ୍ତି ମହାସଂଘକୁ ସମ୍ମାନିତ କରାଯାଇଥିଲା। ବାଳକିଶୋର ଖାଡ଼ଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଶିଶୁବିଦ୍ୟାମନ୍ଦିର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୌଣସି ଭିତିରି ମେଣ୍ଟ ନାହିଁ: ପ୍ରଦୀପ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)


ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଦଳୀୟ ନେତୃବୃନ୍ଦ ।

ମେଣ୍ଟକୁ ନେଇ ଯେଉଁ ପ୍ରକ୍ରିୟା ଚାଲିଥିଲା, ଭାଜପାର ହଜାର ହଜାର କାର୍ଯ୍ୟକର୍ତ୍ତା ଅସନ୍ତୁଷ୍ଟ ଥିଲେ । ଏଥର ଭାଜପା ଡବଲ ଇଞ୍ଜିନ ସରକାର ଗଢ଼ିବ, କାହିଁକି ମେଣ୍ଟ କରିବାକୁ ଯାଉଛନ୍ତି ବୋଲି ସାଧାରଣ ଜନତା ମଧ୍ୟ ପ୍ରଶ୍ନ କରିଥିଲେ। କୌଣସି ଭିତରି ମେଣ୍ଟ ନାହିଁ, କେନ୍ଦ୍ର ନେତୃତ୍ୱ ଯେଉଁ ଦାୟିତ୍ୱ ଦେବ, ସେ ସେହି ଦାୟିତ୍ୱକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବେ ବୋଲି ସୋମବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ କହିଛନ୍ତି । ସେ ଆହୁରି କହିଥିଲେ, ଏହା ଭାଜପାର ଲଢ଼େଇ ନୁହେଁ, ଜନତାଙ୍କ ଲଢ଼େଇ । ଲୋକେ ନରେନ୍ଦ୍ର ମୋଦିଙ୍କୁ ତୃତୀୟଥର ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଛନ୍ତି। ଏଭଳିସ୍ଥଳେ ବିଜେଡି ଏକ ଶକ୍ତିଶାଳୀ ଦଳ ହୋଇଥିବାବେଳେ କଂଗ୍ରେସ ଅସ୍ତିତ୍ୱ ହରାଇ ସାରିଛି । ଫଳରେ ନିର୍ବାଚନରେ ଲଢ଼େଇ ଜୋରଦାର ହେବ ଏବଂ ଭାଜପା ତଥା ଜନତାଙ୍କ ବିଜୟ ନିଶ୍ଚିତ ହେବ ବୋଲି ପୁରୋହିତ କହିଥିଲେ।

ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ପୁରୋହିତ କହିଥିଲେ, କୌଣସି କମ୍ପାନୀକୁ ଗନ୍ଧମାର୍ଦ୍ଧନର ଏକ ଇଞ୍ଚ ଜମି ପ୍ରଦାନ କରାଯିବ ନାହିଁ । ଏହାକୁ ନେଇ ସେ ବଜ୍ର ଶପଥ କରିଛନ୍ତି । ସେ ନିର୍ବାଚିତ ହେଲେ ଗନ୍ଧମାର୍ଦ୍ଧନର ସୁରକ୍ଷା ପାଇଁ ପଦକ୍ଷେପ ସହିତ ଛୋଟ ଛୋଟ ଔଷଧୀୟ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବାକୁ ଉଦ୍ୟମ କରାଯିବ ବୋଲି ପୁରୋହିତ କହିଥିଲେ। ସେହିପରି ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରାଯିବ ଏବଂ ବରଗଡ଼–ନୂଆପଡ଼ା, ବରଗଡ଼–ରାୟପୁର ରେଳପଥ ନିର୍ମାଣକୁ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ଅକ୍ରୁର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ।

### ପାଣିପମ୍ପ ଚୋରି: ଜଳଯୋଗାଣ ବନ୍ଦ

ବୌଦ୍ଧ, ୮।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସୁରୁଣ୍ଡି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପମ୍ପହାଉସରୁ ଗତ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟୁତ୍ ପାଣିପମ୍ପ ଚୋରି କରିଥିବା ଜଣାପଡିଛି। ପାଣିପମ୍ପ ଚୋରି ଯୋଗୁ ଗ୍ରାମରେ ଜଳଯୋଗାଣ ବନ୍ଦ ହୋଇଯାଇଛି। ଏପଟେ ଖରାଦିନ ପାଣି ପାଇଁ ଗ୍ରାମବାସୀ ଉହଲବିକଳ ହେଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ହରଭଙ୍ଗା ବ୍ଲକର ପୁରୁଣାକଟକ ଏବଂ ହରଭଙ୍ଗା ଥାନା ଅଞ୍ଚଳରେ ଚୋରି ବୃଦ୍ଧି ଘଟୁଥିବା ବେଳେ ପୋଲିସ ଚୋରଙ୍କ ଟେର ପାଇପାରୁନାହିଁ। ଦୁର୍ବୃତ୍ତମାନେ ବିଭିନ୍ନ ମନ୍ଦିରକୁ ଟାର୍ଗେଟ କରି ସୁନା, ରୂପା ଅଳଙ୍କାର ଚୋରି ଘଟଣା ପୋଲିସର ନିଦ ହଜାଇଦେଇଛି। ନିକଟରେ ହରଭଙ୍ଗା ଥାନା ବାଇସିପଡା ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିବା ବେଳେ ଗତକିଛି ଦିନ ତଳେ ହରଭଙ୍ଗା ବ୍ଲକ ବନ୍ଧାପଥର ଅଞ୍ଚଳରୁ ଏଭଳି ବିଦ୍ୟୁତ୍ ପାଣିପମ୍ପ ଚୋରି ଘଟଣା ପଦାକୁ ଆସିବାର କିଛିଦିନ ନ ପୂରୁଣୁ ହରଭଙ୍ଗା ଥାନା ଅନ୍ତର୍ଗତ ସୁରୁଣ୍ଡିରୁ ପାଣିପମ୍ପ ଚୋରି ଘଟଣା ପୋଲିସର ମୁଣ୍ଡବିନ୍ଧାର କାରଣ ହୋଇଛି। ତୁରନ୍ତ ଏହି ର୍ୟାକେଟ୍‌ର ପର୍ଦ୍ଦାଫାଶ କରାଯିବାକୁ ସାଧାରଣରେ ଦାବି ହେଉଛି।

### ମଦ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ବରପାଲି,୮।୪(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ବରପାଲି ଥାନା ପୋଲିସ ସୋମବାର ବାଲିଟିକ୍ରା ଛକରୁ ମଦ ବୋଝେଇ ଏକ ପିକଅପ୍ ଭ୍ୟାନ୍ (ନଂ.ଓଡ଼ି୧୭ଏଫ/୩୪୭୮)କୁ ଜବତ କରିଛି। ସେଥିରେ ଥିବା ୩୦୦ ଲିଟର ଦେଶୀମଦକୁ ମଧ ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ ବାଇକ୍ (ନଂ.ଓଡ଼ି୧୭ଏନ/୫୩୭୪) ଜବତ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ପୋଲିସ ଅଧିକ ତଦନ୍ତ କରୁଛି ।

# ଗଙ୍ଗାଧର ଗ୍ରନ୍ଥାବଳୀ ଉପରେ ଆଲୋଚନା


କେଦାରନାଥ କଳା ସାହିତ୍ୟ ସଂସଦ ବୈଠକରେ ଉପସ୍ଥିତ ସାହିତ୍ୟପ୍ରେମୀ।

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ କେଦାରନାଥ ମନ୍ଦିର ପରିସରରେ ସୋମବାର କେଦାରନାଥ କଳା ସାହିତ୍ୟ ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଶୀଭୂଷଣ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଶୁକ୍ରୁ ଦେହେରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଗଙ୍ଗାଧର ମେହେରଙ୍କ ଗ୍ରନ୍ଥାବଳୀର ଅଂଶବିଶେଷ ତପସ୍ୱିନୀ କାବ୍ୟ ଉପରେ ଆଲୋଚନା କରାଯାଇଥିଲା। ରବି ନାରାୟଣ ବେହେରା, ଯୋଗେଶ୍ୱର ରଥ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭିଖି ଦୀପ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବାବେଳେ ବ୍ରହ୍ମଚାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ସମିତିର ନୂତନ କମିଟି


ମହିଳା ସମିତିର ନୂତନ ପରିଚାଳନା କମିଟି ଏବଂ ସଦସ୍ୟାବୃନ୍ଦ ।

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିଳା ସମିତିର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷା ରାଧାରାଣୀ ମିଶ୍ରଙ୍କ ସଭାପତିତ୍ୱ ଏବଂ ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂଙ୍କ ମାର୍ଗଦର୍ଶନରେ ଗଠିତ ଏହି କମିଟିରେ ହରଜୀନ୍ଦର କୌର ସଭାନେତ୍ରୀ ମନୋନୀତ ହୋଇଛନ୍ତି। ସେହିପରି ମନ୍ଦାକିନୀ ପତି ଉପସଭାନେତ୍ରୀ, ଇନ୍ଦ୍ରାଣୀ ଶତପଥୀ ସମ୍ପାଦିକା, ସୁଧାଂଶୁବାଳା ଦାଶ ସହ ସମ୍ପାଦିକା, ଦେବକୀ ମେହେର କୋଷାଧ୍ୟକ୍ଷା ମନୋନୀତ ହୋଇଛନ୍ତି। ମମତା ମିଶ୍ର, ଜୟନ୍ତୀ ପ୍ରଧାନ, ଜୟଗୀତା ପଣ୍ଡା, ସସ୍ମିତା ପଟ୍ଟନାୟକ, ସଙ୍ଗୀତା ଗୁପ୍ତା ସଦସ୍ୟା ମନୋନୀତ ହୋଇଛନ୍ତି। ସମିତିର ଅଧ୍ୟକ୍ଷା ମିଶ୍ର ଗତ ଏକବର୍ଷର କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ । ପଦ୍ମିନୀ ସାହୁ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥିଲେ । ସମିତିର ଉପଦେଷ୍ଟା ସିଂଙ୍କ ସମେତ ବରିଷ୍ଠ ସଦସ୍ୟ ଡା. କମଳିନୀ ଦାଶ, କନକ ପ୍ରଧାନ, ଅଞ୍ଜନା ଦାଶ, ମନ୍ଦାକିନୀ ପତି, ଜୟଶ୍ରୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନେକ ନୂତନ ସଦସ୍ୟା ସମିତିରେ ଯୋଗଦାନ କରିଥିଲେ।

# ଡ୍ରାଗନ ଆଟାକର୍ସ ଫାଇନାଲରେ

ଅମରପାଲି,୮।୪(ପୀତାମ୍ବର ସାହୁ)

**ଦ୍ୱିତୀୟ ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟ**


ଅନ୍ତର୍ଯ୍ୟାମୀ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଖେଳ ପଡ଼ିଆରେ ଦ୍ୱିତୀୟ ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟର ପ୍ରଥମ ସେମି ଫାଇନାଲରେ ଡୋମିନେଟର ଫାଇଟରକୁ ହରାଇ ଡ୍ରାଗନ ଆଟାକର୍ସ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଡ୍ରାଗନ ଆଟାକରର୍ସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୪୨ ରନ କରିଥିଲା। ଦଳର ରଞ୍ଜନ ବେହେରା ୩୯ ଓ ଅନ୍ତର୍ଯ୍ୟାମୀ ଭୋଇ ୨୨ ରନ କରିଥିଲେ। ବିପକ୍ଷ ହରେକୃଷ୍ଣ ବାରିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଡୋମିନେଟ ଫାଇଟର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୬ ରନ କରି ପରାସ୍ତ ହୋଇଥିଲା। ଦଳର ପ୍ରକାଶ ବେହେରା ୩୯ ରନ ଓ ଦିଗାମ୍ବର ପ୍ରଧାନ ୨୨ ରନ କରିଥିଲେ। ବିପକ୍ଷ ଦଳର ଅନ୍ତର୍ଯାମୀ ଭୋଇ ୩ଟି ଉଇକେଟ ନେଇଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ସୁଶିଲ ପାଣ୍ଡେ ଅତିଥି ଭାବେ ଯୋଗଦେଇ ଅନ୍ତର୍ଯ୍ୟାମୀ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ବିମଳ ଭୁକ୍ତା ଓ ରାଜେଶ କର୍ମୀ ଅମ୍ପାୟାର ଓ ପ୍ରହଲ୍ଲାଦ ମୁଖି ସ୍କୋରର କାର୍ଯ୍ୟ ତୁଲାଇଥିଲେ।

# ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

ବରଗଡ଼,୮।୪(ପ୍ରେମାନନ୍ଦ ଖମାରୀ)


ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

ବରଗଡ଼ ବ୍ଲକ ଅଧୀନ ଅଡ଼ଗାଁରେ ୪୦ତମ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଅଡ଼ଗାଁ, ଆମ୍ବସଡ଼ା, ଡୁଙ୍ଗୁରିପାଲି, ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ, ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବାମଞ୍ଚ, ବଲାଙ୍ଗୀର ଫାୟାର, ରାୟଗଡ଼ ଆଦି ୮ଦଳ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଏବଂ ବଲାଙ୍ଗୀର ଫାୟାର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ପ୍ରତିପକ୍ଷ ବଲାଙ୍ଗୀର ଫାୟାର ଦଳକୁ ୨–୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ରାଜକୁମାର ପ୍ରଧାନ, ଦୀନ ପ୍ରଧାନ, ଭଗବାନ ନାଏକ, ଗଜରାଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ମୃତ ଦର୍ଶାଇ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ



ସୁନ୍ଦରଗଡ଼,୮।୪(ଜୟନାରାୟଣମେଣ୍ଡୁଲି): ଜୀବିତ ଥିବା ଜଣେ ବୃଦ୍ଧଙ୍କୁ ମୃତ ଦର୍ଶାଇ ୧୭ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ହିତାଧିକାରୀ ଜଣକ ହେଉଛନ୍ତି ସୁନ୍ଦରଗଡ ଜିଲ୍ଲା ସବ୍‌ଡେଗା ବ୍ଲକ ରାଜପୁର ପଞ୍ଚାୟତ ଦେହୁରୀମୁଣ୍ଡା ଗ୍ରାମର ୭୯ ବର୍ଷୀୟ ଲୋଚନ ଜୁରା। ସେ ଭତ୍ତା ପାଇଁ ଝିଅ ସହିତ ବାରମ୍ବାର ପଞ୍ଚାୟତ ଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡି ନୟାନ୍ତ ହେଲେଣି।ହେଲେ କୌଣସି ସୁଫଳ ମିଳିପାରୁନାହିଁ। ଏ ସମ୍ପର୍କରେ ରାଜପୁର ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ଖୁବ ଶୀଘ୍ର ତାଙ୍କର ଭତ୍ତା ଟଙ୍କା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି। ହେଲେ ବିନା ତଦନ୍ତରେ ଏହି ହିତାଧିକାରୀଙ୍କ ଭତ୍ତା କେମିତି ବନ୍ଦ କରାଗଲା ତାହା ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଯୁବକ ଚନ୍ଦ୍ରଭାନୁ ଜୁରା ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣକରି ଯଥାଶୀଘ୍ର ଏହି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

### ପଦଯାତ୍ରା କରି ଭାଜପା ପ୍ରାର୍ଥୀଙ୍କ ଭୋଟ୍ ପ୍ରଚାର

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ): ଲାଠିକଟା ବ୍ଲକ ମୁଖ୍ୟ ବଜାରରେ ଭାଜପାର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମ ଏବଂ ରଘୁନାଥପଲ୍ଲୀ ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ ରବିବାର ପଦଯାତ୍ରା କରି ଜନସାଧାରଣଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ଉଭୟ ପ୍ରାର୍ଥୀ ପ୍ରଥମେ ମୁଖ୍ୟ ବଜାରରେ ସ୍ଥାପିତ ଶହୀଦ ଯବାନ ବେଣୁଧର ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରି ସେଠାରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏଥିସହ କେନ୍ଦ୍ରର ମୋଦି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରି ଭୋଟ୍ ଭିକ୍ଷା କରିଥିଲେ। ଏହି ପଦଯାତ୍ରାରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲକୋ, ଜିଲା ଉପସଭାପତି ମଳୟ ମହାପାତ୍ର ଓ ଅମରେନ୍ଦ୍ର ଶର୍ମା, ଜିଲା ସଧାରଣ ସମ୍ପାଦକ ଶଶାଙ୍କ ଜେନା, ବିଧାନସଭା କ୍ଷେତ୍ର ସଂଯୋଜକ ଅଶୋକ ଲେଙ୍କା, ମଣ୍ଡଳ ସଭାପତି ଅମୃତ ଲାଲ ଓରାମ, ରାମ ଦୀପ, ପିଙ୍ଗଲା ସିଂ, ସୁବାସ ମହାନ୍ତ, ଚନ୍ଦ୍ର ହାର୍ଷାଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

# ଅବଧି ମଧ୍ୟରେ ସରୁନି ପ୍ରକଳ୍ପ

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ ପରିବା ବଜାର ଅବସ୍ଥା ଦୟନୀୟ ହୋଇପଡ଼ିଛି। ଫଳରେ ଏଠାରେ ପରିବା ବିକ୍ରି କରୁଥିବା ମହିଳା ବ୍ୟବସାୟୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଉକ୍ତ ବ୍ୟବସାୟୀମାନେ କହିଛନ୍ତି। ସେହିପରି ସହରରେ ମାଳ ମାଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଅବଧି ମଧ୍ୟରେ ଶେଷ ହୋଇପାରୁନାହିଁ। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପାନପୋଷ ପରିବା ବଜାରରେ ବିଭିନ୍ନ ପ୍ରକାର ଦୋକାନ ଥିବାବେଳେ ମହିଳା ପରିବା ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନତମାନର ପିଣ୍ଡି ନିର୍ମାଣ କରାଯାଇଛି। ତେବେ ପିଣ୍ଡି ଚତୁଃପାର୍ଶ୍ୱ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ମାସ ମାସ ଧରି ଏଠାରୁ ଅଳିଆ ଉଠାଯାଉନି। ପିଣ୍ଡି ଚତୁଃପାର୍ଶ୍ୱ ଖାଲଖମା ହୋଇଥିବା ବେଳେ ଡ୍ରେନ ପାଣି ବଜାର ଚତୁଃପାର୍ଶ୍ୱରେ ସର୍ବଦା ଘେରି ରହୁଛି। ଏଥିସହ ରବିବାର ବର୍ଷାରେ ବଜାର ଅବସ୍ଥା ସାଂଘାତିକ ହୋଇପଡ଼ିଛି। ଫଳରେ ଗ୍ରାହକମାନେ ପରିବା ବଜାରକୁ ଆସୁ ନ ଥିବା ମହିଳା ପରିବା ବିକାଳି କର୍ମିଲା କୈଥା ଓ ରୋହାନ୍ତି ମୁଣ୍ଡୁଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।



ପାନପୋଷ ପରିବା ବଜାରର ଦୁରବସ୍ଥା ।

- ପାନପୋଷ ପରିବା ବଜାର ମରାମତି ହେଉନି
- ବହୁ ଉନ୍ନୟନ ପ୍ରକଳ୍ପ ଅଧାପନ୍ତରିଆ

ଅନ୍ୟପକ୍ଷେ ପାନପୋଷ ଅଞ୍ଚଳର ବ୍ୟବସାୟୀମାନଙ୍କ ପାଇଁ ବୃହତ ପାନପୋଷ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ୩୭କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ହୋଇସାରିଥିଲେ ସୁଦ୍ଧା ୧୪୯ଟିରୁ ୨୦ ଦୋକାନୀଙ୍କୁ ଏପର୍ଯ୍ୟନ୍ତ ଦୋକାନ ଗୃହ ଆବଣ୍ଟିତ କରାଯାଇନାହିଁ। ଫଳରେ ଏହି ଦୋକାନୀଙ୍କ ଦୈନିକ ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ସେହିପରି ସ୍ମାର୍ଟସିଟି ପ୍ରୋଜେକ୍ଟ ଅଧୀନ ୯କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଛେଣ୍ଡଠାରେ ଚାଲିଥିବା ବିଜ୍ଞାନ ପାର୍କ ନିର୍ମାଣ କାର୍ଯ୍ୟ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସୂଚନାକ୍ରମେ ପାର୍କ କାମ ମୋଟ ୭.୯ଏକର ଜମିରେ ହେବାକୁ ରହିଛି। ଏଥିରୁ ୪.୯ ଏକର ଜମିରେ ବିଜ୍ଞାନପାର୍କ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ସାରିଛି। ସେହିପରି ୩ଏକର ଜମିରେ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ବିଭାଗ ଓ ନ୍ୟାଶନାଲ ବ୍ରିଜ କନଷ୍ଟ୍ରକଶନ କମ୍ପାନୀ ମାଧ୍ୟମରେ କାମ ଚାଲିଥିବା ବେଳେ ଏଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ମାଣକାରୀ ସଂସ୍ଥାଗୁଡ଼ିକ ସମୟ ଅବଧି ବୃଦ୍ଧି କରିବା ନେଇ ଆରଏମସି ପାଖରେ ନିବେଦନ କରିଥିବା ବେଳେ ସେମାନଙ୍କୁ ଆଉ ୩ ମାସ ଅଧିକ ସମୟ ଦିଆଯାଇଛି। ସେହିପରି ପାନପୋଷ ସରକାରୀ କଲେଜ ନିକଟରେ ୧୧୬.୭୬କୋଟି ଟଙ୍କା ବ୍ୟୟରେ ଚାଲିଥିବା ପ୍ରଶାସନିକ ବିଲ୍ଡିଙ୍ଗ, ଟ୍ରାଇବାଲ ମ୍ୟୁଜିୟମ, କମାଣ୍ଡ ସେଣ୍ଟର ଏବଂ ସମ୍ମିଳନୀ କକ୍ଷ ନିର୍ମାଣ କାମ ମଧ୍ୟ ଦୀର୍ଘ ବର୍ଷ ହେଲା ସରିବା ନାଁ ଧରୁନାହିଁ। ଏଭଳି ଭାବେ ସହରରେ କୋଟି କୋଟି ଟଙ୍କାର ବହୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଜଣାପଡ଼ିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଆରଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ପାନପୋଷ ପରିବା ବଜାରରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ କରାଯିବ। ସାଇନ୍ସ ବିଭାଗ ପକ୍ଷରୁ ଚାଲିଥିବା ବିଜ୍ଞାନ ପାର୍କ କାମ ସରିନି। ଠିକାସଂସ୍ଥା ୩ମାସ ଅଧିକ ସମୟ ମାଗିଛି। ତେବେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବର୍ତ୍ତମାନ କୌଣସି ନୂତନ ପ୍ରକଳ୍ପ କାର୍ଯ୍ୟ ହେବନାହିଁ ବୋଲି ସେ କହିଥିଲେ।





ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

# ସରିଲା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭଞ୍ଜଭବନ ପ୍ରେକ୍ଷାଳୟରେ ଚାଲିଥିବା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ-୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଦ୍ୱିତୀୟ ଦିବସରେ ରାଜ୍ୟ ତଥା ରାଜ୍ୟ ବାହାରର ନୃତ୍ୟ ଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପାନୀ ସମାରୋହରେ ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଂସ୍କୃତି ସଭ୍ୟତା ଭରା ଓଡିଶୀ, କଥକ, ଭାରତ ନାଟ୍ୟମ ଓ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରସିଦ୍ଧି ଲାଭ କରିଥିବା ଆଦିମ ନୃତ୍ୟ ହେଉଛି ଭାରତୀୟ ସଭ୍ୟତାର ମୁକସାକ୍ଷୀ। ଏଣୁ ଜାତୀୟ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଯୁବପିଢ଼ି ଅନୁରାଗୀ ହେବା ଆବଶ୍ୟକ ବୋଲି ରାଓ କହିଥିଲେ। ଉଦ୍‌ଯାପନୀ ନୃତ୍ୟରେ ପ୍ରଥମେ ୧୦ବର୍ଷରୁ କମ୍ ବର୍ଗର ନୃତ୍ୟଶିଳ୍ପୀ ଆଭା ଦାସ ଏବଂ ଶ୍ରୁତିପ୍ରଜ୍ଞା ପରିଡା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ୨୦ବର୍ଷରୁ କମ୍ ବର୍ଗରେ ସୌଜନ୍ୟ ପ୍ରଧାନ ଓଡିଶୀ, ଆଶିକା ସରକାର ଭାରତ ନାଟ୍ୟମ, ମୋନାଲିସା ଗୁପ୍ତା କଥକ, ଅନୁଷ୍କା ପଣ୍ଡା କମ୍ପୋରେରୀ, ଉସୁରୀ ବୃହତି ଦୀପିକା ଭାରତ ନାଟ୍ୟମ, ଶରଧା ଘୋଷ ଭାରତ ନାଟ୍ୟମ, ଜ୍ୟୋତ୍ସ୍ନା ରାୟ ଓଡିଶୀ, ଶ୍ରୀୟା କରନ ଓଡିଶୀ, ଆର୍ଯ୍ୟା ନାଗା ଶ୍ରୀ ଶ୍ରାଭ୍ୟ ଭାରତ ନାଟ୍ୟମ, କେଶବୀ ପ୍ରସାଦ ଓଡିଶୀ, ଲାବାଣ୍ୟା ମହାପାତ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରୀତିନନ୍ଦା ଦାସଙ୍କ ସମେତ ୩୦ବର୍ଷରୁ କମ ବର୍ଗର ନୃତ୍ୟ ସହ ଦଳଗତ ଓଡିଶୀ, କଥକ ଏବଂ ଭାରତ ନାଟ୍ୟମ ନୃତ୍ୟ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ସଞ୍ଜିତା ଚୌଧୁରୀ, ଭୁବନେଶ୍ୱର ଆଇଆଇଡିଏଫ୍ କନଭେନର ସ୍ୱାଧୀନ କୁମାର, ରାଉରକେଲା ଆଇଆଇଡିଏଫ କନଭେନର ଶୁଚିସ୍ମିତା ବିଶ୍ୱାସ, ଚେନ୍ନାଇ କଳାମଣ୍ଡଳମର ସତ୍ୟ ନାରାୟନା, ସିରଜା ଆର କ୍ରୀଷ୍ଣନ ଏବଂ ମୌସୁମୀ ନନ୍ଦ ମୂଲ୍ୟାଙ୍କନ କରିଥିଲେ। ପରେ ଆଇଆଇଡିଏଫ୍‌ର ବରିଷ୍ଠ ସଦସ୍ୟା ଅଳକା ନନ୍ଦାଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିସହ ୧୦ବର୍ଷ, ୨୦ ବର୍ଷ ଏବଂ ୩୦ବର୍ଷରୁ କମ୍ ବର୍ଗର କୃତୀ ନୃତ୍ୟଶିଳ୍ପୀମାନଙ୍କୁ ମାନପତ୍ର ସହିତ ଫ୍ୟୁଚର ଫେସ୍ ସମ୍ମାନରେ ସମ୍ମାନୀତ କରାଯାଇଥିଲା।

### ସିଟିବ୍ରାଞ୍ଚ ନିର୍ବାଚନ: ଡା. ସତ୍ୟରଞ୍ଜନ ସଭାପତି, ଦେବେନ୍ଦ୍ର ସମ୍ପାଦକ

ରାଉରକେଲା,୮।୪(ଦିନେଶ ମିଶ୍ର) ଆରଜିଏଚ୍ ପରିସରସ୍ଥ ଆଇଏମ୍‌ଏ ହଲ ପରିସରରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ରାଉରକେଲା ସିଟି ବ୍ରାଞ୍ଚ ପକ୍ଷରୁ ଚଳିତ ବର୍ଷ ସଙ୍ଗଠନର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଆଇଏମ୍‌ଏ ସିଟି ବ୍ରାଞ୍ଚ ସଭାପତି ଭାବେ ଡାକ୍ତର ସତ୍ୟରଞ୍ଜନ ଦାସ ବିଜେତା ହୋଇଥିଲେ। ସେହିପରି ସମ୍ପାଦକ ଭାବେ ଡାକ୍ତର ଦେବେନ୍ଦ୍ର କୁମାର ସେଠୀ, ଉପସଭାପତି ଡାକ୍ତର ଦେବଜିତ କର, ସହ ସମ୍ପାଦକ ଡାକ୍ତର ଅମିତ ଦାସ, କୋଷାଧ୍ୟକ୍ଷ ସମ୍ପାଦକ ଡାକ୍ତର ଦୌଲତ ସରାଫ, ଉପଦେଷ୍ଟା ଭାବେ ଡାକ୍ତର ଗୋପବନ୍ଧୁ ବଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିର୍ବାଚନକୁ ନିର୍ବାଚନ ଅଫିସର ଭାବେ ଡାକ୍ତର ପି. ସି. ମହାପାତ୍ରଙ୍କ ସମେତ ଆଇଏମ୍‌ଏର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା,୮।୪(ଦିନେଶ ମିଶ୍ର)

ସହରର ପୁରାତନ ତଥା ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ପକ୍ଷରୁ ଚନ୍ଦନ ମେମୋରିଆଲ ଚିତ୍ରାଙ୍କନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର କନିଷ୍ଠ, ସର୍ବ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତିରେ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ନକଲି ଆର୍‌ପିଏଫ୍ ଏସ୍‌ଆଇ ଗିରଫ



ଆର୍‌ପିଏଫ୍ ପୋଷ୍ଟରେ ଗିରଫ ଅଭିଯୁକ୍ତ।

ରାଉରକେଲା, ୮।୪(ସଙ୍ଗୀତା ଜେନା)

**ଠକିନେଇଥିଲେ ଲକ୍ଷାଧିକ ଟଙ୍କା**

ନିଜକୁ ଆର୍‌ପିଏଫ୍ ସବ୍ ଇନ୍ସପେକ୍ଟର ପରିଚୟ ଦେଇ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ତେଲଙ୍ଗାନା ପୌନା ଅଞ୍ଚଳର କନମ ସଦାଶିବ(୨୯)। ଏ ନେଇ ଜିଆର୍‌ପି ପୋଲିସ ଏକ ମାମଲା (ନଂ.୫୭/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ,ସଦାଶିବ ସୋଶିଆଲ ମିଡ଼ିଆ ଇନଷ୍ଟାଗ୍ରାମରେ ନିଜକୁ ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ୍) ସବ୍ ଇନ୍ସପେକ୍ଟର ପରିଚୟ ଦେଇ ଯୁବତୀମାନଙ୍କୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇ ବନ୍ଧୁତା ସ୍ଥାପନ କରୁଥିଲେ। ଏହାପରେ ସେ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଉଥିଲେ। ତେବେ ସଦାଶିବ ରାଉରକେଲାର ଜଣେ ଯୁବତୀଙ୍କୁ ଏଭଳି ଠକିଥିବା ନେଇ ରବିବାର ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଫ୍ଲାଇଙ୍ଗ ଟିମ୍, ସିଆଇବି ଚକ୍ରଧରପୁରର ଆର୍‌ପିଏଫ୍ ଅଧିକାରୀ ଛଦ୍ମବେଶରେ ସଦାଶିବଙ୍କୁ ଧରି ଜିଆର୍‌ପିକୁ ହସ୍ତାନ୍ତର କରିଥିଲେ। ତେବେ ଉକ୍ତ ଠକ ଜଣଙ୍କ ଯୁବତୀମାନଙ୍କଠାରୁ ୧ ଲକ୍ଷ ୯୫ ହଜାର ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଏ ନେଇ ତଦନ୍ତ ଜାରି ରହିଛି।

# ସୁପର ସେଭେନ, ୟଙ୍ଗ୍ ଷ୍ଟାର, ଷ୍ଟାର ୱାରିୟର୍ସ ଚାମ୍ପିୟନ



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳି।

ରାଉରକେଲା,୮।୪(ବିପ୍ଳବ ରଞ୍ଜନ ଦାଶ)

**ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍**

ରାଉରକେଲା ଚେତନା ୟୁଥ୍ କ୍ଲବ ତରଫରୁ ସେକ୍ଟର-୩ ଖେଳ ପଡିଆରେ ଚାଲିଥିବା ୧୨ ଦିନାତ୍ମକ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତାର ସୋମବାର ଥିଲା ସପ୍ତମ ଦିବସ। ଏହି ଦିବସରେ ସୁପର ସେଭନ ଓ ର ଏକାଦଶ, ରୟାଲ ଜିଡିଟି ଓ ୟଙ୍ଗ ଷ୍ଟାର ଏବଂ ଷ୍ଟାର ୱାରିଓର୍ସ ଓ ରେମ୍ବୋ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସୁପର ସେଭେନ, ଦ୍ୱିତୀୟ ମ୍ୟାଚ୍‌ରେ ୟଙ୍ଗ ଷ୍ଟାର ଓ ତୃତୀୟ ମ୍ୟାଚରେ ଷ୍ଟାର ୱାରିୟର୍ସ ଦଳ ବିଜୟୀ ହୋଇଥିଲେ। ଏଥିରେ ସମାଜସେବୀ ଗୋପାଳ ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସଂଜୀବ ବେବର୍ତ୍ତା, ମନୋଜ ମଲ୍ଲିକ, ଶଶୀ ସୁନା, ଗୋପୀ ସୁନାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚରେ ଆମ୍ପାୟାର ବୁଲୁ ଓ ବିପ୍ଳବ ରହିଥିଲେ।

# ୱାଟର ଏଟିଏମ୍ ଅଚଳ

ରାଉରକେଲା,୮।୪( ଦିନେଶ ମିଶ୍ର)

ରୋଗୀ ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ପାଣି ଯୋଗାଇ ଦେବା ଲାଗି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ପରିସରରେ ୱାଟର ଏଟିଏମ୍ ବସାଯାଇଥିଲା। ଏଥିରେ ମାତ୍ର ଏକ ଟଙ୍କା ଭରିଲେ ଏକ ଲିଟର ସ୍ୱଚ୍ଛ ପାଣି ବାହାରୁଥିଲା। ଫଳରେ ଡାକ୍ତରଖାନାର ରୋଗୀ ଓ ସ୍ଥାନୀୟ ଜନସାଧାରଣ ଉପକୃତ ହେଉଥିଲେ। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ୱାଟର ଏଟିଏମ୍‌ର ରକ୍ଷଣାବେକ୍ଷଣ କରା ନ ଯିବାରୁ ଏହା ଆଜିକୁ ଦୀର୍ଘ ୫ ବର୍ଷ ଧରି ବନ୍ଦ ହୋଇ ପଡି ରହିଛି। ଏହାଦ୍ୱାରା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ପାଣି ପାଇଁ ଅସୁବିଧା ଭୋଗୁଛନ୍ତି।

ରାଉରକେଲା ସରକାରୀ ଡାକ୍ତରଖାନାକୁ ରାତି ପାହିଲେ ହଜାର ହଜାର ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଏଠାକୁ ଆସୁଥିବା ରୋଗୀ ଓ ସ୍ଥାନୀୟ ଜନସାଧାରଣ କିଭଳି ଅତି କମ୍ ମୂଲ୍ୟରେ ସ୍ୱଚ୍ଛ ପାଣି ପାଇବେ ସେ ନେଇ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ୨୦୧୭ ଡିସେମ୍ବର ୨୧ରେ ଆର୍‌ଜିଏଚ୍ ପରିସରରେ ଏକ ୱାଟର ଏଟିଏମ୍ ମେସିନ ଲଗାଯାଇଥିଲା। ଏହି ଏଟିଏମ୍‌ରୁ ସ୍ୱଚ୍ଛ ପାଣି ବାହାରିବା ପାଇଁ ଦୁଇଟି ଟ୍ୟାପ୍ ଲଗାଯାଇଥିଲା। ମାତ୍ର ୧ଟଙ୍କାରେ ଶୁଦ୍ଧ ଥଣ୍ଡା ଜଳ ଉକ୍ତ ଏଟିଏମ୍‌ରୁ ବାହାରୁଥିଲା। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ଉପକୃତ ହେଉଥିଲେ। ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଏହି ୱାଟର ଏଟିଏମ୍‌ରୁ ଶୁଦ୍ଧଜଳ ପାଇବା ପରେ ପାଣିବୋତଲ କିଣିବା ଖର୍ଚ୍ଚାନ୍ତରୁ ମୁକ୍ତ ହୋଇଥିଲେ। ତେବେ ଉଦ୍‌ଘାଟନର ଦୁଇ ବର୍ଷ ପରେ ଏହା ଖରାପ ହୋଇଗଲା। ଡାକ୍ତରଖାନା କର୍ତ୍ତୃପକ୍ଷ ବାରମ୍ବାର ଆରଏମ୍‌ସିକୁ ମରାମତି ପାଇଁ ଜଣାଇଥିଲେ ମଧ୍ୟ ମରାମତି ହୋଇ ପାରି ନ ଥିଲା। ୱାଟର ଏଟିଏମ୍‌ଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡି ରହିବାରୁ ଅସାମାଜିକ ଯୁବକମାନେ ଏଥିରେ ଲାଗିଥିବା ଟ୍ୟାପ ଦୁଇଟିକୁ ଚୋରି କରି ନେଇଥିଲେ। ଫଳରେ ଏହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡି ରହିଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନେ ପାଣିବୋତଲ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ୱାଟର ଏଟିଏମ୍‌କୁ ମରାମତି କରି ବ୍ୟବହାର ଉପଯୋଗୀ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ରାଉରକେଲା ଏଡିଏମ୍ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଆରଜିଏଚ୍ ପରିସରରେ ଥିବା ୱାଟର ଏଟିଏମ୍ ଅଚଳ ନେଇ ମୋ ପାଖରେ ବର୍ତ୍ତମାନ ସୁଧା କୌଣସି ଅଭିଯୋଗ ହୋଇନାହିଁ। ଉକ୍ତ ୱାଟର ଏଟିଏମ୍ ଅଚଳ ହୋଇଥିଲେ ଏହାକୁ ଆସନ୍ତା ୭ଦିନ ଭିତରେ ମରାମତି କରି ଜନହିତରେ ଲଗାଯିବ ବୋଲି କୁଲକର୍ଣ୍ଣୀ ମତପ୍ରକାଶ କରିଥିଲେ।



ଆରଜିଏଚ୍ ପରିସରରେ ଅଚଳ ଅବସ୍ଥାରେ ଥିବା ୱାଟର ଏଟିଏମ୍।

- ବାହାରୁନି ସ୍ୱଚ୍ଛ ପାଣି, ଭାଙ୍ଗିଗଲାଣି ଟ୍ୟାପ୍
- ସମସ୍ୟା ଭୋଗୁଛନ୍ତି ରୋଗୀ, ସମ୍ପର୍କୀୟ

# ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କ ବିଜୟ ପାଇଁ ସଂକଳ୍ପ

ରାଉରକେଲା, ୮।୪(ସଙ୍ଗୀତା ଜେନା)

ଇଣ୍ଡିଆ ମେଣ୍ଟର ସୁନ୍ଦରଗଡ଼ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ଚଳିତ ନିର୍ବାଚନରେ ଯେଭଳି ବିଜୟୀ ହେବେ ସେ ନେଇ ଇଣ୍ଡିଆ ମେଣ୍ଟ ଅଣ୍ଟା ଭିଡିଛି। ଏହି ପରିପ୍ରେକ୍ଷୀରେ ସୋମବାର ରାଉରକେଲାର ଏକ ହୋଟେଲରେ ମେଣ୍ଟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆ ମେଣ୍ଟର ସଦସ୍ୟ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ, ରାଜଗାଙ୍ଗପୁର କଂଗ୍ରେସ ପ୍ରାର୍ଥୀ ଡା. ସି. ଏସ୍. ରାଜେନ ଏକ୍କା, ବଣେଇ ସିପିଆଇ(ଏମ୍) ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ, ରଘୁନାଥପାଲୀ କଂଗ୍ରେସ ପ୍ରାର୍ଥୀ ଗୋପାଳ ଦାସ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରମୋଦ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଷ୍ଣୁ ମହାନ୍ତି କହିଲେ, କେନ୍ଦ୍ରରେ ଏନ୍‌ଡିଏ ସରକାର କୃଷକ ଓ ଶ୍ରମିକ ବିରୋଧୀ। ଏହି ସରକାର ଦେଶପ୍ରେମ ଓ ଦେଶଭକ୍ତି ନାମରେ ଦେଶକୁ ବିକ୍ରି କରି ଚାଲିଛି। ଏହାର ଉଦାହରଣ ଭାବେ ସେଲ୍, ଭେଲ୍ ଓ ଅନେକ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ରହିଛନ୍ତି। ୨କୋଟି ଚାକିରି ଧୂଆଁବାଣରେ ପରିଣତ ହୋଇଛି। ଏହି ଶାସନ କାଳରେ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଦିଲ୍ଲୀ ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ଏହାର ସଦ୍ୟତମ ଉଦାହରଣ। ତେଣୁ ମେଣ୍ଟରେ ଥିବା ଜିଲାର ୭ଟି ବିଧାନସଭା ଓ ଲୋକ ସଭା ପ୍ରାର୍ଥୀମାନଙ୍କୁ ରେକର୍ଡ ସଂଖ୍ୟାରେ ବିଜୟୀ କରାଇ କେନ୍ଦ୍ର ସରକାରଙ୍କୁ ଉଚିତ ଜବାବ ଦେବାକୁ ହେବ ବୋଲି ମହାନ୍ତି କହିଥିଲେ। ସେହିପରି ଲୋକ ସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ କହିଲେ, ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଖଣି ଖାଦାନ ଉପରେ ବାହାର ଲୋକଙ୍କ ଲୋଲୁପ ଦୃଷ୍ଟି ପଡିଛି। ଆଦିବାସୀଙ୍କୁ ପ୍ରଲୋଭନ ଦେଇ ଭୋଟ୍ ନେବା ପରେ ସେମାନଙ୍କୁ ପ୍ରତାରଣା କରାଯାଉଛି। କଂଗ୍ରେସର ଅବଦାନକୁ ଭୁଲି ନିଜସ୍ୱ ପ୍ରଚାର କରାଯାଉଛି। ଜିଲାରେ ଖଣିଖାଦାନ ଥିଲେ ମଧ୍ୟ ବେକାରୀ ସଂଖ୍ୟା ବେଶୀ ରହିଛି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ବନ୍ଦ କରିବା ଓ ଭ୍ରଷ୍ଟାଚାର ବିରୋଧରେ ଇଣ୍ଡିଆ ମେଣ୍ଟ ଏକ ହୋଇ କାର୍ଯ୍ୟପନ୍ଥା ଆଗକୁ ବଢ଼ାଇବ ବୋଲି ଦେହୁରୀ କହିଥିଲେ। ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଡା. ଏକ୍କା କହିଲେ, ଜଳ, ଜମିନ୍, ଜଙ୍ଗଲକୁ ନେଇ ଆମେ ଆନ୍ଦୋଳନ କରିଆସୁଛୁ। ସୁସ୍ମିତା ମୃତ୍ୟୁ ମାମଲା, ବିସ୍ଥାପିତ ଆଦି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏହାର ଜବାବ ନିହାତି ଭାବେ ଲୋକେ ଦେବେ ବୋଲି ଏକ୍କା କହିଥିଲେ। ରଘୁନାଥପାଲୀ ବିଧାୟକ ପ୍ରାର୍ଥୀ ଗୋପାଳ ଦାସ ଶ୍ରମିକ ଶୋଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଆମ ବିରୋଧରେ ଅନ୍ୟ କୌଣସି ରାଜନୈତିକ ଦଳ ଲଢ଼ିଲେ ମଧ୍ୟ ଆମକୁ ଫରକ୍ ପଡ଼ିବ ନାହିଁ ବୋଲି ବଣାଇ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍)ର ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ସାଲୋମୀ ମିଞ୍ଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପ୍ରାର୍ଥୀ ଓ ଦଳୀୟ ନେତୃବୃନ୍ଦ।

**ଖବରଦାତା ସମ୍ମିଳନୀରେ ସୂଚନା ଦେଲେ ଦଳୀୟ ନେତା**

## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶାର ୯ ଜିଲାରେ ୯ଶହ ବିଦ୍ୟୁତ୍ ସେବା କେନ୍ଦ୍ର ସ୍ଥାପନ ହେବ

ସମ୍ବଲପୁର,୮।୪(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିରତକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ସର୍ବଦା ଗ୍ରାହକମାନଙ୍କ ହିତରେ କାର୍ଯ୍ୟ କରିଆସୁଛି। ଏହିକ୍ରମରେ ଏହାର ବିତରଣ ପରିସରଭୁକ୍ତ ୯ ଜିଲାରେ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇଦେବା ଲାଗି କମ୍ପାନୀ ୯ଶହ ବିଦ୍ୟୁତ୍ ସେବା କେନ୍ଦ୍ର ସ୍ଥାପନ କରିବା ଲକ୍ଷ୍ୟ ରଖିଛି । ଏଯାବତ ୪୫୦ ଗ୍ରାହକ ସେବା କେନ୍ଦ୍ର ପୁନରୁଦ୍ଧାର ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଆଉ ୪୫୦ କେନ୍ଦ୍ର ଖୁବ୍‌ଶୀଘ୍ର ସ୍ଥାପନ କରାଯିବ। ୨୪ ଘଣ୍ଟିଆ ଏହି କେନ୍ଦ୍ରଗୁଡ଼ିକୁ ପରିଚାଳିତ କରିବା ପାଇଁ କମ୍ପାନୀ କର୍ମଚାରୀମାନଙ୍କୁ ନିୟୋଜିତ କରୁଛି, ଯେଉଁମାନଙ୍କ ମଧ୍ୟରେ ଜଣେ ବରିଷ୍ଠ ଲାଇନ ମ୍ୟାନ ଓ ତିନିଜଣ ହେଲପର ରହୁଛନ୍ତି । ସେହିପରି କାର୍ଯ୍ୟକ୍ଷମ ହୋଇ ସାରିଥିବା ସମସ୍ତ କେନ୍ଦ୍ରରେ ଏକ ହଟ୍ ଲାଇନ ଫୋନ କଲର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଗ୍ରାହକମାନେ ସିଧାସଳଖ ସେମାନଙ୍କର ଅଭିଯୋଗ କମ୍ପାନୀ କଲ ସେଣ୍ଟରରେ ସମାଧାନ କରାଇପାରିବେ। କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଇଂ ଗଜାନନ କାଲେ କହିଛନ୍ତି, ବିଦ୍ୟୁତ ସେବା କେନ୍ଦ୍ର ସ୍ଥାପନ ଦ୍ୱାରା ଗ୍ରାହକ ସେବାରେ ଉନ୍ନତି ହେବ। ପ୍ରାକୃତିକ ଦୁର୍ବିପାକ ସମୟରେ ସେବା କେନ୍ଦ୍ରରେ ଉପସ୍ଥିତ ଥିବା କର୍ମଚାରୀ ବିଦ୍ୟୁତ ସେବା ପୁନଃରୁଦ୍ଧାର ପାଇଁ ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ।

### ଇଦ୍‌ଗାହରେ ନମାଜ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୮।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ସାକ୍ଷୀପଡାସ୍ଥିତ ଇଦ୍‌ଗାହଠାରେ ଇଦ୍ ନମାଜ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଦଗାହ ପରିଚାଳନା କମିଟି ତରଫରୁ ଆୟୋଜିତ ବୈଠକରେ ଚଳିତବର୍ଷର ଇଦ୍ ନମାଜ କାର୍ଯ୍ୟକ୍ରମକୁ ପ୍ରଶାସନ ସହଯୋଗରେ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ସଦସ୍ୟମାନେ ସୁଚିନ୍ତିତ ମତାମତ ଦେଇଥିଲେ। ଏପ୍ରିଲ ୯ରେ ଯଦି ଚନ୍ଦ୍ର ଦର୍ଶନ ହେବ ତା'ହେଲେ ୧୦ ତାରିଖ ସକାଳ ୭ଟା ୩୦ରେ ନମାଜ ଆରମ୍ଭ ହେବ। ନଚେତ ଏପ୍ରିଲ ୧୧ ତାରିଖ ସକାଳ ୭ଟା ୩୦ରେ ଏହା ଅନୁଷ୍ଠିତ ହେବ। ବୈଠକରେ ଇଦ୍‌ଗାହ ପରିଚାଳନା କମିଟି ସଭାପତି ମହମ୍ମଦ ଜୁଲଫିକର ଅଲ୍ଲୀ ଭୁଟୋ, ସମ୍ପାଦକ ଶେଖ ସଖାଉତୁଲ୍ଲା, ଉପସଭାପତି ଅଶ୍ରଫ ଖାନ, ଯୁଗ୍ମ ସମ୍ପାଦକ ହାଜି ମହମ୍ମଦ ମୁଜାଫର, ସଦସ୍ୟ ହାକି ସୟଦ ଅରିଫ ହୁସେନ, ଶେଖ ଲାୟକ ଅଲ୍ଲୀ ଉପସ୍ଥିତ ଥିଲେ।

### ହୀରାକୁଦରେ ଖାଡ଼ାବାନ୍ତି ସ୍ଥିତି ପରଖିଲେ ସିଦ୍ଧାର୍ଥ

ସମ୍ବଲପୁର,୮।୪ (ଭବାନୀ ଶଙ୍କର ଭୋଇ)

ହୀରାକୁଦର ବିଭିନ୍ନ ୱାର୍ଡରେ ରବିବାର ସନ୍ଧ୍ୟାରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ ଖାଡ଼ାବାନ୍ତି ପରବର୍ତ୍ତୀ ସ୍ଥିତି ବିଶେଷ କରି ସ୍ୱଚ୍ଛ ପରିମଳ ବ୍ୟବସ୍ଥା ତଥା ଶୁଦ୍ଧ ପାନୀୟ ଜଳ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରିଥିଲେ। ପରେ ସେ ହୀରାକୁଦସ୍ଥିତ ଆର୍ଯ୍ୟସମାଜ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆର୍ଯ୍ୟସମାଜ ମନ୍ଦିର ରୁପାନ୍ତୀକରଣ ନିମନ୍ତେ ଆସିଥିବା ୮ଲକ୍ଷ ଟଙ୍କା କିଭଳି ବିନିଯୋଗ କରାଯିବ ସେ ସମ୍ପର୍କରେ ଉକ୍ତ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାଶ, ଯୁବ ବିଜେଡି ଜିଲା ସମ୍ପାଦକ ଇଂ. ଦୀନେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଶବଦାହ ଚୁଲା ନିର୍ମାଣରେ ଅନିୟମିତତା

ସମ୍ବଲପୁର,୮।୪ (ଭବାନୀ ଶଙ୍କର ଭୋଇ)

ଦୁର୍ଗାପାଲିସ୍ଥିତ ନବନିର୍ମିତ ରାଜଘାଟରେ କମ କାଠରେ କିଭଳି ଶବଦାହ ହୋଇପାରିବ ସେ ନେଇ ବ୍ୟବସ୍ଥା କରାଯାଉଛି। ବିଭିନ୍ନ ସହରରେ ନିର୍ମିତ ଆଧୁନିକ ଶ୍ମଶାନରେ କମ କାଠରେ ଶବଦାହ ନେଇ ରହିଥିବା ବ୍ୟବସ୍ଥାର ଅଧ୍ୟୟନ ପରେ ସମ୍ବଲପୁରରେ ଆଧୁନିକ ଡିଜାଇନରେ ୧୮ଟି ଶବଦାହ ଚୁଲା ନିର୍ମାଣ କରାଯାଉଛି। ତେବେ ବର୍ତ୍ତମାନ ୯ଟିର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ଚୁଲା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି।

ଭାଜପାର ଯୁବନେତା ରିକନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ସାଧାରଣ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଲୋକଙ୍କ ଦୃଷ୍ଟି ଅନ୍ତୁଆଳରେ ନବନିର୍ମିତ ରାଜଘାଟର ଶବଦାହ ଚୁଲାରେ ନିମ୍ନମାନର କାମ କରାଯାଉଛି। ଚୁଲ୍ଲାରେ ଭଙ୍ଗା କାଷ୍ଟ ଆଇରନ ରଡ୍ ବ୍ୟବହାର କରାଯାଇଥିବା ଜଣାପଡୁଛି। ନିର୍ମାଣ ସମୟରେ ଏଭଳି ଭଙ୍ଗା ଦଦରା ସାମଗ୍ରୀ ବ୍ୟବହାର ହେଲେ ମୃତଦେହ ପୋଡିବା ସମୟରେ ଚୁଲା ଭାଙ୍ଗିଯିବାର ସମ୍ଭାବନା ରହିଛି। ଓଡ଼ିଶା ବ୍ରିଜ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ ଲିମିଟେଡ (ଓବିସିସି) ତତ୍ତ୍ୱାବଧାନରେ ରାଜଘାଟର ଏହି ଚୁଲା ନିର୍ମାଣ କାମ ଚାଲିଛି। ତେବେ ଓବିସିସି ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ କିଭଳି ଏମିତି ଭଙ୍ଗା କାଷ୍ଟ ଆଇରନ ଲଗାଯାଇ ନିମ୍ନମାନର କାମ କରାଯାଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଏ ସମ୍ପର୍କରେ ଓବିସିସି ଯନ୍ତ୍ରୀ ବିଦ୍ୟାଧର କିଷାନଙ୍କୁ ପଚାରିବାରୁ ସେ କହିଛନ୍ତି, ଲୁହା ଗରମ ହୋଇ ତରଳିଯିବାର ସମ୍ଭାବନା ରହିଥିବାରୁ କାଷ୍ଟ ଆଇରନରେ ଏହି ଚୁଲା ନିର୍ମାଣ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ କାଷ୍ଟ ଆଇରନରେ ଫ୍ରେମ ତିଆରି କରାଯାଇ ତାକୁ ସଂଯୋଗ କରାଯାଉଥିବା କହିଥିଲେ। ତେବେ ଭଙ୍ଗା କାଷ୍ଟ ଆଇରନ ଲଗାଯାଇ ନିମ୍ନମାନର କାମ ହେଉଥିବା ବିଷୟରେ ପଚାରିବାରୁ ତାକୁ ନେଇ ସେ ତଦନ୍ତ କରିବେ ବୋଲି କହିଛନ୍ତି। ସମଲେଇ ପ୍ରକଳ୍ପ ଯୋଗୁ ପୁରୁଣା ରାଜଘାଟ ଭଙ୍ଗାଯିବା ପରେ ଦୁର୍ଗାପାଲିରେ ଅତ୍ୟାଧୁନିକ ରାଜଘାଟ ନିର୍ମାଣ କରାଯାଇଛି। ସେଠାରେ ଆଧୁନିକ ବ୍ୟବସ୍ଥାରେ ଶବଦାହ ପାଇଁ ସମସ୍ତ ସୁବିଧା କରାଯିବ ବୋଲି ପ୍ରଶାସନ କହୁଥିବା ବେଳେ ଆରମ୍ଭରୁ ନିମ୍ନମାନର କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।


ରାଜଘାଟରେ ତିଆରି ହୋଇଥିବା ଶବଦାହ ଚୁଲା।

# ସଚେତନତା ହିଁ ଏଡ୍‌ସ ରୋଗର ନିରାକରଣ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ନାକଟିଦେଉଳ,୮।୪(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ୍‌କ୍ରସ୍ ବିଭାଗ ପକ୍ଷରୁ ସୋମବାର ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁରଭି ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଚ୍‌ଆଇଭିର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିବା ସହ ସଚେତନତା ହିଁ ଏଡ୍‌ସ ରୋଗର ଏକମାତ୍ର ନିରାକରଣ ବୋଲି ପ୍ରକାଶ କରିଥିଲେ। ଏଡ୍‌ସର ଭୟାବହତାକୁ ଦୃଷ୍ଟିରେ ରଖି ଏ ଦିଗରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ସାମାଜିକ କର୍ମୀ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରେଡ୍‌କ୍ରସ୍ ସଂଯୋଜକ ସରୋଜ କୁମାର ଭୁଏ ସଂଯୋଜନା କରିଥିଲା ବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଗ୍ରନ୍ଥାଗାରିକ ଅରୁଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବାସନ୍ତିକ ନବରାତ୍ର ପୂଜା ପାଇଁ କଳସ ଶୋଭାଯାତ୍ରା

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଭୁତାପଡ଼ା ମା'ମଙ୍ଗଳା ମନ୍ଦିରରେ ଏପ୍ରିଲ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବାସନ୍ତିକ ନବରାତ୍ର ପୂଜା ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚୈତ୍ରମାସ ଅମାବାସ୍ୟା ତିଥି ସୋମବାର ଅପରାହ୍ଣ ୪ଟାରେ କଳସ ଶୋଭାଯାତ୍ରା ହୋଇଥିଲା। ଏଥିରେ ଆଖାପାଖ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସେମାନେ ମହାନଦୀ ଘାଟରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ଆସି ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ମା' ମଙ୍ଗଳାଙ୍କ ପୀଠରେ ସ୍ଥାପନା କରିଥିଲେ। ମନ୍ଦିର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନବଦିନାତ୍ମକ ପୂଜୋତ୍ସବ ଆୟୋଜନରେ ମଙ୍ଗଳା ମନ୍ଦିର କମିଟର ରବୀନ୍ଦ୍ର ଜେନା, ସାଧବ ପ୍ରଧାନ, ରମାକାନ୍ତ ଜେନା, ସୁଶାନ୍ତ ମହାପାତ୍ର, ନାରାୟଣ ଦାନି, ଧନେଶ୍ୱର ରାୟ, ଅସିତ କୁମାର ବିଶ୍ୱାଳ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିବା ବେଳେ ପଣ୍ଡିତ ଲକ୍ଷ୍ମୀ ନାରାୟଣ ଲେନ୍ ନିବାସୀ ସରୋଜ ସାହୁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।


ମା' ମଙ୍ଗଳା ମନ୍ଦିରରେ ନବରାତ୍ର ପୂଜା ପାଇଁ କଳସ ଶୋଭାଯାତ୍ରା।

# ଫଟାଟାଙ୍ଗରରେ ଅଷ୍ଟପ୍ରହର ନାମଯଜ୍ଞ

କୁଚିଣ୍ଡା,୮।୪(ବିରଞ୍ଚି ଦର୍ଶୀ)

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମରେ ଅଷ୍ଟପ୍ରହାର ନାମଯଜ୍ଞ ରବିବାର ସମ୍ପନ୍ନ ହୋଇଯାଇଛି। ଦୀନବନ୍ଧୁ ମାଝି, ଜଗବନ୍ଧୁ କିଷାନ, ଭଗବାନ କିଷାନଙ୍କ ତତ୍ତ୍ୱାବଧାନରେ ବାଗଡ଼ିହି (ବରପାଣି) ଗ୍ରାମର ପଣ୍ଡିତ ଭିକାରୀ ନାମଯଜ୍ଞରେ ପୂଜାର୍ଚ୍ଚନା କରିଥିଲେ।ଶୁକ୍ରବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିରେ ଫଟାଟାଙ୍ଗର, କେଶାଇବାହାଲ, ଦୋ ଭାୟା, କୁର୍ମିମୁଣ୍ଡା, ଲଇଗୁରା, କୁମ୍ଭାରି, ବର୍ହାମୂଷା ଆଦି ଗ୍ରାମର କୀର୍ତ୍ତନ ଦଳ ସାମିଲ ହୋଇ ନାମ ପରିବେଷଣ କରିଥିଲେ। ଏଥିରେ ଖଡୁନାଥ ପିଙ୍ଗ, କ୍ଷେତ୍ରବାସୀ ବାଘ, ଫଟାଟାଙ୍ଗର ଗୌନ୍ତିଆ ପ୍ରକାଶ ପଟେଲ, ସରୋଜ ପଟେଲ, କବରୀବାହାଲ ସରପଞ୍ଚ ଭଗିନ୍ଦ୍ର କିଷାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯଜ୍ଞରେ ନରେନ୍ଦ୍ର ଛତ୍ରିଆ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଛତ୍ରିଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରବିବାର ନାମ ସମାପନ କରାଯାଇ ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଆଦି କରାଯାଇଥିଲା। ଅଶୋକ ଛତ୍ରିଆ, ଶିଳାଲ କିଷାନ, ଗୋପାଳ ଛତ୍ରିଆ, ଯୁଧିଷ୍ଠିର କିଷାନ ଯଜ୍ଞ ପରିଚାଳନା କରିଥିବା ବେଳେ ମାତୃଶକ୍ତି ମହିଳା ସମିତି ପକ୍ଷରୁ ସବିତା କିଷାନ, ଇନ୍ଦୁମତି କିଷାନ, କୁମାରୀ ଛତ୍ରିଆ, ସ୍ୱର୍ଣ୍ଣ ଲୁହା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ଠେଲ୍‌କୋଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରି ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପେରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ତ୍ରିଲୋଚନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଦ୍ମନାଭ ନାୟକ, ଦୁର୍ଗା ପ୍ରସାଦ ସାହୁ, ରେଙ୍ଗାଲି ବ୍ଲକ ଶିକ୍ଷକ ସଂଘ ସଭାପତି ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟତ୍ରୀ ସସ୍ମିତା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ରେଙ୍ଗାଲି ବ୍ଲକ ଅନ୍ତର୍ଗତ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କମିଟି ସଭ୍ୟ ଉପସ୍ଥିତ ଥିଲେ।

### ମେ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସମ୍ବଲପୁର,୮।୪(ବି.ଶଙ୍କର)

ସମ୍ବଲପୁରଠାରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମେ' ୧୧ରେ ହେବାକୁ ସ୍ଥିର ହୋଇଛି। ସମ୍ବଲପୁର କୋର୍ଟ ସମେତ କୁଚିଣ୍ଡା ଓ ରେଢ଼ାଖୋଲ କୋର୍ଟ ପରିସରରେ ଏହା ଅନୁଷ୍ଠିତ ହେବ। ସୋମବାର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟ ପ୍ରଧାନ ପ୍ରେସ ବିବୃତିରେ ଏହା ସୂଚିତ କରିଛନ୍ତି । ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମାର ସମାଧାନ ହୋଇପାରିବ। ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ। ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଅଧିକରୁ ଅଧିକ ଜନସାଧାରଣ ସେମାନଙ୍କ ମାମଲାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜିକରଣ କରାଇ ସୁବିଧା ନେବାକୁ ପ୍ରାଧିକରଣର ସଚିବ ଅନୁରୋଧ କରିଛନ୍ତି । ଉକ୍ତ ଦିନ ସକାଳ ୭ଟା ୩୦ରୁ ଲୋକ ଅଦାଲତ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

# 'ପଶୁପକ୍ଷୀଙ୍କଠାରୁ ମନୁଷ୍ୟର ଶିକ୍ଷା' ଶୀର୍ଷକ ତାଲିମ



ଦେବ୍ରିଗଡ଼ ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ।

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ଦେବ୍ରିଗଡ଼ ଅଭୟାରଣ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ 'ପଶୁପକ୍ଷୀଙ୍କଠାରୁ ମନୁଷ୍ୟର ଶିକ୍ଷା' ଶୀର୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କିଶୋର ମେହେର ପରିଚାଳନା କରିଥିଲେ। ଏଥିରେ ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗଳ୍ପ ମାଧ୍ୟମରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ଓ ବନ ସଂରକ୍ଷଣ ଆଦି ବିଷୟରେ ଅବଗତ କରିଥିଲେ। ଏଥିରେ ସମ୍ବଲପୁର ଗାୟତ୍ରୀ ଯୁକ୍ତ ଦୁଇ କଲେଜର ଛାତ୍ରୀମାନେ ସାମିଲ ହୋଇ ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ପଶୁପକ୍ଷୀଙ୍କ ଗହଣରେ ଉକ୍ତ କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ସମ୍ବଲପୁର,୮।୪(ବି.ଶଙ୍କର)



ସ୍ୱାସ୍ଥ୍ୟ ପରୀକ୍ଷା ପରେ ଛାତ୍ରଙ୍କୁ ଔଷଧ ପ୍ରଦାନ କରାଯାଉଛି।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଢରରୋପାଣି ଉଚ୍ଚ ବିଦ୍ୟାଳୟ ଓ ବୋମଲୋଇ ସେବାଶ୍ରମରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୫ଜଣ ଛାତ୍ରଙ୍କ ସ୍କ୍ରିନିଂ କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ରକ୍ତବର୍ଗ ଚିହ୍ନଟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିତ୍ୟ ଆଲୁମିନିୟମ ଡାକ୍ତର ଦେବସ୍ମିତା ସେନାପତି ଯୋଗଦେଇଥିଲେ। ଅବସରପ୍ରାପ୍ତ ଡାକ୍ତର ରାମ ନାରାୟଣ ସାହୁ , ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶ୍ୱେତା ଉପାଧ୍ୟାୟ, ଢ଼ରରୋପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଉପପ୍ରବନ୍ଧକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମନୋରଞ୍ଜନ ବେହେରା, ବୋମାଲୋଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ ନାୟକ ସମ୍ମାନିତ ଅତିଥି ଥିଲେ। ଯୋଗ, ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ସ୍ୱଚ୍ଛତା, ସୁସ୍ଥ ଜୀବନଶୈଳୀ, ପରିବେଶ ସ୍ୱଚ୍ଛତା, ହାତ ଧୋଇବା ଇତ୍ୟାଦି ଉପରେ ସଚେତନତା କରାଯାଇଥିଲା।

# ଡାକମଣ୍ଡଳ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ଡାକମଣ୍ଡଳ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ଅଂଶଗ୍ରହଣ ପାଇଁ ଭୋଟର ସଚେତନାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳ ୭ଟା ୩୦ ମିନିଟରେ ସମ୍ବଲପୁର ଡାକ ମଣ୍ଡଳ କାର୍ଯ୍ୟାଳୟରୁ ବହୁ ସଂଖ୍ୟାରେ କର୍ମଚାରୀ ପ୍ରଭାତ ଫେରିରେ ବାହାରିଥିଲେ। ସେମାନେ ଜେଲ ଛକ, ଗୋବିନ୍ଦତୋଲା ଛକ ଦେଇ ଧନୁପାଲି ଛକରେ ପହଞ୍ଚି ସେଠାରୁ ନେଲସନ ମଣ୍ଡେଲା ଛକକୁ ଫେରିଥିଲେ। ଏହି ଅବସରରେ ହାତରେ ବିଭିନ୍ନ ପ୍ଲାକାର୍ଡ, ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ଅଧିକରୁ ଅଧିକ ସହଭାଗିତା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିଥିଲେ। ଡାକ ମଣ୍ଡଳ ସହକାରୀ ଅଧୀକ୍ଷକ ସମ୍ବିତ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜତ ହୋଇଥିବାବେଳେ ଜନସମ୍ପର୍କ ଅଧିକାରୀ ଅରୁଣ କୁମାର ଲାଟା ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏଥିପାଇଁ ଡାକ ମଣ୍ଡଳ ଅଧୀକ୍ଷକ ତାପସ କୁମାର ଦାସ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଡାକ କର୍ମଚାରୀଙ୍କ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ।

# ସୋନମଙ୍କ ଆନ୍ଦୋଳନକୁ ଲୋକମୁକ୍ତି ସଂଗଠନର ସମର୍ଥନ

କୁଚିଣ୍ଡା,୮।୪(ବିରଞ୍ଚି ଦର୍ଶୀ)

ବାମରା ବ୍ଲକ ରବଗା ପଞ୍ଚାୟତର ମଝାପଡ଼ାଠାରେ ଲୋକମୁକ୍ତି ସଂଗଠନ ଓ ଓଡ଼ିଶା ଜଙ୍ଗଲ ବଞ୍ଚାଅ ଅଧିକାର ମଞ୍ଚ ପକ୍ଷରୁ ଗଣଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବାମରା ବ୍ଲକ ସଭାପତି ପାତ୍ର ବାଘ ଏଥିରେ ସଭାପତିତ୍ୱ କରିଥିଲେ। ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କ ଲଦାଖରେ ପରିବେଶ ସୁରକ୍ଷା ପାଇଁ ଚାଲୁଥିବା ଆନ୍ଦୋଳନ ଏବଂ ଛତିଶଗଡ଼ ହସଦେଓ ଜଙ୍ଗଲ ବଞ୍ଚାଅ ଆନ୍ଦୋଳନକୁ ସମର୍ଥନ କରି ଲୋକମୁକ୍ତି ସଂଗଠନ ଏବଂ ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ମଝାପଡ଼ାରେ ଏହି ଆନ୍ଦୋଳନ ଚଳାଇଥିଲା। ଏଥିରେ ଲୋକମୁକ୍ତି ସଂଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ଓ ସଂଯୋଜକ ଜିନିତ ସାମାଦ ବକ୍ତାଭାବେ ଯୋଗଦେଇ ଲଦାଖ ଓ ଛତିଶଗଡ଼ର ହସଦେଓ ଜଙ୍ଗଲକୁ କିଭଳି କେନ୍ଦ୍ର ଓ ରାଜ୍ୟ ସରକାର ଅପବ୍ୟବହାର କରି ସେଠାକାର ପ୍ରାକୃତିକ ପରିବେଶକୁ ନଷ୍ଟ କରିବା ସହ ସେଠାକାର ଆଦିବାସୀଙ୍କ ଜୀବନ ଜୀବିକାକୁ କୁଠାରଘାତ କରିଥିବା ନେଇ ତୀବ୍ର ନିନ୍ଦା କରିଥିଲେ। ଆନ୍ଦୋଳନକୁ କେନ୍ଦ୍ରୀୟ କମିଟି ସମ୍ପାଦକ ଗ୍ରେଗୋରି ସାମାଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାମରା ବ୍ଲକର ସଗରା, ଗଡ଼ପୋଷ, କିନାବଗା ଓ ରବଗା ପଞ୍ଚାୟତରୁ ବନକୁମାର ସୋରେଙ୍ଗ, କିଶୋର ଲାକ୍ରା, ରବି ଡୁଙ୍ଗଡୁଙ୍ଗ, ଷ୍ଟିଫେନ ବାରା, ଲିଙ୍ଗରାଜ କାଲୋ, ସତ୍ୟବାଦୀ କାଲୋ, ସାବାନ ସୁରିନ, ରାୟା କୁଜୁର, ରାଜେଶ ତିର୍କୀ ପ୍ରମୁଖ ନେତୃବୃନ୍ଦ ଯୋଗଦାନ କରିଥିଲେ।



ଆନ୍ଦୋଳନରେ ସାମିଲ କର୍ମକର୍ତ୍ତା।

# ସହଜ ହୋଇ ନ ପାରେ ବିଜେଡି ବିଜୟ

## ଜଗତ୍‌ସିଂହପୁର ଲୋକ ସଭା ଆସନ

ଜଗତ୍‌ସିଂହପୁର, ୮।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଲୋକ ସଭା ଆସନରେ ବିଜେଡିର ଦୃଢ଼ ସ୍ଥିତିକୁ ସ୍ପଷ୍ଟ କରିଛି ଗତ ୨ ନିର୍ବାଚନ ଫଳାଫଳ। କିନ୍ତୁ ଏଥର ସ୍ଥିତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ବିଜେଡିର ବିଜୟ ସହଜ ହେବନାହିଁ। ମୁଖ୍ୟ ବିରୋଧୀ ଭାଜପା କଡ଼ା ଟକ୍କର ଦେବା ଅନୁମାନ କରିହେଉଛି। ଏହା ମୁଖ୍ୟତଃ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ କେତେଜଣ ନେତାଙ୍କ ଦଳବଦଳ କାରଣରୁ ସମ୍ଭବ ହେବାକୁ ଯାଉଥିବା କୁହାଯାଉଛି।

ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର, ବାଲିକୁଦା-ଏରସମା, ତିର୍ତ୍ତୋଲ, ପାରାଦୀପ, କଟକ ଜିଲାର ନିଆଳି, ପୁରୀ ଜିଲାର କାକଟପୁର ଓ ନିମାପଡ଼ା ବିଧାନସଭା ଆସନ ରହିଛି। ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ୩ ନିର୍ବାଚନକୁ ଦେଖିଲେ ଜଣାଯାଏ, ଏଠାରେ ଥରେ ସିପିଆଇ ଏବଂ ୨ ଥର ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୨୦୦୯ରେ ବିଜେଡି ସମର୍ଥନରେ ବିଭୁ ପ୍ରସାଦ ତରାଇ ସିପିଆଇ ପ୍ରାର୍ଥୀ ହୋଇ ଏମ୍‌ପି ହେବାର ଗୌରବ ହାସଲ କରିଥିଲେ। ସେତେବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ କଂଗ୍ରେସର ରବୀନ୍ଦ୍ର କୁମାର ସେଠୀ। ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ତୃତୀୟ ସ୍ଥାନରେ ଥିଲେ। କିନ୍ତୁ ୨୦୧୪ରେ ତରାଇ ଦଳ ବଦଳ କରିଥିଲେ। ଅର୍ଥାତ୍ ସିପିଆଇ ଛାଡ଼ି କଂଗ୍ରେସରେ ମିଶି ଏହି ଆସନରୁ ଟିକେଟ ପାଇଥିଲେ। କିନ୍ତୁ ତାଙ୍କ ସମ୍ପର୍କୀୟ ତଥା ବିଜେଡି ପ୍ରାର୍ଥୀ ଡ. କୁଳମଣି ସାମଲଙ୍କଠାରୁ ହାରି ଯାଇଥିଲେ। ପୂର୍ବପରି ତୃତୀୟ ସ୍ଥାନରେ ଥିଲେ ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ। ୨୦୧୯ ନିର୍ବାଚନରେ


ବିଭୁ ପ୍ରସାଦ ତରାଇ


ରାଜଶ୍ରୀ ମଲ୍ଲିକ

କିନ୍ତୁ ଭାଜପା ତୃତୀୟରୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲା। ଏହି ନିର୍ବାଚନରେ ତରାଇ ପୁଣି ଦଳ ବଦଳ କରିଥିଲେ। ସେ କଂଗ୍ରେସ ଛାଡ଼ି ଭାଜପାରେ ମିଶିବା ସହ ଦଳୀୟ ଟିକେଟ ପାଇଥିଲେ। କିନ୍ତୁ ସେ ବିଜେଡି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକଙ୍କଠାରୁ ପରାସ୍ତ ହୋଇଥିଲେ। କଂଗ୍ରେସର ପ୍ରତିମା ମଲ୍ଲିକ ତୃତୀୟ ସ୍ଥାନକୁ ଖସି ଆସିଥିଲେ। ଏହି ୩ ନିର୍ବାଚନରୁ ଜଣାଯାଏ, ତରାଇ ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ନିଜ ରାଜନୈତିକ ବିଚକ୍ଷଣତା ବଳରେ କ୍ରମାଗତ ଭାବେ ଦଳ ବଦଳ ସହ ପ୍ରାର୍ଥୀ ହେବାର ସୁଯୋଗ ପାଇଥିଲେ। ୨୦୨୪ରେ ବିଜେଡି ଓ ଭାଜପା ପ୍ରାର୍ଥୀ ବଦଳାଇନାହିଁ। ପୂର୍ବପରି ବିଜେଡିରୁ ଡ. ମଲ୍ଲିକ ଓ ଭାଜପାରୁ ତରାଇ ମଇଦାନକୁ ଓହ୍ଲାଇଛନ୍ତି। କେବଳ କଂଗ୍ରେସ ଟିକେଟ ଘୋଷଣା ବାକି ରହିଛି। କଂଗ୍ରେସରୁ ଯିଏ ପ୍ରାର୍ଥୀ ହୁଅନ୍ତୁ ନା କାହିଁକି ପ୍ରତିଦ୍ୱନ୍ଦ୍ୱିତା ଗତଥର ପରି ବିଜେଡି ଓ ଭାଜପା ମଧ୍ୟରେ ହେବା ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏଥର ପ୍ରତିଦ୍ୱନ୍ଦ୍ୱିତା କଡ଼ା ହେବା ଆଶା କରାଯାଉଛି। କାରଣ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନରେ ରାଜନୈତିକ ଚିତ୍ରପଟରେ କେତେକାଂଶରେ ପରିବର୍ତ୍ତନ ଘଟିଛି।

ଜଗତ୍‌ସିଂହପୁର ଜିଲା କଥା ଦେଖିଲେ ଜଣାଯାଏ, ଜଗତ୍‌ସିଂହପୁର ବିଧାନସଭା ଆସନରେ ଭାଜପା ସ୍ଥିତିରେ ଆଶାତୀତ ସୁଧାର ଆସିଛି। ଏହା କେବଳ ବିଜେଡି ଯୁବନେତା ଅମରେନ୍ଦ୍ର ଦାସଙ୍କ ଭାଜପାରେ ଯୋଗଦାନ କାରଣରୁ ସମ୍ଭବ ହୋଇଥିବା କୁହାଯାଉଛି। ଦାସ ବିଜେଡିରେ ଥିବାବେଳେ ଏହି ଆସନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ୫ ବର୍ଷ ହେବ ବିଜେଡିରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସହ ସମାନ୍ତରାଳ ସଙ୍ଗଠନ କରି ବିଜେଡି ଭୋଟକୁ ଦୁଇଫାଳ କରି ରଖିଥିଲେ। କିନ୍ତୁ ବିଜେଡି ପ୍ରଶାନ୍ତଙ୍କୁ ଟିକେଟ ଦେବାରୁ ଅମରେନ୍ଦ୍ର ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ସେ ଭାଜପାରୁ ଟିକେଟ ପାଇଲେ ବିଜେଡିର ଫାଳେ ଭୋଟ ସହ ଭାଜପାର ପୂର୍ବ ଏବଂ କଂଗ୍ରେସରୁ ଆଶାଜନକ ଭୋଟ ହାତେଇବାକୁ ସକ୍ଷମ ହେବେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା ହେଲା, ଏହି ଆସନର କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଦଳ ଛାଡ଼ି ନିକଟରେ ବିଜେଡିରେ ମିଶିଛନ୍ତି। ସେ ବିଜେଡି ଟିକେଟ ପାଇବେ ବୋଲି କୁହାଯାଉଥିଲା, କିନ୍ତୁ ବିଜେଡି ତାଙ୍କୁ ପ୍ରାର୍ଥୀ କରିନାହିଁ। ଏହି କାରଣରୁ ଚିରଞ୍ଜୀବଙ୍କ ସହ ବିଜେଡିରେ ସାମିଲ ହୋଇଥିବା ଅଧିକାଂଶ କଂଗ୍ରେସ ନେତା ଓ କର୍ମୀ ଏବେ ଖପ୍ପା ଅଛନ୍ତି। ସେମାନେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ସପକ୍ଷରେ ନାହାନ୍ତି। ତେଣୁ ଭାଜପା ପ୍ରାର୍ଥୀ ଏହି ଭୋଟ ହାତେଇବା ପାଇଁ ରଣକୌଶଳ ଆପଣାଉଥିବା କୁହାଯାଉଛି। ସେ ଦୃଷ୍ଟିରୁ ଜଗତ୍‌ସିଂହପୁର ବିଧାନସଭା ଆସନରେ ଭାଜପା ଦୃଢ଼ ସ୍ଥିତି ପ୍ରତିପାଦିତ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଗତ ନିର୍ବାଚନରେ ଭାଜପା ତୃତୀୟ ସ୍ଥାନରେ ଥିବାବେଳେ ଏଥର ମଜଭୁତ ସ୍ଥିତି ଏମ୍‌ପି ପ୍ରାର୍ଥୀ ତରାଇଙ୍କୁ ସହାୟକ ହେବା ଆଶା କରାଯାଉଛି।

ସେହିପରି ପାରାଦୀପ ବିଧାନସଭା ଆସନରୁ ଭାଜପା ଏମ୍‌ପି ପ୍ରାର୍ଥୀ ତରାଇଙ୍କୁ ଗତ ସାଧାରଣ ନିର୍ବାଚନରେ ଦ୍ୱିତୀୟ ସର୍ବାଧିକ ଭୋଟ୍ ମିଳିଥିଲା। କିନ୍ତୁ ବିଧାନସଭା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ତୃତୀୟ ସ୍ଥାନରେ ଥିଲେ। ସେତେବେଳେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ ବିଜୟୀ ହୋଇଥିଲେ ସୁଦ୍ଧା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ। ଏହା ଭିତରେ ଚିତ୍ର ବଦଳିଯାଇଛି। ସର୍ଖେଲ କଂଗ୍ରେସ ଛାଡି ବିଜେଡିରେ ମିଶି ସାରିଛନ୍ତି। ବିଜେଡିରୁ ଟିକେଟ ପାଇବା ପାଇଁ ଏକାଧିକ ଆଶାୟୀ ଅଛନ୍ତି। ସେମାନଙ୍କ ଭିତରେ ଗୋଷ୍ଠୀ କନ୍ଦଳ ତେଜୁଛି। ଏ ପରିସ୍ଥିତିରେ ସମ୍ପଦ ଗୋଳିଆ ପାଣିରୁ ଫାଇଦା ଉଠାଇବା ଚକ୍କରରେ ଅଛନ୍ତି। ବାଲିକୁଦା-ଏରସମା ବିଧାନସଭା ଆସନରେ ମଧ୍ୟ ଭାଜପା ସ୍ଥିତିରେ ସୁଧାର ଆସୁଛି। କିନ୍ତୁ ତିର୍ତ୍ତୋଲରେ ଯଦିଓ ଭାଜପା ସପକ୍ଷରେ ଭଲ ଭୋଟ ଯାଇଥିଲା, ତାହା ଏଥର ବଜାୟ ରହିବ କି ନାହିଁ ତାହା ସନ୍ଦେହ ପରିସରକୁ ଆସିଛି। ଅନ୍ୟପଟେ ୨୦୧୯ ନିର୍ବାଚନରେ କାକଟପୁର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବିଶ୍ୱଭୂଷଣ ଦାସ ନିକଟରେ ଭାଜପାରେ ମିଶିଛନ୍ତି। ସେତେବେଳେ ଦାସ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଭାଜପା ପ୍ରାର୍ଥୀ ରବି ମଲ୍ଲିକ ତୃତୀୟ ସ୍ଥାନରେ ଥିଲେ। ଏବେ ଭାଜପା ସ୍ଥିତିରେ ସୁଧାର ଆସିଥିବାରୁ ଚଳିତ ନିର୍ବାଚନରେ ପ୍ରତିଫଳନ ହେବା ଆଶା କରାଯାଉଛି। ନିମାପଡ଼ା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଦ୍ୱିତୀୟ ସ୍ଥାନରେ ଥିଲେ। ଏମ୍‌ପି ପ୍ରାର୍ଥୀ ତରାଇଙ୍କୁ ମଧ୍ୟ ଦ୍ୱିତୀୟ ସର୍ବାଧିକ ଭୋଟ ମିଳିଥିଲା। ଏଥର ପରିଡ଼ା ପ୍ରାର୍ଥୀ ହୋଇଥିବାରୁ କେତେ ସଫଳ ହେଉଛନ୍ତି ତାହା ସମୟ କହିବ। କିନ୍ତୁ ନିଆଳି ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଛବି ମଲ୍ଲିକ ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଏମ୍‌ପି ପ୍ରାର୍ଥୀ ତରାଇଙ୍କୁ ମଧ୍ୟ ସେତେବେଳେ ଦ୍ୱିତୀୟ ସର୍ବାଧିକ ଭୋଟ ମିଳିଥିଲା। ୨୦୧୯ ନିର୍ବାଚନରେ ଜଗତ୍‌ସିଂହପୁର ଏମ୍‌ପି ସମେତ ସଂସଦୀୟ କ୍ଷେତ୍ରର ସମସ୍ତ ୭ଟି ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ବିଧାୟକ ହୋଇଥିଲେ। କିନ୍ତୁ ଏଥର କେତେକ ବିଧାନସଭା ଆସନରେ ଭଲ ଲଢ଼େଇ ହେବା ସହ ଏମ୍‌ପି ସିଟ୍ ପାଇଁ ମଧ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି।

# ପରାଜୟ ଆଶଙ୍କା କରି ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରୁଛି ଭାଜପା

## ନିର୍ବାଚନ ଆୟୋଗଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୮।୪(ଅନିଲଦାସ)

ଓଡ଼ିଶାରେ ପରାଜୟ ହେବାକୁ ଯାଉଥିବା ଅନୁଭବ କଲେ ରାଜ୍ୟର ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରିବା ଓଡ଼ିଶା ଭାଜପା ନେତାଙ୍କ ଅଭ୍ୟାସ । ସାଧାରଣ ନିର୍ବାଚନ ୨୦୧୯ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ତାହା କରିଥିଲେ । ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ଭାଜପା ପୁନର୍ବାର ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରିବା ନୂଆ କଥା ନୁହେଁ। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ଏହା କହିଛନ୍ତି। ୨୦୨୪ ନିର୍ବାଚନରେ ସେମାନେ ତଳକୁ ଖସି ଆସିବା ସହିତ ବିଡିଓ, ତହସିଲଦାର, ପୋଲିସ ଡିଏସ୍‌ପି ଏବଂ ପୋଲିସ ଇନ୍ସପେକ୍ଟର ଇନଚାର୍ଜ (ଆଇଆଇସି)ଙ୍କ ଭଳି ସରକାରୀ ଅଧିକାରୀଙ୍କୁ ଫୋନ୍ କରି ଧମକ ଦେବା ଆରମ୍ଭ କରିଛନ୍ତି । ଏହି ନିର୍ବାଚନରେ ଓଡ଼ିଶା ଭାଜପାକୁ ସମର୍ଥନ କରନ୍ତୁ ନଚେତ୍ ବଦଳି ଓ ଅନ୍ୟାନ୍ୟ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତୁ ବୋଲି ଭାଜପା ନେତାମାନେ ଧମକ ଦେଉଥିବା ସସ୍ମିତ ଅଭିଯୋଗ କରିଛନ୍ତି ।

ଏ ସଂକ୍ରାନ୍ତରେ ସୋମବାର ସକାଳେ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ ଆୟୋଗଙ୍କ ନିକଟରେ ଏକ ପିଟିଶନ୍ ଦାଖଲ କରି ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି। ଓଡ଼ିଶାର ୬ ଆଇପିଏସ୍ ଓ ୨ ଆଇଏଏସ୍ ଅଫିସରଙ୍କୁ ନିର୍ବାଚନ କମିଶନ ବଦଳି କରିଛନ୍ତି ବୋଲି ବିଜେଡି ଆବେଦନରେ ଦର୍ଶାଇଛି ।


ସସ୍ମିତ ପାତ୍ର

ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ବିଜେଡିର ସମ୍ମାନ ରହିଛି । ତେବେ ଓଡ଼ିଶା ଭାଜପାର ପ୍ରାର୍ଥୀ ଓ ନେତାମାନେ ବଦଳିକୁ ଉଦାହରଣ ଭାବେ ବ୍ୟବହାର କରି ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶା ଅଧିକାରୀଙ୍କୁ ଫୋନ୍ କରି ଧମକ ଦେଉଛନ୍ତି। ଯଦି ଏହି ଅଧିକାରୀମାନେ ଭାଜପାକୁ ସମର୍ଥନ ନ କରନ୍ତି, ତେବେ ପୂର୍ବ ଭଳି ନିର୍ବାଚନ ଆୟୋଗଙ୍କ ନିକଟରେ ମିଥ୍ୟା ଅଭିଯୋଗ କରି ସେମାନଙ୍କ ବଦଳି ସୁନିଶ୍ଚିତ କରିବେ ବୋଲି ଧମକ ଦେଉଛନ୍ତି । ଏହା କେବଳ ଚଳିତ ନିର୍ବାଚନ ସମୟରେ ଲାଗୁ ହୋଇଥିବା ଆଦର୍ଶ ଆଚରଣବିଧିର ଘୋର ଉଲ୍ଲଂଘନ ନୁହେଁ ବରଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଧମକ ଦେବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ବେଆଇନ ଭାବେ ପ୍ରଭାବିତ କରିବାକୁ ଚେଷ୍ଟା କରିବା ମଧ୍ୟ ଅପରାଧ । ଏପରି କରି ଓଡ଼ିଶାର ଏହି ନେତା ଓ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ନିର୍ବାଚନ ବ୍ୟବସ୍ଥାକୁ ଖରାପ କରୁଛନ୍ତି । ଏହି ପ୍ରସଙ୍ଗରେ ଆବଶ୍ୟକ ଧ୍ୟାନ ଦେଇ ନିର୍ବାଚନ ଆୟୋଗ ଓଡ଼ିଶାରେ ଏକ ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ସୁସ୍ଥ ନିର୍ବାଚନ କରିବାକୁ ସୁନିଶ୍ଚିତ କରନ୍ତୁ ବୋଲି ସସ୍ମିତ କହିଛନ୍ତି ।

# ଭାଜପାରେ ଜି.ଉଦୟଗିରି ପୂର୍ବତନ ବିଧାୟିକା

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ଜି.ଉଦୟଗିରିର ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ କଂଗ୍ରେସ ଛାଡ଼ି ଶତାଧିକ ସମର୍ଥକଙ୍କ ଗହଣରେ ସୋମବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ରାଜ୍ୟରେ ଜଣାଶୁଣା ଏବଂ ବିଶିଷ୍ଟ ଶିକ୍ଷାବିତ ତଥା ଓୟୁଏଟି ପ୍ରଫେସର ଆଶୁତୋଷ ସାମନ୍ତରାୟ ଏବଂ ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ମହାନ୍ତି ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି । ରାଜଧାନୀ ଭୁବନେଶ୍ୱରର ଅନେକ ବୁଦ୍ଧିଜୀବୀ, ବ୍ୟବସାୟୀ ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଭାଜପାରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଦେବସ୍ମିତା ମହାନ୍ତି, ଡ.ଲିତା ମହାପାତ୍ର, ପ୍ରସନ୍ନ ପାତ୍ର, ନମିତା ଶତପଥୀ, ଜ୍ୟୋତିର୍ବିଦ ମଧୁସ୍ମିତା ଦାସ, ଅଭିପ୍ସା ଦାସ, ଚନ୍ଦନ ନାୟକ, ରାଜେଶ କୁମାର ପଟାଙ୍ଗୀ, ରାଜେନ୍ଦ୍ର ଭଡିଆ, ଅନିତା ଅଗ୍ରୱାଲ, ରାଜ ସାନ୍ଥୁକା, ସାଗରିକା ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅପରାଜିତା ଷଡ଼ଙ୍ଗୀ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି।

# ସିଇଓଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୯ ବର୍ଷରୁ ଅଧିକ ସମୟ ଧରି ଅବସ୍ଥାପିତ ଜଣେ ଆଇପିଏସ୍ ଅଫିସର ରାଜନୈତିକ ବ୍ୟକ୍ତି ଭଳି କାର୍ଯ୍ୟ କରୁଛନ୍ତି। ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲେ ମଧ୍ୟ ସେ ବିଜେଡି ପାଇଁ ଅସତ୍ ଉପାୟରେ ବ୍ୟାପକ ଟଙ୍କା ବଣ୍ଟନ କରିବାକୁ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଜିଲା ପୋଲିସ ଏସ୍‌ପି ଓ ଥାନା ଆଇଆଇସିମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ କର୍ମୀଙ୍କୁ ଧମକ ଦେଇ ବିଜେଡି ସପକ୍ଷରେ କାର୍ଯ୍ୟ କରିବା ନିମନ୍ତେ ସେ କହୁଛନ୍ତି। ସୋମବାର ଏଭଳି କିଛି ସଙ୍ଗିନ ଅଭିଯୋଗ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ରାଜ୍ୟ ବାହାରକୁ ବଦଳି କରିବା ନିମନ୍ତେ ଭାଜପା ଦାବି କରିଛି। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

# ବିଜେଡି ଛାଡ଼ିଲେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ

ଅମରପାଲି,୮।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ଏବଂ ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା ଓ ସେମାନଙ୍କ ଶତାଧିକ ସମର୍ଥକ ବିଜେଡିରୁ ଇସ୍ତଫା ଦେଇଛନ୍ତି। ନାରାୟଣଙ୍କୁ ବୀରମହାରାଜପୁର ପାଇଁ ବିଜେଡିରୁ ଦଳୀୟ ଟିକେଟ ଦେବା ପାଇଁ ତାଙ୍କ ସମର୍ଥକ ଦଳୀୟ ମୁଖ୍ୟଙ୍କୁ ଲିଖିତ ଜଣାଇଥିଲେ। ମାତ୍ର ଦଳ ତାଙ୍କୁ ଟିକେଟ ଦେଇ ନ ଥିବାରୁ ଇସ୍ତଫା ଦେଇଥିବା ସୋମବାର ବୀରମହାରାଜପୁର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନାରାୟଣ ସୂଚନା ଦେଇଛନ୍ତି। ଦଳର ରାଜ୍ୟ ସଭାପତିଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଛନ୍ତି।

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ହେବା ପାଇଁ ପଦ୍ମନାଭ ବେହେରାଙ୍କ ସହିତ ନାରାୟଣ ଦଳୀୟ ଟିକେଟ ପାଇଁ ଆଶାୟୀ ଥିଲେ। ତେବେ ଦଳ ପଦ୍ମନାଭ ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରିବା ସହିତ ଟିକେଟ ଦେଇଥିଲା। ଏହା ପରେ ନାରାୟଣଙ୍କ ସମର୍ଥକ ପଦ୍ମନାଭଙ୍କ ପ୍ରାର୍ଥିତ୍ୱକୁ ବୀରମହାରାଜପୁରରେ ପ୍ରତିବାଦ କରିଥିଲେ। ନାରାୟଣ ବିଜୁ ଜନତା ଦଳ ସହିତ ଦୀର୍ଘ ଦିନରୁ ଜଡିତ ଥିବାବେଳେ ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ଦାୟିତ୍ୱରେ ମଧ୍ୟ ଥିଲେ ଏବଂ ଉପାଧ୍ୟକ୍ଷ ଭାବେ ଅଛନ୍ତି । ତାଙ୍କ ସ୍ତ୍ରୀ ଶାନ୍ତି ବ୍ଲକ ଅଧ୍ୟକ୍ଷା ଭାବେ ଅବସ୍ଥାପିତ ଅଛନ୍ତି। ଆଗାମୀ ଦିନରେ ସେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ କରି ନାହାନ୍ତି। ନିଜ ସମର୍ଥକଙ୍କ ପରାମର୍ଶ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ନାରାୟଣଙ୍କ ସହିତ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବୀରମହାରାଜପୁର ଆମ୍ବ ଅଧ୍ୟକ୍ଷ ବିବଶତି ପଣ୍ଡା, ବହଳପଦର ସରପଞ୍ଚ ନିରୁପମା ସେଠୀ, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ମୁର୍ଷୁଣ୍ଡି ସମିତି ସଭ୍ୟା ରୀତା ଗର୍ଡିଆ, କମିରା ସମିତିସଭ୍ୟା ଶୀଲୋନ୍ତି ମୁଣ୍ଡା, କେନ୍ଦୁଝିରିଆପାଲି ସମିତିସଭ୍ୟା ସୁଷମା ସେଠୀ, ଦୁର୍ଜନତୈଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ କ୍ଷେତି, ଜିଲା ବିଜେଡି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡା, ପୂର୍ବତନ ସମିତି ସଭ୍ୟ ସୁରୁ ନାରାୟଣ ମହାକୁର, ପୀତାମହୁଲ ସମିତି ସଭ୍ୟ ସଇନ୍ଦୁ ସାହୁ, କମିରା ସରପଞ୍ଚ ପ୍ରତିନିଧି ସପନ ପଧାନ, ଧର୍ମୁ ଧଳ, ମଙ୍ଗଳ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ସଭାପତିଙ୍କୁ ଦେଇଥିବା ଇସ୍ତଫାପତ୍ରରେ କେତେଜଣ ସରପଞ୍ଚ, ସମିତି ସଭ୍ୟ ଏବଂ ଆଉ କେତେଜଣ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ମଧ୍ୟ ଦଳ ଛାଡୁଥିବା ନେଇ ଦସ୍ତଖତ ଦେଇଛନ୍ତି।


ବିଜେଡି ଛାଡ଼ିଥିବା ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ଅନ୍ୟମାନେ।

# ଭର୍ତ୍ତୃହରିଙ୍କୁ ଟାର୍ଗେଟ୍ କଲେ ଦେବାଶିଷ


ଭର୍ତ୍ତୃହରି ମହତାବ


ଦେବାଶିଷ ସାମନ୍ତରାୟ

## ଶଙ୍ଖ ଚିହ୍ନ ପାଇଁ ଏମ୍‌ପି ହୋଇଛନ୍ତି

କଟକ, ୮।୪(ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡିର କର୍ମୀ ସମ୍ମିଳନୀ କଟକ ସାରଳା ଭବନରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଯୋଗଦେବା ପରେ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଭର୍ତ୍ତୃହରି କେବେ ନିର୍ବାଚନ ସମୟରେ ବାହାରକୁ ବାହାରନ୍ତି ନାହିଁ। ଲୋକ କେବେ ତାଙ୍କୁ ଦେଖୁ ନ ଥିଲେ, କେବଳ ଶଙ୍ଖ ଚିହ୍ନ ପାଇଁ ସେ ନିର୍ବାଚନରେ ବିଜୟୀ ହୋଇ ୬ ଥର ଏମ୍‌ପି ହୋଇଛନ୍ତି। ହେଲେ ଏବେ ବିଜେଡି ବିରୋଧରେ କଟୁ ବାକ୍ୟ କହୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ। ଅପରପକ୍ଷରେ କଟକ ସାରଳା ଭବନରେ ସୋମବାର ସନ୍ଧ୍ୟାରେ ବାରବାଟୀ-କଟକ ଭାଜପାର ଯୁବ ସଂକଳ୍ପ କାର୍ଯ୍ୟକ୍ରମରେ ଯୋଗଦେଇ ଭର୍ତ୍ତୃହରି କହିଛନ୍ତି, ଯେଉଁ ବ୍ୟକ୍ତି ଏପରି ବାକ୍ୟ କହିଛନ୍ତି ସେ କେବେ କୌଣସି ବ୍ୟକ୍ତିଙ୍କୁ ପ୍ରଶଂସା କରିନାହାନ୍ତି।

# ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ସମ୍ବିତଙ୍କ ସପକ୍ଷରେ ଅଣ୍ଟା ଭିଡ଼ିଲେ ବିଜେଡି ଯୁବ, ଛାତ୍ର ସଙ୍ଗଠନ

କୁଜଙ୍ଗ,୮।୪(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀକୁ ନେଇ ବିଜେଡିରେ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ଚଳିତ ନିର୍ବାଚନରେ ବିଧାୟକ ସମ୍ବିତ ରାଉତରାୟଙ୍କୁ ପୁନର୍ବାର ଟିକେଟ ନ ଦେବା ପାଇଁ ଦାବି କରୁଥିବାବେଳେ ସୋମବାର ସନ୍ଧ୍ୟାରେ ଯୁବ ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ବିଧାୟକଙ୍କୁ ସମର୍ଥନ କରିଛନ୍ତି। ଏଥିସହ ତାଙ୍କୁ ବିରୋଧ କରୁଥିବା ଅସନ୍ତୁଷ୍ଟ କର୍ମୀମାନଙ୍କୁ ସମାଲୋଚନା କରିଥିଲେ। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପଞ୍ଚାୟତ ସଭାଗୃହରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ ଅଧ୍ୟକ୍ଷତା କରି କହିଥିଲେ, ବିଧାୟକଙ୍କ ସପକ୍ଷରେ ୧୮ଜଣ ସରପଞ୍ଚ ଓ ୨୨ ଜଣ ସମିତି ସଭ୍ୟାସଭ୍ୟଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଅଛନ୍ତି । ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ ସପକ୍ଷରେ କେତେଜଣ ନିର୍ବାଚିତ ପ୍ରତିନିଧି ଓ କାର୍ଯ୍ୟକର୍ତ୍ତା ଅଛନ୍ତି ତା'ର ପ୍ରମାଣ ଦିଅନ୍ତୁ ବୋଲି ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି ପ୍ରଶ୍ନ କରିଥିଲେ। ସେ କହିଥିଲେ, ବିଜେଡି ଏକ ଶୃଙ୍ଖଳିତ ଦଳ ଓ ଏହାର ସର୍ବମାନ୍ୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ସେ ଯାହାକୁ ଟିକେଟ ଦେବେ ତାକୁ ଆମେ ଗ୍ରହଣ କରିବୁ। କିନ୍ତୁ ଯେଉଁମାନେ ଦଳୀୟ ଶୃଙ୍ଖଳା ଭଙ୍ଗକରି ଖୁଲମ ଖୁଲା ବିଧାୟକଙ୍କୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ବ୍ଲକ ଯୁବ ବିଜେଡି ଉପସଭାପତି ସତ୍ୟବାନ ମୁଦୁଲି, କୁଜଙ୍ଗ ବ୍ଲକ ଛାତ୍ର ବିଜେଡି ସଭାପତି ମହେଶ୍ୱର ଦାସ, ପାରାଦୀପ ନିର୍ବାଚନ ମଣ୍ଡଳୀ ଛାତ୍ର ବିଜେଡି ସଭାପତି ବାପୁଜୀ ବେହେରା, ପ୍ରଭାସ ଦାସ, କୁଜଙ୍ଗ ଗ୍ରାମପଞ୍ଚାୟତ ସଭାପତି ଚିରଞ୍ଜୀବ ନାୟକ, ସୁଧାଂଶୁ ବେହେରା, ଗରେଇ ପଞ୍ଚାୟତ ସଭାପତି ଆଶିଷ ନାୟକ, ଦୀପକ ଦାସ ଓ ରାଜ କିଶୋର ପତି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଜୁ ଯୁବ ଓ ଛାତ୍ର ବିଜେଡିର ନେତୃମଣ୍ଡଳୀ।

# ନବୀନ ନିବାସରେ ସମ୍ବିତଙ୍କ ବିରୋଧରେ ସ୍ୱର

- ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି
- ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଅଭିଯୋଗ କଲେ ନେତା, କର୍ମୀ

ଜଗତ୍‌ସିଂହପୁର, ୮।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ପାରାଦୀପରେ ଏ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଘୋଷଣା କରି ନାହିଁ। ପ୍ରାର୍ଥୀ ଘୋଷଣାରେ ଯେତିକି ବିଳମ୍ବ ହେଉଛି ନିର୍ବାଚନ ମଣ୍ଡଳୀରେ ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ଅସନ୍ତୋଷ ସେତିକି ବଢ଼ିବାରେ ଲାଗିଛି। ଏପରିକି ଅନେକ ଲୋକ ପ୍ରତିନିଧି ଓ ଦଳୀୟ ନେତା, କର୍ମୀ ସମ୍ବିତଙ୍କୁ ଶାଣିତ ସମାଲୋଚନା କରିବାକୁ ପଛାଉନାହାନ୍ତି। ନିକଟରେ ସମ୍ବିତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୋଗ କରି ଏହି ନେତା, କର୍ମୀମାନେ ମେଳି ହେବାରେ ଲାଗିଛନ୍ତି। ସମ୍ବିତ କିମ୍ବା ତାଙ୍କ ପରିବାରର କାହାରିକୁ ପ୍ରାର୍ଥୀ ନ କରିବା ପାଇଁ ଅଡ଼ି ବସିଛନ୍ତି। ଏହା ଭିତରେ ସେମାନେ ୮ଥର ବୈଠକ ପରେ ରବିବାର ସନ୍ଧ୍ୟାରେ ପାରାଦୀପ ମଧୁବନ ଶ୍ରମିକ ଭବନରେ ପୁଣି ଗର୍ଜିଥିଲେ। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ଦେଖି ଦଳ ନେତୃତ୍ୱ ସମାଧାନ ପାଇଁ ଉଦ୍ୟମ କରିଥିଲେ। ସୋମବାର ନବୀନ ନିବାସରୁ ଡାକରା ଆସିଥିଲା। ଏହି ଅନୁଯାୟୀ ଶତାଧିକ ଅସନ୍ତୁଷ୍ଟ କର୍ମୀ ସନ୍ଧ୍ୟାରେ ରାଜଧାନୀରେ ପହଞ୍ଚିଥିଲେ। ଯୋଜନା ମୁତାବକ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ସହ ପର୍ଯ୍ୟବେକ୍ଷକ ଗିରିଶ ଦାସ ଓ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ୍ ଅସନ୍ତୁଷ୍ଟମାନଙ୍କ ସହ ନବୀନ ନିବାସ ଯାଇଥିଲେ। ତା'ପରେ ସେଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ସେମାନଙ୍କ ଅସନ୍ତୋଷ ବଖାଣିଥିଲେ। ବିଶେଷକରି ସ୍ୱର୍ଗତ ଦାମୋଦର ରାଉତ ଦୀର୍ଘ ୪୦ ବର୍ଷ ଧରି କ୍ଷମତା ଉପଭୋଗ କରିଥିଲେ। ତା'ପରେ ଅର୍ଥାତ୍ ୨୦୧୯ରେ ଭାଜପାରେ ମିଶି ଏହି ଦଳରୁ ବାଲିକୁଦା-ଏରସମାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ବିଜେଡି ବିରୋଧରେ ବର୍ଷୁଥିଲେ। ଏହାସତ୍ତ୍ୱେ ନିଜର ରାଜନୈତିକ ବିଚକ୍ଷଣତା ବଳରେ ପୁଅ ସମ୍ବିତଙ୍କୁ ପାରାଦୀପରେ ବିଜେଡି ପ୍ରାର୍ଥୀ କରାଇବାରେ ସଫଳ ହୋଇଥିଲେ। ଏବେ ସ୍ତ୍ରୀଙ୍କୁ ବିଜେଡି ପ୍ରାର୍ଥୀ କରିବେ ବୋଲି ସମ୍ବିତ ଆଗୁଆ ଘୋଷଣା କରି ସାରିଲେଣି। କେବଳ ଏତିକି ନୁହେଁ, କିଛି ଦିନ ପୂର୍ବରୁ କୁଜଙ୍ଗ ମୁକ୍ତେଶ୍ୱର ମନ୍ଦିର ପରିସରରେ ସେ କର୍ମୀ ଓ ଖବରଦାତାଙ୍କ ଆଗରେ କେତେଜଣଙ୍କୁ ଆକ୍ଷେପ କରି ନିନ୍ଦୁକ ଶବ୍ଦ ବ୍ୟବହାର କରିଥିଲେ। ଯାହା ଅନେକଙ୍କୁ ଆଘାତ ଦେଇଥିଲା। ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ବରଂ ଦୁର୍ବ୍ୟବହାର କରିବା ବିଜେଡିର ଲୋକପ୍ରିୟତା ଉପରେ ପ୍ରଭାବ ପକାଉଥିବା ଅସନ୍ତୁଷ୍ଟମାନେ ୫-ଟି ସଚିବଙ୍କ ନିକଟରେ ଅଭିଯୋଗ କରିଥିବା କୁହାଯାଇଛି। ପାରାଦୀପରେ ବିଜେଡିର କେହି ନେତୃତ୍ୱ ନ ଥିଲା ଭଳି ଗୋଟିଏ ପରିବାର ଉପରେ ଦଳ ଭରସା କରିବା ସେମାନଙ୍କୁ କଷ୍ଟ ଦେଉଛି। ସମ୍ବିତଙ୍କ ପରିବାରବାଦ୍ ଅନ୍ୟ ଯିଏ ପ୍ରାର୍ଥୀ ହେଲେ କୌଣସି ଅସୁବିଧା ନାହିଁ ବୋଲି ଏହି ଲୋକମାନେ ଅନୁରୋଧ କରିଥିଲେ। ତେବେ ବ୍ୟସ୍ତ ନ ହୋଇ ସଙ୍ଗଠନ ପାଇଁ କାମ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିବା କେତେଜଣ ପ୍ରତିକ୍ରିୟାରେ କହିଛନ୍ତି। ଏହି ଆଲୋଚନାରେ କୁଜଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ତପନ ସାମନ୍ତରାୟ, ସରପଞ୍ଚ ସରୋଜ ସେଠୀ, ପୂର୍ବତନ ସରପଞ୍ଚ ଶିଶିର ଦାସ, ପାରାଦୀପର ଏକାଧିକ କାଉନସିଲର ଓ ପୂର୍ବତନ କାଉନସିଲରଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ଘରୋଇ ବଜାରରେ ଇନ୍ଧନ ଚାହିଦା ବୃଦ୍ଧି

■ବାର୍ଷିକ ଭିତ୍ତିରେ ୫% ଅଭିବୃଦ୍ଧି
■ବ୍ୟବହାରରେ ୦.୬% ହ୍ରାସ

ନୂଆଦିଲ୍ଲୀ,୮।୪



ଘରୋଇ ବଜାରରେ କ୍ରମାଗତ ଭାବେ ଇନ୍ଧନ ଚାହିଦା ବୃଦ୍ଧି ଘଟିବା ସହ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରି କି ୨୦୨୩-୨୪ ଆର୍ଥିକବର୍ଷ ଶେଷ ସୁଦ୍ଧା ଘରୋଇ ବଜାରରେ ଇନ୍ଧନ ଚାହିଦା ୫% ବୃଦ୍ଧି ପାଇଥିଲାବେଳେ ବ୍ୟବହାରରେ ୦.୬% ବାର୍ଷିକ ଭିତ୍ତିରେ ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚରେ ଭାରତର ଇନ୍ଧନ ବ୍ୟବହାର ବର୍ଷ ତୁଳନାରେ ୦.୬% ହ୍ରାସ ପାଇଛି। ଅବଶ୍ୟ, ୨୦୨୪ ଆର୍ଥିକ ବର୍ଷର ଇନ୍ଧନ ଚାହିଦା ପ୍ରାୟ ୫% ବୃଦ୍ଧି ପାଇଛି, ମୁଖ୍ୟତଃ ଅଟୋମୋବାଇଲ୍ ଇନ୍ଧନ ଏବଂ ନାଫଥା ଅଧିକ ବିକ୍ରି ହେତୁ ଏହି ଫଳାଫଳ ହାସଲ ହୋଇଛି ବୋଲି ତୈଳ ମନ୍ତ୍ରଣାଳୟର ପେଟ୍ରୋଲିୟମ ଯୋଜନା ଏବଂ ଆନାଲିସିସ୍ ସେଲ୍ (ପିପିଏସି)ର ଡାଟା ବେସରେ ଉଲ୍ଲେଖ କରାଯାଇଛି। ସେହିଭଳି ପିପିଏସିର ପ୍ରାଥମିକ ତଥ୍ୟ ଅନୁଯାୟୀ ତୈଳ ଚାହିଦା ପାଇଁ ପ୍ରକ୍ସି ସମୁଦାୟ ବ୍ୟବହାର ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ୨୧.୦୯ନିୟୁତ ମେଟ୍ରିକ୍ ଟନ୍ (ଦୈନିକ ୪.୯୯ମିଲିୟନ୍ ବ୍ୟାରେଲ୍)ରେ ପହଞ୍ଚିଛି। ଏପରି କି ଗତବର୍ଷ ସମାନ ଅବଧି ମଧ୍ୟରେ ରେକର୍ଡ ହୋଇଥିବା ୨୧.୨୨ ନିୟୁତ ଟନ୍ (୫.୦୨ ଏମ୍‌ବିପିଡି)ରୁ ଏହା ସାମାନ୍ୟ ହ୍ରାସ ପାଇଛି, ତେବେ ୨୦୨୪ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକବର୍ଷ ପାଇଁ ଇନ୍ଧନର ଚାହିଦା ରେକର୍ଡ ସର୍ବାଧିକ ୨୩୩.୨୭୬ ମିଲିୟନ ଟନ୍ (୪.୬୭ ଏମ୍‌ବିପିଡି) ରେ ପହଞ୍ଚିଛି; ଯାହା ପୂର୍ବ ବର୍ଷ ୨୨୩.୦୨୧ମିଲିୟନ ଟନ୍ (୪.୪୮ ଏମ୍‌ବିପିଡି)ଠାରୁ ଅଧିକ ବୋଲି ମନ୍ତ୍ରଣାଳୟ ଡାଟାବେସରେ ଉଲ୍ଲେଖ କରାଯାଇଛି। ମୁଖ୍ୟତଃ ଟ୍ରକ୍ ଏବଂ ବାଣିଜ୍ୟିକ ଯାତ୍ରୀବାହୀ ଯାନ ଦ୍ୱାରା ବ୍ୟବହୃତ ଡିଜେଲ ବିକ୍ରି ୨୦୨୪ ମାର୍ଚ୍ଚରେ ୩.୧% ବୃଦ୍ଧି ହୋଇ ୮.୦୪ ମିଲିୟନ ଟନ୍‌ରେ ପହଞ୍ଚିଛି ଏବଂ ପୂର୍ବ ଆର୍ଥିକବର୍ଷ ପାଇଁ ଏହା ୪.୪% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ପେଟ୍ରୋଲର ବିକ୍ରି ୬.୯% ବାର୍ଷିକ ବୃଦ୍ଧି ହୋଇ ୩.୩୨ ନିୟୁତ ଟନରେ ପହଞ୍ଚିଛି ଏବଂ ଆର୍ଥିକବର୍ଷ ପାଇଁ ଏହା ୬.୪% ବୃଦ୍ଧିଘଟିଛି। ସେହିପରି ସଡ଼କ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଟୁମେନର ବିକ୍ରୟ ୨୦୨୪ ମାର୍ଚ୍ଚରେ ସ୍ଥିର ରହିଥିଲା କିନ୍ତୁ ଆର୍ଥିକବର୍ଷ ପାଇଁ ଏହା ୯.୯% ବୃଦ୍ଧି ଘଟିଛି। ଅପରପକ୍ଷରେ ରନ୍ଧନ ଗ୍ୟାସ୍ ଭାବେ ବ୍ୟବହୃତ ତରଳ ପେଟ୍ରୋଲିୟମ ଗ୍ୟାସ୍ (ଏଲପିଜି)ର ବିକ୍ରି ୮.୬% ବୃଦ୍ଧି ଘଟି ୨.୬୧ ନିୟୁତ ଟନରେ ପହଞ୍ଚିଛି ଏବଂ ଗତ ବର୍ଷର ଏହି ସମାନ ସମୟ ମଧ୍ୟରେ ନାଫଥା ବିକ୍ରି ୫.୫% ବୃଦ୍ଧି ଘଟି ପ୍ରାୟ ୧.୧୯ ମିଲିୟନ ଟନରେ ପହଞ୍ଚିଛି। ବିଶେଷ କରି ଇନ୍ଧନ ତୈଳର ବ୍ୟବହାର ୨୦୨୪ ମାର୍ଚ୍ଚରେ ୯.୬% ବାର୍ଷିକଭିତ୍ତିରେ ହ୍ରାସ ଘଟିଥିଲାବେଳେ ଆର୍ଥିକବର୍ଷ ପାଇଁ ୬.୩% ହ୍ରାସ ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୮।୪

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୯୪ (୪୯୪.୨୮) ପଏଣ୍ଟ ବଢ଼ି ୭୪,୭୪୨ (୭୪,୭୪୨.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୩ (୧୫୨.୬୦) ପଏଣ୍ଟ ବୃଦ୍ଧି ଘଟି ୨୨,୬୬୬ (୨୨,୬୬୬.୩୦)ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ହୋଇଛି।

## ଦୀପକ ଏଇଏସ୍‌ଏଲ୍‌ର ନୂଆ ଏମ୍‌ଡି ତଥା ସିଇଓ

ନୂଆଦିଲ୍ଲୀ,୮।୪ (ଅଭୟ ଦାଶ)



ଦୀପକ ମେହରୋତ୍ରା

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ପରୀକ୍ଷା ପ୍ରସ୍ତୁତିକାରୀ ସଂସ୍ଥା (ଟେଷ୍ଟ ପ୍ରିପାରେଟୋରି ସର୍ଭିସେସ) ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ(ଏଇଏସ୍‌ଏଲ୍)ର ନୂଆ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଦୀପକ ମେହରୋତ୍ରା ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଚେୟାରମ୍ୟାନ (ଅଧ୍ୟକ୍ଷ) ଶୈଳେଶ ହରିଭକ୍ତି କହିଛନ୍ତି, ଆମେ ଏଇଏସ୍‌ଏଲ୍ ବୋର୍ଡକୁ ତାଙ୍କୁ (ଦୀପକ) ସ୍ୱାଗତ କରିବା ସହିତ ଆମର କାର୍ଯ୍ୟଧାରା ଓ ଲକ୍ଷ୍ୟକୁ ସେ ପୂରଣ କରିବେ ବୋଲି ଆଶା ରହିଛି। ସେହିଭଳି ବର୍ତ୍ତମାନ ସମୟରେ ଆମେ ଯେଉଁ ଲକ୍ଷ୍ୟସ୍ଥଳରେ କାର୍ଯ୍ୟ କରୁଛୁ, ସେ ତାକୁ ପୂରଣ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏପରିକି ନୂଆ ମାଇଲଖୁଣ୍ଟ ହାସଲ ପାଇଁ ଆମେ ଏକତ୍ର ହୋଇ କାମ କରିବା ସହିତ ତାଙ୍କର ଆଭିମୁଖ୍ୟ ମଧ୍ୟ ଆମ ପାଇଁ ବେଶ୍ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଷ୍ଟେଶନରେ ମିଳିବ ଅଟା, ଚାଉଳ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଏଣିକି ଦେଶର ରେଳ ଷ୍ଟେଶନଗୁଡ଼ିକରେ ଅଟା ଏବଂ ଚାଉଳ ମିଳିବ। ଏକ ପାଇଲଟ ପ୍ରୋଜେକ୍ଟ ଅଧୀନରେ ଭାରତୀୟ ରେଳପଥ ଷ୍ଟେଶନରେ ଥିବା ଲୋକଙ୍କୁ ଅଟା ଏବଂ ଚାଉଳ ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଛି। ଷ୍ଟେଶନରେ ଯାତ୍ରୀମାନଙ୍କୁ ଅଟା ଏବଂ ଚାଉଳ ଯୋଗାଇବା ପାଇଁ ଭାରତୀୟ ରେଳ ଖାଉଟି ବ୍ୟାପାର, ଖାଦ୍ୟ ଏବଂ ଜନସାଧାରଣ ବଣ୍ଟନ ମନ୍ତ୍ରଣାଳୟ ସହିତ ହାତ ମିଳାଇଛି। ଭାରତୀୟ ରେଳପଥର ଏହି ପଦକ୍ଷେପ ଦ୍ୱାରା ଝାଡ଼ଖଣ୍ଡ, ବିହାର ଏବଂ ପଶ୍ଚିମବଙ୍ଗ ଯାଉଥିବା ଲୋକମାନେ ଷ୍ଟେଶନରୁ ଶସ୍ତା ଅଟା ଏବଂ ଚାଉଳ କିଣି ପାରିବେ। ଏହି ପାଇଲଟ ପ୍ରୋଜେକ୍ଟ ବର୍ତ୍ତମାନ ୩ ମାସ ପାଇଁ ଆରମ୍ଭ କରାଯାଇଛି। ଏହି ଯୋଜନା ଯଦି ସଫଳ ହୁଏ ତେବେ ଏହା ସବୁଦିନ ପାଇଁ କାର୍ଯ୍ୟକାରୀ ହେବ । ଏ ସମ୍ପର୍କରେ ରେଳ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୀରଜ ଶର୍ମା ସମସ୍ତ ଆଞ୍ଚଳିକ ପରିଚାଳକଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠି ମାଧ୍ୟମରେ ସେ ଅଟା ଏବଂ ଚାଉଳ ବିକ୍ରୟ ପାଇଁ ନିର୍ଦ୍ଦେଶାବଳୀ ଦେଇଛନ୍ତି। ବ୍ୟବସ୍ଥାକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମୁଖ୍ୟ ବାଣିଜ୍ୟ ପରିଚାଳକ ତଦାରଖ କରିବେ। ବିକ୍ରୟ କରିବାର ଦାୟିତ୍ୱ କିଛି ଏଜେନ୍ସି ଉପରେ ନ୍ୟସ୍ତ ହେବ। ପ୍ରତ୍ୟେକ ଷ୍ଟେଶନରେ ମୋବାଇଲ ଭ୍ୟାନରୁ ମଇଦା ଏବଂ ଚାଉଳ ବିକ୍ରିକୁ ଅନୁମତି ଦିଆଯିବ । ଏହି ସେବା ସନ୍ଧ୍ୟାରେ ମାତ୍ର ୨ ଘଣ୍ଟା ପାଇଁ ଯୋଗାଇ ଦିଆଯିବ । ଏହା ପରେ ମୋବାଇଲ ଭ୍ୟାନ ଷ୍ଟେଶନ ପରିସର ଛାଡ଼ିବ । ଅଟା ପାଇଁ ସରକାର ୨୭.୫୦ ଟଙ୍କା ଏବଂ ଚାଉଳ ପାଇଁ ୨୯ ଟଙ୍କା ଧାର୍ଯ୍ୟ କରାଯାଇଛି।

## ପଣ୍ୟ ପରିବହନରେ ଏପିଏସ୍‌ଇଜେଡ୍‌ର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୮।୪



**୨୦୨୩-୨୪ ଆର୍ଥିକ ବର୍ଷରେ ୪୨୦ ନିୟୁତ ଟନ୍ ପଣ୍ୟ ପରିବହନ**

ପ୍ରତି ବର୍ଷ ଭଳି ଚଳିତ ମଧ୍ୟ ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶିଆଲ ଇକୋନମିକ୍ ଜୋନ ବା ଏପିଏସ୍‌ଇଜେଡ୍ ପଣ୍ୟ ପରିବହନରେ ଉଲ୍ଲେଖନୀୟ ସଫଳତା ହାସଲ ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ବିଶ୍ୱବ୍ୟାପୀ ୪୨୦ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ବେଳେ ଘରୋଇ କ୍ଷେତ୍ରରେ ୪୦୮ ନିୟୁତ ଟନ୍ (ଦେଶ ଭିତରେ ଥିବା ବନ୍ଦରଗୁଡ଼ିକର ସେଥିପ୍ରତି ଅବଦାନ ୪୦୮ନିୟୁତ ଟନ୍) ପଣ୍ୟ ପରିବହନର ଭାଗୀଦାରି ରହିଛି। ସେହିଭଳି ୨୦୨୪ ମାର୍ଚ୍ଚରେ କମ୍ପାନୀ ସର୍ବୋଚ୍ଚ ମାସିକ ୩୮ ନିୟୁତ ଟନ୍‌ରୁ ଅଧିକ ପଣ୍ୟ ପରିବହନ କରିଛି, ଏପରିକି ଘରୋଇ ଅଞ୍ଚଳ (ଭାରତ)ରେ କମ୍ପାନୀର ୧୦ଟି ବନ୍ଦର ମଧ୍ୟରୁ ଧାମରା ୪୩ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଏକ ଚତୁର୍ଥାଂଶରୁ ଅଧିକ ପଣ୍ୟ ଏପିଏସଇଜେଡ୍ ବନ୍ଦରଗୁଡ଼ିକ ଜରିଆରେ ପରିବହନ ହୋଇଛି। ଭାରତର ଅଭିବୃଦ୍ଧି କାହାଣୀକୁ ଆଗକୁ ବଢ଼ାଇବାରେ ଏପିଏସଇଜେଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହା ଦର୍ଶାଉଛି।

ଏ ସମ୍ପର୍କରେ ଏପିଏସ୍‌ଇଜେଡ୍‌ର ପରିଚାଳନା ନିର୍ଦ୍ଦେଶକ କରଣ ଆଦାନି କହିଛନ୍ତି, ପ୍ରଥମ ବର୍ଷିକ ୧୦୦ ଏମ୍‌ଏମ୍‌ଟି ପଣ୍ୟ ପରିବହନ ଲକ୍ଷ୍ୟ ହାସଲ କରିବା ପାଇଁ କମ୍ପାନୀକୁ ୧୪ ବର୍ଷ ଲାଗିଥିବା ବେଳେ ୨ୟ ଓ ୩ୟ ୧୦୦ ଏମଏମଟି ପଣ୍ୟ ପରିବହନ ଯଥାକ୍ରମେ ୫ ବର୍ଷ ଓ ୩ ବର୍ଷ ମଧ୍ୟରେ ହାସଲ ହୋଇଛି। ଏପରିକି ୨ବର୍ଷରୁ କମ୍ ସମୟ ମଧ୍ୟରେ ସଦ୍ୟତମ ୧୦୦ଏମଏମଟି ମାଇଲଖୁଣ୍ଟ ହାସଲ କରାଯାଇଛି। ବିଶେଷ କରି ସଂସ୍ଥାର ପରିଚାଳନା ଦକ୍ଷତା ବୃଦ୍ଧି ଏବଂ ଶିଳ୍ପରେ ଏକ ପ୍ରମୁଖ ବନ୍ଦର ପରିଚାଳକ ଭାବେ ଆମର ସ୍ଥିତି ବଜାୟ ରଖିବା ଦିଗରେ ଆମର ଜାରି ରହିଥିବା ପ୍ରତିବଦ୍ଧତା ଏବଂ ପ୍ରୟାସର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ୟୁପିଆଇ ମାଧ୍ୟମରେ ଏଟିଏମ୍‌ରୁ ଉଠିବ ଟଙ୍କା

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଗତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ୟୁପିଆଇ (ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ) ସମ୍ବନ୍ଧରେ ଏକ ବଡ଼ ଘୋଷଣା କରିଥିଲେ। ତାଙ୍କ କହିବାନୁସାରେ, ଖୁବ ଶୀଘ୍ର ୟୁପିଆଇ ବ୍ୟବହାରକାରୀମାନେ ନିଜ ଫୋନରେ ୟୁପି ଆପ ଜରିଆରେ କ୍ୟାସ ଡିପୋଜିଟ ମେସିନ (ସିଡିଏମ)ରେ ନଗଦ ଜମା କରିପାରିବେ। ଏହାର ଅର୍ଥ ହେଉଛି ବ୍ୟାଙ୍କଗୁଡିକରେ ଥିବା କ୍ୟାଶ ଡିପୋଜିଟ କିଓସ୍କ ମେସିନରେ ଡେବିଟ କାର୍ଡର କୌଣସି ଆବଶ୍ୟକତା ରହିବ ନାହିଁ। ଗତ ବର୍ଷ ସେପ୍ଟେମ୍ବରରେ ୟୁପିଆଇ-ଏଟିଏମ୍ ଲଞ୍ଚ କରାଯାଇଥିଲା। ମାତ୍ର ଅନେକ ଲୋକ ଏହାର ବ୍ୟବହାର, ସୀମା ଏବଂ ଉପକାରିତା ବିଷୟରେ ଅବଗତ ନୁହଁନ୍ତି । ଏଥିରେ ଏଟିଏମ୍ ଡେବିଟ କାର୍ଡ ବିନା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୟୁପିଆଇ ମାଧ୍ୟମରେ ଟଙ୍କା ଉଠାଇପାରିବେ। ଏଥିରେ ଆପଣଙ୍କୁ କ୍ୟୁଆର୍ କୋଡ ସ୍କାନ କରି ଟଙ୍କା ଉଠାଇବାକୁ ପଡ଼ିବ। ୟୁପିଆଇ ମାଧ୍ୟମରେ ଏଟିଏମରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଉଠାଇ ପାରିବେ। ତେବେ ଦୈନିକ ୟୁପିଆଇ କାରବାର ୧ ଲକ୍ଷ ଟଙ୍କା ରହିବ। ଟଙ୍କା ଉଠାଇବା ପାଇଁ ପ୍ରଥମେ ଯେକୌଣସି ଏଟିଏମରେ 'ଏଟିଏମରେ ନଗଦ ଟଙ୍କା ଉଠାଇବା' ବିକଳ୍ପ ଚୟନ କରିବାକୁ ପଡ଼ିବ। ଏହାପରେ ଗ୍ରାହକଙ୍କୁ ଟଙ୍କାର ପରିମାଣର ବିବରଣୀ ଦେବାକୁ ପଡ଼ିବ। ପରବର୍ତ୍ତୀ ପୃଷ୍ଠାରେ କ୍ୟୁଆର୍ କୋଡ୍ ଦେଖିବାକୁ ମିଳିବ। ଉପଭୋକ୍ତା ନିଜ ଫୋନରେ ଥିବା ଯେକୌଣସି ୟୁପିଆଇ ଆପରୁ ଏହି କୋଡ ସ୍କାନ କରି ୟୁପିଆଇ ପିନ୍ ଦେଇ ଟଙ୍କା ଉଠାଇବେ। ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ୟୁପିଆଇ ମାଧ୍ୟମରେ ଏଟିଏମରୁ ଟଙ୍କା ଉଠାଇବାରେ କୌଣସି ଶୁଳ୍କ ଆଦାୟ କରେ ନାହିଁ । ମାତ୍ର ବ୍ୟାଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦେୟ ଗ୍ରାହକଙ୍କୁ ଦେବାକୁ ପଡ଼ିବ।

# ରାଜ୍ୟ




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜେଲରୁ ଫେରାର ୨ ବିଚାରାଧୀନ ବନ୍ଦୀରୁ ଜଣେ ଗିରଫ

**ଜେଲ୍ ୱାର୍ଡର ନିଲମ୍ବିତ**

ଭବାନୀପାଟଣା,୮।୪(ଉତ୍ତମ କୁମାର ଦାଶ)



ଧରାପଡିଥିବା କଏଦୀ ସିକନ୍ଦର ଜାଲ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କାରାଗାରରୁ ୨ ବିଚାରାଧୀନ କଏଦୀ ରବିବାର ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ସୋମବାର ଧର୍ମଗଡ ନିକଟସ୍ଥ କାଶିବାହାଲରୁ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ କଏଦୀ ହେଲେ ସିକନ୍ଦର ଜାଲ। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ଅନ୍ୟ ଜଣେ କଏଦୀ ନୀଳମଣି ବିଭାରଙ୍କୁ ଧରିବାରେ ବିଫଳ ହୋଇଛି ପୋଲିସ ଓ ଜେଲ କର୍ତ୍ତୃପକ୍ଷ। ସେପଟେ ଏହି ଘଟଣାର ତଦନ୍ତ ପାଇଁ ମୁଖ୍ୟ କାରାଗାରର କୋରାପୁଟ ସର୍କଲର ସିନିୟର୍ ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ପ୍ରତିହାରୀ ପହଞ୍ଚିଛନ୍ତି। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଜେଲ ପାଚେରି ନିକଟରେ ନିର୍ମାଣାଧୀନ କୋଠା ଉପରେ ଚଢ଼ି ଜଣେ କଏଦୀ ରବିବାର ସକାଳ ୬ଟା ୩୦ ମିନିଟ ଓ ଅନ୍ୟ ଜଣେ ୭ଟା ୨୫ ମିନିଟରେ ଫେରାର ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହା ସହ ଏହି ଘଟଣାରେ ଜେଲ ୱାର୍ଡର ନୈମିଶ କୁମାର ପଣ୍ଡାଙ୍କୁ ନିଲମ୍ବିତ କରାଯାଇଛି। ପ୍ରକାଶ ଯେ, ରବିବାର ସକାଳୁ ୨ଜଣ କଏଦୀ ବଗିଚାରେ କାମ କରୁଥିଲେ। ଏହି ସମୟରେ ସୁଯୋଗ ଦେଖି ୨ଜଣ କଏଦୀ ଫେରାର ହୋଇଥିଲେ। ଉପରୋକ୍ତ ୨ ଜଣ କଏଦୀ ପୋକ୍‌ସୋ ଆକ୍ଟରେ ଗିରଫ ହୋଇ ଜେଲରେ ଥିଲେ। ଜଣେ ଗତ ଫେବୃଆରୀରେ ଆଉ ଜଣେ ମାର୍ଚ୍ଚରେ ଜେଲକୁ ଆସିଥିବା ଜଣାପଡିଛି। ଜେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏହା ଘଟିଥିବା ଅଭିଯୋଗ ହୋଇଛି ।

## ୧୫ ତାରିଖରେ ୫ ରାଜ୍ୟ ବନ୍ଦ ପାଇଁ ଆହ୍ୱାନ

**ମାଓବାଦୀ ନେତାଙ୍କ ପ୍ରେସ୍ ବିଜ୍ଞପ୍ତି**

ମାଲାକନଗିରି,୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ପ୍ରବକ୍ତା ପ୍ରତାପ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ବର୍ତ୍ତମାନ ଜନସାଧାରଣ ସମ୍ମୁଖୀନ ହେଉଥିବା ପରିସ୍ଥିତିକୁ ତୀବ୍ର ବିରୋଧ କରିବା ସହ ତାଙ୍କ ଉପରେ ଚାଲିଥିବା ଆକ୍ରମଣ ବନ୍ଦ କରି ନରସଂହାରକୁ ତୁରନ୍ତ ରୋକିବା ଉଦ୍ଦେଶ୍ୟରେ ଆସନ୍ତା ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରଚାର ଏବଂ ଆନ୍ଦୋଳନକୁ ତୀବ୍ର କରିବା ସହ ୧୫ ତାରିଖରେ ତେଲଙ୍ଗାନା, ଆନ୍ଧ୍ର, ଛତିଶଗଡ଼, ଓଡ଼ିଶା ଓ ମହାରାଷ୍ଟ୍ରରେ ବନ୍ଦ ପାଳନ କରିବା ପାଇଁ ମାଓବାଦୀ ନେତା ପ୍ରତାପ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

ଏଥିରେ ଉଲ୍ଲେଖ ରହିଛି, ଗତ ୫ ଦଶନ୍ଧି ଧରି ଆମ ପାର୍ଟିର ବହୁ କ୍ରାନ୍ତିକାରୀ ଦେଶ ପାଇଁ ଲଢ଼ି ଆସୁଛନ୍ତି। ଏହି ୫ ଦଶନ୍ଧି ମଧ୍ୟରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କ୍ରାନ୍ତିକାରୀ ଜୀବନକୁ ବଳିଦାନ ଦେଇଛନ୍ତି। କିନ୍ତୁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଏହି କ୍ରାନ୍ତିକାରୀଙ୍କୁ ମୂଳପୋଛ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଯବାନମାନଙ୍କୁ ନିୟୋଜିତ କରିବା ସହ ବିଭିନ୍ନ କ୍ୟାମ୍ପ ଓ ପୋଲିସ ଦଳ ବୃଦ୍ଧି କରି କ୍ରାନ୍ତିକାରୀଙ୍କ ସହ ସାଧାରଣ ଜନତାଙ୍କୁ ମଧ୍ୟ ହତ୍ୟା କରିବାରେ ଲାଗିଛନ୍ତି। ଏହି ପୋଲିସ ଓ ଯବାନମାନଙ୍କ ହିଂସାତ୍ମକ କାଣ୍ଡ ଦ୍ୱାରା ବହୁ ଆଦିବାସୀ ଭୟରେ ଜଙ୍ଗଲରେ ବସବାସ କରୁଛନ୍ତି। ଏମାନେ ଆଦିବାସୀଙ୍କୁ ଚପଲ ତଳେ ଦଳି ଦେଉଛନ୍ତି। ଗତ କିଛିଦିନ ପୂର୍ବେ ପୋଲିସ ଦ୍ୱାରା ବହୁ କ୍ରାନ୍ତିକାରୀଙ୍କର ମୃତ୍ୟୁ ହୋଇଛି। ଏହି କ୍ରାନ୍ତିକାରୀମାନେ ଦେଶର ଉନ୍ନତି ପାଇଁ ଲଢି ଆସୁଥିବା ବେଳେ ଏମାନଙ୍କୁ ମାଓବାଦୀ ଦମନ ନାମରେ ହତ୍ୟା କରୁଛନ୍ତି ।

## ଯୁବକଙ୍କୁ ଅପହରଣ ଅଭିଯୋଗ

**ପୁରୀ କେନାଲରୁ ମିଳିଲା ସ୍କୁଟି, ମୋବାଇଲ**

ବାରଙ୍ଗ,୮।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ କାନପୁର ଗ୍ରାମ ନିକଟ ପୁରୀ କେନାଲରୁ ପୋଲିସ ସୋମବାର ସକାଳେ ଏକ ଇ-ସ୍କୁଟି ଓ ମୋବାଇଲ ଜବତ କରିଛି। ତେବେ ଚାଳକ ଜଣକ ଭାରସାମ୍ୟ ହରାଇ କେନାଲରେ ବୁଡ଼ି ନିଖୋଜ ହୋଇଥିବା ପୋଲିସ ସନ୍ଦେହ କରି ଅଗ୍ନିଶମ ବାହିନୀ ସହାୟତାରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ସନ୍ଧାନ ପାଇପାରି ନାହିଁ। ଏପଟେ ପରିବାର ଲୋକେ ଏହାକୁ ଅପହରଣ ବୋଲି କହୁଛନ୍ତି। ରାକେଶଙ୍କ ଶ୍ୱଶୁର ତାଙ୍କୁ ଅପହରଣ କରିଥିବା ଭାଇ ଅନିଲ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଫୁଲନଖରା ଅଞ୍ଚଳର ରାକେଶ ସାହୁ(୨୭) ନରାଜ ନିକଟସ୍ଥ ଏକ ଦୁଗ୍ଧ କମ୍ପାନୀରେ କାର୍ଯ୍ୟ କରନ୍ତି। ରବିବାର ରାତି ୧୦ଟା ପାଖାପାଖି ସମୟରେ ସେ ତାଙ୍କ ସ୍ତ୍ରୀଙ୍କୁ ଅପେକ୍ଷା ନ କରି ଖାଇଦେବାକୁ କହିଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ଫୋନ୍‌କୁ କଲ୍ କରିଥିଲେ। ହେଲେ ତାହା ନ ଲାଗିବାରୁ ସେମାନେ ନାନା ଆଶଙ୍କା ଭିତରେ ରହି ଖୋଜାଖୋଜି କରିଥିଲେ। ତେବେ ସେହି ବିଳମ୍ବିତ ରାତିରେ କାନପୁର ଗାଁ ପାଖ ପୁରୀ ମୁଖ୍ୟ କେନାଲରେ ଏକ ଇ-ସ୍କୁଟି (ଓଡ଼ି ୦୫ବିକେ୫୨୫୮) ପାଣିରେ ପଡ଼ିଥିବା ଖବରପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚିଥିଲା। ଏଥିସହ ଗାଡ଼ି ନମ୍ବର ଆଧାରରେ ଚାଳକ ରାକେଶ ବୋଲି ଜାଣିବା ସହ ସକାଳେ ତାଙ୍କ ପରିବାରକୁ ଖବର ଦେଇଥିଲା। ବାରଙ୍ଗ ଅଗ୍ନିଶମ ବାହିନୀ ସହାୟତାରେ ପୋଲିସ ସୋମବାର ସକାଳେ ଉକ୍ତ ଗାଡ଼ି ସହ ସେଠାରୁ ଏକ ମୋବାଇଲ ଜବତ କରିଥିଲା।

## ପିକଅପ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

ଢେଙ୍କାନାଳ,୮।୪(ରତନ ନାୟାର)

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ରଥପଦାଠାରେ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ସୋମବାର ଭୋର ସାଢେ ୫ଟାରେ ଏକ ପିକ୍‌ଅପ୍ ଭ୍ୟାନ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କଟକ ଜିଲା ଆଠଗଡ଼ ଥାନା ଖୁଣ୍ଟକଟା ଗ୍ରାମର ସୂର୍ଯ୍ୟକାନ୍ତ ଘଡେଇ(୨୯)ଙ୍କ ମୃତ୍ୟୁ ହୋଇଥିବା ବେଳେ ଉକ୍ତ ଗ୍ରାମର ଗଙ୍ଗା ନାୟକ(୨୮) ଓ ସୁମନ ନାୟକ(୩୧) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ।

## ୬ ମାଓବାଦୀ ଗିରଫ, ବିପୁଳ ସାମଗ୍ରୀ ଜବତ



ମାଲକାନଗିରି, ୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ସୋମବାର ୬ ମାଓବାଦୀ ଗିରଫ ହୋଇଛନ୍ତି। ସେମାନଙ୍କ ପାଖରୁ ବିପୁଳ ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ରେ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓବାଦୀ ଗତିବିଧି ଉପରେ ରୋକ ଲଗାଇବା ପାଇଁ ଦମନ ଅଭିଯାନକୁ ଜୋରଦାର କରାଯାଇଛି । ଏହି କ୍ରମରେ ଛତିଶଗଡ଼ ସୁକୁମା ଜିଲାରେ ମାଓବାଦୀ ଉପଦ୍ରବ କେରଲାପାଲ ଅଞ୍ଚଳରେ ପୋଲିସ ଓ ଡିଆରଜି ଯବାନମାନେ ମିଳିତ ତଲାସି ଆରମ୍ଭ କରିଥିଲେ। ଏହି ସମୟରେ ଯବାନମାନଙ୍କୁ ଦେଖି ଜଙ୍ଗଲରେ କେତେକ ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରିଥିଲେ। ଯବାନମାନେ ସେମାନଙ୍କ ଉପରେ ସନ୍ଦେହ କରି ୬ ଜଣଙ୍କୁ କାବୁ କରି ପଚରା ଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡିଥିଲା। ସେମାନଙ୍କ ନିକଟରୁ ଯବାନମାନେ ବିପୁଳ ପରିମାଣର ସାମଗ୍ରୀ, ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିବା ସହ ସମସ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନରେ ନାହିଁ କି ମାଳରେ ନାହିଁ**
**ଭଜି ଭଜି କରି ପାଇବୁ କାହିଁ।**

ନିରନ୍ତର, ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁ କୃପା ମିଳିପାରି ନ ଥାଏ। ଏଭଳି ସ୍ଥଳେ ଶୁଭଫଳ ପ୍ରାପ୍ତି ହେବା ନିହାତି ଅସମ୍ଭବ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମାଛ ଖାଇବ ଇଲିଶି**
**କାମ କରିବ ପୋଲିସ।**

ଇଲିଶି ମାଛଟି ସମସ୍ତ ଜାତି ମାଛ ମଧ୍ୟରେ ସୁସ୍ୱାଦୁ ବୋଲି ଜଣାଯାଇଥାଏ। ଠିକ୍ ସେହିପରି କାମ କରୁଥିବା ଲୋକଙ୍କ ମଧ୍ୟରେ ପୋଲିସର କାମ ହିଁ ବେଶି ଦାୟିତ୍ୱପୂର୍ଣ୍ଣ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଭାର୍ଗବୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ବାଲକାଟୀ,୮।୪(ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଚଢେଇବରସ୍ଥିତ ଭାର୍ଗବୀ ନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ସୋମବାର ବାଲିପାଟଣା ପୋଲିସ ଜବତ କରିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ମହାଦେଇପାଟଣା ଅଞ୍ଚଳର ତାପସ ରଞ୍ଜନ ଦାଶ(୩୩)। ଏନେଇ ପୋଲିସ ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଭାର୍ଗବୀ ନଦୀପଠାରେ ତାପସ ତାଙ୍କ ୧୦/୧୨ ଜଣ ସାଙ୍ଗଙ୍କ ସହ ମିଶି ରବିବାର ଭୋଜି କରୁଥିଲେ। ଭୋଜି ଭାତର ଆସର ପରେ ତାପସଙ୍କ ସହ ୩ ସାଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ତାପସ ଗଣ୍ଡ ଭିତରେ ବୁଡ଼ି ଯାଇଥିଲେ। ଅନ୍ୟ ୩ ସାଙ୍ଗ ପହଁରି କୂଳକୁ ଆସି ସହାୟତା ପାଇଁ ଡାକିଥିଲେ। ସେମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପାଣିରେ ପଶି ଖୋଜାଖୋଜି କରିବା ସହ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବାଲିପାଟଣା, ବାଲକାଟୀ ଫାଣ୍ଡି ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି ଆରମ୍ଭ କରିଥିଲା। ମାତ୍ର ସନ୍ଧ୍ୟାରେ ବର୍ଷା ଓ ଘଡ଼ଘଡ଼ି ମାରୁଥିବାରୁ ଉଦ୍ଧାର ସମ୍ଭବ ହୋଇ ନ ଥିଲା। ସୋମବାର ସକାଳୁ ଅଗ୍ନିଶମ ବାହିନୀ ତାପସଙ୍କ ମୃତଦେହ ବାଲିପାଟଣା ପୋଲିସକୁ ହସ୍ତାନ୍ତର କରିଥିଲା। ସୂଚନାଯୋଗ୍ୟ, ତାପସ ତାଙ୍କ ମା' ବାପାଙ୍କ ଏକମାତ୍ର ପୁଅ। ସେ ୩ ବର୍ଷ ହେଲା ଭୁବନେଶ୍ୱର ଭରତପୁର ଥାନା ଅଧୀନ ଏକ ସରକାରୀ ଅଫିସ୍‌ରେ ଆଉଟ ସୋର୍ସିଂ କର୍ମଚାରୀ ଭାବେ କାମ କରୁଥିଲେ। ରବିବାର ଛୁଟି ଥିବାରୁ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଏଠାକୁ ଆସିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଭିଯୋଗ ଆଣିଲେ ପି.ଟି. ଉଷା

ନୂଆଦିଲ୍ଲୀ,୮।୪(ପି.ଟି.)

ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍ (ଆଇଓଏ) ସଭାପତି ପି.ଟି. ଉଷା ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଆଇଓଏ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମାନେ ତାଙ୍କୁ ସାଇଡ୍ ଲାଇନ୍ କରିବାକୁ ପ୍ରୟାସ କରୁଥିବା ନେଇ ଉଷା ସୋମବାର ଅଭିଯୋଗ ଆଣିଛନ୍ତି। ଏପରି କି ତାଙ୍କ ଦ୍ୱାରା ନିଯୁକ୍ତ ଅଫିସିଆଲଙ୍କୁ ଟର୍ମିନେସନ ଲେଟର ଦିଆଯାଇଥିବା ସେ କହିଛନ୍ତି। ଶୁକ୍ରବାର ଆଇଓଏର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୯ ସଦସ୍ୟ ଏକ ନୋଟିସ୍ ପାରିତ କରିଥିଲେ। ଅନଧିକୃତ ବ୍ୟକ୍ତିଙ୍କ ଆଇଓଏ ମୁଖ୍ୟାଳୟ ପ୍ରବେଶ ଉପରେ କଟକଣା ପାଇଁ ଏହି ନୋଟିସ୍ ଉଦ୍ଦିଷ୍ଟ ଥିଲା। ଦୁଇ ଜଣ ନବନିଯୁକ୍ତ ଅଧିକାରୀଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିବାରୁ ଉଷା ଏହାକୁ ନିନ୍ଦା କରିଛନ୍ତି। ଜାନୁଆରୀ ମାସରେ ଆଇଓଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ରଘୁରାମ ଆୟରଙ୍କୁ ଓ ଅଜୟ ନାରଙ୍ଗଙ୍କୁ ଉଷାଙ୍କ ସହକାରୀ ଭାବେ ନିଯୁକ୍ତି ମିଳିଥିଲା। ଉଭୟଙ୍କ ଟର୍ମିନେସନ ପାଇଁ କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟମାନେ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଆଇନତଃ ଅବୈଧ ବୋଲି କହିଛନ୍ତି ଉଷା।

ଆଇଓଏର ସଦସ୍ୟମାନେ ଗୋଟିଏ ଟିମ୍ ଭାବରେ କାମ ନ କରିପାରିବା ଅତ୍ୟନ୍ତ ଦୁଃଖଦାୟକ। ମୋତେ ସାଇଡ୍ ଲାଇନ୍ କରିବା ପାଇଁ ଏଭଳି ପ୍ରୟାସ ମଧ୍ୟ ଚିନ୍ତାଜନକ। ଆଇଓଏର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କାର୍ଯ୍ୟନିର୍ବାହୀ ପରିଷଦର ଦାୟିତ୍ୱ ନୁହେଁ। କାହାକୁ ନିଯୁକ୍ତି ଦିଆଯିବ ଓ କାହାକୁ କଢ଼ାଯିବ ଏହା ଉପରେ କାର୍ଯ୍ୟନିର୍ବାହୀ ପରିଷଦ ଧ୍ୟାନ ରଖିବା ସବୁଠାରୁ ଦୁର୍ଭାଗ୍ୟଜନକ। ଆଇଓଏକୁ ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟମାନେ ଚେଷ୍ଟା କରିବା ଉଚିତ ବୋଲି କହିଛନ୍ତି ଉଷା। ଆଇଓଏର ଅନ୍ତର୍ଦ୍ୱନ୍ଦ୍ୱ ଜାନୁଆରୀ ମାସରୁ ପଦାରେ ପଡ଼ିଥିଲା। ପ୍ୟାରିସ୍ ଅଲିମ୍ପିକ୍ସକୁ ମାତ୍ର ୩ ମାସ ବାକି ରହିଥିବା ବେଳେ ଏଭଳି ଗୋଡ଼ଟଣା ନୀତି ଆମକୁ କ୍ଷତି ପହଞ୍ଚାଇବ ବୋଲି ଉଷା କହିଛନ୍ତି।

# ରୋଲ୍‌ବଲ୍‌ରେ ପୁଣି ଓଡ଼ିଶାର ଚମକ


ଜାତୀୟ ପୂର୍ବାଞ୍ଚଳ ୧୭ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

- ଉଭୟ ବାଳିକା ଓ ବାଳକ ଦଳକୁ ରୌପ୍ୟ ପଦକ
- କମଲ କ୍ରିଷ୍ଣା ଶ୍ରେଷ୍ଠ ଗୋଲକିପର
- ପ୍ରୀତିଶ୍ ଆର୍ଯ୍ୟନ ଜେନା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି

ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)

ରୋଲ୍ ବଲ୍‌ରେ ପୁଣି ଓଡ଼ିଶା ଖେଳାଳିମାନେ ଚମକ ସୃଷ୍ଟି କରିଛନ୍ତି। ଆସାମ ଗୁଆହାଟୀସ୍ଥିତ ରୁଦ୍ର ସିଂ ରୋଲ ବଲ୍ ଷ୍ଟାଡିୟମରେ ଅନୁଷ୍ଠିତ ୧ମ ଜାତୀୟ ପୂର୍ବାଞ୍ଚଳ ୧୭ ବର୍ଷରୁ କମ୍ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଚମତ୍କାର ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ୬ ଓ ୭ ତାରିଖ ଦୁଇଦିନଧରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲିଗ୍ ଏବଂ ନକ୍‌ଆଉଟ ପର୍ଯ୍ୟାୟରେ ଓଡ଼ିଶା ଖେଳାଳିମାନେ ସୁନ୍ଦର ପ୍ରଦର୍ଶନ କରିବାରୁ ଉଭୟ ବିଭାଗରେ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ବାଳକ ଦଳ ମେଘାଳୟକୁ ୧୩-୦, ଚଣ୍ଡିଗଡ଼କୁ ୫-୨ ଓ ବିହାରକୁ ୭-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଝାଡ଼ଖଣ୍ଡକୁ ୭-୬ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଏବଂ ସ୍ୱର୍ଣ୍ଣ ମୁକାବିଲାରେ ଆସାମଠାରୁ ୬-୮ ଗୋଲରେ ହାରି ଯାଇଥିଲା। ସେହିପରି ବାଳିକା ଦଳ ଝାଡ଼ଖଣ୍ଡକୁ ୪-୦ରେ ହରାଇବା ପରେ ସିକ୍କିମ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଏହାପରେ ମେଘାଳୟକୁ ୧୦-୦ ହରାଇଥିଲା ଏବଂ ଆସାମଠାରୁ ୦-୧ରେ ହାରିବା ସତ୍ତ୍ୱେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସେମିରେ ଝାଡ଼ଖଣ୍ଡକୁ ୨-୦ରେ ହରାଇ ଦଳ ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ଟାଇଟଲ ମୁକାବିଲାରେ ଆସାମଠାରୁ ୧-୪ ଗୋଲରେ ପରାସ୍ତ ହୋଇଥିଲା। ଓଡ଼ିଶା ଗୋଲକିପର କମଲ କ୍ରିଷ୍ଣା ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ। ସେହିପରି ଆଟାକର ପ୍ଲେୟର ପ୍ରୀତିଶ୍ ଆର୍ଯ୍ୟନ ଜେନା ସର୍ବାଧିକ ୨୪ ଗୋଲ ସ୍କୋରକରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ ବୋଲି ଓଡ଼ିଶା ରୋଲ ବଲ୍ ଆସୋସିଏଶନର ପ୍ରତିଷ୍ଠାତା ସଦସ୍ୟ ପାର୍ଥ ସାରଥି ଜେନାଙ୍କ ସୂତ୍ରରୁ ପ୍ରକାଶ।

# ବ୍ରୁକ୍‌ଙ୍କ ସ୍ଥାନରେ ଲିଜାଡ ୱିଲିୟମ୍ସ

ନୂଆଦିଲ୍ଲୀ, ୮।୪ (ପି.ଟି.): ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍‌ଙ୍କ ବଦଳ ଖେଳାଳି ଭାବେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଯୋଗଦେଇଛନ୍ତି ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଲିଜାଡ ୱିଲିୟମ୍ସ। ୨୦୨୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରଠାରୁ ୩୦ ବର୍ଷୀୟ ୱିଲିୟମ୍ସ ଦକ୍ଷିଣ ଆଫ୍ରିକା ତରଫରୁ ଦୁଇ ଟେଷ୍ଟ, ୪ ଅନ୍ତର୍ଜାତୀୟ ଦିନିକିଆ ଓ ୧୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ୫୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେଇଛନ୍ତି। ୱିଲିୟମ୍ସ ୨୦୨୪ ଆଇପିଏଲ୍‌ର ଅବଶିଷ୍ଟାଂଶ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ସହିତ ରହିବେ। ବ୍ରୁକ୍‌ଙ୍କୁ ୪ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କ୍ରୟ କରିଥିଲା। ତାଙ୍କ ଜେଜିମାଙ୍କ ପରଲୋକ ଯୋଗୁ ସେ ଲିଗ୍‌ରୁ ଓହରି ଯାଇଥିଲେ। ୨୫ ବର୍ଷୀୟ ବ୍ରୁକ୍ ସୋସିଆଲ ମିଡିଆରେ କହିଛନ୍ତି, ସେ ତାଙ୍କ ବାଲ୍ୟକାଳର ବହୁ ସମୟ ଜେଜିମାଙ୍କ ସହ ବିତାଇଛନ୍ତି। ତାଙ୍କୁ ସେ ଖୁବ୍ ଭଲ ପାଆନ୍ତି। ତେଣୁ ତାଙ୍କ ବିୟୋଗରେ ସେ ଅତ୍ୟନ୍ତ ମର୍ମାହତ। ବ୍ରୁକ୍ ଗତବର୍ଷ ପ୍ରଥମ ଥର ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିଥିଲେ।

# ସମ୍ବଲପୁର 'ବି', ବଲାଙ୍ଗୀରର ବୃହତ୍ ବିଜୟ

**କଳାହାଣ୍ଡି କପ୍**

ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ସୋମବାର କଳାହାଣ୍ଡି କପ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର 'ବି' ଓ ବଲାଙ୍ଗୀର ଦଳ ବୃହତ୍ ବିଜୟ ହାସଲ କରିଛି। ଅନ୍ୟ ୪ ମ୍ୟାଚରେ ଗଞ୍ଜାମ, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ା ବିଜୟ ହାସଲ କରିଛନ୍ତି।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର 'ବି' ୨୬୦ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ପ୍ରଦୀପ ପ୍ରଧାନ(୪୨ ବଲ୍‌ରୁ ୧୦୩*)ଙ୍କ ଶତକ ଓ ପ୍ରଶାନ୍ତ ଦାସଙ୍କ ୯୫ ରନ ବଳରେ ସମ୍ବଲପୁର ନିର୍ଦ୍ଧାରିତ ୪୩ ଓଭରରେ ୬ ଉଇକେଟ ହରାଇ ୩୬୬ ରନ କରିଥିଲା। ଜବାବରେ ଜଗତ୍‌ସିଂହପୁର ୨୭ ଓଭରରେ ୧୦୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ପ୍ରଶାନ୍ତ ଠାକର ୫ ଉଇକେଟ ସଫଳତା ପାଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବଲାଙ୍ଗୀର ୧୫୦ ରନରେ ଦେବଗଡ଼କୁ ହରାଇ ଦେଇଛି। ବଲାଙ୍ଗୀର ୪୨.୨ ଓଭରରେ ୨୮୨ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ଦେବଗଡ଼ ୨୩.୩ ଓଭରରେ ୧୩୨ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବଲାଙ୍ଗୀରର ଶୈଳେଶ ପଟ୍ଟନାୟକ ୨୮ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ।

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୮୫ ରନରେ ମାଲକାନଗିରିକୁ ହରାଇ ଦେଇଛି। ଗଞ୍ଜାମ ୪୫ ଓଭରରେ ୧୯୨ ରନକରି ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ନାକା ଦୀପକ ରାଜ ୫ ଉଇକେଟ ନେଇଥିଲେ। ମାଲକାନଗିରି କିନ୍ତୁ ୨୦.୩ ଓଭରରେ ୧୦୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ନିମପୁର ପଡ଼ିଆରେ ନବରଙ୍ଗପୁର ୪ ଉଇକେଟରେ କେନ୍ଦ୍ରାପଡ଼ାକୁ ପରାଜୟ ସ୍ୱାଦ ଚଖାଇଛି। କେନ୍ଦ୍ରାପଡ଼ା ୩୦.୨ ଓଭରରେ ୧୨୩ ରନରେ ସୀମିତ ରହିଥିବାବେଳେ ନବରଙ୍ଗପୁର ୨୨.୧ ଓଭରରେ ୬ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ନୂଆପଡ଼ା ୧୭ ରନରେ କନ୍ଧମାଳକୁ ପରାସ୍ତ କରିଛି। ନୂଆପଡ଼ା ଇନିଂସ ୧୫୧ ରନରେ ସୀମିତ ରହିଥିବାବେଳେ କନ୍ଧମାଳ ୧୩୪ ରନରେ ଅଲ୍‌ଆଉଟ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ରାୟଗଡ଼ା ୪୯ ରନରେ ସୋନପୁରକୁ ହରାଇ ଦେଇଛି। ରାୟଗଡ଼ା ୧୦୯ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ବୋଲର ଶୁଭମ୍ ବିସ୍ତ ୧୬ ରନରେ ୬ ଉଇକେଟ ନେଇଥିଲେ। ଜବାବରେ ସୋନପୁର ୬୦ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାୟଗଡ଼ାର ଅବଦୁଲ ଖାଁ ଓ ଉମା ଶଙ୍କର ସାହୁ ୫ ଉଇକେଟ ଲେଖାଏ ବାଣ୍ଟି ନେଇଥିଲେ।


ପ୍ରଦୀପ କୁମାର ପ୍ରଧାନ


ପ୍ରଶାନ୍ତ କୁମାର ଦାସ


ଶୈଳେଶ ପଟ୍ଟନାୟକ


ଶୁଭମ୍ ବିସ୍ତ

**ଜାତୀୟ ମହିଳା ହକି କ୍ୟାମ୍ପରେ ୩୩ ଖେଳାଳି**

# ଓଡ଼ିଶାରୁ ୩ ସାମିଲ


ମାଧୁରୀ କିଣ୍ଡୋ


ଜ୍ୟୋତି ଛତ୍ରୀ


ଆଜମିନା କୁଜୁର

ବେଙ୍ଗାଲୁରୁ, ୮।୪(ପି.ଟି.)

ସୋମବାର ହକି ଇଣ୍ଡିଆ ପକ୍ଷରୁ ଜାତୀୟ ହକି କ୍ୟାମ୍ପ ପାଇଁ ୩୩ ଜଣ ସମ୍ଭାବ୍ୟ ଖେଳାଳିଙ୍କ ତାଲିକା ପ୍ରକାଶ ପାଇଛି। ଗୋଲକିପର ସବିତା ପୁନିଆ ଓ ଫରୱାର୍ଡ ବନ୍ଦନା କାଟାରିୟାଙ୍କ ଭଳି ସିନିୟର ଖେଳାଳିଙ୍କୁ ସ୍ଥାନ ମିଳିଥିବା ବେଳେ କିଛି ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି କ୍ୟାମ୍ପରେ ଓଡ଼ିଶାର ଆଜମିନା କୁଜୁର, ମାଧୁରୀ କିଣ୍ଡୋ ଓ ଜ୍ୟୋତି ଛତ୍ରୀଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିଙ୍କୁ ନେଇ ମେ ୧୬ ତାରିଖ ଯାଏ କ୍ୟାମ୍ପ ଅନୁଷ୍ଠିତ ହେବ। ପୂର୍ବରୁ ଜାତୀୟ ଚାମ୍ପିୟନଶିପ୍ ପରେ ୬୦ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏପ୍ରିଲ ୬ ଓ ୭ ତାରିଖରେ ଦୁଇ ଦିନିଆ ଟ୍ରାଏଲ୍ସ ପରେ ଏହା ମଧ୍ୟରୁ ୩୩ ଖେଳାଳିଙ୍କୁ ଚୟନ କରାଯାଇଛି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ଲାଗି ବିଫଳ ହେବା ପରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ମଧ୍ୟ କରାଯାଇଛି। ମେ ୨୨ ତାରିଖରେ ପ୍ରୋ ଲିଗ୍ ହକି ପାଇଁ ଭାରତୀୟ ମହିଳା ଆଣ୍ଟୱେର୍ପ ଓ ଲଣ୍ଡନ ଗସ୍ତ କରିବ। ଏହି ଗସ୍ତରେ ଭାରତ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ୍ ସହ ମ୍ୟାଚ୍ ଖେଳିବ।

ହକି ଇଣ୍ଡିଆର ହାଇ ପର୍ଫର୍ମାନ୍ସ ନିର୍ଦ୍ଦେଶକ ହର୍ମାନ କ୍ରୁଇସ୍ ସମ୍ଭାବ୍ୟ ଦଳକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ୧୪ତମ ଜାତୀୟ ହକି ଚାମ୍ପିୟନଶିପ୍‌ରୁ ହିଁ ଏହି ଖେଳାଳିମାନଙ୍କ ଚୟନ କରାଯାଇଛି। ସବିତା ପୁନିଆ, ଡିଫେଣ୍ଡର ନିକ୍କି ପ୍ରଧାନ, ମିଡ ଫିଲ୍ଡର ସଲିମା ଟେଟେ, ଅଜମିନା କୌର ଓ ନିଶା କ୍ୟାମ୍ପରେ ରହିଛନ୍ତି। ପ୍ରଥମ ପସନ୍ଦର ଫରୱାର୍ଡ ଖେଳାଳି ଭାବରେ ଲାଲରେମସିଆମି, ସଙ୍ଗୀତା କୁମାରୀ ଓ ବନ୍ଦନା କାଟାରିୟା ମଧ୍ୟ ରହିଛନ୍ତି। ଜାତୀୟ ଚାମ୍ପିୟନଶିପରେ ପ୍ରଦର୍ଶନ ଆଧାରରେ ମାରିନା ଲାଲରାମନଘାକି, ମନୀଷା ଚୌହାନଙ୍କୁ ମଧ୍ୟ ଡାକରା ମିଳିଛି। ଶେଷ ଥର ପାଇଁ ୨୦୧୭ରେ ଜାତୀୟ ଦଳ ପକ୍ଷରୁ ଖେଳିଥିବା ପ୍ରୀତି ଦୁବେଙ୍କୁ ଦଳକୁ ଡାକରା ମିଳିଛି। ଜୁନିୟର ଦଳର ସଦସ୍ୟ ରହିଥିବା ମାଧୁରୀ କିଣ୍ଡୋ, ଡିଫେଣ୍ଡର ରୋପନି କୁମାରୀ, ପ୍ରୀତି, ମିଡଫିଲ୍ଡର ଏଡୁଲା ଜ୍ୟୋତି, ଫରୱାର୍ଡ ଖେଳାଳି ଦୀପିକା ସୋରେଙ୍ଗ ଓ ଋତୁଜା ପିସାଲଙ୍କୁ ଡାକରା ମିଳିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ମୁଦ୍ରା ଫାଇନାନ୍ସ**
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949


REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-010

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact- 8658992600. D-039

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ-23,60,000/-. Contact- 6370469894. D-75942

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

Kesura immediate construction for housing facilities Electricity, developed road, boundarywall, 1st land possession then registration. Contact- 9090432721. D-045

GENERAL
SALE

Running Beauty Parlour for sale At- Sisupalgarh Market, Bhubaneswar. Contact: 6370510484, 9937159981. D-75728




Kerala body massage best therapist Bhubaneswar. 9348457050. D-016

Newly open health benefits SPA special offer @ 999 Bapujinagar. 8018429809. D-76113

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Relax, refresh your body, mind by expert therapist. Contact- 9938843929. D-76112

Newly open SPA health benefits relax refresh good therapist. 8260719139. D-76109

AFFIDAVIT

I, Ashok Kumar Mohanty, S/o Late Kasinath Mohanty, Village ATAMALA, P.O./P.S./ Dist.- Jagatsinghpur, PIN- 754103 declared by this affidavit No.- 541, Dt. 06.04.2024 that Ashok Mohanty and Ashok Kumar Mohanty are one and same person. D-048

## ମନେ ପଡ଼ନ୍ତି

୨୮ତମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ବିଳାସ ମଞ୍ଜରୀ ଦେବୀ
ଆନନ୍ଦପୁର, କେନ୍ଦୁଝର
ଚୈତ୍ର ଶୁକ୍ଳ ପ୍ରତିପଦା
ମା'ତୋର ଭଲ ପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନ ବତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ। ୨୮ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ସେହି ଆଶିଷକୁ ପାଥେୟକରି ବଞ୍ଚି ରହିଛୁ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ ଶ୍ରୀଜଗନ୍ନାଥ ଏବଂ ମା' ତାରିଣୀଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସୋମା, ଗଗ, ଶିବାନନ୍ଦ, କଲ୍ୟାଣୀ, ବବ୍‌ଲୁ, ଟୁକୁ, ମିଳି, ସିଲୁ, ଜିଲୁ, ଶିପୁ, ଲିପୁ, ଦୀପୁ, ଜିତୁ, ମାମି, ନନି, ପୁପୁ, ପାପୁ, ମାଉଁନି ଓ ଅମ୍ରିତେଶ।
ଧ-୭୬୦୦୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ


୰ସୂର୍ଯ୍ୟକାନ୍ତ ମହାନ୍ତି (ବାବୁଲା)
ସର୍ବୋଦୟ ନଗର
ଗୁଣ୍ଡିଚା ବିହାର, ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୨୦।୦୨।୧୯୫୮
ତିରୋଧାନ: ୦୧।୦୪।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କର ଆତ୍ମୀୟସ୍ୱଜନ, ପରିବାରବର୍ଗ।
ଧ-୭୫୬୦୧


# କାରୁଆନାଙ୍କ ସହ ଡ୍ର' ରଖିଲେ ଗୁକେଶ

ଟରଣ୍ଟୋ, ୮।୪ (ପି.ଟି.): ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ଭାରତ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଟପ୍ ସିଡ୍ ଆମେରିକାର ଫାବିଆନୋ କାରୁଆନାଙ୍କ ବିପକ୍ଷ ତାଙ୍କ ଗେମ୍ ଡ୍ର ରଖିଥିବା ବେଳେ ଭିଦିତ ଗୁଜରାଠୀ ଆଉ ଏକ ପରାଜୟ ବରଣ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ରୁଷିଆର ଇଆନ ନେପମନିଆଚିଙ୍କଠାରୁ ହାରିଯାଇଛନ୍ତି। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଆର. ପ୍ରଜ୍ଞାନନ୍ଦ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷ ଗେମ୍ ଡ୍ର' ରଖିଛନ୍ତି। ଆଜରବୈଜାନର ନିଜତ ଆବାସୋଭ ଲଢୁଆ ପ୍ରଦର୍ଶନ କରି ଫ୍ରାନ୍ସର ଫିରୋଜା ଆଲିରେଜାଙ୍କ ବିପକ୍ଷ ଗେମ୍ ଅମୀମାଂସିତ ରଖିବାରେ ସମର୍ଥ ହୋଇଛନ୍ତି। ୮ ଖେଳାଳିଙ୍କୁ ନେଇ ଏହି ଡବଲ ରାଉଣ୍ଡ-ରବିନ ଇଭେଣ୍ଟରେ ଆସନ୍ତାବର୍ଷ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଚ୍ୟାଲେଞ୍ଜର ନିରୂପଣ କରିବ। ସୋମବାର ଗେମ୍ ଡ୍ର ରଖିବା ଦ୍ୱାରା ଆବାସୋଭ ଏହି ଦୌଡ଼ରେ ସ୍ଥିତିକୁ ବଳବତ୍ତର ରଖିପାରିଛନ୍ତି। ନେପମନିଆଚି ୩ ପଏଣ୍ଟ ସହ ପ୍ରଥମ ଥର ଏକକ ଅଗ୍ରଣୀ ଲାଭ କରିପାରିଛନ୍ତି। ତାଙ୍କ ପଛକୁ ପ୍ରତ୍ୟେକ ୨.୫ ପଏଣ୍ଟ ସହ କାରୁଆନା ଓ ଗୁକେଶ ରହିଛନ୍ତି। ପ୍ରଜ୍ଞାନନ୍ଦ ୨ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଆର. ବୈଶାଳୀ ରେଟିଂ ଫେଭରାଇଟ ରୁଷିଆର ଆଲେକ୍‌ସାଣ୍ଡ୍ରା ଗୋରିଆଚକିନାଙ୍କ ବିପକ୍ଷ ଗେମ୍ ଡ୍ର ରଖିଥିବା ବେଳେ କୋନରୁ ହମ୍ପି ତାଙ୍କର ପ୍ରଥମ ପରାଜୟ ବରଣ କରିଛନ୍ତି।

ଫ୍ୟାଶନ

# ଲେଦର ବ୍ୟାଗ୍ କିଣୁଥିଲେ...



**ଏବେ ବିଭିନ୍ନ ଡିଜାଇନ୍‌ର ଲେଦର ବ୍ୟାଗ୍‌ର ଚାହିଦା କାହିଁରେ କେତେ। ତେବେ ଏଭଳି ବ୍ୟାଗ୍ ବଜାରରୁ କିଣିବା ସମୟରେ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**ଲେଦର ବ୍ୟାଗ୍ ଚୟନ:** ଅସଲି-ନକଲି ଲେଦର ଫରକ ଜାଣିବା ବହୁତ କଷ୍ଟକର ହୋଇଥାଏ। ଖାସ୍‌କରି ଆପଣ ଯଦି ଏହା ବିଷୟରେ ଅଧିକ ଜାଣି ନ ଥିବେ, ତେବେ ମାର୍କେଟରେ ଲେଦରର ବିଭିନ୍ନ ଜ୍ୟାକେଟ୍, ହ୍ୟାଣ୍ଡବ୍ୟାଗ୍, ଡଫଲ ବ୍ୟାଗ୍, ଯେକୌଣସି ଜିନିଷ କିଣିବାକୁ ଚାହାନ୍ତି ଏହାଦ୍ୱାରା ଠକାମିର ଶିକାର ହେବେ।

**ଲେବଲ ଯାଞ୍ଚ କରନ୍ତୁ:** ଚମଡ଼ା ଅସଲି ନା ନକଲି ଏହା ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସବୁଠାରୁ ଫାଷ୍ଟ ଏବଂ ସହଜ ଉପାୟ ହେଲା ସାର୍ଟିଫାଏଡ୍ ଲେଦର ବ୍ୟାଗ୍ ଜାଣିବାକୁ ହେଲେ ବ୍ୟାଗ୍‌ରେ ଗୋଟେ ଛୋଟ ଟ୍ୟାଗ୍ ଲଗାଯାଇଥାଏ, ଯାହା ଏହାର ପ୍ରମାଣ ସ୍ୱରୂପ ବୋଲି ମାନିନେବାକୁ ହେବ। ଅସଲି ଲେଦର କି ନାହିଁ ତାହା ଛୁଇଁକି ମଧ୍ୟ ଜାଣିହେବ। ଅସଲି ଲେଦର ଟିକେ ଆବଡ଼ା ଖାବଡ଼ା ଲାଗିଥାଏ, କିନ୍ତୁ ନକଲିରେ ଏହା ବିଲ୍‌କୁଲ୍ ବି ହୁଏନାହିଁ।

**ନମନୀୟତା :** ତାହା ଅସଲି କି ନକଲି ଜାଣିବାକୁ ହେଲେ ଏହାର ନମନୀୟତା ଏବଂ ଟେକ୍ସଚରର ଯାଞ୍ଚ କରିବା ନିହାତି ଜରୁରୀ।

**ବାସ୍ନା:** ଅସଲି ଚମଡ଼ାରେ ଏକ ପ୍ରକାର ଗନ୍ଧ ରହିଥାଏ। ଏଥିପାଇଁ ଏହାର ଗନ୍ଧ ଏହା ଅସଲି କି ନକଲି ଏହା ଦର୍ଶାଇଥାଏ।

**ଅନ୍ୟ ଜିନିଷ ଯାହାକୁ ଆପଣ ଯାଞ୍ଚ କରିପାରିବେ:** ଜିନିଷ କିଣିବା ସମୟରେ ତାହା ଲେଦର କି ନୁହେଁ, ଏଥିପାଇଁ ତା'ର ପ୍ରାଇସ୍ ଟ୍ୟାଗ୍ ସାହାଯ୍ୟ କରିଥାଏ। ତାହା ଅସଲ କି ନକଲି ଜାଣିବାକୁ ହେଲେ ତା' ଉପରେ କେଇ ବୁନ୍ଦା ପାଣି ପକାନ୍ତୁ ଦେଖିବେ ଯଦି ପଡ଼ିଥିବା ପାଣିବୁନ୍ଦା କିଛି ସମୟ ପରେ ଶୁଖିଯାଉଛି ତେବେ ଏହା ନିଶ୍ଚିତ ରୂପରେ ଅସଲି ଲେଦର ବୋଲି ଜାଣିପାରିବା।

# ଇଲେକ୍ଟ୍ରି ସାମଗ୍ରୀ ସଫା କରୁଥିଲେ...

**ଇଲେକ୍ଟ୍ରି ସାମଗ୍ରୀ ସଫା କରିବା ସମୟରେ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ପଡ଼ିଥାଏ। ଏହି ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...**

**ଟୁଥ୍‌ପେଷ୍ଟ:** ଟୁଥ୍‌ପେଷ୍ଟ ସାହାଯ୍ୟରେ ଆପଣ ଘରର ସୁଇଚ୍‌କୁ ଚକାଚକ୍ କରିପାରିବେ। ଏଥିପାଇଁ ଆପଣଙ୍କୁ ଗୋଟିଏ ପୁରୁଣା ଟୁଥ୍‌ବ୍ରଶ୍‌ର ଆବଶକତା ପଡ଼ିଥାଏ। ଟୁଥ୍‌ବ୍ରଶ୍‌ରେ ଅଳ୍ପ ଟୁଥ୍‌ପେଷ୍ଟ ନିଅନ୍ତୁ, ଏବେ ବ୍ରଶ୍‌କୁ ଅପରିଷ୍କାର ହୋଇଥିବା ସ୍ଥାନରେ ଘଷନ୍ତୁ। କିଛି ସମୟ ପେଷ୍ଟକୁ ବୋର୍ଡରେ ଲାଗିବାକୁ ଛାଡ଼ି ଦିଅନ୍ତୁ। ଏହାର କିଛି ସମୟ ପରେ ଏକ ସଫା ଓ ନରମ କପଡ଼ା ସାହାଯ୍ୟରେ ସୁଇଚ୍ ବୋର୍ଡକୁ ପୋଛି ସଫାକରି ଦିଅନ୍ତୁ। ଦେଖିବେ ଏହା କିପରି ପୂର୍ବ ଅପେକ୍ଷା ସଫା ଦେଖାଯାଉଛି।



**ନେଲପେଣ୍ଟ ରିମୁଭର:** ସୁଇଚ୍ ବୋର୍ଡ ସଫା କରିବାକୁ ହେଲେ ଆପଣ ଥିନରର ସହାୟତା ନେଇପାରିବେ। ସାଧାରଣତଃ ଏକ ତୁଳା ସାହାଯ୍ୟରେ ନେଇ କିଛି ଥିନର ସେଥିରେ ପକାଇ ସୁଇଚ୍ ବୋର୍ଡକୁ ପୋଛନ୍ତୁ ଦେଖିବେ ସୁଇଚ୍ ବୋର୍ଡ ସଫା ଦେଖାଯାଉଛି।

**ବେକିଂ ସୋଡ଼ା:** ଘରେ ଥିବା ବେକିଂ ସୋଡ଼ା ବି ସୁଇଚ୍ ବୋର୍ଡକୁ ସଫା କରିବାରେ ସହଜ ଉପାୟ। ଏଥିପାଇଁ ୧ ଚାମଚ ବେକିଂ ସୋଡ଼ାରେ ଅଳ୍ପ ଶାମ୍ପୋ ପକାଇ ଦିଅନ୍ତୁ। ଏବେ ଏକ କପଡ଼ା ସାହାଯ୍ୟରେ ସୁଇଚ୍ ବୋର୍ଡକୁ ସଫା କରନ୍ତୁ ଦେଖିବେ ତାହା କିପରି ସଫା ହୋଇଯାଉଛି।

# ଫ୍ୟାମିଲି ଟ୍ରିପ୍

**ଛୁଟି ହେଲେ ସମସ୍ତେ ବାହାର ସ୍ଥାନକୁ ବୁଲିଯିବାକୁ ପସନ୍ଦ କରନ୍ତି। ଟ୍ରିପ୍ ସମୟରେ କିଛି କଥାକୁ ଧ୍ୟାନରେ ନିହାତି ରଖିବା ଆବଶ୍ୟକ। ସେ ସମ୍ପର୍କରେ କିଛି ଟିପ୍ସ....**



ବ୍ୟସ୍ତମୟ ଜୀବନରେ ଟିକେ ଫୁର୍‌ସତ ମିଳିଲେ ଅନେକେ ପରିବାର ସହ ମନପସନ୍ଦର ଜାଗାକୁ ବୁଲିଯିବାକୁ ପସନ୍ଦ କରନ୍ତି। କେହି କେହି ନିଜ ରାଜ୍ୟ ତ ଆଉ କେହି ଦେଶ ଭିତରେ ଅବା ବିଦେଶକୁ ଯିବାପାଇଁ ପସନ୍ଦ କରିଥାଆନ୍ତି। ତେବେ ଏହି ସମୟରେ ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର। ନ ହେଲେ ଟ୍ରିପ୍ ସମୟରେ ଅସୁବିଧାର ସାମ୍ନା କରିପାରନ୍ତି। ପ୍ରଥମେ ନିଜର ମନପସନ୍ଦର ସ୍ଥାନ ଚୟନ କରନ୍ତୁ। ତା'ପରେ ସେହି ସ୍ଥାନ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଯଦି ସେଠାରେ କିଛିଦିନ ରହିବାର ଯୋଜନା ରହିଛି ତେବେ ସେହି ଜାଗାରେ ସୁବିଧା ବିଷୟରେ ଭଲ ଭାବରେ ଜାଣିନିଅନ୍ତୁ। ପ୍ରାୟ ମନ ପସନ୍ଦର ସ୍ଥାନ କେତେଜଣଙ୍କ ପାଇଁ ନୂଆ ହୋଇଥାଏ। ତେଣୁ ସେହି ସ୍ଥାନରେ ଜଗି ରଖି ଚଳପ୍ରଚଳ ହେବା ଦରକାର। ତେବେ ଜାଣନ୍ତୁ ଏ ସମ୍ପର୍କରେ କେତୋଟି ଟିପ୍ସ...

**ଗ୍ରୀଷ୍ମ ସତର୍କତା**

ଏବେ ତ ଗ୍ରୀଷ୍ମ ଋତୁ ଚାଲିଛି। ଏହି ସମୟରେ ବାହାରକୁ ବୁଲିବାକୁ ଯାଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ସାଙ୍ଗରେ ପାନୀୟ ଜଳ ଏବଂ ଏନର୍ଜି ଡ୍ରିଙ୍କସ ଆଦି ସାଙ୍ଗରେ ନିଅନ୍ତୁ। ଯଦି ଅତିଶୟ ଗରମ ହେଉଛି ତେବେ ବାହାରକୁ ବୁଲି ନ ଯିବା ଭଲ। ପାଣିପାଗ ଅବସ୍ଥାକୁ ଦେଖି ବୁଲିବା କାର୍ଯ୍ୟକ୍ରମ ସ୍ଥିର କରନ୍ତୁ।

**ଲିଫ୍ଟ ନେବାଠୁ ଦୂରେଇ ରୁହନ୍ତୁ**

ଯେତେବେଳେ ଆପଣ କୌଣସି ନୂଆ ସ୍ଥାନକୁ ବୁଲିବାକୁ ଯାଉଛନ୍ତି ,କିଛି ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ। ଅଜଣା ଜାଗାରେ କାହାଠାରୁ ଲିଫ୍ଟ ନେବାଠାରୁ ଦୂରେଇ ରୁହନ୍ତୁ।

**ଔଷଧ ସବୁବେଳେ ନିଜ ପାଖରେ ରଖନ୍ତୁ**

ଯଦି ଆପଣ ଡାଇବେଟିସ୍, ହାଇବିପି କିମ୍ବା ଅନ୍ୟ କୌଣସି ରୋଗ ଦ୍ୱାରା ପୀଡ଼ିତ ତେବେ ଟ୍ରିପ୍‌ରେ ଆପଣଙ୍କର ଜରୁରୀ ମେଡିସିନ ନେବାକୁ ଭୁଲନ୍ତୁ ନାହିଁ। ଏହା ସହ ଏମିତି କିଛି ମେଡିସିନ ପାଖରେ ରଖନ୍ତୁ ,ଯାହାର ଆବଶ୍ୟକତା ଆପଣଙ୍କୁ କୌଣସି ବି ସମୟରେ ପଡ଼ିପାରେ ଯେମିତିକି ପତଳା ଝାଡ଼ା,ଗ୍ୟାସ୍ ,ଜ୍ୱର, ଥଣ୍ଡା ଆଦି ମେଡିସିନ ନିହାତି ରଖିବା ଆବଶ୍ୟକ। ହୋଟେଲ ରୁମ୍‌ରେ ଭୁଲ୍‌ରେ ବି ମେଡିସିନ ଛାଡ଼ି ଯାଆନ୍ତୁ ନାହିଁ।

**ଡେରି ରାତି ପର୍ଯ୍ୟନ୍ତ ବୁଲିବାଠାରୁ ଦୂରେଇ ରୁହନ୍ତୁ**

ଯେତେବେଳେ ଆମେ କୌଣସି ଟ୍ରିପ୍ ପ୍ଲାନ୍ କରୁ ତା'ର ସବୁ ସମୟ ବୁଲିବାରେ ବିତାଇଥାଉ। କେତେଜଣ ଲୋକ ଡେରି ରାତି ପର୍ଯ୍ୟନ୍ତ ବୁଲିବାରେ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ। କିନ୍ତୁ ଏପରି ଭୁଲ୍ କରନ୍ତୁ ନାହିଁ। କୌଣସି ଅଜଣା ଜାଗାରେ ଡେରି ରାତି ପର୍ଯ୍ୟନ୍ତ ବୁଲିବା ସମସ୍ୟା ହୋଇପାରେ। କୌଣସି ସ୍ଥାନୀୟ ଜଣାଶୁଣା ବ୍ୟକ୍ତିଠାରୁ ସବୁର ସୂଚନା ନ ନେଇ ଏମିତି ଭୁଲ୍ ବଡ଼ ସମସ୍ୟା ଡାକିଆଣିପାରେ।

**ସବୁବେଳେ କିଛି ଟଙ୍କା ପାଖରେ ରଖନ୍ତୁ**

ଆଜିକାଲି ସବୁଠାରେ ଡିଜିଟାଲ ପେମେଣ୍ଟର ସୁବିଧା ହୋଇଗଲାଣି। ହେଲେ ବି ଟ୍ରିପ୍ ସମୟରେ କିଛି କ୍ୟାଶ୍ ପାଖରେ ନିହାତି ରଖିବା ଆବଶ୍ୟକ। ବେଳେବେଳେ ଏମିତି ସମସ୍ୟା ମଧ୍ୟ ଦେଖାଯାଇପାରେ ଆପଣ ଡିଜିଟାଲ ପେମେଣ୍ଟ କରିପାରୁ ନ ଥିବେ। ଏହି ପରିସ୍ଥିତିରେ ଆପଣଙ୍କୁ କ୍ୟାଶ୍ ପେମେଣ୍ଟ କରିବାକୁ ପଡ଼ିଥାଏ। କ୍ୟାଶ୍ ନ ଥିବା କାରଣରୁ ବଡ଼ ସମସ୍ୟା ଦେଖାଯାଇପାରେ।

**ଅଧିକ ସୁନାଗହଣା ପିନ୍ଧନ୍ତୁ ନାହିଁ**

ଆପଣ ନିଜ ଛୁଟିକୁ ଶାନ୍ତି ସହକାରେ ବିତାଇବାକୁ ଚାହାନ୍ତି ନା କୌଣସି ସମସ୍ୟାକୁ ସାଥିରେ ନେଇ ଯିବାକୁ ପସନ୍ଦ କରିବେ। ଏଥିପାଇଁ ଭଲ ହେବ ବୁଲିବାକୁ ଯିବା ସମୟରେ ସୁନାଗହଣାଠାରୁ ନିଜକୁ ଦୂରେଇ ରଖନ୍ତୁ। ଅଧିକ ଜୁଏଲେରି କ୍ୟାରି କରିବା ଦ୍ୱାରା ଲୁଟ୍ ହେବାର ରିସ୍କ ବଢ଼ିଯାଇଥାଏ। ଅଧିକରୁ ଅଧିକ ଗୋଟିଏ ଦୁଇଟି ମୁଦି, ବେକରେ ପତଳା ଚେନ୍‌ଟିଏ ପିନ୍ଧିଯାଇପାରିବେ। ଏହାସହ ଅଧିକ ସୁନା ପିନ୍ଧନ୍ତୁ ନାହିଁ।

**କୌଣସି ଭଲ ପରିବହନ କମ୍ପାନୀର ସାହାଯ୍ୟ ନେଇପାରନ୍ତି**

ଟ୍ରାଭେଲ କରିବା ପୂର୍ବରୁ କୌଣସି ଭଲ ଟ୍ରାଭେଲ ଏଜେନ୍ସି କିମ୍ବା କମ୍ପାନୀ ସହ କଥା ହୋଇ ନିଜ ପାଇଁ ଟ୍ୟାକ୍ସି ବୁକ୍ କରନ୍ତୁ। କେଉଁ ସ୍ଥାନକୁ ବୁଲିଯିବାର ଅଛି ସେ ବିଷୟରେ କଥାହେବା ସହ କେତେ ଟଙ୍କା ନେବେ ସେ ସମ୍ପର୍କରେ ପୂର୍ବରୁ କଥା ହୋଇଯାଆନ୍ତୁ।

**ନିଶାଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ**

ଆପଣ ଯଦି କୌଣସି ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ତାହାର ଅଧିକ ମାତ୍ରା କାରଣରୁ ଆପଣଙ୍କ ସହ କୌଣସି ବି ଦୁର୍ଘଟଣା ଘଟିପାରେ। ଯେମିତିକି ଆପଣ ଯଦି ଅଧିକ ମଦ୍ୟ ପାନ କରିଛନ୍ତି ଏହାର ଫାଇଦା ନେଇ ଆପଣଙ୍କଠାରୁ ଚୋରି ହେବା ଆଶଙ୍କା ରହିଛି। ଏଥିପାଇଁ ନିଶାପାନଠାରୁ ନିଜକୁ ଦୂରେଇ ରଖନ୍ତୁ।

**ଜରୁରିକାଳୀନ ନମ୍ବର ପାଖରେ ରଖନ୍ତୁ**

ଜରୁରିକାଳୀନ ସେବା ଲାଗି କେତୋଟି ହେଲ୍ପଲାଇନ୍ ନମ୍ବର ମନେରଖନ୍ତୁ। ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପୂର୍ବରୁ ସେଠାର କିଛି ଜରୁରିକାଳୀନ ନମ୍ବର ନୋଟ୍‌କରି ରଖନ୍ତୁ। କୌଣସି ଅନ୍ୟ ଦେଶ ଯାତ୍ରା କରିବା ପୂର୍ବରୁ ନିଜ ଦେଶର ନିକଟତମ ଦୂତାବାସର ନମ୍ବର ରଖିବା ମଧ୍ୟ ଏକ ଭଲ ବିଚାର। ଏହି ନମ୍ବରକୁ କୌଣସି ପେପରରେ ଲେଖି ରଖନ୍ତୁ କିମ୍ବା ନିଜ ମୋବାଇଲରେ ସେଭ୍ କରି ନିଅନ୍ତୁ। ଫଳରେ କୌଣସି ଜରୁରିକାଳୀନ ପରିସ୍ଥିତିରେ ଏହାର ସାହାଯ୍ୟ ନେଇପାରିବେ।

**କାହାର ପ୍ରରୋଚନାରେ ପଡ଼ନ୍ତୁ ନାହିଁ**

ନିଜ ମନ ପସନ୍ଦର ଜାଗା ବୁଲିବା ସମୟରେ ସେଠାରେ ବିଭିନ୍ନ ପ୍ରକାର ଲୋକଙ୍କ ସଂସ୍ପର୍ଶରେ ନିଶ୍ଚୟ ଆସିବେ। ତେଣୁ ସେମାନଙ୍କ ସହ ନିବିଡ଼ ବନ୍ଧୁତା ସୃଷ୍ଟି କରିବାଠାରୁ ଦୂରେଇ ରହିବା ଭଲ। କାହାର ପ୍ରରୋଚନାରେ ପଡ଼ି ଅକାରଣରେ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ। କିଛି ଅସୁବିଧା ହେଲେ ସେଠାକାର ସ୍ୱୀକୃତିପ୍ରାପ୍ତ ଗାଇଡ୍ କିମ୍ବା ନିକଟସ୍ଥ ପୋଲିସ ଷ୍ଟେଶନର ସହାୟତା ନିଅନ୍ତୁ।





**ଏମାନେ କ'ଣ କରନ୍ତି**



**ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଏ : (ଜୟଶ୍ରୀ ସାହୁ, ଡୁମୁଡୁମା,ଭୁବନେଶ୍ୱର)**

ମୁଁ ପ୍ରତିବର୍ଷ ପ୍ରାୟ କେଉଁଠିକୁ ହେଲେ ବୁଲିବାକୁ ଯାଏ। ସାଙ୍ଗରେ ତ ଫ୍ୟାମିଲି ଥାଆନ୍ତି। ତେଣୁ ସେମାନେ କିପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ, ସେ ନେଇ ବେଶ୍ ସତର୍କ ଥାଏ। ସେଠାରେ ରହିବା, ଖାଇବା ଏବଂ ବୁଲିବାରେ ଯେପରି କିଛି ଅସୁବିଧା ନ ହୁଏ, ତେଣୁ ମୁଁ ସେ ନେଇ ପୂର୍ବରୁ ଯୋଜନା ପ୍ରସ୍ତୁତ କରିନିଏ। ତା' ସହ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥାଏ। ତେଣୁ ମୋର ଏହି ଟ୍ରିପ୍ ସମୟରେ ମୁଁ କୌଣସି ଅସୁବିଧାର ପ୍ରାୟ ସମ୍ମୁଖୀନ ହୋଇ ନ ଥାଏ।

**ଟ୍ରିପ୍ ସମୟରେ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଏ : (ଭବାନୀ ମିଶ୍ର,ଅନନ୍ତପୁର,ଫୁଲନଖରା,କଟକ )**

କର୍ମମୟ ଜୀବନରୁ ଟିକେ ସମୟ ମିଳିଲେ ମୁଁ ପ୍ରାୟ ପରିବାର ସହ ବୁଲିବାକୁ ଯାଇଥାଏ। ଏପରିକି ବର୍ଷକୁ ଥରଟିଏ ଆମ ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ପୂର୍ବରୁ ଯୋଜନା କରିଥାଏ। ସେହି ସମୟରେ ସବୁଠାରୁ ବଡ଼ କଥା ହେଲା ନିରାପତ୍ତା। ତେଣୁ ଆମେ କିପରି ସୁରୁଖୁରୁରେ ଟ୍ରିପ୍ ଶେଷକରି ଘରକୁ ଫେରିବୁ ସେନେଇ ମୁଁ ପରିବାରକୁ ପ୍ରତିଟି କ୍ଷେତ୍ରରେ ଗାଇଡ୍ କରିଥାଏ। ତା'ସହ ପରିବାର ସଦସ୍ୟମାନଙ୍କ ପ୍ରତିଟି ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦିଏ। ଏହି ସମୟରେ ଆମେ ଯେମିତି ଅଯଥା ଖର୍ଚ୍ଚାନ୍ତ ନ ହେଉ ସେଥିପ୍ରତି ସ୍ୱତନ୍ତ୍ର ଭାବରେ ସତର୍କ ଥାଏ।



ସୌନ୍ଦର୍ଯ୍ୟ

# ଗ୍ରୀଷ୍ମଦିନେ ମେକ୍‌ଅପ୍ କିଟ୍



**ଯଦି ଆପଣ ଖରାଦିନରେ କେଉଁଠିକି ବୁଲିବାକୁ ଯାଉଛନ୍ତି ତେବେ ସାଙ୍ଗରେ ଭଲ କ୍ଲିଞ୍ଜର,ଟୋନର,ମଶ୍ଚରାଇଜର ନେବାକୁ ଭୁଲନ୍ତୁ ନାହିଁ। ଏହାପରେ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରିପାରିବେ; ଯାହା ଲୋମଛିଦ୍ରକୁ ବନ୍ଦକରୁ ନ ଥିବ, ଏହା ମୁହଁକୁ ଭଲ ଲୁକ୍ ଦେବ...**

- ନିଜ ତ୍ୱଚା ଅନୁଯାୟୀ ମୁହଁରେ ଭଲ ପ୍ରାଇମର ବ୍ୟବହାର କରିପାରନ୍ତି। ଏହାପରେ ମେକ୍‌ଅପ୍ ମୁହଁରେ ଭଲଭାବେ ମିଶିଯିବ। ପୁଣି ଭଲ ଶେଡ୍‌ର କନ୍‌ସିଲର ଦ୍ୱାରା ଦାଗକୁ ଲୁଚାଇପାରିବେ।
- ଏହାପରେ ମ୍ୟାଟ୍ ଫିନିସ୍ ଫାଉଣ୍ଡେଶନକୁ ସ୍ପଞ୍ଜ ସହାୟତାରେ ମୁହଁରେ ଲଗାନ୍ତୁ। ଏହି ଉପାୟ ତେଲିଆ ତ୍ୱଚା ଲାଗି ବେଶ୍ ଉପଯୋଗୀ ହୋଇଥାଏ। ଏହାପରେ ମେକ୍‌ଅପ୍ ସେଟ୍ କରିବାକୁ ହେଲେ କିଛି ଲୁଜ୍ ପାଉଡରର ପ୍ରୟୋଗ କରିପାରନ୍ତି।
- ପୁଣି ନାଚୁରାଲ କଲର ଏବଂ ବ୍ଲଶର ଲଗାନ୍ତୁ। ଆଇବ୍ରୋକୁ ସେଟ୍ କରିବାକୁ ହେଲେ ଆଇବ୍ରୋ ପେନ୍‌ସିଲ୍ ବ୍ୟବହାର କରିପାରନ୍ତି। ଆଖି ଲାଗି




ସବୁବେଳେ ବ୍ଲାକ୍ ପେନ୍‌ସିଲ୍ ହିଁ ଚୟନ କରନ୍ତୁ।

- ଆଇଲ୍ୟାସ୍‌କୁ ଦିନସାରା ସେଟ୍ ରଖିବାକୁ ଚାହୁଁଥିଲେ ୱାଟରପ୍ରୁଫ୍ ମସ୍କରା ଲଗାଇବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ ଚାହୁଁଆନ୍ତି ସବୁ ପ୍ରଡକ୍ଟ ସେପରି ରହୁ ତେବେ ଏସ୍‌ପିଏଫ ଯୁକ୍ତ ଫାଉଣ୍ଡେଶନର ପ୍ରୟୋଗ କରନ୍ତୁ।
- ଲିପ୍‌ଷ୍ଟିକ୍ ଅଧିକ ସମୟ ପର୍ଯ୍ୟନ୍ତ ଓଠରେ ରଖିବାକୁ ହେଲେ ପ୍ରଥମେ ହାଲ୍‌କା ଫାଉଣ୍ଡେଶନ କିମ୍ବା ପାଉଡର ଲଗାଇବା ପରେ ଲିପ୍ ପେନ୍‌ସିଲ ବା ଲିପ୍‌ଷ୍ଟିକ୍ ଲଗାନ୍ତୁ।

ଖାଦ୍ୟରୁଚି

# ମିକ୍ସ ଭେଜ୍

**ଆବଶ୍ୟକ ସାମଗ୍ରୀ**

ଗାଜର,ବିନ୍ସ,ମଟର,ଆଳୁ,କ୍ୟାପ୍‌ସିକମ୍, ପିଆଜ,ରସୁଣ,ଫୁଲକୋବି,ବନ୍ଧାକୋବି, ବିଭିନ୍ନ ପ୍ରକାର ମସଲା,ହେଙ୍ଗୁ, ଆବଶ୍ୟକ ମୁତାବକ ଲୁଣ, ଧନିଆ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ**

କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲାପରେ ସେଥିରେ ଜିରା ଏବଂ ଗୋଟା ସୋରିଷ ଏବଂ କିଛି ହେଙ୍ଗୁ ପକାନ୍ତୁ। ଏହାପରେ ଛୋଟ ଆକାରରେ କଟା ହୋଇଥିବା ରସୁଣ ପକାନ୍ତୁ। ଏବେ ଏଥିରେ କଟାହୋଇଥିବା ପିଆଜକୁ ପକାଇ ଭଲଭାବେ ଘାଣ୍ଟନ୍ତୁ। ଏବେ ଏହି ମିଶ୍ରଣରେ ହଳଦୀପାଉଡର ପକାନ୍ତୁ। ଦେଖିବେ ମସଲାର ରଙ୍ଗ କେତେ ସୁନ୍ଦର ଦେଖାଯାଉଛି। ଏବେ ଏଥିରେ ଆଳୁ, ମଟର,ବିନ୍ସ ପକାଇ ଭାଜନ୍ତୁ କାରଣ ଏହା ଶିଝିବାକୁ ଟିକେ ଟାଇମ୍ ଲାଗିଥାଏ। ଏହାକୁ ୩-୪ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ରଖି ଦିଅନ୍ତୁ। ମଝିରେ ମଝିରେ ଢାଙ୍କୁଣି ଖୋଲି ପନିପରିବାକୁ ଦେଖୁଥାନ୍ତୁ। ଏବେ ଏଥିରେ ଗାଜର,ଫୁଲକୋବି,ବନ୍ଧାକୋବି ,କ୍ରାପ୍‌ସିକମ୍ ଆଦିକୁ ପକାଇ ଭଲ ଭାବେ ମିକ୍ସ କରିଦିଅନ୍ତୁ। ଏବେ ଏଥିରେ ଆବଶ୍ୟକ ମୁତାବକ ଲୁଣ ପକାନ୍ତୁ। ଏବେ ଏହାକୁ ପୁନର୍ବାର ୮-୧୦ମିନିଟ୍ ଢାଙ୍କି ରଖିଦିଅନ୍ତୁ। ମଝିରେ ମଝିରେ ଏହାକୁ ଚଲାଉଥାନ୍ତୁ। ଯେପରି ଏହା ତଳେ ଲାଗି ନ ଯାଉଛି ଦେଖନ୍ତୁ। ଏବେ ଏଥିରେ କଶ୍ମୀରୀ ଚିଲି ପାଉଡର, ଧନିଆପାଉଡର,ଏବେ ଏଥିରେ ୧ ଚାମଚ ଗରମ ମସଲା,୧ ଚାମଚ କସ୍ତୁରୀ ମେଥି ଏବଂ ଆମଚୁର ପାଉଡର ପକାନ୍ତୁ। ଏବେ ଏହିସବୁ ମସଲାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି ରଖନ୍ତୁ। କଟାହୋଇଥିବା ଧନିଆପତ୍ର ପକାନ୍ତୁ। ଏହାକୁ ଆପଣ ରୁଟି , ଭାତ ଏବଂ ପୁରି ସହ ମଧ୍ୟ ଖାଇପାରିବେ।



ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୯/୨୦୨୪ Bhubaneswar, Tuesday, April 9/ 2024

# କେକେଆର୍ ବିଜୟରେ ବ୍ରେକ୍

**ଚେନ୍ନାଇ,୮।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସୋମବାର ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ୭ ଉଇକେଟରେ ପରାଜିତ ହୋଇଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର)। କ୍ରମାଗତ ୩ ମ୍ୟାଚ୍ ଜିତିବା ପରେ ଚେପକ୍‌ରେ କକେଆର୍ ବିଜୟଧାରରେ ବ୍ରେକ୍ ଲାଗିଛି। ରବୀନ୍ଦ୍ର ଜାଡେଜା ଓ ତୁଷାର ଦେଶପାଣ୍ଡେଙ୍କ ପ୍ରଭାବୀ ବୋଲିଂ କାରଣରୁ କେକେଆର ୯ ଉଇକେଟରେ ୧୩୭ ରନ୍ କରିଥିଲା। ଜବାବରେ ଚେନ୍ନାଇ୧୭.୪ ଓଭରରେ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା।

ଟସ୍ ହାରି ବ୍ୟାଟିଂ କରିଥିବା କେକେଆର୍ ପ୍ରଥମ ବଲ୍‌ରେ ହିଁ ଫିଲିପ୍ ସଲ୍ଟଙ୍କ ଉଇକେଟ ହରାଇଥିଲା। ତୁଷାର ଦେଶପାଣ୍ଡେଙ୍କୁ ପଏଣ୍ଟ ଉପରେ ଖେଳିବାକୁ ଯାଇ ଜାଡେଜାଙ୍କ ଏକ ଚମତ୍କାର କ୍ୟାଚରେ ଆଉଟ ହୋଇଥିଲେ ସଲ୍ଟ। ଆଇପିଏଲ ଇତିହାସରେ ଏହାଥିଲା ଜାଡେଜାଙ୍କ ୧୦୦ତମ କ୍ୟାଚ୍। ଦ୍ୱିତୀୟ ଉଇକେଟରେ ସୁନୀଲ ନାରିନ୍ (୨୭) ଓ ଅଙ୍ଗକ୍ରିଶ ରଘୁବଂଶୀ(୨୪) ଯୋଡ଼ିଥିଲେ ୫୬ ରନ୍। ତେବେ ପାୱାର ପ୍ଲେ ଶେଷ ହେବା ପରେ ଦେଖିବାକୁ ମିଳିଥିଲା ଜାଡେଜାଙ୍କ ଯାଦୁ। ମାତ୍ର ୮ ବଲ୍ ବ୍ୟବଧାନରେ ୩ ଉଇକେଟ ନେବା ସହ ସେ କେକେଆରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ନାରିନ୍ ୨୦ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଅଙ୍ଗକ୍ରିଶ ରଘୁବଂଶୀ ୩ ଚୌକା ଓ ୧ ଛକା ମାରିଥିଲେ। ଅଧିନାୟକ ଶ୍ରେୟସ୍ ଆୟର ୩୨ ବଲ୍ ଖେଳି ୩୪ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ତୁଷାର ଦେଶପାଣ୍ଡେ ୩ଟି ଲେଖାଏ ଉଇକେଟ ନେଇଥିଲେ। ମୁସ୍ତାଫିଜୁର ରହମନ ୨ ଓ ମହୀଷ ଥିକ୍‌ସାନା ଗୋଟିଏ ଉଇକେଟ ନେଇଥିଲେ। ୧୩୮ ରନ୍ ଲକ୍ଷ୍ୟରେ ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍ୱାଡ ଅପରାଜିତ ୬୭ ରନ୍ କରି ସହଜ ବିଜୟ ପ୍ରଦାନ କରିଥିଲେ। ୫୮ ବଲ୍ ଖେଳି ସେ ୯ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୨୮ ଓ ଡାରିଲ୍ ମିଚେଲ ୨୫ ରନ୍ କରିଥିଲେ। କେକେଆର ପକ୍ଷରୁ ବୈଭବ ଅରୋରା ଦୁଇଟି ଓ ସୁନୀଲ ନାରିନ୍ ଗୋଟିଏ ଉଇକେଟ ନେଇଥିଲା।



ଉଇକେଟ ନେବାପରେ ରବୀନ୍ଦ୍ର ଜାଡେଜା (ବାମରୁ ଦ୍ୱିତୀୟ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ପଞ୍ଜାବ ବନାମ ହାଇଦ୍ରାବାଦ**
ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୩୭/୯ (ଶ୍ରେୟସ୍ ଆୟର–୩୪, ସୁନୀଲ ନାରିନ୍–୨୭, ଅଙ୍ଗକ୍ରିଶ ରଘୁବଂଶୀ–୨୪, ରବୀନ୍ଦ୍ର ଜାଡେଜା–୩/୧୮, ତୁଷାର ଦେଶପାଣ୍ଡେ–୩/୩୩, ମୁସ୍ତାଫିଜୁର ରହମନ–୨/୨୨, ମହେଶ ଥିକସାନା–୧/୨୮)। ଚେନ୍ନାଇ ସୁପର କିଙ୍ଗ୍ସ ୧୭.୪ ଓଭରରେ ୧୪୧/୩(ଋତୁରାଜ ଗାଏକ୍ୱାଡ–୬୭*, ଶିବମ ଦୁବେ–୨୮, ଡାରିଲ ମିଚେଲ–୨୫, ବୈଭବ ଅରୋରା–୨/୨୮, ସୁନୀଲ ନାରିନ୍–୧/୩୦)।

# ଓଡ଼ିଶା ପ୍ରତିଯୋଗୀଙ୍କ ବଡ଼ ସଫଳତା



ଓଡ଼ିଶାର ପଦକ ବିଜୟୀ ପ୍ରତିଯୋଗୀମାନେ ପୁରସ୍କାର ସହ କର୍ମକର୍ତ୍ତାଙ୍କ ଗହଣରେ।

**ନ୍ୟାଶନାଲ ବଡି ବିଲ୍ଡିଂ ଆଣ୍ଡ୍ ଫିଜିକ୍ ସ୍ପୋର୍ଟ୍ସ**

**ଭୁବନେଶ୍ୱର, ୮।୪ (ବିଜୟ ରଣା)**

ଗୋଆରେ ୧୩ତମ ନ୍ୟାଶନାଲ ବଡି ବିଲ୍ଡିଂ ଆଣ୍ଡ୍ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିୟନଶିପ୍, ଫେଡେରେଶନ କପ୍–୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘରୁ ବଡିବିଲ୍‌ଡିଂରେ ୧୦ ଏବଂ ଫିଜିକ୍ ସ୍ପୋର୍ଟ୍ସରେ ୬ଜଣ ଭାଗ ନେଇଥିଲେ। ଦଳ ସହିତ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ ଏବଂ ଦୁଇ ଅଫିସିଆଲ ଲାଲଟେନ୍ଦୁ ପାତ୍ର (ପ୍ରବନ୍ଧକ) ଓ ଜଗନ୍ନାଥ ଖୁଣ୍ଟିଆ (ପ୍ରଶିକ୍ଷକ) ଗସ୍ତ କରିଥିଲେ। ଚାମ୍ପିୟନଶିପ୍‌ର ୭୫କେଜି ଓଜନ ବର୍ଗରେ ଭୁବନେଶ୍ୱରର ଅମିତ ଭୂୟାଁ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଫେଡେରେଶନ କପ୍ ଟାଇଟଲ ପ୍ରତିଯୋଗିତାରେ ସେ ରନରଅପ୍ ହୋଇଥିଲେ। ୭୦କେଜି ଓଜନ ବର୍ଗରେ ଭୁବନେଶ୍ୱରର ବାଦଲ ବେହେରା ୨ୟ ସ୍ଥାନ ସହ ରୌପ୍ୟ ପଦକ ଲାଭ କରିଛନ୍ତି। ଭୁବନେଶ୍ୱରର ବିନ୍ଦୁସାଗର କଳସ ୬୫କେଜି ଓଜନ ବର୍ଗରେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଜିତିଛନ୍ତି। ସେହିପରି ୧୬୫କେଜି ସେମି ଫିଜିକ୍ ସ୍ପୋର୍ଟ୍ସ ପ୍ରତିଯୋଗିତାରେ ଜଗତ୍‌ସିଂହପୁରର ନାରାୟଣ ବିଶୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଓଡ଼ିଶା ପ୍ରଥମ ଥର ରନରଅପ୍ ହେବାର କୃତିତ୍ୱ ଲାଭ କରିଛି। ପ୍ରତିଯୋଗୀମାନଙ୍କ ଏହି ସଫଳତା ପାଇଁ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର କର୍ମକର୍ତ୍ତା ଓ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାଛଡ଼ା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ପରାମର୍ଶଦାତା କମିଟିର ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଉପଦେଷ୍ଟା ହରିପ୍ରସାଦ ପଟ୍ଟନାୟକ ଓ ବି.ଭି.ଜି ରାଓ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନାଗାଲଙ୍କ ଚମକପ୍ରଦ ବିଜୟ

**ମଣ୍ଟେ କାର୍ଲୋସ, ୮।୪ (ପି.ଟି.)**

ଭାରତର ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଏଠାରେ ଚାଲିଥିବା ଏଟିପି ମାଷ୍ଟର୍ସ ଇଭେଣ୍ଟରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସୋମବାର ପ୍ରଥମ ରାଉଣ୍ଡରେ ସେ ୩ ସେଟ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ ମାଟେଓ ଅର୍ନାଲ୍ଡଙ୍କୁ ୫–୭, ୬–୨, ୬–୪ରେ ହରାଇ ଦେଇଛନ୍ତି। ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି କ୍ୱାଲିଫାଇଂ ଜରିଆରେ ଏହି ଏଟିପି ମାଷ୍ଟର୍ସ ୧୦୦୦ ଇଭେଣ୍ଟରେ ପ୍ରବେଶ କରିଛନ୍ତି। ନାଗାଲଙ୍କର ଜଣେ ଟପ୍–୫୦ ଖେଳାଳିଙ୍କ ବିପକ୍ଷରେ ଏହା ତୃତୀୟ ବିଜୟ ଏବଂ ଚଳିତ ସିଜନରେ ଏହା ଦ୍ୱିତୀୟ। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୭ ନମ୍ବର ଖେଳାଳି ଡେନ୍‌ମାର୍କର ହୋଲ୍‌ଗର ରୁନ୍‌ଙ୍କୁ ଭେଟିବେ। ୨୦୨୪ ସିଜନ ଆରମ୍ଭରେ ମେଲବୋର୍ନଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନରେ ଏହି ୨୬ ବର୍ଷୀୟ ଖେଳାଳି ସେତେବେଳେ ବିଶ୍ୱର ୨୭ ନମ୍ବର ଆଲେକ୍‌ଜାଣ୍ଡର ବବ୍‌ଲିକଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଥିଲେ। ସେ ଆହୁରି ମଧ୍ୟ ୨୦୨୧ ମାର୍ଚ୍ଚରେ ଅନୁଷ୍ଠିତ ଆର୍ଜେଣ୍ଟିନା ଓପନରେ ସେତେବେଳେ ବିଶ୍ୱର ୨୨ ନମ୍ବର ଖେଳାଳି ଚିଲିର କ୍ରିଷ୍ଟିଆନ ଗାରିନ୍‌ଙ୍କୁ ପରାସ୍ତ କରିଥିଲେ। ନାଗାଲ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଖେଳାଳିଙ୍କୁ ପରାସ୍ତ କରି ଏଠାରେ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କ୍ୱାଲିଫାଇଂ ପ୍ରଥମ ରାଉଣ୍ଡରେ ନାଗାଲ ବିଶ୍ୱର ୬୩ ନମ୍ବର ଇଟାଲୀର ଫାବିଓ କୋବୋଲିଙ୍କୁ ୬–୨, ୬–୩ରେ ହରାଇ ଦେଇଥିବା ବେଳେ ପରେ ବିଶ୍ୱର ୫୫ ନମ୍ବର ଆର୍ଜେଣ୍ଟିନାର ଫାକୁଣ୍ଡୋ ଡିଆଜ୍ ଆକୋଷ୍ଟାଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଆସନ୍ତା ର୍‍ୟାଙ୍କିଂ ତାଲିକାରେ ସେ କ୍ୟାରିୟର ଶ୍ରେଷ୍ଠ ୮୦ତମ ସ୍ଥାନ ଅଧିକାର କରିବେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୪ | ୦ | ୮ | +୧.୧୨୦ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | –୦.୨୨୦ |
| ଗୁଜରାଟ ଟାଇଟନ୍ସ | ୫ | ୨ | ୩ | ୪ | –୦.୭୯୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | –୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | –୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | –୧.୩୭୦ |

# 'ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ପାଇଁ ଡିପ୍ରେସନରେ ଥିଲି'

**ନୂଆଦିଲ୍ଲୀ,୮।୪**

ଆଇପିଏଲ୍ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସର ମୁଖ୍ୟ କୋଚ୍ ତଥା ସଫଳ ରଣଜୀ ଟ୍ରଫି କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ନାମରେ ଅଭିଯୋଗ ଆଣିଛନ୍ତି ପଞ୍ଜାବ କିଙ୍ଗ୍ସର ଖେଳାଳି ଆଶୁତୋଷ ଶର୍ମା। ପଣ୍ଡିତଙ୍କ କାର୍ଯ୍ୟକାଳ ସମୟରେ ସେ ଡିପ୍ରେସନରେ ଥିବା କହିଛନ୍ତି ଆଶୁତୋଷ। ଗୁଜରାଟ ଟାଇଟନ୍ସ ବିପକ୍ଷରେ ଇମ୍ପାକ୍ଟ ସବ୍ ଭାବରେ ଆସି ୧୭ ବଲ୍‌ରୁ ଦ୍ରୁତ ୩୧ ରନ୍ ସ୍କୋର କରିଥିଲେ। ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ ପରୋକ୍ଷରେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ନାମରେ ଏଭଳି ଅଭିଯୋଗ କରିଛନ୍ତି ଆଶୁତୋଷ। ୨୦୨୦–୨୨ରେ ଜଣେ କୋଚ୍‌ଙ୍କ ପାଇଁ ମୁଁ ଡିପ୍ରେସନ୍‌ରେ ଥିଲି ବୋଲି କହିଥିଲେ ଆଶୁତୋଷ। ମଧ୍ୟପ୍ରଦେଶର ରତଲାମରେ ଜନ୍ମିତ ଆଶୁତୋଷ ଆରମ୍ଭରୁ ନିଜ ରାଜ୍ୟ ପାଇଁ କ୍ରିକେଟ ଖେଳୁଥିଲେ। ତେବେ ୨୦୨୦ ପରଠାରୁ ତାଙ୍କୁ ଅଣଦେଖା କରାଯାଇଥିଲା। ପଣ୍ଡିତ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ହୋଇଥିବା ଟ୍ରାଏଲ୍ସରେ ୪୫ ବଲ୍‌ରୁ ୯୦ ରନ୍ ସ୍କୋର କରିଥିଲେ ହେଁ ଦଳକୁ ଡାକରା ମିଳି ନ ଥିଲା। ଏପରିକି ଏହାର ପୂର୍ବ ସଂସ୍କରଣରେ ସୟଦ ମୁସ୍ତାକ ଅଲୀ ଟ୍ରଫିର ୬ ମ୍ୟାଚ୍‌ରୁ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଅଣଦେଖା କରାଯାଇଥିଲା। ସେ କୌଣସି ବ୍ୟକ୍ତିଙ୍କ ନା ନେଇ ନ ଥିଲେ ମଧ୍ୟ ସେ ସମୟରେ ପଣ୍ଡିତ ହିଁ ଦଳର କୋଚ୍ ରହିଥିଲେ। ପୂର୍ବରୁ ମଧ୍ୟପ୍ରଦେଶ ପେସ୍ ବୋଲର ଗୌରବ ଯାଦବ ଓ ନାମିବ୍ୟା ଅଲରାଉଣ୍ଡର ଡେଭିଡ୍ ୱାଇଜେ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ।

# ଓଏଫ୍‌ସିର ଲିଗ୍ ସିଲ୍ଡ ସମ୍ଭାବନା ଶେଷ

**ଇଣ୍ଡିଆନ୍ ସୁପର ଲିଗ୍**

**ଭୁବନେଶ୍ୱର,୮।୪(ସରୋଜ ଜେନା)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ସୋମବାର ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ୨–୧ରେ ହାରିବା ସହ ଲିଗ୍ ସିଲ୍ଡ ଦୌଡ଼ରୁ ବାଦ ପଡ଼ିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ମୁମ୍ବାଇ ପକ୍ଷରୁ ଜର୍ଜ ପେରେରା ଡିଆଜ(୨୨) ଓ ଲାଲିଆଞ୍ଜୁଲା ଛାଙ୍ଗଟେ(୬୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ୨୫ତମ ମିନିଟରେ ଡିଏଗୋ ମରିସିଓ ଓଏଫ୍‌ସି ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ।

ସୋମବାର ମୁମ୍ବାଇ ଫୁଟବଲ ଆରେନାରେ ଖେଳା ଯାଇଥିବା ମ୍ୟାଚରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମୁମ୍ବାଇ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲା। ଓଏଫ୍‌ସି ମିଡଫିଲ୍ଡର ଅହମଦ ଜାହୋଙ୍କ ଅନୁପସ୍ଥିତି ଅନୁଭବ କରିଥିଲା। ମଧ୍ୟ ଭାଗରେ ମୁମ୍ବାଇ ଅଧିକାଂଶ ସମୟ ବଲକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଥିଲା। ୨୨ତମ ମିନିଟରେ କାର୍ଲୋସ ଡେଲଗାଡୋଙ୍କୁ ଚକମା ଦେଇ ଲାଲିଆଞ୍ଜୁଲା ଛାଙ୍ଗଟେ ଏକ କ୍ରସ୍ ଦେଇଥିଲେ। ଏହାକୁ ଓଡ଼ିଶା ପୋଷ୍ଟ ମଧ୍ୟକୁ ପଠାଇ ପ୍ରଥମ ଗୋଲ ଦେଇଥିଲେ ଜର୍ଜ ପେରେରା ଡିଆଜ। ଏହାର ୩ ମିନିଟ ମଧ୍ୟରେ ଓଏଫ୍‌ସି ପକ୍ଷରୁ ଗୋଲ ପରିଶୋଧ କରିଥିଲେ ଡିଏଗୋ ମରିସିଓ। ମୁମ୍ବାଇ ଗୋଲକିପର ପୂର୍ବା ଲାଚେମ୍ପାଙ୍କ ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ ମରିସିଓ। ନିଜ ଡିଫେଣ୍ଡରଙ୍କୁ ପୂର୍ବା ବଲ୍ ପାଶ କରୁଥିବା ବେଳେ ଏହା ବକ୍ସ ମଧ୍ୟରେ ଥିବା ମରିସିଓଙ୍କ ପାଖକୁ ଆସିଥିଲା। ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ମରିସିଓ। ପ୍ରଥମାର୍ଦ୍ଧ ୧–୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧରେ ମୁମ୍ବାଇ ଆକ୍ରମଣକୁ ଆହୁରି ତୀବ୍ର କରିଥିଲା। ରାହୁଲ ଭେକେ ବଲକୁ ଜର୍ଜ ପେରେରା ଡିଆଜଙ୍କ ନିକଟକୁ ପାଶ କରିଥିଲେ। ତେବେ ଡିଆଜଙ୍କ ଶଟ୍ ଅମରିନ୍ଦର ସିଂ ରୋକି ଦେଇଥିଲେ। ତେବେ ରିବାଉଣ୍ଡକୁ ପୋଷ୍ଟ ମଧ୍ୟକୁ ପଠାଇ ମୁମ୍ବାଇକୁ ୨–୦ରେ ଆଗୁଆ କରିଥିଲେ ଲାଲିଆଞ୍ଜୁଲା ଛାଙ୍ଗଟେ। ଏହି ବିଜୟ ସହ ମୁମ୍ବାଇ ୨୧ ମ୍ୟାଚ୍‌ରୁ ୪୭ ପଏଣ୍ଟ ସହ ଲିଗ ସିଲ୍ଡ ପାଇଁ ଦାବିଦାରୀ ଆହୁରି ଦୃଢ଼ କରିଛି। ଅନ୍ୟ ପକ୍ଷରେ ଓଏଫ୍‌ସି ୨୧ ମ୍ୟାଚ୍‌ରୁ ୩୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି।



ମୁମ୍ବାଇ ଫୁଟବଲ ଆରେନାରେ ସୋମବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଶେଲ୍‌ଟନଙ୍କୁ ୟୁଏସ୍ କ୍ଲେକୋର୍ଟ ଟାଇଟଲ

**ହ୍ୟୁଷ୍ଟନ, ୮।୪ (ଏପି):** ଗତଥରର ଚାମ୍ପିୟନ ଫ୍ରାନ୍‌ସେସ୍ ଟିଆଫୋଙ୍କୁ ୭–୫, ୪–୬, ୬–୩ରେ ପରାସ୍ତ କରି ବେନ୍ ଶେଲଟନ ୟୁଏସ୍ ମେନ୍ସ କ୍ଲେକୋର୍ଟ ଚାମ୍ପିୟନଶିପ୍ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ଦ୍ୱିତୀୟ ଏଟିପି ଟୁର୍ ଟାଇଟଲ। ୨୦୦୨ରେ ଆଣ୍ଡି ମୁରେ (୧୯ବର୍ଷ ବୟସ)ଙ୍କ ପରେ ୨୧ ବର୍ଷୀୟ ଶେଲଟନ ସର୍ବକନିଷ୍ଠ ଖେଳାଳିଭାବେ ଏହି ଇଭେଣ୍ଟ ଜିତିଛନ୍ତି। ଏଠାରେ ଫାଇନାଲ ଜିତିବା ଲାଗି ସେ ୨ ଘଣ୍ଟା ୧୬ ମିନିଟ ସମୟ ନେଇଥିଲେ। ଏହି ବିଜୟ ଦ୍ୱାରା ଶେଲଟନ ଆସନ୍ତା ସପ୍ତାହରେ ର୍‍ୟାଙ୍କିଂ ତାଲିକାର ୧୪ତମ ସ୍ଥାନକୁ ଉନ୍ନୀତ ହୋଇଯିବେ ବୋଲି ଆଶା କରାଯାଉଛି।

ମହିଳାଙ୍କ ଅସୁବିଧା
ଜଟିଳ ସମସ୍ୟାଗୁଡ଼ିକ
ପାଇଁ ସ୍ଥାୟୀ ସମାଧାନ ଏବେ ହିଁ କଲ୍ କରନ୍ତୁ
7710644444




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ